


# ଉତ୍କଳ ପ୍ରସଙ୍ଗ

ଜାନୁଆରୀ, ୧୯୯୬



ଭୁବନେଶ୍ୱର ବିମାନ ଅବତରଣ ପଡ଼ିଆଠାରେ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ
ଶ୍ରୀ ପି. ଭି. ନରସିଂହ ରାଓଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି ।




ଭୁବନେଶ୍ୱର ଶହୀଦ ସ୍ମାରକୀ ଭବନଠାରେ ଆୟୋଜିତ ନବମ ସ୍ୱାଧୀନତା ସଂଗ୍ରାମୀ ସମ୍ମେଳନ
ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଧ୍ୟକ୍ଷତା କରୁଛନ୍ତି ।

# ଉତ୍କଳ ପ୍ରସଙ୍ଗ

୫୨ ଭାଗ ୬ଷ୍ଠ ସଂଖ୍ୟା ମାଘ ୧୯୧୭ ଶକାବ୍ଦ ଜାନୁୟାରୀ ୧୯୯୬

**ଶ୍ରୀ ସୁରସେନ ଜେନା**
ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୂଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**

ଶ୍ରୀ ଆଶିଷ କୁମାର ପାଣ୍ଡେ

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

*ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ* ***"ଉତ୍କଳ ପ୍ରସଙ୍ଗ"*** *ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।*

***"ଉତ୍କଳ ପ୍ରସଙ୍ଗ"*** *ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।*

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ
ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ ରେ ମୁଦ୍ରିତ ।

# ସୂଚୀ


| | | |
|---|---|---|
| ଅଗ୍ନିଯୁଗର ପୁରୁଷ ସୁଭାଷ | ୧ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ |
| ସୁଭାଷ ଚନ୍ଦ୍ର ବୋଷ ଓ ଆଜାଦ୍ ହିନ୍ଦ୍ ଫୌଜ | ୩ | ଡଃ ଅତୁଲ ଚନ୍ଦ୍ର ପ୍ରଧାନ |
| ମୁକ୍ତିପଥର ଅଗ୍ରଦୂତ : ନେତାଜୀ ସୁଭାଷ | ୯ | ଶ୍ରୀ ଗୌରୀବନ୍ଧୁ କର |
| ନେତାଜୀଙ୍କ ନେତୃତ୍ୱ | ୧୩ | ଶ୍ରୀ ହରିହର ବାହିନୀପତି |
| ମାନବବାଦର ପୂଜାରୀ ସୁଭାଷ ଚନ୍ଦ୍ର ବୋଷ | ୧୬ | ଶ୍ରୀ ସଦାଶିବ ମିଶ୍ର |
| ଭାରତର ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଅବଦାନ | ୧୯ | ଶ୍ରୀ ବଳରାମ ମହାନ୍ତି |
| ସଶସ୍ତ୍ର ସଂଗ୍ରାମରେ ଝାନ୍ସୀ-ନାରୀ-ସେନାବାହିନୀ | ୨୪ | ସ୍ମିତା ରାୟ |
| ଅନେକ ଶତାବ୍ଦୀର ଫଳଶ୍ରୁତି : ମୋହନ ଦାସ | ୨୬ | ଡକ୍ଟର ସୁରେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ |
| ବୀର ସୁରେନ୍ଦ୍ର ସାଏ | ୩୦ | ପଣ୍ଡିତ ଉପେନ୍ଦ୍ରନାଥ ହୋତା |
| ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏକ ଅମ୍ଳାନ ପ୍ରତିଭା | ୩୨ | ଶ୍ରୀ ବେଣୁଧର ପାତ୍ର |
| ନେତାଜୀ | ୩୬ | ଶ୍ରୀ ଯଦୁନାଥ ଦାଶ ମହାପାତ୍ର |
| ଦିଲ୍ଲୀ ଚଲ | ୩୭ | ଅନୁବାଦ : ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି |
| ଜନଗଣ ମନ ପାଇଁ | ୪୦ | ଶ୍ରୀ ବୀର କିଶୋର ପାଢ଼ୀ |
| ନେତାଜୀ ସୁଭାଷ ସେବା ସଦନ | ୪୧ | ଶ୍ରୀ ଭୂପେନ୍ ଘୋଷ |
| ଫେରିବାର ବେଳ | ୪୨ | ଶ୍ରୀ କମଳାକାନ୍ତ ପଣ୍ଡା |
| ଜାତୀୟ ବୀର ସୁଭାଷ ବୋଷ | ୪୩ | ଶ୍ରୀ ନବକିଶୋର ଦାସ |
| ସୁଭାଷ ବୋଷଙ୍କ ଦୂତ | ୪୫ | ଡକ୍ଟର ମହେଶ୍ୱର ପ୍ରଧାନ |
| ଭୀଷ୍ମ ପିତାମହ | ୪୭ | ଶ୍ରୀ ନରହରି ଉପାଧ୍ୟାୟ |
| ନେତାଜୀଙ୍କ ରହସ୍ୟମୟ ଅନ୍ତର୍ଦ୍ଧାନ | ୫୧ | ଶ୍ରୀ ହେମନ୍ତ କୁମାର ଦାଶ |
| ସୁଭାଷ : ଅତୀତ ଓ ଭବିଷ୍ୟତରେ | ୫୩ | ଶ୍ରୀ ମାନସ ରଞ୍ଜନ ସ୍ୱାଇଁ |
| ବିଡାନସ୍ତ୍ର : ଏକ ମହାନ୍ ଆହାର | ୫୪ | ଲେଫଟ୍‌ନାଣ୍ଟ ରହସିଂହ ମହାପାତ୍ର |
| ରଣ | ୫୮ | ଶ୍ରୀ ରାହାସ ରାୟ |
| ମୁକ୍ତି ସଂଗ୍ରାମରେ ନେତାଜୀ | ୫୯ | ଶ୍ରୀ ପ୍ରଫୁଲ୍ଲ ଦାସ |
| ପ୍ରଳୟ ଓଁକାର | ୬୪ | ଶ୍ରୀ ପ୍ରସନ୍ନ କୁମାର ମହାନ୍ତି |
| ଆଜାଦ୍ ହିନ୍ଦ୍ ସରକାରଙ୍କ ଡାକ ଟିକଟ | ୬୫ | ଶ୍ରୀ ସହଦେବ ସାହୁ |
| ନେତାଜୀ ଜନ୍ମ ଶତବାର୍ଷିକୀ ଅବସରରେ | ୬୭ | ସେନାମଣି ନରେନ୍ଦ୍ର କୁମାର |
| ନିଷ୍ପ୍ରଭ ଜ୍ୟୋତିଷ୍କ ନେତାଜୀ | ୬୮ | ଶ୍ରୀ ବୈଦ୍ୟନାଥ କର |
| ମୁକ୍ତିର ସେଇ ବୀର ସୈନିକ | ୬୯ | ଲିଲିମା ଶତପଥୀ |
| ସମ୍ବାଦ ପରିକ୍ରମା | ୭୦ | |
| ମୁଁ ଖୋଜୁଛି ଭାରତୀୟ ଗିରୁଟିଏ | ୭୩ | ଶ୍ରୀ ବ୍ରଜସୁନ୍ଦର ମହାପାତ୍ର |
| ଆଜାଦ୍ ହିନ୍ଦର ଓଡ଼ିଆ ସହୀଦ୍ | ୭୪ | ଶ୍ରୀ କାର୍ତ୍ତିକ ଦାଶ |

# ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

## ଭାରତର ସଂଶୋଧିତ ପ୍ରସ୍ତାବନା

ଭାରତୀୟ ସମ୍ବିଧାନର ପ୍ରସ୍ତାବନା (PREAMBLE) ବା ଉପକ୍ରମଣିକା ୪୨ତମ ସମ୍ବିଧାନ ସଂଶୋଧନ ବିଲ୍ ଅନୁଯାୟୀ ୧୯୭୬ ଡିସେମ୍ବର ୧୮ ତାରିଖରୁ ସଂଶୋଧିତ ହୋଇ କାର୍ଯ୍ୟକାରୀ ହେଉଛି ।

ତାହା ହେଲା:

"ଆମେ ଭାରତର ଜନସାଧାରଣ ଭାରତକୁ ଗୋଟିଏ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମ ନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରୂପେ ଗଠନ କରିବା ନିମିତ୍ତ ଏବଂ ଏ ଦେଶର ସମସ୍ତ ନାଗରିକଙ୍କ ପାଇଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା, ସାମାଜିକ ପ୍ରତିଷ୍ଠା ଓ ସୁଯୋଗ ଦିଗରେ ସମତା ହାସଲ କରିବା ତଥା ବ୍ୟକ୍ତି ବିଶେଷର ମର୍ଯ୍ୟାଦା ଓ ଜାତିର ଏକତା ଏବଂ ଅଖଣ୍ଡତା ପାଇଁ ନିଶ୍ଚିତ ବ୍ୟବସ୍ଥା କରି ସେମାନଙ୍କ ମଧ୍ୟରେ ଭ୍ରାତୃ ଭାବର ବିକାଶ ସାଧନ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ ଆସ୍ମମାନଙ୍କର ଏହି ସମ୍ବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସର ଷଡ଼ବିଂଶ ଦିବସରେ ଏତଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଓ ଆତ୍ମାର୍ପିତ କରିଛୁ ।"

# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ
# ଓଡ଼ିଶାର ମାନ୍ୟବର ରାଜ୍ୟପାଳ
# ଶ୍ରୀଯୁକ୍ତ ଗୋପାଳ ରାମାନୁଜମ୍‌ଙ୍କ
# ବାର୍ତ୍ତା



ପ୍ରିୟ ବନ୍ଧୁଗଣ,

ଐତିହାସିକ ୪୭ତମ ଜନରାଜ୍ୟ ଦିବସ ପାଳନ ଉପଲକ୍ଷେ ମୁଁ ଆପଣମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ୪୬ ବର୍ଷ ପୂର୍ବେ ଆମେ ସମସ୍ତେ ଏକ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ରର ଅଧିବାସୀ ରୂପେ ପରିଗଣିତ ହେଲୁ ଓ ଗଣତାନ୍ତ୍ରିକ, ଧର୍ମ ନିରପେକ୍ଷ ଓ ସମାଜବାଦ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଏକ ସମ୍ବିଧାନ ପ୍ରଚଳନ କଲୁ । ଆଜି ଆମେ ସେ ସବୁ ସଫଳତାର ଯେତେବେଳେ ସ୍ମୃତିଚାରଣ କରୁ ସେତେବେଳେ ଆସନ୍ତୁ, ଆମେ ସମସ୍ତେ ଆମର ସ୍ୱାଧୀନତା ସଂଗ୍ରାମୀମାନେ ଯେଉଁମାନେ ଅଭୂତପୂର୍ବ ସାହସ ଓ ତ୍ୟାଗ ସ୍ୱୀକାର କରି ଆମର ଦେଶକୁ ଔପନିବେଶିକବାଦରୁ ସ୍ୱାଧୀନ କରି ଦେଶର ଭାଗ୍ୟ ନିର୍ଦ୍ଧାରଣ କଲେ ସେମାନଙ୍କୁ ସ୍ମରଣ କରିବା । ଏହାଛଡ଼ା ଆମର ପ୍ରଜାତନ୍ତ୍ରର ଯେଉଁମାନେ ଭାଗ୍ୟନିୟନ୍ତା ଓ ପ୍ରତିଷ୍ଠାତା, ଯେଉଁମାନେ ଆମ୍ଭମାନଙ୍କୁ ଏକ ଲିଖିତ ସମ୍ବିଧାନ ପ୍ରଦାନ କରିଛନ୍ତି ସେମାନଙ୍କୁ ମନେ ରଖିବା ଏକାନ୍ତ ବାଞ୍ଛନୀୟ । କାରଣ ସେମାନଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ ଯୁଗୋପଯୋଗୀ ହେବା ସଙ୍ଗେ ସଙ୍ଗେ ବ୍ୟକ୍ତି ସ୍ୱାଧୀନତା ଓ ସାମାଜିକ ନ୍ୟାୟ ସୁରକ୍ଷା କରିବା ଦିଗରେ ବିଶେଷ ସହାୟକ ହୋଇ ପାରିଛି ।

ଆମର ସମ୍ବିଧାନରେ ଉଲ୍ଲିଖିତ ସ୍ୱାଧୀନତା, ସାମ୍ୟ, ଗଣତନ୍ତ୍ର ଓ ଧର୍ମ ନିରପେକ୍ଷତା ସମ୍ପର୍କିତ ଆଦର୍ଶଗୁଡ଼ିକୁ ସୁରକ୍ଷା ତଥା ଉନ୍ନୀତ କରିବା ଆମ ସମସ୍ତଙ୍କର ପରମ ଦାୟିତ୍ୱ । ଆମେ ସମସ୍ତେ ଏକ ଓ ଅଭିନ୍ନ ହେଲେ ଆମ ଦେଶର ପରମ୍ପରାରେ ଯେଉଁ ବୈଷମ୍ୟ ରହିଛି, ସେ ସବୁକୁ ସଂରକ୍ଷିତ କରାଯାଇ ପାରିବ । ଆଞ୍ଚଳିକବାଦ, ଭାଷାଗତ ବିବାଦ, ଜାତିଗତ ବୈଷମ୍ୟ ଓ ଧର୍ମଗତ ମୌଳିକତାବାଦ ଭଳି ବିଭେଦକାରୀ ଶକ୍ତିଗୁଡ଼ିକର ଦୃଢ଼ ମୁକାବିଲା କରିବାକୁ ପଡ଼ିବ । ଆମ୍ଭେମାନେ ସବୁ ସମୟରେ ଶାନ୍ତି, ମୈତ୍ରୀ ଓ ସଂପ୍ରୀତି ତଥା ଭ୍ରାତୃ ଭାବର ବୃଦ୍ଧି ଦିଗରେ ସଚେଷ୍ଟ ହେବା ଆବଶ୍ୟକ । ସମାଜରୁ ଦାରିଦ୍ର୍ୟ ତଥା ଦୁଃଖ ଦୈନ୍ୟ ଦୂର କରିବା ଦିଗରେ ଆମ୍ଭେମାନେ ଆପ୍ରାଣ ଚେଷ୍ଟା କରିବା ଆବଶ୍ୟକ । ଯେଉଁ ସାମାଜିକ ପ୍ରଥାମାନ ଜାତିର ସମ୍ମାନ ଦିଗରେ ଅନ୍ତରାୟ ସୃଷ୍ଟି କରୁଛି, ସେ ସବୁକୁ ଆମ୍ଭମାନଙ୍କୁ ବିଲୋପ କରିବାକୁ ପଡ଼ିବ ।

ଅର୍ଥନୈତିକ କ୍ଷେତ୍ରରେ, ଆମର ପ୍ରଧାନମନ୍ତ୍ରୀ ଶ୍ରୀ ପି: ଭି: ନରସିଂହ ରାଓ ଦେଶରେ ଯେଉଁ ନୂତନ ଅର୍ଥନୈତିକ ନୀତି ପ୍ରବର୍ତ୍ତନ କରିଛନ୍ତି, ତଦ୍ୱାରା ବିଶେଷ ସୁଫଳ ମିଳିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏକ ଜନମଙ୍ଗଳ ରାଷ୍ଟ୍ର ନିମନ୍ତେ ଯେଉଁ ସାମାଜିକ ତଥା ଅର୍ଥନୈତିକ ଆଦର୍ଶମାନ ଅଭିପ୍ରେତ ସେ ସବୁକୁ ପରିପୂରଣ କରିବା ଦିଗରେ ଆମେ ଦୃଢ଼ ସଂକଳ୍ପ ।

ସାମାଜିକ ତଥା ଅର୍ଥନୈତିକ ଦୃଷ୍ଟିକୋଣରୁ ସମାଜରେ ବସବାସ କରୁଥିବା ପଛୁଆବର୍ଗଙ୍କ ନିମନ୍ତେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସାମ୍ୟ ତଥା ସାମାଜିକ ନ୍ୟାୟ ପ୍ରତିଷ୍ଠା ଲାଗି ଏକ ବାସ୍ତବମୁଖୀ ନୀତିକୁ କାର୍ଯ୍ୟକାରୀ କରାଯାଇଛି । ସରକାର ତଥା ସରକାରୀ କର୍ତ୍ତୃତ୍ୱାଧୀନ ସଂସ୍ଥାଗୁଡ଼ିକରେ ମହିଳାମାନଙ୍କ ଲାଗି ଏକ ତୃତୀୟାଂଶ ପଦବୀ ସଂରକ୍ଷିତ କରି ରଖାଯାଇଛି । ଗାଁଗହଳର ଜନସାଧାରଣ, ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ସଂପ୍ରଦାୟ ଓ ମହିଳାମାନଙ୍କୁ ଗ୍ରାମ୍ୟ ତଥା ପୌରାଞ୍ଚଳ ସ୍ୱାୟତ୍ତ ସଂସ୍ଥାଗୁଡ଼ିକରେ କ୍ଷମତା ପ୍ରଦାନ କରିବା ଲାଗି ସମ୍ବିଧାନର ସଂଶୋଧନ କରାଯାଇଛି ।

ରାଜ୍ୟରେ ଜନସାଧାରଣଙ୍କର ଜୀବନଧାରଣର ମାନ ତଥା ଗ୍ରାମାଞ୍ଚଳ ଜୀବନର ବିକାଶ ନିମନ୍ତେ, ପ୍ରାକୃତିକ ସମ୍ପଦ ଓ ବିପୁଳ ଜନଶକ୍ତିରେ ଭରପୂର ଆମର ଓଡ଼ିଶା ଜାତୀୟ ସ୍ରୋତରେ ସାମିଲ ହୋଇଛି । ମୋ ସରକାର କୃଷି ଋଣ

ପ୍ରଧାନମନ୍ତ୍ରୀଙ୍କ ଉଦାରୀକରଣ ଅର୍ଥନୀତି ଯୋଗୁଁ ଆଜି ଆମ ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ବାଟ ଫିଟିଯାଇଛି । ଇସ୍ପାତ୍, ଆଲୁମିନିୟମ, ସିମେଣ୍ଟ ଆଦି ବୃହତ୍ ଶିଳ୍ପ ପ୍ରତିଷ୍ଠା ସାଙ୍ଗକୁ ନୂତନ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା କରାଯାଇ ଓଡ଼ିଶାରେ ୧୦ ହଜାର ମେଗାୱାଟ୍ ଶକ୍ତି ଉତ୍ପାଦନ କରିବାର ଉଚ୍ଚାଭିଳାଷୀ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଅନେକ ଶିଳ୍ପୋଦ୍ୟୋଗୀ ଆଗ୍ରହ ଓ ଉତ୍ସାହ ଦେଖାଉଛନ୍ତି । ଏହି ସବୁ କଳକାରଖାନାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ହଜାର ହଜାର ଯୁବକ ଯୁବତୀ କାମ ପାଇବା ସଙ୍ଗେ ସଙ୍ଗେ କୃଷି ଓ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ନିଯୁକ୍ତି ପାଇଁ ବାଟ ଫିଟିବ ।

ଓଡ଼ିଶାରେ ନୂଆ ଧରଣର କୃଷି କାର୍ଯ୍ୟକ୍ରମ ପାଇଁ ପ୍ରୋତ୍ସାହନ ଦେବାକୁ କୃଷିକୁ ଶିଳ୍ପର ମାନ୍ୟତା ଦେବା ପାଇଁ ସ୍ଥିର କରାଯାଇଛି । କ୍ଷୁଦ୍ର ଜଳସେଚନ, ମଧ୍ୟମ ଜଳସେଚନ ଓ ଉଠା ଜଳସେଚନ ସହ ବିଭିନ୍ନ ସ୍ଥାନରେ ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇ ଓ ଗ୍ରାମ୍ୟ ପୁଷ୍କରିଣୀର ପୁନରୁଦ୍ଧାର କରାଯାଇ ରାଜ୍ୟର ଶତକଡ଼ା ୫୦ ଭାଗ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବ । ଉନ୍ନତ ବିହନ, ସାର ଓ ଅତ୍ୟାଧୁନିକ କୃଷି ପ୍ରଣାଳୀର ପ୍ରୟୋଗ ଦ୍ୱାରା ଚାଷକୁ ଏକ ଲାଭଜନକ ଧନ୍ଦାରେ ପରିଣତ କରାଯିବ । ବିଭିନ୍ନ ସ୍ଥାନରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରି ଚାଷୀକୁ ତା'ର ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଦେବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ପ୍ରାଥମିକ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାକୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହାଦ୍ୱାରା ଶିକ୍ଷାନୁଷ୍ଠାନଗୁଡ଼ିକରେ ଉପସ୍ଥାନ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ପାଚିକା ଓ ସହାୟିକା ରୂପେ ଲକ୍ଷେ ଲୋକଙ୍କୁ କାମ ଯୋଗାଇ ଦିଆଯାଇଛି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କିଲୋ ୨ ଟଙ୍କା ଦରରେ ଚାଉଳ ଯୋଗାଇବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏବଂ କଳାହାଣ୍ଡି, କୋରାପୁଟ ଓ ବଲାଙ୍ଗୀରର କ୍ଷୁଧାପ୍ରବଣ ଅଞ୍ଚଳରେ ବୃଦ୍ଧ, ଅକର୍ମଣ୍ୟ ଓ ଗରିବ ଲୋକଙ୍କ ପାଇଁ ମାଗଣାରେ ଭୋଜନ କେନ୍ଦ୍ରମାନ ଖୋଲାଯାଇଛି । ସେହିପରି ଅତି ଅସହାୟା ମହିଳାଙ୍କୁ ଏକ ହଜାର ଟଙ୍କା ଲେଖାଏଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଗାଁଗଣ୍ଡା ସ୍ଥିରିଆଡ଼େ ସବୁ ଉପଯୁକ୍ତ ଲୋକଙ୍କ ପାଇଁ ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ଓ ଅକର୍ମଣ୍ୟ ଭତ୍ତା ଚଳିତ ବର୍ଷ ଭିତରେ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି ।


ଗ୍ରାମାଞ୍ଚଳରେ ଏଇ ବର୍ଷ ସୁଦ୍ଧା ସବୁ ରାସ୍ତାକୁ ପକ୍କା କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏହା ଫଳରେ ଗ୍ରାମରୁ ପଞ୍ଚାୟତ ଓ ପଞ୍ଚାୟତରୁ ବ୍ଲକ୍‌କୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ କରାଯିବ । ଫଳରେ ୫ ବର୍ଷ ଭିତରେ ଓଡ଼ିଶାର ରାସ୍ତାଘାଟଜନିତ ଅସୁବିଧା ଦୂର ହେବ । ଆଦିବାସୀ, ହରିଜନ ଓ ଗରିବ ଲୋକମାନଙ୍କୁ ମାଗଣାରେ ଘର ଯୋଗାଇ ଦେବା ପାଇଁ ଇନ୍ଦିରା ଆବାସ ଯୋଜନାରେ ଏ ବର୍ଷ ଲକ୍ଷେ ଘର ନିର୍ମାଣ କରାଯିବ ।

ମୋଟ ଉପରେ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଶୁ ପାଳନ, ପାନୀୟ ଜଳ ଯୋଗାଣ, ଜଳସେଚନ, ଗ୍ରାମ୍ୟ ଶିଳ୍ପ ଓ କୁଟୀର ଶିଳ୍ପର ବିକାଶ ଆଦି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାକୁ ଆଗେଇ ନେଇ ଭାରତବର୍ଷରେ ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ । ଏହି କାର୍ଯ୍ୟକ୍ରମଗୁଡ଼ିକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ପାଇଁ ସମସ୍ତେ ସହଯୋଗ କରିବା ପାଇଁ ଆଜିର ଦିନରେ ସଂକଳ୍ପବଦ୍ଧ ହେବାକୁ ନିବେଦନ କରୁଛି ।

ଜୟହିନ୍ଦ୍

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ
ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ

# ଶ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ବାର୍ତ୍ତା



ଆମ ସଭିଙ୍କ ପାଇଁ ଆଜିର ଦିବସଟି ବେଶ୍ ମହନୀୟ ଅଟେ । ଆଜିପରା ଏ ପୁଣ୍ୟଶ୍ଳୋକା ଦିବସ ପାଳନ ଅବସରରେ ମୁଁ ମୋର ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି । ଗୁରୁଁ ଗୁରୁଁ ୪୬ତମ ଜନରାଜ୍ୟ ଦିବସ ଅତିକ୍ରମ କରି ଆମେ ୪୭ତମ ଜନରାଜ୍ୟ ଦିବସ ପାଳନ କରିବାକୁ ଯାଉଛୁ । ଏହି ଅବସରରେ ମୁଁ ସମ୍ବିଧାନର ପ୍ରଣେତା ଡଃ ବି: ଆର: ଆମ୍ବେଦକରଙ୍କ ପ୍ରତି ସଶ୍ରଦ୍ଧ ପ୍ରଣତି ଜଣାଉଛି । ତାଙ୍କର ଅଧିନାୟକତ୍ୱରେ ଯେଉଁ ସମ୍ବିଧାନ ସଭା ଗଠନ କରାଯାଇଥିଲା, ସେମାନଙ୍କ ମଧ୍ୟରେ ଯେଉଁ କେତେଜଣ ପ୍ରଖ୍ୟାତ ସମ୍ବିଧାନବିତ୍ ସମ୍ବିଧାନ ଚିଠା ପ୍ରସ୍ତୁତ କରିବା ଦିଗରେ ବିଶେଷ ସହାୟକ ହୋଇଥିଲେ, ସେମାନଙ୍କ ମଧ୍ୟରେ ଶ୍ରୀ ଗୋପାଳ ସ୍ୱାମୀ ଆୟାଙ୍ଗାର, ଆଲାଦି କୃଷ୍ଣସ୍ୱାମୀ ଆୟାର, ଶ୍ରୀ କେ: ଏମ୍: ମୁନ୍‌ସୀ, ସୟଦ୍ ମହମ୍ମଦ୍ ସୁଆଦୁଲ୍ଲା, ଏନ୍: ମହାଦେବ ରାଓ ଓ ଶ୍ରୀ ଡି: ପି: ଖୈତାନ୍ ଅନ୍ୟତମ । ସେମାନଙ୍କୁ ମୁଁ ପୁଣି ଥରେ ବିନମ୍ର ପ୍ରଣତି ଜଣାଉଛି । ୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନ ଆମର ସମ୍ବିଧାନ କାର୍ଯ୍ୟକାରୀ ହେଲା ଓ ସେହି ଦିନଠାରୁ ଆମ ଭାରତ ବର୍ଷ ଏକ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମ ନିରପେକ୍ଷ ତଥା ସମାଜବାଦୀ ରାଷ୍ଟ୍ରରେ ପରିଗଣିତ ହେଲା । ଏଣୁ ୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନଟି ଆମ ସଭିଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ ।

ଇତି ମଧ୍ୟରେ ସ୍ୱାଧୀନତାର ୪୮ତମ ପୂର୍ତ୍ତି ଆମେ ପାଳନ କରୁଛୁ । ରାଜ୍ୟର ବିକାଶର ଧାରାକୁ ତ୍ୱରାନ୍ୱିତ କରାଯାଇଛି । ଆଜି ଏକ ଅଭୂତପୂର୍ବ ସାମାଜିକ ତଥା ଅର୍ଥନୈତିକ ବିପ୍ଳବ ଆମ ସମ୍ମୁଖରେ ପ୍ରତୀୟମାନ । ସାମାଜିକ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଆମେ ବିଶେଷ ଗୁରୁତ୍ୱ ଆରୋପ କରିଛୁ । ପଛୁଆବର୍ଗର କଲ୍ୟାଣ ସାଧନ ନିମନ୍ତେ ଶତକଡ଼ା ୨୭ ଭାଗ ସ୍ଥାନ ସଂରକ୍ଷଣ କରାଯାଇଛି । ଏହାଛଡ଼ା ମହିଳା ବିକାଶ ନିମନ୍ତେ ବିଶେଷ ଅଗ୍ରାଧିକାର ଦିଆଯାଇଛି ଓ ସେମାନଙ୍କ ଲାଗି ଏକ ତୃତୀୟାଂଶ ପଦବୀ ସଂରକ୍ଷଣ କରି ରଖାଯାଇଛି । ତଫସିଲଭୁକ୍ତ ଜାତି ଓ ସମ୍ପ୍ରଦାୟର କଲ୍ୟାଣ ନିମନ୍ତେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ଏତଦ୍ ବ୍ୟତୀତ କୃଷି ଋଣ ଉପରେ ଅର୍ଜିତ ସୁଧକୁ ଛାଡ଼ କରି ଦିଆଯାଇଛି । ଶତକଡ଼ା ୫୦ ଭାଗ ରିହାତି ଦରରେ ଜଳସେଚନର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି । ଏହାଛଡ଼ା ୬୦ ବର୍ଷରୁ ଊର୍ଦ୍ଧ୍ୱ ଭୂମିହୀନ କୃଷି ଶ୍ରମିକଙ୍କୁ ମାସିକ ୧୫୦ ଟଙ୍କା କରି ବାର୍ଦ୍ଧକ୍ୟ ଭତ୍ତା ଦିଆଯାଉଛି । ଦାରିଦ୍ର୍ୟ ଦୂରୀକରଣ ଯୋଜନାନୁଯାୟୀ ୩୩୧·୦୭ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଇନ୍ଦିରା ଆବାସ ଯୋଜନାନୁଯାୟୀ ଏକ ଲକ୍ଷ ବାସଗୃହ ନିର୍ମାଣ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଆସ ନିଯୁକ୍ତି କାର୍ଯ୍ୟକ୍ରମ ଅନୁଯାୟୀ ୮.୨୦୬ ଜଣ ମହିଳାଙ୍କୁ ଉପକୃତ କରାଯାଇଛି । ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ପରିକଳ୍ପନାନୁଯାୟୀ ୨୬.୨୩୪ ଜଣ ବ୍ୟକ୍ତିଙ୍କୁ ଉପକୃତ କରାଯାଇ ପାରିଛି । ଟ୍ରାଇସେମ୍ ପରିକଳ୍ପନାନୁଯାୟୀ ୪.୫୩୩ ଜଣ ବ୍ୟକ୍ତିଙ୍କୁ ତାଲିମ୍ ଦିଆଯିବା ସଙ୍ଗେ ସଙ୍ଗେ ୧.୦୯୪ ଜଣ ବ୍ୟକ୍ତିଙ୍କୁ ଥଇଥାନ କରାଯାଇଛି ।

ଆମେ କ୍ଷୁଧାରୁ ମୁକ୍ତି ନାମକ ଏକ ଅଭିନବ ଯୋଜନା ପ୍ରବର୍ତ୍ତନ କରିଛୁ । ଉକ୍ତ ଯୋଜନାନୁଯାୟୀ ଆଦିବାସୀ ଉନ୍ନୟନ ସଂସ୍ଥା ଓ ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ, ୧୫୩ ବ୍ଲକ୍‌ରେ ଚାଉଳ କିଲୋ ଦୁଇଟଙ୍କା କରି ଯୋଗାଇ ଦିଆଯାଇଛି । ଏହାଛଡ଼ା କୋରାପୁଟ, ମାଲକାନାଗିରି, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା ଜିଲ୍ଲାର ୧୦ଟି ବ୍ଲକ୍‌ରେ ବୃଦ୍ଧ ଓ ଅକର୍ମଣ୍ୟ ବ୍ୟକ୍ତିଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦିଆଯାଉଛି ।

ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଉପସ୍ଥାନ-ସଂଖ୍ୟା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆମେ ମଧ୍ୟାହ୍ନ ଭୋଜନର ଏକ ନୂତନ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିଅଛୁ । ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟର ୩୮.୨୫ ଲକ୍ଷ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଉପକୃତ ହୋଇ ପାରିଛନ୍ତି । ରାଜ୍ୟର ଅସଙ୍ଗଠିତ ୧,୧୧,୦୦,୦୦୦ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ଏକ ଶ୍ରମ କଲ୍ୟାଣ ପାଣ୍ଠି ଗଠନ କରାଯାଇଛି ।

ବିଶ୍ୱ ବ୍ୟାଙ୍କର ଆର୍ଥିକ ସହାୟତାରେ ୧୦୪୦ କୋଟି ଟଙ୍କା ବ୍ୟୟ ଅଟକଳରେ ରାଜ୍ୟରେ ଜଳ ସମ୍ପଦ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୨୦୦୨ ମସିହା ସୁଦ୍ଧା ଏହାର ବିଶେଷ ସୁଫଳ ମିଳିବ ବୋଲି ଆଶା କରାଯାଏ । ସେହିଭଳି ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ନୂତନ ଆଭିମୁଖ୍ୟମାନ ଗ୍ରହଣ କରାଯାଇଛି ।

ଆସନ୍ତୁ, ଆଜି ଏହି ପବିତ୍ର ଦିବସରେ ଦେଶକୁ ପ୍ରଗତି ଓ ସମୃଦ୍ଧି ପଥରେ ଆଗେଇ ନେବା ଲାଗି ଆମେ ସମସ୍ତେ ବଜ୍ର ଶପଥ ନେବା ।

ବନ୍ଦେ ଉତ୍କଳ ଜନନୀ

## ସମ୍ପାଦକୀୟ

# ଭାରତର ବରପୁତ୍ର ନେତାଜୀ

ଜାନୁଆରୀ ୨୬ ତାରିଖ ଭାରତୀୟ ଜାତୀୟ ଜୀବନରେ ଏକ ସ୍ମରଣୀୟ ଦିନ । ୪୬ ବର୍ଷ ତଳେ ଏହି ଦିନ ସ୍ୱାଧୀନ ଭାରତର ସମ୍ବିଧାନ ପ୍ରବର୍ତ୍ତିତ ହୋଇଥିଲା । ଏହି ସମ୍ବିଧାନରେ ଭାରତକୁ ଏକ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଗଠନ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଚି ।

ଦୀର୍ଘ ଦୁଇ ଶହ ବର୍ଷର ପରାଧୀନତା ପରେ ଭାରତ ବ୍ରିଟିଶ୍ ସାମ୍ରାଜ୍ୟରୁ ମୁକ୍ତ ହେଲା । ଏଥିପାଇଁ ୧୮୫୭ର ସିପାହୀ ବିଦ୍ରୋହଠାରୁ ୧୯୪୨ ଭାରତଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଅନେକ ପର୍ଯ୍ୟାୟରେ ଦେଶବାସୀଙ୍କୁ ସ୍ୱାଧୀନତା ସଂଗ୍ରାମରେ କେତେ ମୂଲ୍ୟ ଦେବାକୁ ପଡ଼ିଚି । ସେମାନଙ୍କୁ ଚରମ ଲାଞ୍ଛନା, ନିର୍ଯ୍ୟାତନା ଓ ଯନ୍ତ୍ରଣା ସହିବାକୁ ହୋଇଚି । କେତେ ଦେଶଭକ୍ତ ବୀରପୁରୁଷ ପ୍ରାଣବଳୀ ଦେଇଛନ୍ତି । ଫାଶୀ ଖୁଣ୍ଟରେ ହସି ହସି ଶହୀଦ ହୋଇଛନ୍ତି । ଏ ଦେଶ ଓ ଜାତି ପାଇଁ ସେମାନଙ୍କ ତ୍ୟାଗ ଓ ବୀରତ୍ୱର ପଟାନ୍ତର ନାହିଁ । ଆଜିର ପବିତ୍ର ଦିନରେ ସେହି ବରପୁତ୍ରମାନଙ୍କର ଅପୂର୍ବ ଦେଶପ୍ରୀତିକୁ ସ୍ମରଣ କରି ସେମାନଙ୍କ ପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଉଛୁ ।

ଏ ବର୍ଷର ସାଧାରଣତନ୍ତ୍ର ଦିବସର ବିଶେଷତ୍ୱ ହେଉଚି, ଭାରତର ଶେଷ ପର୍ଯ୍ୟାୟ ସ୍ୱାଧୀନତା ସଂଗ୍ରାମର ଦୁର୍ଦ୍ଧର୍ଷ ସେନାପତି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଶତବାର୍ଷିକୀ ପାଳନ । ଅଦୃଷ୍ଟର ଆଶୀର୍ବାଦରୁ ସେ ଅଲୌକିକ ଶକ୍ତିର ଅଧିକାରୀ ହୋଇପାରିଥିଲେ ।

ନେତାଜୀ ଥିଲେ ଜଣେ ମହାନ୍ ତ୍ୟାଗୀ, ମହାବିପ୍ଳବୀ । ଏ ଦେଶ ପାଇଁ ସେ ସର୍ବସ୍ୱ ତ୍ୟାଗ କରିଛନ୍ତି । ଦାରୁଣ ଦୁଃଖ, ଯନ୍ତ୍ରଣା ସହିଛନ୍ତି । ଶେଷରେ ମାତୃଭୂମିର ମୁକ୍ତି ପାଇଁ ନିଜ ଜୀବନକୁ ଆହୁତି ଦେଇଛନ୍ତି । ଦୃଢ଼ ସଙ୍କଳ୍ପ, ଅଗାଧ ଆତ୍ମବିଶ୍ୱାସ ଓ ଅସାମାନ୍ୟ ବୀରତ୍ୱ ତାଙ୍କ ସଂଗ୍ରାମୀ ଜୀବନକୁ ସାର୍ଥକ ଓ ମହିମାମୟ କରିଥିଲା । ସେ ଥିଲେ ଯୁବଶକ୍ତିର ଉତ୍ସ, ଉତ୍ତୁଙ୍ଗ ନେତୃତ୍ୱର ପ୍ରତୀକ । ତାଙ୍କ ଭଳି ଦେଶଭକ୍ତ ବୀରପୁରୁଷ ବିଶ୍ୱରେ ଦୁର୍ଲ୍ଲଭ । ବିନା ଅସ୍ତ୍ରରେ ଯୁଦ୍ଧ ଜୟ କରି ହୁଏନା । ବିନା ସେନାବାହିନୀରେ ସ୍ୱାଧୀନତା ହାସଲ ହୋଇ ପାରେନା । ସେଥିପାଇଁ ସେ ସଶସ୍ତ୍ର ସଂଗ୍ରାମର ପଥ ବାଛି ନେଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ବ୍ରିଟିଶ୍ ସାମ୍ରାଜ୍ୟ ବିରୁଦ୍ଧରେ ସଂଗ୍ରାମ ପାଇଁ ଏକ ପରମ ସୁଯୋଗ ବୋଲି ସେ ଗ୍ରହଣ କରିଥିଲେ । ସେ କହୁଥିଲେ, ଭିକ୍ଷା ଦ୍ୱାରା କେବେ ସ୍ୱାଧୀନତା ଆସେ ନାହିଁ । ଆସେ ଶକ୍ତି ଓ ରକ୍ତର ବିନିମୟରେ । ଏକତା, ବିଶ୍ୱାସ ଓ ତ୍ୟାଗ ଥିଲା ତାଙ୍କ ଜୀବନର ମୂଳମନ୍ତ୍ର ।

ତାଙ୍କର 'ଦିଲ୍ଲୀ ଚଲୋ'ର ଦୁଃସାହସିକ ଯୁଦ୍ଧ ଅଭିଯାନ ଭାରତର ମୁକ୍ତି ସଂଗ୍ରାମ ଇତିହାସର ଏକ ରୋମାଞ୍ଚକର ଅଧ୍ୟାୟ । ଗାନ୍ଧିଜୀଙ୍କର ଅହିଂସ ଆନ୍ଦୋଳନ ଓ ନେତାଜୀଙ୍କର ସଶସ୍ତ୍ର ସଂଗ୍ରାମର ସମନ୍ୱୟରେ ହିଁ ଭାରତର ସ୍ୱାଧୀନତା ସମ୍ଭବ ହୋଇଚି । 'ଭାରତ ଛାଡ଼' ଆନ୍ଦୋଳନରେ ଜାତୀୟ ନେତାମାନେ ଯେତେବେଳେ ଜେଲ୍‌ରେ ବନ୍ଦୀ, ସେତେବେଳେ ନେତାଜୀ ସୁଭାଷ ଚନ୍ଦ୍ର ସୁଦୂର ଜାପାନରେ ଥାଇ ସ୍ୱାଧୀନତାର ଶେଷ ସଂଗ୍ରାମର ସେନାପତି ରୂପେ ଶକ୍ତିଶାଳୀ ବ୍ରିଟିଶ୍ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲେ । ଭାରତର ପୂର୍ବ ସୀମାନ୍ତରେ ତ୍ରିରଙ୍ଗ ପତାକା ଉଡ଼ାଇଥିଲେ । ଅସ୍ଥାୟୀ ଭାରତ ସରକାର ଗଢ଼ିଥିଲେ । ତାଙ୍କର ଆଗ୍ନେୟ ଆହ୍ୱାନ ଓ ସଂଗ୍ରାମର ଶଙ୍ଖନାଦରେ ଭାରତୀୟ ସେନା ବାହିନୀରେ ବିଦ୍ରୋହର ବହ୍ନି ଆହୁରି ତେଜିୟାନ ହୋଇ ଉଠିଥିଲା । ଭାରତର ଜନଗଣଙ୍କ ମଧ୍ୟରେ ଅପୂର୍ବ ଉନ୍ମାଦନା ଓ ଜାଗରଣ ଦେଖା ଦେଇଥିଲା ।

ଭାରତ ଜନନୀର ସେହି ବରପୁତ୍ର ସ୍ୱାଧୀନତାର ସିଂହଦ୍ୱାରରେ ବିଜୟର ଭେରୀ ବଜାଇ କେଉଁଆଡ଼େ ସିନା ଅନ୍ତର୍ହିତ ହୋଇଗଲେ, କିନ୍ତୁ ତାଙ୍କର ଅସୀମ ତ୍ୟାଗ, ବୀରତ୍ୱ ଓ ଦେଶପ୍ରୀତିର ସ୍ମୃତି କୋଟି କୋଟି ଭାରତୀୟଙ୍କ ହୃଦୟରେ ଚିରକାଳ ଉଜ୍ଜୀବିତ ହୋଇ ରହିଥିବ ।

ମନୋରଞ୍ଜନ ମହାନ୍ତି

ଆମେ କ୍ଷୁଧାରୁ ମୁକ୍ତି ନାମକ ଏକ ଅଭିନବ ଯୋଜନା ପ୍ରବର୍ତ୍ତନ କରିଛୁ । ଉକ୍ତ ଯୋଜନାନୁଯାୟୀ ଆଦିବାସୀ ଉନ୍ନୟନ ସଂସ୍ଥା ଓ ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ, ୧୦୩ ବ୍ଲକ୍‌ରେ ସ୍ତଳ କିଲୋ ଦୁଇଟଙ୍କା କରି ଯୋଗାଇ ଦିଆଯାଉଛି । ଏହାଛଡ଼ା କୋରାପୁଟ, ମାଲକାନାଗିରି, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା ଜିଲ୍ଲାର ୧୦ଟି ବ୍ଲକ୍‌ରେ ବୃଦ୍ଧ ଓ ଅକର୍ମଣ୍ୟ ବ୍ୟକ୍ତିଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦିଆଯାଉଛି ।

ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଉପସ୍ଥାନ ସଂଖ୍ୟା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆମେ ମଧ୍ୟାହ୍ନ ଭୋଜନର ଏକ ନୂତନ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିଅଛୁ । ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟର ୩୮.୧୫ ଲକ୍ଷ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଉପକୃତ ହୋଇ ପାରିଛନ୍ତି । ରାଜ୍ୟର ଅସଙ୍ଗଠିତ ୧,୧୧,୦୦,୦୦୦ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ଏକ ଶ୍ରମ କଲ୍ୟାଣ ପାଣ୍ଠି ଗଠନ କରାଯାଇଛି ।

ବିଶ୍ୱ ବ୍ୟାଙ୍କର ଆର୍ଥିକ ସହାୟତାରେ ୧୦୪୦ କୋଟି ଟଙ୍କା ବ୍ୟୟ ଅଟକଳରେ ରାଜ୍ୟରେ ଜଳ ସମ୍ପଦ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୨୦୦୭ ମସିହା ସୁଦ୍ଧା ଏହାର ବିଶେଷ ସୁଫଳ ମିଳିବ ବୋଲି ଆଶା କରାଯାଏ । ସେହିଭଳି ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ନୂତନ ଆଭିମୁଖ୍ୟମାନ ଗ୍ରହଣ କରାଯାଇଛି ।

ଆସନ୍ତୁ, ଆଜି ଏହି ପବିତ୍ର ଦିବସରେ ଦେଶକୁ ପ୍ରଗତି ଓ ସମୃଦ୍ଧି ପଥରେ ଆଗେଇ ନେବା ଲାଗି ଆମେ ସମସ୍ତେ ବଦ୍ଧ ଶପଥ ନେବା ।

ବନ୍ଦେ ଉତ୍କଳ ଜନନୀ

# ସମ୍ପାଦକୀୟ

## ଭାରତର ବରପୁତ୍ର ନେତାଜୀ

ଜାନୁଆରୀ ୨୬ ତାରିଖ ଭାରତୀୟ ଜାତୀୟ ଜୀବନରେ ଏକ ସ୍ମରଣୀୟ ଦିନ । ୪୬ ବର୍ଷ ତଳେ ଏହି ଦିନ ସ୍ୱାଧୀନ ଭାରତର ସମ୍ବିଧାନ ପ୍ରବର୍ତ୍ତିତ ହୋଇଥିଲା । ଏହି ସମ୍ବିଧାନରେ ଭାରତକୁ ଏକ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଗଠନ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

ଦୀର୍ଘ ଦୁଇ ଶହ ବର୍ଷର ପରାଧୀନତା ପରେ ଭାରତ ବ୍ରିଟିଶ୍ ସାମ୍ରାଜ୍ୟରୁ ମୁକ୍ତ ହେଲା । ଏଥିପାଇଁ [illegible] ସିପାହୀ ବିଦ୍ରୋହଠାରୁ ୧୯୪୨ ଭାରତଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଅନେକ ପର୍ଯ୍ୟାୟରେ ଦେଶବାସୀଙ୍କୁ ସ୍ୱାଧୀନତା ସଂଗ୍ରାମରେ କେତେ ମୂଲ୍ୟ ଦେବାକୁ ପଡ଼ିଛି । ସେମାନଙ୍କୁ ଚରମ ଲାଞ୍ଛନା, ନିର୍ଯ୍ୟାତନା ଓ ଯନ୍ତ୍ରଣା ସହିବାକୁ ହୋଇଛି । କେତେ ଦେଶଭକ୍ତ ବୀରପୁରୁଷ ପ୍ରାଣବଳୀ ଦେଇଛନ୍ତି । ଫାଶୀ ଖୁଣ୍ଟରେ ହସି ହସି ଶହୀଦ ହୋଇଛନ୍ତି । ଏ ଦେଶ ଓ ଜାତି ପାଇଁ ସେମାନଙ୍କ ତ୍ୟାଗ ଓ ବୀରତ୍ୱର ପଟାନ୍ତର ନାହିଁ । ଆଜିର ପବିତ୍ର ଦିନରେ ସେହି ବରପୁତ୍ରମାନଙ୍କର ଅପୂର୍ବ ଦେଶପ୍ରୀତିକୁ ସ୍ମରଣ କରି ସେମାନଙ୍କ ପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଉଛୁ ।

ଏ ବର୍ଷର ସାଧାରଣତନ୍ତ୍ର ଦିବସର ବିଶେଷତ୍ୱ ହେଉଛି, ଭାରତର ଶେଷ ପର୍ଯ୍ୟାୟ ସ୍ୱାଧୀନତା ସଂଗ୍ରାମର ଦୁର୍ଦ୍ଧର୍ଷ ସେନାପତି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଶତବାର୍ଷିକୀ ପାଳନ । [illegible] ଆଶୀର୍ବାଦରୁ ସେ ଅଲୌକିକ ଶକ୍ତିର ଅଧିକାରୀ ହୋଇପାରିଥିଲେ ।

ନେତାଜୀ ଥିଲେ ଜଣେ ମହାନ୍ ତ୍ୟାଗୀ, ମହାବିପ୍ଳବୀ । ଏ ଦେଶ ପାଇଁ ସେ ସର୍ବସ୍ୱ ତ୍ୟାଗ କରିଛନ୍ତି । ଦାରୁଣ ଦୁଃଖ, ଯନ୍ତ୍ରଣା ସହିଛନ୍ତି । ଶେଷରେ ମାତୃଭୂମିର ମୁକ୍ତି ପାଇଁ ନିଜ ଜୀବନକୁ ଆହୁତି ଦେଇଛନ୍ତି । ଦୃଢ଼ ସଙ୍କଳ୍ପ, ଅଗାଧ ଆତ୍ମବିଶ୍ୱାସ ଓ ଅସାମାନ୍ୟ ବୀରତ୍ୱ ତାଙ୍କ ସଂଗ୍ରାମୀ ଜୀବନକୁ ସାର୍ଥକ ଓ ମହିମାମୟ କରିଥିଲା । ସେ ଥିଲେ ଯୁବଶକ୍ତିର ଉତ୍ସ, ଉତ୍ତୁଙ୍ଗ ନେତୃତ୍ୱର ପ୍ରତୀକ । ତାଙ୍କ ଭଳି ଦେଶଭକ୍ତ ବୀରପୁରୁଷ ବିଶ୍ୱରେ ଦୁର୍ଲଭ । ବିନା ଅସ୍ତ୍ରରେ ଯୁଦ୍ଧ ଜୟ କରି ହୁଏନା । ବିନା ସେନାବାହିନୀରେ ସ୍ୱାଧୀନତା ହାସଲ ହୋଇ ପାରେନା । ସେଥିପାଇଁ ସେ ସଶସ୍ତ୍ର ସଂଗ୍ରାମର ପଥ ବାଛି ନେଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ବ୍ରିଟିଶ୍ ସାମ୍ରାଜ୍ୟ ବିରୁଦ୍ଧରେ ସଂଗ୍ରାମ ପାଇଁ ଏକ ପରମ ସୁଯୋଗ ବୋଲି ସେ ଗ୍ରହଣ କରିଥିଲେ । ସେ କହୁଥିଲେ, ଭିକ୍ଷା ଦ୍ୱାରା କେବେ ସ୍ୱାଧୀନତା ଆସେ ନାହିଁ । ଆସେ ଶକ୍ତି ଓ ରକ୍ତର ବିନିମୟରେ । ଏକତା, ବିଶ୍ୱାସ ଓ ତ୍ୟାଗ ଥିଲା ତାଙ୍କ ଜୀବନର ମୂଳମନ୍ତ୍ର ।

ତାଙ୍କର 'ଦିଲ୍ଲୀ ଚଲୋ'ର ଦୁଃସାହସିକ ଯୁଦ୍ଧ ଅଭିଯାନ ଭାରତର ମୁକ୍ତି ସଂଗ୍ରାମ ଇତିହାସର ଏକ [illegible] ଅଧ୍ୟାୟ । ଗାନ୍ଧିଜୀଙ୍କର ଅହିଂସ ଆନ୍ଦୋଳନ ଓ ନେତାଜୀଙ୍କର ସଶସ୍ତ୍ର ସଂଗ୍ରାମର ସମନ୍ୱୟରେ ହିଁ ଭାରତର ସ୍ୱାଧୀନତା ସମ୍ଭବ ହୋଇଛି । 'ଭାରତ ଛାଡ଼' ଆନ୍ଦୋଳନରେ ଜାତୀୟ ନେତାମାନେ ଯେତେବେଳେ କାରାଗାରରେ ବନ୍ଦୀ, ସେତେବେଳେ ନେତାଜୀ ସୁଭାଷ ଚନ୍ଦ୍ର ସୁଦୂର ଜାପାନରେ ଥାଇ ସ୍ୱାଧୀନତାର ଶେଷ ସଂଗ୍ରାମର [illegible] ରୂପେ ଶକ୍ତିଶାଳୀ ବ୍ରିଟିଶ୍ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲେ । ଭାରତର ପୂର୍ବ ସୀମାନ୍ତରେ ତିରଙ୍ଗା ପତାକା ଉଡ଼ାଇଥିଲେ । ଅସ୍ଥାୟୀ ଭାରତ ସରକାର ଗଢ଼ିଥିଲେ । ତାଙ୍କର ଆବେଗମୟ ଆହ୍ୱାନ ଓ ସଂଗ୍ରାମର [illegible] ଭାରତୀୟ ସେନା ବାହିନୀରେ ବିଦ୍ରୋହର ବହ୍ନି ଆହୁରି ତେଜିୟାନ ହୋଇ ଉଠିଥିଲା । ଭାରତର ଜନସାଧାରଣ ମଧ୍ୟରେ ଅପୂର୍ବ ଉନ୍ମାଦନା ଓ ଜାଗରଣ ଦେଖା ଦେଇଥିଲା ।

ଭାରତ ଜନନୀର ସେହି ବରପୁତ୍ର ସ୍ୱାଧୀନତାର ସିଂହଦ୍ୱାରରେ ବିଜୟର ଭେରୀ ବଜାଇ [illegible] ଅନ୍ତର୍ହିତ ହୋଇଗଲେ, କିନ୍ତୁ ତାଙ୍କର [illegible] ତ୍ୟାଗ, ବୀରତ୍ୱ ଓ ଦେଶପ୍ରୀତିର ସ୍ମୃତି କୋଟି କୋଟି ଭାରତୀୟଙ୍କ ହୃଦୟରେ ଚିରକାଳ [illegible]

# ନେତାଜୀଙ୍କ ଶେଷ ବାର୍ତ୍ତା

"ଭାରତ–ସ୍ୱାଧୀନତା ସଂଗ୍ରାମ ଇତିହାସର ଗୌରବମୟ ଅଧ୍ୟାୟ ଶେଷ ହେବାକୁ ଯାଉଛି । ଏହି ଅଧ୍ୟାୟରେ ପୂର୍ବ–ଏସିଆର ଭାରତୀୟ ସୁପୁତ୍ର ଓ ସୁପୁତ୍ରୀମାନଙ୍କ ଭୂମିକା ଚିର ଜାଜ୍ୱଲ୍ୟମାନ ରହିବ ।

ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ଆପଣମାନେ ଅକୁଣ୍ଠିତ ଚିତ୍ତରେ ଯେପରି ଧନ–ଜୀବନ ଦାନ କରିଛନ୍ତି, ତାହା ହେଉଛି ମହାନ୍ ତ୍ୟାଗ ଓ ଦେଶାତ୍ମବୋଧର ଜ୍ୱଳନ୍ତ ଦୃଷ୍ଟାନ୍ତ । ସଂପୂର୍ଣ୍ଣ ସଂଗ୍ରାମ ପାଇଁ ମୋର ଆହ୍ୱାନ ମାତ୍ରେ ଆପଣମାନେ ପ୍ରବଳ ଉତ୍ସାହ, ଉଦ୍ଦୀପନା ଓ ସ୍ୱତଃସ୍ଫୂର୍ତ୍ତ ଭାବେ ଆଗେଇ ଆସିଛନ୍ତି । ତାହା ମୁଁ ଜୀବନରେ କଦାପି ଭୁଲିପାରିବି ନାହିଁ । ଆଜାଦ୍ ହିନ୍ଦ୍ ଫୌଜ ଓ ଝାନ୍ସୀ ରାଣୀ ରେଜିମେଣ୍ଟରେ ତାଲିମ ପାଇବା ଲାଗି ଆପଣମାନେ ବିପୁଳ ସଂଖ୍ୟାରେ ନିଜ ପୁଅ ଝିଅଙ୍କୁ ଶିବିରକୁ ପଠାଇଛନ୍ତି । ଅଳ୍ପକେ କହିବାକୁ ଗଲେ, ଆପଣମାନେ ଭାରତମାତାର ପ୍ରକୃତ ସନ୍ତାନ ଭାବରେ ନିଜେ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି । ଆଜାଦ୍ ହିନ୍ଦ୍ ଫୌଜର ଅସ୍ଥାୟୀ ସରକାର ଚଳାଇବା ଲାଗି ଆପଣମାନେ ଅକାତର ଭାବରେ ଧନରତ୍ନ ଦାନ କରିଛନ୍ତି । କଠୋର ପରିଶ୍ରମ, ସଂଗ୍ରାମ ଓ ତ୍ୟାଗର ଆଶୁ ଫଳ ମିଳି ନ ଥିବାରୁ ଆପଣମାନଙ୍କ ଅପେକ୍ଷା ମୁଁ ଅଧିକ ଦୁଃଖିତ । କିନ୍ତୁ ସେସବୁ ବୃଥା ଯାଇନାହିଁ । କାରଣ ତଦ୍ୱାରା ଆମ ମାତୃଭୂମିର ମୁକ୍ତିର ପଥ ସୁଗମ ହୋଇପାରିଛି । ଆପଣମାନଙ୍କ ତ୍ୟାଗ, ନିଷ୍ଠା ଓ ସଂଗ୍ରାମ ଗାଥା ପୃଥିବୀର ଭାରତୀୟମାନଙ୍କ ପକ୍ଷରେ ପ୍ରେରଣାର ଉତ୍ସ ହୋଇ ରହିବ । ଭାବୀ ବଂଶଧରମାନେ ଆପଣମାନଙ୍କୁ ଧନ୍ୟ ଧନ୍ୟ କରିବେ । ଭାରତ ସ୍ୱାଧୀନତାର ଏ ଯୂପକାଠରେ ଆପଣମାନଙ୍କ ଆତ୍ମ–ବଳିଦାନ ଲାଗି ସେମାନେ ଗର୍ବ ଅନୁଭବ କରିବେ । ଆପଣମାନଙ୍କ କୃତିତ୍ୱ ଚିରସ୍ମରଣୀୟ ହୋଇ ରହିବ ।

ଆମ ଇତିହାସର ଏହି ଅଭୂତପୂର୍ବ ସଂକଟ ବେଳେ ମୁଁ କେବଳ ପଦେ କଥା କହିବାକୁ ଚାହେଁ । କ୍ଷଣିକ ବ୍ୟର୍ଥତା ଲାଗି ହତାଶ ହୋଇ ପଡ଼ ନାହିଁ । ପ୍ରଫୁଲ୍ଲ ଚିତ୍ତରେ ଆତ୍ମବଳ ଦୃଢ଼ ରଖ । ଭାରତର ଚରମ ଲକ୍ଷ୍ୟ ସ୍ୱାଧୀନତା । ସେହି ଆସ୍ଥାରେ ଅଟଳ ରହିଥାଅ । ଟିକେହେଲେ ବିଚଳିତ ହୋଇପଡ଼ ନାହିଁ । ପୃଥିବୀରେ ଏଭଳି କୌଣସି ଶକ୍ତି ନାହିଁ, ଯାହାକି ଭାରତକୁ ଦାସତ୍ୱ ବନ୍ଧନରେ ବାନ୍ଧି ରଖିପାରେ । ଭାରତ ମୁକ୍ତ ହେବ—ଆଉ ବେଶି ଦିନ ନୁହେଁ ।" (୧୯୪୫ ଅଗଷ୍ଟ ୧୫) ।

"ଜୟହିନ୍ଦ୍"



ଜାନକୀନାଥ ବସୁ ।



ମାତା ପ୍ରଭାବତୀ ବସୁ ।



ନେତାଜୀ ସୁଭାଷ ଚନ୍ଦ୍ରଙ୍କ ପରିବାର—ପଛ ଧାଡ଼ିରେ
ଡାହାଣ ପଟ ଶେଷରେ ସୁଭାଷ ।




କଲିକତା କର୍ପୋରେସନର ଚିଫ୍ ଏକଜିକ୍ୟୁଟିଭ୍
ସୁଭାଷ ଚନ୍ଦ୍ର (୧୯୨୮) ।


'ନେତାଜୀଙ୍କ ପରିବାର' ଫଟୋଗୁଡ଼ିକ ବିଶିଷ୍ଟ ଆଡ୍‌ଭୋକେଟ୍
ଶ୍ରୀ ଭୂପେନ୍ଦ୍ର କୁମାର ବସୁଙ୍କ ସୌଜନ୍ୟରୁ ପ୍ରାପ୍ତ ।।



କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ
... କାଳରେ ଯୁବକ ସୁଭାଷ।



...y dear brother, Another year
...rolled by and we find our
...d responsible to God for the
...ress or otherwise that we have
...de during the last twelve months
... When I survey my
...year's work, I cannot help re-
...sting on the goal of life. [illegible]
...think, is a staunch optimist
...d strongly believes that the world
... progressing day by day. Is it
...ally so? Are we really nearing
...the longed-for goal? Is our dear
...country, India, on the high-road
...to progress? I can't think so.
...May be, good may come out of
...evil — may be India is wading
...through sin and corruption
...towards peace and progress. But
...as far as the eye of prudence,
...of prophecy or foresight can
... [illegible]



Censored ...

Mandalay Jail
1.8.26.

[illegible]

I do not know whether you have received my last few letters. [illegible]

[illegible]

୧୯୨୬ ମସିହାରେ ମାଣ୍ଡାଲେ ଜେଲ୍‌ରେ ବନ୍ଦୀ ଥିବାବେଳେ ବଡ଼ଭାଇଙ୍କ ନିକଟକୁ ସୁଭାଷଙ୍କ ପତ୍ର।

# ଅଗ୍ନିଯୁଗର ପୁରୁଷ ସୁଭାଷ

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

ଭାରତବର୍ଷ ପାଇଁ ସୁଭାଷ ଚନ୍ଦ୍ର ଯାହା କରି ଯାଇଛନ୍ତି ତାହାର କଳନା ନାହିଁ । ସେ ଥିଲେ ଅଗ୍ନି ଯୁଗର ପୁରୁଷ, ଯୁବଶକ୍ତିର ଉତ୍ସ ଓ ଯୁଗଶକ୍ତିର ପ୍ରତୀକ । ସେତେବେଳେ ଭଗବାନ ଭାରତବର୍ଷର ନିଦ୍ରା ଭଙ୍ଗ କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ବହୁ ବୀରପୁରୁଷଙ୍କୁ ପଠାଇଥିଲେ । ସାହିତ୍ୟ, ଧର୍ମ, ରାଜନୀତି, ସମାଜ ସଂସ୍କାର ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ଯେଉଁମାନେ ଏହି ମହାଜାଗରଣର ଧ୍ୱନି କରିଥିଲେ, ସେମାନଙ୍କ ମଧ୍ୟରେ ନେତାଜୀ ଅନ୍ୟତମ । ସାଧନାର ପଥରେ କୌଣସି ପ୍ରଲୋଭନ ତାଙ୍କୁ ଅଟକାଇ ପାରିନଥିଲା । ସେ ଏହି କଟକ ନଗରୀରେ ଏକ ପ୍ରଖ୍ୟାତ ଅଭିଜାତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଶିକ୍ଷା କ୍ଷେତ୍ରରେ କୃତୀ ଛାତ୍ର ଭାବରେ ସେ ସମସ୍ତ ସମ୍ମାନ ଲାଭ କରିଥିଲେ । ଭାରତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲେ । ସେତେବେଳେ ଆଇ.ସି.ଏସ୍. ଚାକିରିକୁ ହେଭେନ ବର୍ଣ୍ଣ ସର୍ଭିସ ବୋଲି କୁହାଯାଉଥିଲା ଅର୍ଥାତ୍ ଯେଉଁମାନେ ଏ ଚାକିରି କରୁଥିଲେ ସେମାନେ ପୃଥିବୀରୁ ଜନ୍ମ ହୋଇ ନାହାନ୍ତି, ସ୍ୱର୍ଗରୁ ଜନ୍ମ ହୋଇଛନ୍ତି । ମାତ୍ର ସୁଭାଷ ଚନ୍ଦ୍ର ଏହାକୁ ଏକ ଦାସତ୍ୱର ନିଗଡ଼ ବୋଲି ମନେ କରି ଫିଙ୍ଗି ଦେଇଥିଲେ ।



ସାଧାରଣ ଜୀବନ କ୍ଷେତ୍ରକୁ ଆସି ମଧ୍ୟ ସେଠାରେ ତାଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ ମିଳିଥିଲା । କଂଗ୍ରେସର ସଭାପତି ସେତେବେଳେ ରାଷ୍ଟ୍ରପତି ଥିଲେ । ଏ ଉପାଧି ମଧ୍ୟ ସୁଭାଷଙ୍କୁ ବେଶ୍ ସାଜୁଥିଲା । ମାତ୍ର ତାଙ୍କୁ ଗୋଟିଏ ଲକ୍ଷ୍ୟ ମୁଗ୍ଧ କରି ରଖିଥିଲା । ତାହା ହେଉଛି, ଭାରତବର୍ଷର ସ୍ୱାଧୀନତା । ସେଥିପାଇଁ ସେ କେବଳ ଏତିକି ତ୍ୟାଗ ନୁହେଁ, ଚରମ ତ୍ୟାଗ କରିବା ପାଇଁ ପ୍ରସ୍ତୁତ ଥିଲେ । ଜୀବନ ନଦେଲେ ଜୀବନ ମିଳେ ନାହିଁ ।

ନେତାଜୀଙ୍କ ଚିନ୍ତାଧାରା ମୌଳିକ ଓ ତାଙ୍କର ସାଧନା ଅସାଧାରଣ ଥିଲା । ସେ ଅହିଂସା ଆନ୍ଦୋଳନର ଜଣେ ପ୍ରଧାନ ନେତା ହେଲେ ମଧ୍ୟ ହିଂସାରେ ବିଶ୍ୱାସ କରୁଥିଲେ । ମାର୍କ୍ସପନ୍ଥୀଙ୍କଠାରୁ ସେ କିନ୍ତୁ ସମ୍ପୂର୍ଣ୍ଣ ପୃଥକ୍ ଥିଲେ । କମ୍ୟୁନିଷ୍ଟମାନେ ସୋଭିଏତ ରୁଷକୁ ଅନୁସରଣ କରି ନିଜର ନୀତି ନିର୍ଦ୍ଧାରଣ କରୁଥିଲେ । କିନ୍ତୁ ନେତାଜୀ ଭାରତୀୟ ପରମ୍ପରା ଓ ପଦ୍ଧତିକୁ ପସନ୍ଦ କରୁଥିଲେ ଓ ଭାରତର ନୀତିକୁ ବିଶ୍ୱାସ କରୁଥିଲେ ।

ସେନା ବାହିନୀ ଭିତରେ ବିଦ୍ରୋହ ଭାବ ଜନ୍ମାଇବା ପାଇଁ ସେ ଚେଷ୍ଟା କରିଥିଲେ । ନେତାଜୀ ଯେଉଁ ପଥ ଦେଖାଇଲେ ତାହା ଇତିହାସରେ ଆଗରୁ ଥିଲା । ଦେଶକୁ ସ୍ୱାଧୀନ କରିବା ଦିଗରେ ନେତାଜୀ ଯେଉଁ ବିପ୍ଳବରେ ଆନ୍ଦୋଳନ ଆରମ୍ଭ କଲେ, ତାହା ନ ହୋଇଥିଲେ ଦେଶର ସ୍ୱାଧୀନତା ପ୍ରାପ୍ତି ଆଉ କିଛି ଦିନ ପଛେଇ ଯାଇଥାନ୍ତା ।

ଦେଶରେ ସମାଜବାଦ୍ ପ୍ରତିଷ୍ଠା କରିବା ତାଙ୍କର ଲକ୍ଷ୍ୟ ଥିଲା । ସେ ସେତେବେଳେ ସମାଜବାଦୀ ଭାରତର କଳ୍ପନା କରିଥିଲେ । ନେତାଜୀ ଥରେ କହିଥିଲେ, ଭାରତ ସ୍ୱାଧୀନତା ହାସଲ କଲାପରେ ଦୁନିଆକୁ ନୂଆ ନେତୃତ୍ୱ ଦେବ ।

ସେ ଆପୋଷହୀନ ସଂଗ୍ରାମରେ ବିଶ୍ୱାସ କରୁଥିଲେ । ସେଥିପାଇଁ ସେ ଥିଲେ ତରୁଣ ଭାରତର ନେତା । ପିଲାଦିନୁ କୌଣସି ନୀତି ବା ଲକ୍ଷ୍ୟ ପାଇଁ ସେ ସାହସ ହରାଇ ନାହାନ୍ତି । ଜୀବନକୁ ବାଜି ରଖି କାମ କରିବାରେ ସେ ଥିଲେ ଅଦ୍ୱିତୀୟ । ସ୍ୱାଧୀନତା ସଂଗ୍ରାମରେ ସର୍ବସ୍ୱ ତ୍ୟାଗ କରି ଜନ୍ମଭୂମିର ମୁକ୍ତି ପାଇଁ ସେ ଅନିଶ୍ଚିତକୁ ବରଣ କରିଥିଲେ । ଅନିଶ୍ଚିତ ହିଁ ଥିଲା ତାଙ୍କର ଜୀବନ । ସଂଗ୍ରାମ ଥିଲା ଏହି ଜୀବନର ଆଧାର । ତାଙ୍କ ପରି

। ନଥିଲେ ଦେଶ ପାଇଁ ତ୍ୟାଗର ଯେଉଁ ବାତାବରଣ
ତୀୟ ସେନା ମଧ୍ୟରେ ଦେଖାଗଲା, ତାହା ସମ୍ଭବ ହୋଇ ପାରି
ଥା ।

ଙ୍ଗାପୁରରୁ ଗାନ୍ଧିଜୀଙ୍କ ଉଦ୍ଦେଶ୍ୟରେ ବେତାର ଭାଷଣ ଦେଇ
କହିଥିଲେ ଯେ ଦେଶର ସ୍ୱାଧୀନତା ପାଇଁ ସେ ଯେଉଁ ପନ୍ଥା
କରି ଶୁଣିଛନ୍ତି, ବିଭିନ୍ନ ବିପ୍ଳବର ଇତିହାସ ଅଧ୍ୟୟନ କରି
ସେ ସମ୍ପର୍କରେ ସମ୍ପୂର୍ଣ୍ଣ ଦୃଢ଼ବୋଧର ସହିତ ସେ ଏହା
ଛି । ତେଣୁ ତାଙ୍କ ପ୍ରତି ଗାନ୍ଧିଜୀଙ୍କର ଆଶୀର୍ବାଦ ରହିବା
ଏକ ।

ତୀୟ ମୁକ୍ତି ସଂଗ୍ରାମର ଶେଷ ପର୍ଯ୍ୟାୟର ଏହି ବରେଣ୍ୟ
ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆଉ ଏ ଦେଶକୁ ଫେରି ନାହାନ୍ତି ।
ତା ଲାଭ ପରେ ସମାଜକୁ ନୂତନ କରି ଗଠନ କରିବାର
ସ୍ୱପ୍ନ ସେ ଦେଖିଥିଲେ ହୁଏତ ସେ ସ୍ୱପ୍ନ ସଫଳ କରିବା ପାଇଁ
ାରେ ସେ ରହିଲେ ନାହିଁ ।

ତୀୟ ଯୁବ ସମାଜ ପ୍ରତ ତାଙ୍କର ଆଶୀର୍ବାଦ ଏବଂ ଜନ୍ମଭୂମି
ଙ୍କର ଶ୍ରଦ୍ଧା ଏ ଦେଶର କୋଟି କୋଟି ଲୋକଙ୍କୁ ଚିରଦିନ
କରିବ । ସମଗ୍ର ଦୁନିଆରେ ଏ ଦେଶର ନେତୃତ୍ୱ ଓ
ବଢ଼ାଇବା ପାଇଁ ସେ ଧ୍ରୁବତାରା ଭାବରେ ରହିବେ ।
ଗାନ୍ଧୀ ଓ ନେହେରୁଙ୍କୁ ଛାଡ଼ି ଦେଲେ ଜନପ୍ରିୟତାରେ
ସମକକ୍ଷ ହେବା ଭଳି ଆଉ କେହି ନାହାନ୍ତି ।
ଜୀଙ୍କର ଏତି ଅଖଣ୍ଡ ଲୋକପ୍ରିୟତା ଓ ନେତୃତ୍ୱର କାରଣ
ନିଜ ଉପରେ ତାଙ୍କର ଗଭୀର ବିଶ୍ୱାସ ଥିଲା । ନିଜ
ବଢ଼ କରିବା ପାଇଁ ପ୍ରବଳ ପିପାସା ଥିଲା । ନିଜର ପ୍ରଚଣ୍ଡ
ଓ ଶକ୍ତିକୁ ସେ ଏଥିରେ ନିୟୋଜିତ କରିଥିଲେ । ତାଙ୍କର
ଜୀବନର କାହାଣୀ ଯେକୌଣସି ରୋମାଞ୍ଚକର ଉପନ୍ୟାସଠାରୁ ଅଧିକ ମନୋରମ ଓ ଉପଭୋଗ୍ୟ । ଛାତ୍ର ଜୀବନରେ ଥରେ ଜୀବନର ରହସ୍ୟ ସନ୍ଧାନ କରିବା ପାଇଁ ସେ ହିମାଳୟ ଯାତ୍ରା କରିଥିଲେ । ପରବର୍ତ୍ତୀ ଜୀବନରେ ଦେଶର ଅଖଣ୍ଡ ମୁକ୍ତିର ପିପାସାରେ ସେ ସ୍ୱଦେଶ ଛାଡ଼ି ଅନ୍ୟ ଦେଶରେ ମୁକ୍ତିର ଯେଉଁ ସାଧନା କରିଥିଲେ, ତାହା ଏ ଦେଶବାସୀଙ୍କୁ ଏକ ମହାନ୍ ସଂକଳ୍ପରେ ଉଦ୍‌ବୁଦ୍ଧ କରିଥିଲା । ଭାରତ ବାହାରେ ଆଜାଦ୍ ହିନ୍ଦ୍ ବାହିନୀର ଗଠନ ତାଙ୍କର ଅସାଧାରଣ ସଂଗଠନ ଶକ୍ତି ଓ ଅସୀମ ସାହସର ପ୍ରତୀକ ।

ନେତାଜୀ ଭାରତବର୍ଷକୁ ଅତି ଉଚ୍ଚରେ ରଖିଥିଲେ । ଏ ଭାରତଭୂମି ତାଙ୍କର ଧ୍ୟାନ ଓ ଧାରଣା, କର୍ମ ଓ ସ୍ୱପ୍ନ ମଧ୍ୟରେ ସବୁବେଳେ ରହିଥିଲା । ସେ କହୁଥିଲେ, ଅଷ୍ଟାଦଶ ଶତାବ୍ଦୀ ଥିଲା ଫରାସୀମାନଙ୍କର, ଊନବିଂଶ ଶତାବ୍ଦୀ ଇଂରେଜମାନଙ୍କର । କିନ୍ତୁ ବିଂଶ ଶତାବ୍ଦୀ ହେବ ଭାରତବାସୀମାନଙ୍କର ।

ପୁରାଣ ଓ ଇତିହାସରେ ଅନେକ ପୁରୁଷ ଅଛନ୍ତି, ଯେଉଁମାନେ ଅମର । ପୁରାଣରେ ବଳି, ହନୁମାନ, ଅଶ୍ୱତ୍‌ଥାମାଙ୍କ ନାମ ଉଲ୍ଲେଖ ଅଛି । ଇତିହାସର କିମ୍ବଦନ୍ତୀରେ ସିପାହୀ ବିଦ୍ରୋହର ନେତା ନାନାସାହେବ ମଧ୍ୟ ସେହିପରି ରହିଛନ୍ତି । ସେହିପରି ନେତାଜୀଙ୍କ ଅନ୍ତର୍ଦ୍ଧାନ ଏକ ରହସ୍ୟର ବସ୍ତୁ । ତାଙ୍କର ଜୟନ୍ତୀ ଅଛି ମାତ୍ର ମୃତ୍ୟୁନ୍ତୀ ନାହିଁ ।

---


ମୁଖ୍ୟମନ୍ତ୍ରୀ, ଓଡ଼ିଶା,
ଭୁବନେଶ୍ୱର



# ସୁଭାଷ ଚନ୍ଦ୍ର ବୋଷ ଓ ଆଜାଦ୍ ହିନ୍ଦ୍ ଫୌଜ୍

ଡଃ ଅତୁଲ ଚନ୍ଦ୍ର ପ୍ରଧାନ

ଚଳିତ ଶତାବ୍ଦୀର ଆରମ୍ଭରୁ ଭାରତୀୟ ଜାତୀୟ ଆନ୍ଦୋଳନରେ ନରମପନ୍ଥୀ ଓ ଚରମପନ୍ଥୀ ମତବାଦ ଦେଖାଦେଇଥିଲା । ଏହି ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରି ସୁଭାଷ ଚନ୍ଦ୍ର ବୋଷ ଚରମପନ୍ଥୀ କାର୍ଯ୍ୟକ୍ରମର ପରାକାଷ୍ଠା ପ୍ରଦର୍ଶନ



କରିଥିଲେ । ମହାତ୍ମା ଗାନ୍ଧୀଙ୍କ ନୈତିକ ବ୍ୟକ୍ତିତ୍ୱ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ଥିଲା, କିନ୍ତୁ ଗାନ୍ଧୀଙ୍କ ଅହିଂସା ଭିତ୍ତିକ ସତ୍ୟାଗ୍ରହ ଆନ୍ଦୋଳନ ଦ୍ୱାରା ଦେଶର ସ୍ୱାଧୀନତା ଅସମ୍ଭବ ବୋଲି ସୁଭାଷ ଚନ୍ଦ୍ର ବୋଷ ଖୋଲାଖୋଲି ଭାବରେ ମତବ୍ୟକ୍ତ କରୁଥିଲେ । ଯୁଦ୍ଧ ଏବଂ କୂଟନୀତି ବିନା ଦେଶ ସ୍ୱାଧୀନ ହୋଇପାରିବ ନାହିଁ ବୋଲି ସେ ଦୃଢ଼ ଭାବରେ ମତ ପୋଷଣ କରୁଥିଲେ । ଚଳିତ ଶତାବ୍ଦୀର ଚତୁର୍ଥ ଦଶନ୍ଧିରେ ଗାନ୍ଧୀ ଓ ଜବାହରଲାଲ ନେହେରୁ ଇଟାଲିର ଫାସିଷ୍ଟ ସରକାର ଓ ଜର୍ମାନୀର ନାଜି ସରକାରକୁ ଅଗଣତାନ୍ତ୍ରୀକ ଓ ସୈରାଚ୍ଛାରୀ ବୋଲି ସମାଲୋଚନା କରୁଥିଲେ । ସେତେବେଳେ ସୁଭାଷ ଚନ୍ଦ୍ର ବୋଷ ସେମାନଙ୍କ ସହିତ ହାତ ମିଳାଇ ଇଂରେଜ ସରକାର ବିରୋଧରେ ଆପୋଷହୀନ ସଂଗ୍ରାମର ପରିକଳ୍ପନା କରୁଥିଲେ ।

୧୯୩୯ ମସିହାରେ ତ୍ରିପୁରୀ କଂଗ୍ରେସ ଅଧିବେଶନରେ ସଭାପତି ଆସନ ମଣ୍ଡନ କରି ସୁଭାଷ ଚନ୍ଦ୍ର ବୋଷ ଇଂରେଜ ସରକାରଙ୍କୁ ଏକ ଛଅ ମାସିଆ ଚରମପତ୍ର ଦେବା ପାଇଁ ଦଳ ଆଗରେ ପ୍ରସ୍ତାବ ରଖିଥିଲେ । ଛଅ ମାସ ମଧ୍ୟରେ ଇଂରେଜ ସରକାର ଯଦି ଭାରତକୁ ସ୍ୱାଧୀନତା ନ ଦିଅନ୍ତି ତାହାହେଲେ ଦେଶକୁ ସ୍ୱାଧୀନ କରିବା ପାଇଁ କଂଗ୍ରେସ ଆନ୍ଦୋଳନ କରିବା ଉଚିତ । ଏହା ତାଙ୍କର ମତ ଥିଲା । ଏତେ ଶୀଘ୍ର ଆନ୍ଦୋଳନ ଆରମ୍ଭ କରିବା ଉଚିତ ନୁହେଁ ବୋଲି ମହାତ୍ମା ଗାନ୍ଧୀ ମତ ପୋଷଣ କରିଥିଲେ । ଗାନ୍ଧୀଙ୍କ ସହିତ ମତପାର୍ଥକ୍ୟ ହେତୁ ୧୯୩୯ ମସିହା ଏପ୍ରିଲ୍ ମାସରେ ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲେ ଏବଂ ସାମ୍ରାଜ୍ୟବାଦ ବିରୋଧତାରେ ଆନ୍ଦୋଳନ ଚଳାଇବା ପାଇଁ ଫରୱାର୍ଡ଼ ବ୍ଲକ୍ (Forward Block) ଗଠନ କଲେ । ୧୯୩୯ ମସିହା ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ୟୁରୋପରେ ଯୁଦ୍ଧ ଆରମ୍ଭ ହେଲା । ନୈତିକ ଓ ଆଦର୍ଶବାଦୀ ଦୃଷ୍ଟିକୋଣରୁ ଗାନ୍ଧୀ ଓ ନେହେରୁ ଇଂଲଣ୍ଡକୁ ସମର୍ଥନ କଲେ; କିନ୍ତୁ ଇଂରେଜ ସରକାରଙ୍କ ଗଣତନ୍ତ୍ର ଓ ଜାତୀୟ ଆତ୍ମ ନିୟନ୍ତ୍ରଣ national self determination) ସପକ୍ଷବାଦୀ ପ୍ରଚାରରେ ଭୁଲି ନ ଯାଇ ସାମ୍ରାଜ୍ୟବାଦ ବିରୋଧରେ ସଂଗ୍ରାମ ଚଳାଇବା ପାଇଁ ସୁଭାଷ ଚନ୍ଦ୍ର ବୋଷ ଦେଶବାସୀଙ୍କୁ ଆହ୍ୱାନ ଦେଲେ । ତେଣୁ ଇଂରେଜ ସରକାର ତାଙ୍କୁ ଗିରଫ କରି ଜେଲ୍‌ରେ ରଖିଲେ । କିନ୍ତୁ ସେ ଜେଲ୍‌ରେ ଅନଶନ କରିବାରୁ ତାଙ୍କୁ ଖଲାସ୍

...ଜିତାଙ୍କେ ଏଲଗିନ୍ ରୋ ସ୍ଥିତ ନିବାସରେ ଗୃହ ବନ୍ଦୀ କରି ...ଥା। କଡ଼ା ପୋଲିସ୍ ନଜର ଭିତରେ ଥାଇ ସେ ନିଜ ...ଖସି ପଳାଇଲେ। ତାଙ୍କର ଉଦ୍ଦେଶ୍ୟ ଥିଲା ଭାରତରୁ ...ଯାଇ ଜର୍ମାନୀ ଓ **ଇଟାଲୀର** ସହାୟତାରେ ଇଂରେଜ ... ବିରୋଧରେ ସଂଗ୍ରାମ କରିବା। ଛଦ୍ମବେଶରେ ...ୁ ପଳାଇ ଯାଇ ସୁଭାଷ ଚନ୍ଦ୍ର ବୋଷ ଶେଷରେ ଜର୍ମାନୀରେ ...ଲେ। ଜର୍ମାନୀରୁ ଭାରତବାସୀଙ୍କ ଉଦ୍ଦେଶ୍ୟରେ ୧୯୪୨ ...ଅଗଷ୍ଟ ମାସ ୩୧ ତାରିଖ ଦିନ ସେ ନିମ୍ନଲିଖିତ ବେତାର ...ଦଉଥିଲେ :

...ଶ ବାହାରେ ଯେଉଁ ଦେଶବାସୀମାନେ ଭାରତର ଆଶୁ ...ଇଁ ସଂଗ୍ରାମ ଚଳାଉଛନ୍ତି ସେମାନଙ୍କ ଉପରେ ଆସ୍ଥା ସ୍ଥାପନ ... ପାଇଁ ମୁଁ ତୁମମାନଙ୍କୁ ନିବେଦନ କରୁଛି। ଅଧୁନା ...ାନେ ଭାରତର ଜାତୀୟ ସମ୍ମାନର ରକ୍ଷକ ଏବଂ ସ୍ୱାଧୀନ ...ର ବେସରକାରୀ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଛୁ। ଦେଶ ... ତଥା ବାହାରେ ଆମେ ସବୁବେଳେ ଦେଶର ସ୍ୱାଧୀନତା ... କରୁଛୁ ଏବଂ କୌଣସି ବିଦେଶୀ ଶକ୍ତି ରାଷ୍ଟ୍ରୀୟ ...ୀମତ୍ୱକୁ କ୍ଷୁଣ୍ଣ କରୁ ଏହା ଆମେ କେବେ ହେଲେ ସହ୍ୟ ...ନାହିଁ।

...ଦ୍ରମାନେ ଆଦର୍ଶବାଦୀ ଚିନ୍ତାଧାରା ଦ୍ୱାରା ପରିଚାଳିତ ...ହିଁ; କୌଣସି ଦେଶର ଆଭ୍ୟନ୍ତରୀଣ ରାଜନୀତିରେ ମୁଁ ...ଅ ନାହିଁ, ତାହା ଆମ ଚିନ୍ତାର ବିଷୟ ନୁହେଁ। ଇଂରେଜ ...ଜ୍ୟବାଦର ଶତ୍ରୁ ଆମର ମିତ୍ର ମୋର ଏହି ଉକ୍ତିକୁ ବିଶ୍ୱାସ ... ସେମାନେ ଇଂରେଜ ସାମ୍ରାଜ୍ୟର ପତନ ଓ ଭାରତର ... ସ୍ୱାଧୀନତା ଚାହାନ୍ତି। ଭାରତ ଇଂରେଜ ସାମ୍ରାଜ୍ୟର ରତ୍ନ ...। ଏହି ରତ୍ନକୁ ନିଜ ଅକ୍ତିଆରରେ ରଖିବା ପାଇଁ ...ଜମାନେ ପ୍ରାଣପଣେ ଲଢ଼େଇ କରିବେ। ଇଂଲଣ୍ଡ ଭାରତର ...କୁ ମାନିନେବେ ଏହି ଧାରଣାକୁ ଭାରତୀୟ ଲୋକେ ...ଷଦର ନେତାମାନେ ସମ୍ପୂର୍ଣ୍ଣ ଭାବେ ତ୍ୟାଗ କରନ୍ତୁ ଏବଂ ...ରେଜମାନଙ୍କୁ ସମ୍ପୂର୍ଣ୍ଣ ବିତାଡ଼ିତ କରିବା ପାଇଁ ସଂଗ୍ରାମ ...ନ୍ତୁ। ଆମ ସଂଗ୍ରାମର ଶେଷ ପର୍ଯ୍ୟାୟରେ ବହୁତ ଯନ୍ତ୍ରଣା ... ରକ୍ତପାତ ଭୋଗ କରିବାକୁ ପଡ଼ିବ। ସ୍ୱାଧୀନତା ପାଇଁ ...ଡ଼ି ମୂଲ୍ୟ ଦେବାକୁ ପଡ଼ିବ। ଶେଷ ମୁହୂର୍ତ୍ତରେ ଇଂରେଜ ... ବହୁତ ଜୋର୍ ଖେଳ ଦେଖାଇବା ସ୍ୱାଭାବିକ। କିନ୍ତୁ ଏହା ...ମୁଖୀ ସିଂହର ଖେଳ ଏବଂ ଆମେ ଏଥିରୁ ବର୍ତ୍ତିଯିବୁ।"

...ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ ଚଳାଇବା ଉଦ୍ଦେଶ୍ୟରେ ...ଷ ଚନ୍ଦ୍ର ବୋଷ୍ ଜର୍ମାନୀରେ ଏକ ଭାରତ କେନ୍ଦ୍ର India ...entre) ଏବଂ ଭାରତ ବାହିନୀ (Indian Legion) ...ନ କଲେ। କିନ୍ତୁ ଇଂରେଜ ସାମ୍ରାଜ୍ୟବାଦ୍ ବିରୋଧରେ ...ଗ୍ରାମ ଚଳାଇବା ପାଇଁ ସେ ହିଟ୍ଲରଙ୍କ ନୀତି ସମ୍ବନ୍ଧୀୟଠାରୁ ...ର୍ଥନ ପାଇଲେ ନାହିଁ। ତେଣୁ ବୁଡ଼ାଜାହାଜରେ ସେ ଜାପାନ୍ ...ଭିମୁଖେ ବିପଦଜନକ ଯାତ୍ରା ଆରମ୍ଭ କଲେ। ୧୯୪୩ ମସିହା ଜୁନ୍ ମାସ ୧୩ ତାରିଖ ଦିନ ସେ ଜାପାନରେ ପହଞ୍ଚିଲେ ଏବଂ ଜାପାନର ପ୍ରଧାନମନ୍ତ୍ରୀ ଟୋଜୋଙ୍କୁ ସାକ୍ଷାତ କଲେ। ଇଂରେଜ ସରକାରଙ୍କୁ ଭାରତରୁ ବିତାଡ଼ିତ କରି ଏକ ଅସ୍ଥାୟୀ ସ୍ୱାଧୀନ ସରକାର ଭାରତରେ ପ୍ରତିଷ୍ଠା କରିବା ପାଇଁ ସେ ଯେଉଁ ପରିକଳ୍ପନା କରୁଥିଲେ ତାହା କାର୍ଯ୍ୟକାରୀ କରିବା ପାଇଁ ସାହାଯ୍ୟ ଓ ସମର୍ଥନ ଦେବା ପାଇଁ ଟୋଜୋ ତାଙ୍କୁ ପ୍ରତିଶ୍ରୁତି ଦେଲେ। ଜାପାନର ପାର୍ଲାମେଣ୍ଟରେ ଟୋଜୋ କହିଲେ :

"ଭାରତୀୟ ଜନତାର ଶତ୍ରୁ ଇଂରେଜମାନଙ୍କୁ ବିତାଡ଼ିତ କରି ଭାରତକୁ ସମ୍ପୂର୍ଣ୍ଣରୂପେ ପ୍ରକୃତ ସ୍ୱାଧୀନତା ହାସଲ କରିବାରେ ସବୁପ୍ରକାର ସାହାଯ୍ୟ ପାଇଁ ଜାପାନ ଦୃଢ଼ ଭାବରେ **ପ୍ରତିଜ୍ଞାବଦ୍ଧ**।" ୨

ଟୋକିଓରୁ ବେତାର ମାଧ୍ୟମରେ ଇଂରେଜ ସାମ୍ରାଜ୍ୟବାଦ ବିରୁଦ୍ଧରେ ସଂଗ୍ରାମ ଚଳାଇବା ପାଇଁ ସୁଭାଷ ଚନ୍ଦ୍ର ବୋଷ ଭାରତବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପଠାଇଲେ। ଏହି ସମୟରେ ଦକ୍ଷିଣପୂର୍ବ ଏସିଆରେ ବାସ କରୁଥିବା ଭାରତୀୟମାନଙ୍କ ସହାୟତାରେ ରାସବିହାରୀ ବୋଷଙ୍କ ନେତୃତ୍ୱରେ ଗଠିତ ଭାରତୀୟ ସ୍ୱାଧୀନତା ସଙ୍ଘ (Indian Independence League) ନାମକ ଏକ ସଂସ୍ଥା କାର୍ଯ୍ୟ କରୁଥିଲା। ରାସବିହାରୀ ବୋଷ ଜଣେ ସନ୍ତ୍ରାସବାଦୀ ବିପ୍ଳବୀ ଥିଲେ। ୧୯୧୨ ମସିହାରେ ବଡ଼ଲାଟ ଲର୍ଡ ହାର୍ଡ଼ିଞ୍ଜୀଙ୍କୁ ବୋମା ନିକ୍ଷେପ ଦ୍ୱାରା ହତ୍ୟା କରିବା ପାଇଁ ସେ ଏକ ବିଫଳ ଉଦ୍ୟମ କରିଥିଲେ। ତା'ପରେ ବହୁସ୍ଥାନରେ ଛଦ୍ମବେଶରେ ବୁଲି ସେ ଜାପାନରେ ପହଞ୍ଚିଲେ। ସେଠାରେ ସେ ଜଣେ ଜାପାନୀ ମହିଳାଙ୍କୁ ବିବାହ କରି ଜାପାନର ନାଗରିକତ୍ୱ ଗ୍ରହଣ କରିଥିଲେ। ଜାପାନୀମାନେ ଦକ୍ଷିଣପୂର୍ବ ଏସିଆରେ ପ୍ରତିପତ୍ତି ସ୍ଥାପନ କଲାପରେ ସେଠାରେ ବନ୍ଦୀ ହୋଇଥିବା ଭାରତୀୟ ସୈନ୍ୟମାନଙ୍କୁ ନେଇ ଏକ ମୁକ୍ତିବାହିନୀ ଗଠନ କରିବା ପାଇଁ ରାସ ବିହାରୀ ବୋଷ ଉଦ୍ୟମ କରିଥିଲେ। ସେତେବେଳେ ସିଙ୍ଗାପୁରରେ ଇଂରେଜ ସରକାରଙ୍କର ୯୦୦୦୦ ସୈନ୍ୟ ଜାପାନୀମାନଙ୍କପାଖେ ଆତ୍ମସମର୍ପଣ କରିଥିଲେ। ସେମାନଙ୍କ ମଧ୍ୟରେ ଭାରତୀୟମାନଙ୍କ ସଂଖ୍ୟା ଥିଲା ୪୫୦୦୦। ଏହି ମୁକ୍ତିବାହିନୀ ଗଠନ କାର୍ଯ୍ୟରେ କ୍ୟାପ୍ଟେନ୍ ମୋହନ ସିଂହ ନାମକ ଜଣେ ଭାରତୀୟ ସାମରିକ ଅଫିସର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୧୯୪୨ ମସିହା ମାର୍ଚ୍ଚ ମାସ ୨୮ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଟୋକିଓର ଇମ୍ପିରିଏଲ ହୋଟେଲ୍‌ରେ ଭାରତୀୟ ସ୍ୱାଧୀନତା ସଙ୍ଘ ତରଫରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ସୁଭାଷ ଚନ୍ଦ୍ର ବୋଷଙ୍କୁ ୟୁରୋପରୁ ଆଣି ଦକ୍ଷିଣପୂର୍ବ ଏସିଆରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେବା ପାଇଁ ନିଷ୍ପତ୍ତି ଗୃହୀତ ହୋଇଥିଲା। ଭାରତର ସ୍ୱାଧୀନତା ପାଇଁ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଭାରତୀୟ ସ୍ୱାଧୀନତା ସଙ୍ଘ ଦକ୍ଷିଣପୂର୍ବ ଏସିଆରେ ବାସ କରୁଥିବା ୨୦ ଲକ୍ଷ ଭାରତୀୟ ଏବଂ ଭାରତୀୟ ଯୁଦ୍ଧ ବନ୍ଦୀମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିଲା। ନିଷ୍ପତ୍ତିର ଅଭାବ...

ଆଭ୍ୟନ୍ତରୀଣ ବିବାଦ ଏବଂ ଜାପାନୀମାନଙ୍କ ସନ୍ଦେହ ଓ ଦୁର୍ବ୍ୟବହାର ହେତୁ ଭାରତୀୟ ସ୍ୱାଧୀନତା ସଂଘ ଓ ଭାରତୀୟ ଜାତୀୟ ବାହିନୀ (Indian National Army ବା ଆଜାଦ୍ ହିନ୍ଦ୍ ଫୌଜ) ସୁରୁରୁ ରୂପେ କାର୍ଯ୍ୟ କରି ପାରୁ ନଥିଲା । ଜାପାନୀମାନେ ସେମାନଙ୍କ ଯୋଜନା ଅନୁସାରେ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନଙ୍କୁ ଗୁପ୍ତଚର ଭାବରେ ବ୍ୟବହାର କରିବା ପାଇଁ ଚାହୁଁଥିଲେ । ଜାପାନୀମାନଙ୍କ ମନୋବୃତ୍ତି ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନଙ୍କ ପକ୍ଷରେ ଅସହ୍ୟ ହେଉଥିଲା । ୧୯୪୨ ମସିହା ଜୁନ୍ ୧୫ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଭାରତୀୟ ସ୍ୱାଧୀନତା ସଙ୍ଘ ତରଫରୁ ଆଉ ଏକ ସମ୍ମିଳନୀ ବ୍ୟାଙ୍କକଠାରେ ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀରେ ନିଷ୍ପତ୍ତି ହେଲା ଯେ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନଙ୍କୁ କେବଳ ଭାରତରୁ ବିଦେଶୀମାନଙ୍କୁ ହଟାଇବା ପାଇଁ ତଥା ଭାରତର ସ୍ୱାଧୀନତା ପାଇଁ ବ୍ୟବହାର କରାଯିବ ଏବଂ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟ ଏବଂ ଅଫିସରମାନେ ଭାରତୀୟ ସ୍ୱାଧୀନତା ସଂଘର ଅନ୍ତର୍ଭୁକ୍ତ ହେବେ । ଏହି ସମ୍ମିଳନୀରେ ସୁଭାଷ ଚନ୍ଦ୍ର ବୋଷଙ୍କୁ ଭାରତୀୟ ସ୍ୱାଧୀନତା ସଂଘର ନେତୃତ୍ୱ ନେବା ପାଇଁ ପୁଣି ଥରେ ନିମନ୍ତ୍ରଣ କରାଯାଇଥିଲା । ୩

ଇତି ମଧ୍ୟରେ ଟୋକିଓରେ ଜାପାନ ପ୍ରଧାନମନ୍ତ୍ରୀ ଟୋଜୋଙ୍କ ସହିତ କଥାବାର୍ତ୍ତା କରି ଏବଂ ତାଙ୍କର ସମର୍ଥନ ଲାଭ କରି ସୁଭାଷ ଚନ୍ଦ୍ର ବୋଷ ୧୯୪୩ ମସିହା ଜୁଲାଇ ୨ ତାରିଖରେ ସିଙ୍ଗାପୁରରେ ପହଞ୍ଚିଲେ । ସେଠାରେ ତାଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଦିଆଗଲା । ଜୁଲାଇ ୪ ତାରିଖରେ ସେ ରାସବିହାରୀ ବୋଷଙ୍କଠାରୁ ଭାରତୀୟ ସ୍ୱାଧୀନତା ସଂଘର ଦାୟିତ୍ୱ ଗ୍ରହଣ କଲେ । ତହିଁ ପରଦିନ ସେ ଆଜାଦ୍ ହିନ୍ଦ୍ ଫୌଜର ଅଭିବାଦନ ଗ୍ରହଣ କରି କହିଲେ :

"ଆଜି ମୋ ଜୀବନର ସବୁଠାରୁ ଗର୍ବର ଦିନ । ଈଶ୍ୱରଙ୍କ ଆଶୀର୍ବାଦରୁ ସମଗ୍ର ପୃଥିବୀ ସମକ୍ଷରେ ଭାରତୀୟ ସ୍ୱାଧୀନତା ବାହିନୀର ଗଠନ ଘୋଷଣା କରିବା ପାଇଁ ମୋତେ ଆଜି ଏହି ଅପୂର୍ବ ସୁଯୋଗ ଓ ସମ୍ମାନ ମିଳିଛି । ଯେଉଁ ସିଙ୍ଗାପୁର ଏକଦା ଇଂରେଜ ସାମ୍ରାଜ୍ୟର ଦୁର୍ଭେଦ୍ୟ ଦୁର୍ଗ ଥିଲା, ସେଠାରେ ଯୁଦ୍ଧକ୍ଷେତ୍ରରେ ଏହି ବାହିନୀ ଗଠିତ ହୋଇଛି । ଏହି ବାହିନୀ ଭାରତକୁ ଇଂରେଜ ଶାସନର ଶୃଙ୍ଖଳରୁ ମୁକ୍ତ କରିବ ଏବଂ ସ୍ୱାଧୀନ ଭାରତର ଜାତୀୟ ବାହିନୀ ଗଠନ କରିବ । ବନ୍ଧୁମାନେ ତୁମମାନଙ୍କର ଯୁଦ୍ଧଧ୍ୱନି ହେଉଛି ଦିଲ୍ଲୀ ଚଲ ! ଦିଲ୍ଲୀ ଚଲ ! । ଏହି ସ୍ୱାଧୀନତା ସଂଗ୍ରାମରେ ଆମମାନଙ୍କ ମଧ୍ୟରେ ବ୍ୟକ୍ତିଗତ ଭାବରେ କେତେ ଜଣ ବଞ୍ଚିବେ ତାହା ମୁଁ ଜାଣେ ନା । କିନ୍ତୁ ଆମେ ଯେ ଶେଷରେ ଜିତିବୁ ଏ ବିଷୟରେ ମୁଁ ନିଶ୍ଚିତ ଏବଂ ଆମମାନଙ୍କ ମଧ୍ୟରେ ଯେଉଁମାନେ ବଞ୍ଚିଯିବେ ସେମାନେ ଇଂରେଜ ସାମ୍ରାଜ୍ୟର ଅନ୍ୟ ଏକ ଶ୍ମଶାନଭୂମି ପୁରୁଣା ଦିଲ୍ଲୀର ଲାଲକିଲ୍ଲାରେ ବିଜୟ ପ୍ୟାରେଡ଼ କଲା ପର୍ଯ୍ୟନ୍ତ ଆମମାନଙ୍କ କାର୍ଯ୍ୟ ଚାଲୁ ରହିଥିବ ।"୪

୧୯୪୩ ମସିହା ଅଗଷ୍ଟ ୨୬ ତାରିଖ ଦିନ ସୁଭାଷ ଚନ୍ଦ୍ର ବୋଷ ଆଜାଦ୍ ହିନ୍ଦ୍ ଫୌଜର ସର୍ବୋଚ୍ଚ ସେନାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲେ । ଏହି ଦାୟିତ୍ୱ ଗ୍ରହଣ କଲା ବେଳେ ସେ ନିଜକୁ ୩୮ କୋଟି ବିଭିନ୍ନ ଧର୍ମାବଲମ୍ବୀ ଭାରତୀୟମାନଙ୍କର ସେବକ ବୋଲି ଘୋଷଣା କଲେ ଏବଂ ସମ୍ପୂର୍ଣ୍ଣ ଜାତୀୟତା ଏବଂ ନ୍ୟାୟ ଭିତ୍ତିରେ ଏହି ବାହିନୀ ଗଠିତ ହେବ ବୋଲି ପ୍ରତିଶ୍ରୁତି ଦେଲେ । ୧୯୪୩ ମସିହା ଅକ୍ଟୋବର ୨୧ ତାରିଖ ଦିନ ସିଙ୍ଗାପୁରଠାରେ ସେ ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାରର ପ୍ରତିଷ୍ଠା ଘୋଷଣା କଲେ ଏବଂ ନିଜେ ଏହି ସରକାରର ମୁଖ୍ୟ ଭାବେ ଶପଥ ଗ୍ରହଣ କଲେ । ଶପଥ ଗ୍ରହଣ କଲା ବେଳେ ପୁଣି ଥରେ ନିଜକୁ ଭାରତର ସେବକ ବୋଲି ଘୋଷଣା କଲେ । ତାଙ୍କ ସହିତ ଆଜାଦ୍ ହିନ୍ଦ୍ ସରକାରର ମନ୍ତ୍ରୀମାନେ ଶପଥ ଗ୍ରହଣ କଲେ ଏବଂ ଈଶ୍ୱରଙ୍କ ନାମରେ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତି ଆନୁଗତ୍ୟ ଘୋଷଣା କଲେ । ଆଜାଦ୍ ହିନ୍ଦ୍ ସରକାର ଜାପାନ, ଜର୍ମାନୀ, ଇଟାଲୀ, କ୍ରୋଟିଆ, ବ୍ରହ୍ମଦେଶ, ଥାଇଲାଣ୍ଡ, ଫିଲିପାଇନ୍ସ ଏବଂ ମାଞ୍ଚୁରିଆଠାରୁ କୂଟନୈତିକ ସ୍ୱୀକୃତି ପାଇଲା । ୧୯୪୩ ମସିହା ନଭେମ୍ବର ମାସରେ ଜାପାନ ସରକାର ଆଜାଦ୍ ହିନ୍ଦ୍ ସରକାରଙ୍କୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଦୁଇଟି ହସ୍ତାନ୍ତର କଲେ । ଡିସେମ୍ବର ମାସରେ ସୁଭାଷ ଚନ୍ଦ୍ର ବୋଷ ଏହି ଦୁଇଟି ଦ୍ୱୀପପୁଞ୍ଜ ପରିଦର୍ଶନରେ ଗଲେ ଏବଂ ଯଥାକ୍ରମେ ଏହାର ନାମ 'ଶହୀଦ୍' ଓ 'ସ୍ୱରାଜ' ରଖିଥିଲେ ।

ଇତି ମଧ୍ୟରେ ସୁଭାଷ ଚନ୍ଦ୍ର ବୋଷ ଦକ୍ଷିଣପୂର୍ବ ଏସିଆରେ ଅଟକି ଥିବା ଯୁଦ୍ଧବନ୍ଦୀ ଏବଂ ଭାରତୀୟ ବାସିନ୍ଦାମାନଙ୍କୁ ଇଂରେଜ ସରକାର ବିରୋଧରେ ସଂଗଠିତ କରିବାରେ ଲାଗିପଡ଼ିଲେ । ଭାରତୀୟ ବାସିନ୍ଦାମାନେ ଆଜାଦ୍ ହିନ୍ଦ୍ ସରକାରଙ୍କୁ ଯଥା ସମ୍ଭବ ଅର୍ଥଦାନ କଲେ । ଆଜାଦ୍ ହିନ୍ଦ୍ ବାହିନୀ ଗଠନ ପାଇଁ ନିଯୁକ୍ତି ଏବଂ ତାଲିମ ବିଭାଗମାନ ଖୋଲାଗଲା ଛଅ ମାସର କଠୋର ତାଲିମ ପରେ ନିର୍ବାଚିତ ପ୍ରାର୍ଥୀମାନଙ୍କୁ ଆଜାଦ୍ ହିନ୍ଦ୍ ବାହିନୀରେ ସାମିଲ କରାଯାଉଥିଲା । ନାରୀମାନଙ୍କ ପାଇଁ ଝାନ୍ସୀ ରାଣୀଙ୍କ ନାମରେ ଏକ ସ୍ୱତନ୍ତ୍ର ରେଜିମେଣ୍ଟ ଖୋଲାଗଲା । ଧର୍ମନିରପେକ୍ଷତା ଏବଂ ଅସାମ୍ପ୍ରଦାୟିକତା ନୀତିରେ ଆଜାଦ୍ ହିନ୍ଦ୍ ସରକାର ପରିଚାଳିତ ହେଲା । ହିନ୍ଦୁ, ମୁସଲମାନ ଓ ଶିଖ୍‌ମାନେ ଏବଂ ବିଭିନ୍ନ ଭାଷାଭାଷୀ ଲୋକେ ଜାତୀୟ ଲକ୍ଷ୍ୟ ହାସଲ ପାଇଁ ସହଯୋଗିତା ଭିତ୍ତିରେ କାର୍ଯ୍ୟ କଲେ ।

ସୁଭାଷ ଚନ୍ଦ୍ର ବୋଷ ଆଜାଦ୍ ହିନ୍ଦ୍ ସରକାର ଏବଂ ବାହିନୀର କର୍ମଚାରୀ ଏବଂ ଭାରତୀୟ ବାସିନ୍ଦାମାନଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହେଲେ ଏବଂ ସମସ୍ତେ ତାଙ୍କୁ ସ୍ୱତଃ 'ନେତାଜୀ' ବୋଲି ସମ୍ବୋଧନ କଲେ । ତାଙ୍କର ଲୋକପ୍ରିୟତା ସମ୍ବନ୍ଧରେ ଜଣେ ଇଂରେଜ କର୍ମଚାରୀ ଲେଖିଛନ୍ତି :

"ଆଜାଦ୍ ହିନ୍ଦ୍ ବାହିନୀର ସବୁ ସ୍ତରରେ ସୁଭାଷ ଚନ୍ଦ୍ର ବୋଷଙ୍କ ବ୍ୟକ୍ତିଗତ ପ୍ରଭାବ ବେଶ୍ ଶକ୍ତିଶାଳୀ ହୋଇଛି । ରେଙ୍ଗୁନ୍‌ରେ ତାଙ୍କ ପ୍ରଭାବକୁ ନ୍ୟୂନ କରିବା ପାଇଁ ସମସ୍ତ ଚେଷ୍ଟା ବିଫଳ ହେଲା ।

... ତାଙ୍କୁ ଜଣେ ସାଧୁ ଏବଂ ଅତି ନିଷ୍ଠାର ନେତା ଭାବେ ... କରି ନେଇଛନ୍ତି । ତାଙ୍କରି ପ୍ରଭାବରେ ଜାପାନ ଅଧିକୃତ ... ପ୍ରାଚ୍ୟରେ ଅନ୍ୟାନ୍ୟ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ତୁଳନାରେ ... ୟମାନଙ୍କର ସମ୍ମାନ ଯଥେଷ୍ଟ ବୃଦ୍ଧି ପାଇଛି । ୫

... ଷ ଚନ୍ଦ୍ର ବୋଷଙ୍କ ବ୍ୟକ୍ତିତ୍ୱ ଏବଂ ପ୍ରଭାବ ସମ୍ପର୍କରେ ଆଜାଦ୍ ... ଫୌଜର ଜଣେ ସେନାପତି ଶାହ ନଓ୍ୱାଜ ଖାଁ ... ନ୍ତି :

... ଙ୍କ ସଂସ୍ପର୍ଶରେ ଆସିଲା ପରଠାରୁ ମୁଁ ଏକ ଅଦ୍ଭୁତ ପ୍ରଭାବ ... କଲି । ତାଙ୍କ ଭିତରେ ମାନବିକତା, ସୈନିକତ୍ୱ ଏବଂ ... ତିଜ୍ଞ ବିଚକ୍ଷଣତା କିପରି ଭାବରେ ମିଶି ରହିଥିଲା ତାହା ... ମଧ ମୁଁ ବୁଝି ପାରୁନାହିଁ । ଗୃହରେ ଥିଲାବେଳେ ତାଙ୍କ ... ମାନବିକତା ପ୍ରଭାବ ବିସ୍ତାର କରୁଥିଲା । ଯୁଦ୍ଧକ୍ଷେତ୍ରରେ ... ଲ ଦୀପ୍ତିମାନ୍ ସୈନିକ ଏବଂ ପରିଷଦ ଓ ସଭା ସମିତିରେ ... ପ୍ରତ୍ୟ ରାଜନୀତିଜ୍ଞ ବିଚକ୍ଷଣତା ଆମ୍ଭମାନଙ୍କୁ ଗଭୀର ... ପ୍ରଭାବିତ କରୁଥିଲା ।" (୭) ତାଙ୍କର ବ୍ୟକ୍ତିତ୍ୱରେ ... ହୋଇ ସୈନିକମାନେ ଇଂରେଜ ସମ୍ରାଟଙ୍କ ପ୍ରତି ... ତ୍ୟକୁ ପାଶୋରି ପକାଇଲେ ।

... ପାନ ସହଯୋଗରେ ସୁଭାଷ ଚନ୍ଦ୍ର ବୋଷ ଆଜାଦ୍ ହିନ୍ଦ୍ ... ର ପ୍ରତିଷ୍ଠା କରିବା ଫଳରେ ଭାରତରେ ଇଂରେଜ ସରକାର ... ତ ହୋଇ ପଡ଼ିଲେ । ଜାପାନୀମାନେ ସୁଭାଷ ଚନ୍ଦ୍ର ... ଙ୍କ ରାଜନୈତିକ ବିଚକ୍ଷଣତା, ଭାରତୀୟ ବିପ୍ଳବୀମାନଙ୍କ ... ର ଲୋକପ୍ରିୟତା ଏବଂ ଇଂରେଜ ଚରିତ୍ର ସମ୍ବନ୍ଧରେ ଅନ୍ତର୍ଦୃଷ୍ଟିର ... ର ନେଇ ଭାରତରେ ଗୁପ୍ତରେ ଲୁଣ୍ଠି ଓ ଲଙ୍କାଭୁଜା କାର୍ଯ୍ୟ ... ପାରନ୍ତି ବୋଲି ଇଂରେଜ ସରକାର ଆଶଙ୍କା କଲେ । ... ନୀମାନେ ମଧ୍ୟ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନଙ୍କୁ ... ଜି କାର୍ଯ୍ୟରେ ନିଯୁକ୍ତ ନ କରି ଗୁପ୍ତରେ ଲୁଣ୍ଠି ଏବଂ ଲଙ୍କାଭୁଜା ... ଯରେ ଲଗାଇବାକୁ ଚାହୁଁଥିଲେ । ଆଜାଦ୍ ହିନ୍ଦ୍ ଫୌଜର ... ମାନେ ପୂର୍ଣ୍ଣପ୍ରାଣରେ ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ ... ଏହା ଜାପାନୀମାନେ ଚାହୁଁ ନଥିଲେ । ଭାରତରୁ ଇଂରେଜ ... ର' ହଟାଇବା ପାଇଁ ଜାପାନୀମାନେ ବହୁତ ଡେରିରେ ... ନ. ଆରମ୍ଭ କଲେ । ୧୯୪୨ ମସିହା ଆରମ୍ଭରେ ... ନୀମାନେ ବ୍ରହ୍ମଦେଶ ଦଖଲ କରିଥିଲେ । ସେତେବେଳେ ... ତ--ବ୍ରହ୍ମଦେଶ ସୀମାନ୍ତରେ ଇଂରେଜମାନଙ୍କର ସାମରିକ ସ୍ଥିତି ... ନ ଥିଲା । ୧୯୪୪ ମସିହା ଆରମ୍ଭରେ ଜାପାନୀମାନେ ... ତ ଅଭିମୁଖେ ଅଭିଯାନ ଆରମ୍ଭ କଲେ । ସେତେବେଳକୁ ... ରେଜମାନେ ପାଲଟା ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇ ... ଥିଲେ । କର୍ଣ୍ଣେଲ୍ ନିରଞ୍ଜନ ସିଂଗିଲ୍ ନାମକ ଆଜାଦ୍ ହିନ୍ଦ୍ ... ଜର ଜଣେ ସାମରିକ କର୍ମଚାରୀ ଲେଖିଛନ୍ତି :

"୧୯୪୨ ମସିହା ମଧ୍ୟଭାଗରୁ ୧୯୪୪ ମସିହା ଆରମ୍ଭ ପର୍ଯ୍ୟନ୍ତ ... ସ ଦୁଇ ବର୍ଷ ଧରି ଜାପାନୀମାନେ କାହିଁକି ବିଳମ୍ବ କଲେ ତାହା ଭବିଷ୍ୟତ ଐତିହାସିକମାନେ ଲିପିବଦ୍ଧ କରିବେ । ...............ବୋଧହୁଏ ଭାରତରେ ପ୍ରବେଶ କରିବା ପାଇଁ ସେମାନେ ପରିକଳ୍ପନା କରି ନଥିଲେ ଏବଂ ଚିଆଙ୍ଗ୍ କାଇସେକ୍‌ଙ୍କ ଚୀନ୍ ସହିତ ମିତ୍ର ପକ୍ଷର ସମ୍ପର୍କ ଛିନ୍ନ କରିବା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାରଣ ପ୍ରାଚ୍ୟରେ ସେମାନଙ୍କର ପ୍ରତିପତ୍ତି ପ୍ରତିଷ୍ଠାରେ ଚୀନ୍ ପ୍ରତିବନ୍ଧକ ସୃଷ୍ଟି କରୁଥିଲା । ବୋଧହୁଏ ସେହି କାରଣରୁ ସେମାନେ ଆଜାଦ୍ ହିନ୍ଦ୍ ବାହିନୀକୁ ଏକ ଲଢୁଆ ବାହିନୀରେ ପରିଣତ କରିବାକୁ ଚାହୁଁ ନଥିଲେ ।" ୮

୧୯୪୪ ମସିହା ଜାନୁୟାରୀ ମାସରେ ଆଜାଦ୍ ହିନ୍ଦ୍ ସରକାରଙ୍କ ମୁଖ୍ୟ କାର୍ଯ୍ୟାଳୟ ରେଙ୍ଗୁନ୍‌କୁ ସ୍ଥାନାନ୍ତରିତ ହେଲା । ଫେବୃୟାରୀ ମାସରେ ଏକ ଲକ୍ଷ ସୁସଜ୍ଜିତ ଜାପାନୀ ସୈନ୍ୟ ଭାରତ ଅଭିଯାନ ଆରମ୍ଭ କଲେ । ସେମାନେ ଆଜାଦ୍ ହିନ୍ଦ୍ ବାହିନୀର ସୈନ୍ୟମାନଙ୍କୁ ଲଢୁଆ ବାହିନୀରେ ସାମିଲ ନ କରି କେବଳ ଗୁପ୍ତରେ କାର୍ଯ୍ୟ ଏବଂ ପ୍ରଚାରରେ ନିଯୁକ୍ତି କରିବା ପାଇଁ ଯୋଜନା କରିଥିଲେ । ଏହା ସୁଭାଷ ଚନ୍ଦ୍ର ବୋଷଙ୍କୁ ବହୁତ ବ୍ୟଥିତ କରିଥିଲା । ସେ କହିଲେ :

"ଜାପାନୀମାନଙ୍କ ତ୍ୟାଗରେ ଯଦି ଭାରତ ସ୍ୱାଧୀନ ହୁଏ ତାହା ଆମ୍ଭ ପାଇଁ ଦାସତ୍ୱଠାରୁ ଅଧିକ ଅପମାନଜନକ ହେବ ।" ୯ ଭାରତର ସ୍ୱାଧୀନତା ଆନ୍ଦୋଳନ ଉପରେ ପ୍ରତିପତ୍ତି ବିସ୍ତାର କରିବା ପାଇଁ ଜାପାନୀମାନଙ୍କର ଉଦ୍ୟମକୁ ପ୍ରତିହତ କରିବା ପାଇଁ ସୁଭାଷ ଚନ୍ଦ୍ର ବୋଷ ଯଥା ସମ୍ଭବ ଚେଷ୍ଟା କରିଥିଲେ । ସେ କହିଲେ ଯେ ଆଜାଦ୍ ହିନ୍ଦ୍ ବାହିନୀର ସୈନ୍ୟମାନେ ନିଜ ଦେଶ ପାଇଁ ରକ୍ତ ଦାନ କରିବେ । ଶେଷରେ ଜାପାନୀମାନେ ଆଜାଦ୍ ହିନ୍ଦ୍ ଫୌଜର ୭୦୦୦ ଜଣ ସୈନ୍ୟଙ୍କୁ ଲଢୁଆ ବାହିନୀରେ ସାମିଲ କଲେ । ସେମାନଙ୍କୁ ଆବଶ୍ୟକୀୟ ଯୁଦ୍ଧ ସରଞ୍ଜାମ ଓ ଅନ୍ୟାନ୍ୟ ସାହାଯ୍ୟ ଠିକ୍ ଭାବରେ ମିଳିଲା ନାହିଁ । ଜାପାନୀମାନେ ଆଜାଦ୍ ହିନ୍ଦ୍ ବାହିନୀକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଶେଷରେ ପ୍ରତାରଣା କଲେ । ମେଜର ଜେନେରାଲ ଶ୍ୱଟାର୍ଜୀ ଆଜାଦ୍ ହିନ୍ଦ୍ ବାହିନୀ ଦୁରବସ୍ଥା ସମ୍ବନ୍ଧରେ ଲେଖିଛନ୍ତି, "ବହୁତ ଚେଷ୍ଟା ସତ୍ତ୍ୱେ ଯେତେବେଳେ ସେମାନେ ବ୍ରହ୍ମଦେଶରେ ପହଞ୍ଚିଲେ ସେମାନଙ୍କ ହାତରେ ନିଜର ଅସ୍ତ୍ରାଗାର କିମ୍ବା କୌଣସି ମୋଟାର (Mortar) ନଥିଲା । ମେସିନ୍ ଗନ୍ (machine gun) ଗୁଡ଼ିକ ମଧ୍ୟମ ଧରଣର ଥିଲା ଏବଂ ବେଲ୍ଟ୍ (belt) ଏବଂ ଅଧିକା କଳକବ୍ଜା (Spare parts) ସେମାନଙ୍କ ପାଇଁ ଦୁଷ୍ପ୍ରାପ୍ୟ ଥିଲା । ଆମର ଗରିଲା ବାହିନୀ ପାଖରେ ବେତାର ଯନ୍ତ୍ରପାତି କିମ୍ବା ଟେଲିଫୋନ୍ ନଥିଲା । ସ୍ଥଳଭୂମିରେ କିମ୍ବା ପାହାଡ଼ ଉପରେ ଅଧିକା ଗୋଳା ବାରୁଦ ବୋହି ନେବା ପାଇଁ ସେମାନଙ୍କୁ transport pack ଦିଆଯାଇ ନଥିଲା । ଭେଷଜ ସାହାଯ୍ୟ ବିଶେଷତଃ ଶଲ୍ୟ ଚିକିତ୍ସାର ଯନ୍ତ୍ରପାତି ଅଳ୍ପମାତ୍ରାରେ ମିଳିଥିଲା । ମାଳୟରେ ବୁଟ୍ ଦୁର୍ଲଭ ଥିବାରୁ ବହୁତ ଲୋକଙ୍କୁ ଖାଲି ପାଦରେ (ଏପରିକି ଜଙ୍ଗଲରେ ଯୁଦ୍ଧ କଲାବେଳେ) ଚାଲିବାକୁ ପଡୁଥିଲା ଏବଂ ଏହାଫଳରେ ସେମାନଙ୍କ ପାଦଗୁଡ଼ିକ ଆଘାତ ପାଉଥିଲା ।" (୧୦) ବହୁତ

ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନେ ଜାପାନୀମାନଙ୍କ ସହିତ ମାଡ଼ି ଚାଲିଲେ । ୧୯୪୪ ମସିହା ମାର୍ଚ୍ଚ ମାସ ୧୮ ତାରିଖ ଦିନ ସେମାନେ ଭାରତ–ବ୍ରହ୍ମଦେଶ ସୀମାନ୍ତରେ ପହଞ୍ଚିଲେ । ତହିଁ ପରଦିନ ସେମାନେ ଭାରତ ଭୂମିରେ ଜାତୀୟ ତ୍ରିରଙ୍ଗା ପତାକା ସ୍ଥାପନ କଲେ । ଜାପାନୀ ସୈନ୍ୟ ବାହିନୀ ସହିତ ଆଜାଦ୍ ହିନ୍ଦ୍ ବାହିନୀର ସୈନ୍ୟମାନେ ନାଗାଲ୍ୟାଣ୍ଡର କୋହିମା ସହର ଏବଂ ମଣିପୁରର ଇମ୍ଫାଲ ସହରରେ ପହଞ୍ଚିଲେ । କିନ୍ତୁ ସୁସଜ୍ଜିତ ଇଂରେଜ ବାହିନୀର ପାଲଟା ଆକ୍ରମଣ ଫଳରେ ସେମାନେ ପଛଘୁଞ୍ଚା ଦେବା ପାଇଁ ବାଧ୍ୟ ହେଲେ । ଉଡ଼ାଜାହାଜ, ଅସ୍ତ୍ରଶସ୍ତ୍ର ଏବଂ ଆବଶ୍ୟକ ଖାଦ୍ୟ ପଦାର୍ଥର ଅଭାବ ହେତୁ ଆଜାଦ୍ ହିନ୍ଦ୍ ବାହିନୀ ଯୁଦ୍ଧ ଚଳାଇ ପାରିଲେ ନାହିଁ । ୧୯୪୪ ମସିହା ମେ ମାସରେ ଜାପାନୀମାନେ ପଛଘୁଞ୍ଚା ଦେଲେ । ଏହି ସମୟରେ ଆଜାଦ୍ ହିନ୍ଦ୍ ବାହିନୀର କେତେକ ସୈନ୍ୟ ଇଂରେଜ ପକ୍ଷରେ ଯୋଗ ଦେଲେ ଏବଂ ଜାପାନୀ ସୈନ୍ୟ ଏବଂ ଆଜାଦ୍ ହିନ୍ଦ୍ ବାହିନୀର ସୈନ୍ୟଙ୍କ ମଧ୍ୟରେ କେତେକ ସ୍ଥାନରେ ସଂଘର୍ଷ ହେଲା ।

ବ୍ରହ୍ମଦେଶରେ ଜାପାନୀମାନେ ଏବଂ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନେ ଏକ ବର୍ଷ ଧରି ଇଂରେଜମାନଙ୍କ ସହିତ ମୁକାବିଲା କରିଥିଲେ ।୧୯୪୫ ମସିହା ଏପ୍ରିଲ ୨୮ ତାରିଖରେ ପ୍ରେମ ସହଗଲ୍ ଆତ୍ମ ସମର୍ପଣ କଲେ । ମେ ୧୭ ତାରିଖରେ ଶାହ ନଓ୍ୱାଜ୍ ଖାଁ ଏବଂ ଗୁରୁବକ୍ସ ସିଂଧିଲନ୍ ଆତ୍ମସମର୍ପଣ କଲେ । ଅଗଷ୍ଟ ୧୫ ତାରିଖରେ ଜାପାନ ମିତ୍ର ପକ୍ଷ ପାଖରେ ଆତ୍ମ ସମର୍ପଣ କଲା । ଅଗଷ୍ଟ ୧୮ ତାରିଖରେ ଫର୍ମୋଜାରେ ଉଡ଼ାଜାହାଜ ଦୁର୍ଘଟଣାରେ ସୁଭାଷ ଚନ୍ଦ୍ର ବୋଷ ପ୍ରାଣ ହରାଇଲେ ।

ଇଂଲଣ୍ଡ ବିରୋଧୀ ଅକ୍ଷ ଶକ୍ତି (Axis) ସହିତ ହାତ ମିଳାଇ ଭାରତକୁ ସୁଭାଷ ଚନ୍ଦ୍ର ବୋଷ ଏକ ସୁଚତୁର କୂଟନୈତିକ ଉଦ୍ୟମ କରିଥିଲେ ବୋଲି କହିଲେ ଭୁଲ ହେବ ନାହିଁ । ହିଟ୍‌ଲରଙ୍କ ଶ୍ୱେତାଙ୍ଗ ଇଂରେଜ ଜାତି ପ୍ରତି ପ୍ରୀତି ଏବଂ ଜାପାନୀମାନଙ୍କ ସନ୍ଦେହ, ଅଧାପନ୍ତରିଆ ସାହାଯ୍ୟ ଏବଂ ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ଗୌଣ କରିବାର ପ୍ରଚେଷ୍ଟା ହେତୁ ତାଙ୍କର ଉଦ୍ୟମ ପ୍ରତ୍ୟକ୍ଷ ଭାବରେ ସଫଳ ହୋଇ ପାରି ନଥିଲା । ଅବଶ୍ୟ ଶକ୍ତିଶାଳୀ ଇଂରେଜ ସରକାରଙ୍କୁ ହଟାଇବା ପାଇଁ ଆଜାଦ୍ ହିନ୍ଦ୍ ଫୌଜ ପାଖରେ ଶକ୍ତି ନଥିଲା । ସେମାନେ ମୁଖ୍ୟତଃ ଜାପାନୀମାନଙ୍କ ସାହାଯ୍ୟ ଉପରେ ନିର୍ଭର କରୁଥିଲେ । ତେଣୁ ଜାପାନର ପରାଜୟ ଫଳରେ ସେମାନଙ୍କ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲା ।

ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଚାଲିଥିଲା ବେଳେ ଇଂରେଜ ସରକାରଙ୍କର ଆଜାଦ୍ ହିନ୍ଦ୍ ଫୌଜ ଗଠନକୁ ଗୋପନୀୟ କରି ରଖିଥିଲେ । କିନ୍ତୁ ୧୯୪୫ ମସିହା ନଭେମ୍ବର ମାସରେ ଲାଲକିଲ୍ଲାରେ ଯେତେବେଳେ ଆଜାଦ୍ ହିନ୍ଦ୍ ସୈନ୍ୟମାନଙ୍କର ବିଚାର ହେଲା ସେତେବେଳେ ସରକାର ଆଜାଦ୍ ହିନ୍ଦ୍ ଫୌଜର ଅସ୍ତିତ୍ୱ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ । ଇଂରେଜ ସମ୍ରାଟଙ୍କ ବିରୋଧରେ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନେ ଯୁଦ୍ଧ ଘୋଷଣା କରି ରାଜଦ୍ରୋହ ଅପରାଧରେ ଲିପ୍ତ ହୋଇଛନ୍ତି ବୋଲି କୁହାଗଲା । ପ୍ରଥମେ ଶାହ୍‌ନଓ୍ୱାଜ ଖାଁ, ପ୍ରେମ ସହଗଲ୍ ଏବଂ ଗୁରୁବକ୍ସ ସିଂ ଧିଲନ୍‌ଙ୍କ ବିଚାର ହେଲା । ଏହି ବିଚାର ବିରୋଧରେ ଲୋକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଲା । ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନଙ୍କୁ ମୁକ୍ତ କରିବା ପାଇଁ ଲୋକେ ଦାବୀ କଲେ । କଲିକତା ମହାନଗରୀରେ ଆଜାଦ୍ ହିନ୍ଦ୍ ବାହିନୀ ସପକ୍ଷରେ ଲକ୍ଷ ଲକ୍ଷ ଜନତା ସ୍ୱର ଉତ୍ତୋଳନ କଲେ । କିଛି ସମୟ ପାଇଁ ଲୋକେ ଭାରତୀୟ ଜାତୀୟ କଂଗ୍ରେସ ଏବଂ ଗାନ୍ଧୀଙ୍କ ଅହିଂସା ଭିତ୍ତିକ ଆନ୍ଦୋଳନକୁ ଭୁଲିଗଲେ ଏବଂ ସୁଭାଷ ଚନ୍ଦ୍ର ବୋଷଙ୍କ ବୀରତ୍ୱପୂର୍ଣ୍ଣ କାର୍ଯ୍ୟର ଭୂୟସୀ ପ୍ରଶଂସା କଲେ । କଲିକତା ଓ ବମ୍ବେରେ ଉତ୍ୟକ୍ତ ଜନତା ଉପରେ ଗୁଳିଚାଳନା ଫଳରେ ପଚାଶ ଜଣ ଲୋକ ପ୍ରାଣ ହରାଇଲେ । ୧୯୪୬ ମସିହା ଜାନୁଆରୀ ୨୩ ତାରିଖ ପର୍ଯ୍ୟନ୍ତ ଲୋକେ ଆନ୍ଦୋଳନ ଚଳାଇ ରଖିଲେ । ସେହି ଦିନ ଥିଲା ସୁଭାଷ ଚନ୍ଦ୍ର ବୋଷଙ୍କର ପଚାଶତମ ଜୟନ୍ତୀ ଦିବସ । ଏହି ଉପଲକ୍ଷେ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତି ଲୋକମାନଙ୍କର ସ୍ୱତଃ ସ୍ଫୂର୍ତ୍ତ ଶ୍ରଦ୍ଧାଞ୍ଜଳିକୁ ସ୍ମରଣ କରି ଅଧ୍ୟାପକ ହିରେନ୍ ମୁଖାର୍ଜୀ ଲେଖିଛନ୍ତି :

"ଦେଶର ସ୍ୱାଧୀନତା ସଂଗ୍ରାମରେ ଏକ ଅଭାବନୀୟ ଭୂମିକା ଗ୍ରହଣ କରିବାରୁ ସୁଭାଷ ଚନ୍ଦ୍ର ବୋଷ ଲୋକମାନଙ୍କ ହୃଦୟକୁ ଅଧିକାର କରି ନେଇଥିଲେ । ଇତିହାସରେ ସୁଭାଷ ଚନ୍ଦ୍ର ବୋଷଙ୍କର ଭୂମିକା ସମ୍ବନ୍ଧରେ ଭବିଷ୍ୟତ ଯାହା ନିର୍ଣ୍ଣୟ କରୁ ପଛେ, ସେଦିନ କିନ୍ତୁ ତାଙ୍କ ପ୍ରତି ଦେଶବାସୀଙ୍କ ଶ୍ରଦ୍ଧା ସୂର୍ଯ୍ୟ କିରଣ ପରି ପ୍ରତିଭାତ ହେଉଥିଲା । ଦେଶ ପାଇଁ ଉତ୍ସର୍ଗୀକୃତ ଏକ ରାଜନୈତିକ ଜୀବନ ପାଇଁ ଏହାଠାରୁ ଅଧିକ ସ୍ୱୀକୃତି ଏବଂ ପୁରସ୍କାର ଆଉ କ'ଣ ହୋଇପାରେ !" ୧୧

ଲୋକମାନଙ୍କ ସହିତ ସ୍ୱର ମିଳାଇ ଜାତୀୟ କଂଗ୍ରେସର ନେତାମାନେ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବା ପାଇଁ ଇଂରେଜ ସରକାରଙ୍କୁ ନିବେଦନ କଲେ । ୧୯୪୫ ମସିହା ଅଗଷ୍ଟ ୧୯ ତାରିଖ ଦିନ ପଣ୍ଡିତ ଜବାହରଲାଲ ନେହେରୁ ନିମ୍ନଲିଖିତ ମନ୍ତବ୍ୟ ଦେଇଥିଲେ :

"ବର୍ତ୍ତମାନ ବହୁ ସଂଖ୍ୟାରେ ଆଜାଦ୍ ହିନ୍ଦ୍ ବାହିନୀର ସୈନିକ ଏବଂ ଅଫିସରମାନେ ବନ୍ଦୀ ହୋଇଛନ୍ତି । କେତେଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି । ଯେକୌଣସି ସମୟରେ ଏ ଭଳି ଲୋକମାନଙ୍କ ପ୍ରତି କଠୋର ବ୍ୟବହାର ଦୋଷାବହ ହୋଇଥାନ୍ତା । କିନ୍ତୁ ବର୍ତ୍ତମାନ ଏକ ବିରାଟ ପରିବର୍ତ୍ତନ ଆସନ୍ନ ହେଉଥିବା ଛଳେ ସେମାନଙ୍କୁ ସାଧାରଣ ବିଦ୍ରୋହୀ ଭଳି ବ୍ୟବହାର କରିବା ମସ୍ତବଡ଼ ଭୁଲ ହେବ ଏବଂ ଏହାର ଫଳ ସୁଦୂରପ୍ରସାରୀ ହେବ । ସେମାନଙ୍କ ପ୍ରତି ଦଣ୍ଡ ବାସ୍ତବରେ ସାରା ଭାରତ ପାଇଁ

ବିଧା ସତ୍ତ୍ୱେ ଦଣ୍ଡ ସଦୃଶ ପରିଗଣିତ ହେବ ଏବଂ ଅଗଣିତ ତୀଙ୍କ ହୃଦୟରେ ଆଘାତ ସୃଷ୍ଟି କରିବ ।" ୧୨ ଆଜାଦ୍ ହିନ୍ଦ୍ ଜ ସପକ୍ଷରେ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ ଇଂରେଜ କାରଙ୍କୁ ଲେଖିଥିଲେ :

"ଅସ୍ତ୍ରଶସ୍ତ୍ର ଧାରଣକାରୀ ବ୍ୟକ୍ତିମାନଙ୍କର ସାହସ ଓ ଦେଶପ୍ରେମ ମୁଁ କେବେହେଲେ ଆଖି ବୁଜି ଦେଇ ନଥିଲି । ଏ କ୍ଷେତ୍ରରେ ା ହିଁ ହୋଇଛି । ବିଭିନ୍ନ ଶ୍ରେଣୀର ଭାରତୀୟ ଲୋକଙ୍କର ସର୍ବ ସମ୍ମତ ମତକୁ ସରକାର ଏଡ଼ାଇ ଦେଇ ପାରିବେ କି ? ର ସମ୍ମୁଖୀନ ଏହି ଲୋକମାନଙ୍କୁ ଭାରତ ଶ୍ରଦ୍ଧା ପ୍ରଦର୍ଶନ ଛି । ସରକାରଙ୍କ ପାଖରେ ନିଶ୍ଚିତ ଭାବରେ ଅସୀମ ଶକ୍ତି ଛି । କିନ୍ତୁ ଭାରତର ସାର୍ବଜନୀନ ମତ ବିରୋଧରେ ସେହି ର ପ୍ରୟୋଗ କ୍ଷମତାର ଅପବ୍ୟବହାର ରୂପେ ଗୃହୀତ ହେବ । କରିବା ଉଚିତ୍ ତାହା ମୁଁ କହିବା ପାଇଁ ଚାହେଁ ନାହିଁ । କିନ୍ତୁ ା କରାଯାଉଛି ତାହା ଠିକ୍ ନୁହେଁ ବୋଲି ମୁଁ ଛି ।" ୧୩

ଆଜାଦ୍ ହିନ୍ଦ୍ ବନ୍ଦୀମାନଙ୍କର ବିଚାର ଏକ ନାଟକୀୟ ପରିସ୍ଥିତି କଲା । ଭାରତୀୟ ଲୋକମାନଙ୍କର ଇଚ୍ଛାଶକ୍ତି ଏବଂ ରେଜ ସରକାରଙ୍କ ଇଚ୍ଛାଶକ୍ତି ମଧ୍ୟରେ ଏକ ସଂଘର୍ଷ ଲାଗିଲା । ତୀୟ କଂଗ୍ରେସ ଆଜାଦ୍ ହିନ୍ଦ୍ ବନ୍ଦୀମାନଙ୍କୁ ଆଇନଗତ ସମର୍ଥନ ବା ପାଇଁ ଏକ ଆଇନଜ୍ଞ କମିଟି ଗଠନ କଲା । ଏହି ଟିରେ ଭୁଲାଭାଇ ଦେଶାଇ ସାର୍ ତେଜ୍ ବାହାଦୁର ସାପ୍ରୁ, ପଣ୍ଡିତ ାହାରଲାଲ ନେହେରୁ ଏବଂ ଡଃ କୈଳାସ ନାଥ କାଟଜୁ ଆଦି ଆଇନଜ୍ଞମାନେ ଅନ୍ତର୍ଭୁକ୍ତ ହେଲେ । ଫଳରେ ଇଂରେଜ କାର କୋହଳ ମନୋଭାବ ଦେଖାଇବା ପାଇଁ ବାଧ୍ୟ ହେଲେ ଂ ବହୁତ ବନ୍ଦୀ କଠୋର ଦଣ୍ଡରୁ ମୁକ୍ତି ପାଇଲେ ।

ଆଜାଦ୍ ହିନ୍ଦ୍ ଫୌଜ ଗଠନ ଆଜାଦ୍ ହିନ୍ଦ୍ ବନ୍ଦୀମାନଙ୍କର ବିଚାର ରୋଧରେ ତୀବ୍ର ଜନପ୍ରତିକ୍ରିୟା ଏବଂ ୧୯୪୬ ମସିହାରେ ୀବାହିନୀରେ ବିଦ୍ରୋହ ଫଳରେ ଇଂରେଜ ସାମ୍ରାଜ୍ୟର ମୂଳଦୁଆ ହଲିଗଲା । ଭାରତୀୟ ଜନତା ଓ ସୈନ୍ୟବାହିନୀଙ୍କର ଇଂରେଜ ସରକାର ପ୍ରତି ଆନୁଗତ୍ୟ ନାହିଁ ବୋଲି ଇଂରେଜମାନେ ବୁଝିପାରିଲେ । ହାଗ୍ ଟୟ (Hugh Toye)ଙ୍କ ମତରେ ଆଜାଦ୍ ହିନ୍ଦ୍ ଫୌଜର ବିଚାର ଭାରତର ସ୍ୱାଧୀନତା ପ୍ରସଙ୍ଗକୁ ଏକ ଜରୁରୀ ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟାପାରରେ ପରିଣତ କଲା । ୧୪

ଟୀକା :

1. Girija K. Mookerjee, *Subash Chandra Bose* ( ew Delhi,1984), Appendices ପୃଷ୍ଠା : ୧୭୨–୧୭୮ ।
2. R. C. Majumdar, *History of Freedom Movement in India*, Vol. III (Calcutta 1988). ପୃଷ୍ଠା–୫୮୨ ।
3. Hugh Toye, *The Springing Tiger*, (Bombay 1984) Appendix-I, ପୃଷ୍ଠା–୧୯୮ ।
4. Mookerjee, Op. Cit. Appendices, ପୃଷ୍ଠା–୧୩୫–୧୩୭
5. icholas Mansergh, (ed.), *Transfer of Power* Vol. VI, Military ote, 20 July 1945.
6. Toye, Op. Cit., ପୃଷ୍ଠା–୧୭୮
7. Mansergh (ed.) Op. Cit., Recent Activities of Subhas Chandra Bose, dated 14th July 1943.
8. Colonel aranjan Singh Gill, *Story of the I A* ( ew Delhi 1985) ପୃଷ୍ଠା–୬୨–୬୩ ।
9. Majumdar, Op. Cit., ପୃଷ୍ଠା–୪୧୧
10. Singh Gill, Op. Cit., ପୃଷ୍ଠା–୬୧–୬୨
11. Hiren Mukherjee, *Bow of Burning Gold : A Study of Subhas Chandra Bose*, ( ew Delhi 1977). ପୃଷ୍ଠା–୧–୨ ।
12. Quoted in Singh Gill, Op. Cit., ପୃଷ୍ଠା–୨୪
13. Mansergh (ed.), Op. Cit., ପୃଷ୍ଠା–୪୧୮ Letter from M. K. Gandhi to Sir E. Ienkins, dated 29th October 1945.
14. Quoted in Singh Gill, Op. Cit., ପୃଷ୍ଠା–୨୯–୩୦

ପ୍ରାଧ୍ୟାପକ, ଇତିହାସ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ମୁଁ ଆପଣମାନଙ୍କ ନିକଟରେ ପ୍ରତିଜ୍ଞା କରୁଛି ଯେ ଅନ୍ଧକାର ଓ ଆଲୋକରେ, ଆନନ୍ଦ ଓ ଦୁଃଖରେ ଏବଂ ପରାଜୟ ଓ ବିଜୟ ମଧ୍ୟରେ ସବୁବେଳେ ମୁଁ ଆପଣମାନଙ୍କ ପାଖରେ ରହିବି । ବର୍ତ୍ତମାନ ମୁଁ ଆପଣମାନଙ୍କୁ କ୍ଷୁଧା, ତୃଷା, ଯନ୍ତ୍ରଣା ଓ ମୃତ୍ୟୁ ବ୍ୟତୀତ ଆଉ କିଛି ଦେଇ ପାରୁ ନାହିଁ । ଆମମାନଙ୍କ ଭିତରୁ କିଏ କିଏ ସ୍ୱାଧୀନ ଭାରତ ଦେଖିବାକୁ ବଞ୍ଚି ରହିବ, ସେଥିରେ କିଛି ଯାଏ ଆସେ ନାହିଁ । ଭାରତ ସ୍ୱାଧୀନ ହେବ ଏବଂ ଆମେ ଭାରତର ସ୍ୱାଧୀନତା ପାଇଁ ଆମର ସର୍ବସ୍ୱ ଦାନ କରିବା, ଏତିକି ଆମ ପକ୍ଷରେ ଯଥେଷ୍ଟ (ସିଙ୍ଗାପୁର : ୧୯୪୩ ଜୁଲାଇ ୪) ।

–ସୁଭାଷ ଚନ୍ଦ୍ର ବୋଷ

# ମୁକ୍ତିପଥର ଅଗ୍ରଦୂତ : ନେତାଜୀ ସୁଭାଷ

ଶ୍ରୀ ଶୌରୀବନ୍ଧୁ କର



ସୁଭାଷ ଚନ୍ଦ୍ରଙ୍କୁ ସମ୍ବୋଧନ କରି ରବୀନ୍ଦ୍ରନାଥ ଲେଖିଥିଲେ, "ତୁମର ରାଷ୍ଟ୍ରିକ ସାଧନାର ଆରମ୍ଭକ୍ଷଣରେ ତୁମକୁ ଦୂରରୁ ଦେଖୁଛି–ଆଜି ତୁମେ ଯେ ଆଲୋକରେ ପ୍ରକାଶିତ ସେଥିରେ ସଂଶୟର ଆବିଳତା ଆଉ ନାହିଁ, ମଧ୍ୟ ଦିନରେ ତୁମର ପରିଚୟ ସୁସ୍ପଷ୍ଟ" ।

"ଦୁଃଖକୁ ତୁମେ ସୁଯୋଗରେ ରୂପାନ୍ତରିତ କରିଛ । ବିଘ୍ନକୁ ସୋପାନରେ କରିଛ । ଯେହେତୁ କୌଣସି ପରାଭବକୁ ତୁମେ ଏକାନ୍ତ ସତ୍ୟ ରୂପରେ ସ୍ୱୀକାର କରି ନାହିଁ । ତାହା ସମ୍ଭବ ହୋଇଛି । ତୁମର ଏହି ସୃଜିକ ଶକ୍ତିକୁ ହିଁ ଦେଶର ଅନ୍ତର ମଧ୍ୟରେ ସଞ୍ଚାରିତ କରି ଦେବାର ସର୍ବାଗ୍ରେ ପ୍ରୟୋଜନ" ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ତିରୋଭାବକୁ ନେଇ ସାମ୍ପ୍ରତିକ ବାଦବିସମ୍ବାଦ । ଏବର୍ଷ ନେତାଜୀଙ୍କର ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ସେହି ମହାନ୍ ପୁରୁଷ, ସ୍ୱାଧୀନତା ସଂଗ୍ରାମର ଅନବଦ୍ୟ ଯୋଦ୍ଧାଙ୍କ ସମ୍ପର୍କରେ ଇତିହାସ ପୃଷ୍ଠାରୁ କିଛି ଖୋଜି ବାହାର କରିବାର ଆବଶ୍ୟକତା ରହିଛି । କାରଣ ତାଙ୍କ ମୃତ୍ୟୁର ଦୀର୍ଘ ୫୦ ବର୍ଷ ପରେ ମଧ୍ୟ ସେ ଜନମାନସରେ, ଭାରତର ଜନଗଣଙ୍କ ନିକଟରେ ପ୍ରିୟ ହୋଇ ରହିଛନ୍ତି । ସେହି ଅମଳୀନ ପ୍ରତିଭା ଏବେ ବି ତରୁଣମାନଙ୍କର ସ୍ୱପ୍ନ ଓ ଆଶାର ଆଲୋକ ।

"ଚାଲ, ଇତିହାସ ସୃଷ୍ଟି କରିବା, ତାକୁ ଅନ୍ୟ କେହି ଲେଖୁ ।" ଏ ଥିଲା ନେତାଜୀଙ୍କର ଉକ୍ତି । ସେ ସେହି ଉକ୍ତିକୁ ଯଥାର୍ଥରେ ସାର୍ଥକ୍ କରିଛନ୍ତି । ଛାତ୍ରଅବସ୍ଥାରୁ ଶ୍ରୀ ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଓ ଜୀବନୀରେ ଉଦ୍‌ବୁଦ୍ଧ ହୋଇ ସୁଭାଷ ବୋଷ ଜାତି ପାଇଁ, ଦେଶ ପାଇଁ, ମାନବତା ପାଇଁ ଯେଉଁ ମହାନ୍ ତ୍ୟାଗ କରି ଯାଇଛନ୍ତି, ସେବା ଓ ତ୍ୟାଗକୁ ଯେପରି ଜୀବନର ବ୍ରତ ଭାବେ ଗ୍ରହଣ କରି ତରୁଣ ସମ୍ପ୍ରଦାୟକୁ ସେହି ମନ୍ତ୍ରରେ ଦୀକ୍ଷିତ କରିବାର ପ୍ରୟତ୍ନ କରିଛନ୍ତି, ସେଥି ପାଇଁ ସେ ଆଜି ଆମ୍ଭମାନଙ୍କର ପ୍ରିୟ ଏବଂ ସେହି ହେତୁ କବିଗୁରୁ ରବୀନ୍ଦ୍ରନାଥଙ୍କର ଉପରୋକ୍ତ ଉକ୍ତି, "ତୁମର ଏହି ସୃଜିକ ଶକ୍ତିକୁ ହିଁ ଦେଶର ଅନ୍ତର ମଧ୍ୟରେ ସଞ୍ଚାରିତ କରି ଦେବାର ସର୍ବାଗ୍ରେ ପ୍ରୟୋଜନ" ଏହା ଯଥାର୍ଥ ।

ସୁଭାଷ ବୋଷ ଇତିହାସ ସୃଷ୍ଟି କରିଛନ୍ତି । ଛାତ୍ର ଜୀବନର ଚରମ ସାଫଲ୍ୟ ସିଭିଲ ସର୍ଭିସ ପରୀକ୍ଷାରେ ଚତୁର୍ଥସ୍ଥାନ ଅଧିକାର କରିବା ପରେ ତାଙ୍କ ମନରେ ଉଠିଥିଲା ପ୍ରଶ୍ନ । ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ସେ କ'ଣ ବ୍ରିଟିଶ ସରକାରଙ୍କର ଗୋଲାମ ଭାବେ ନିଜକୁ ଦାସତ୍ୱ ଶୃଙ୍ଖଳରେ ବାନ୍ଧି ପକାଇବେ ନା ଦେଶସେବା ରୂପକ ବ୍ରତରେ ନିଜକୁ ହଜାଇଦେବେ ? ଏ ଜଟିଳ ପ୍ରଶ୍ନରେ ଆନ୍ଦୋଳିତ ହୋଇ ଉଠିଥିଲା ତାଙ୍କର ମନ । ସେ ବଙ୍ଗଦେଶର ଅପ୍ରତିଦ୍ୱନ୍ଦ୍ୱୀ ନେତା ଚିତ୍ତରଞ୍ଜନ ଦାସ ସାଧାରଣରେ ପରିଚିତ ଦେଶବନ୍ଧୁ ସି.ଆରଙ୍କୁ କଂଗ୍ରେସ ସମ୍ପର୍କରେ, କଂଗ୍ରେସର ଆଦର୍ଶ, କାର୍ଯ୍ୟଧାରା ଓ ଆଗାମୀ କାର୍ଯ୍ୟପନ୍ଥା ଇତ୍ୟାଦି ଜାଣିବାକୁ ଓ ସେ ଭବିଷ୍ୟତରେ କ'ଣ କରିବେ ସେ ବିଷୟରେ ମତାମତ ଦେବାକୁ ଚିଠି ଲେଖିଥିଲେ ।

ଚିତ୍ତରଞ୍ଜନ ଦାସ ତାଙ୍କ ପତ୍ରର ଉତ୍ତରରେ ଲେଖିଥିଲେ, "ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଜୀବନ୍ୟାସ ଦେବାକୁ ହେଲେ ନିଷ୍ଠାପର କର୍ମୀ ଓ ତ୍ୟାଗନିଷ୍ଠ କର୍ତ୍ତବ୍ୟର ଚରମ ଆବଶ୍ୟକତା ରହିଛି । ତମେ ମାତୃଭୂମିକୁ ଫେରି ଆସିଲେ ତାହା ଅନୁଭବ କରିପାରିବ । ସହିଷ୍ଣୁତା ଓ ସଦ୍‌ଭାବନାହିଁ ଏକାନ୍ତ କାମ୍ୟ" ।

"ସିଆରଙ୍କ ଏହି ପତ୍ର ତାଙ୍କ ମାନସିକ ଉଦ୍‌ବେଳନକୁ ସ୍ଥିର ସିଦ୍ଧାନ୍ତରେ ରୂପାୟିତ କରିଥିଲା । ସ୍ୱାମୀ ବିବେକାନନ୍ଦଙ୍କ ଭାବନାର ଏକନିଷ୍ଠ ସାଧକ ସୁଭାଷ ପିତାଙ୍କର ଦୃଷ୍ଟିଭଙ୍ଗୀ ମଧ୍ୟରେ ବାନ୍ଧି ହୋଇ ରହିବାକୁ ପସନ୍ଦ କଲେନାହିଁ । ସେ ଯେ ସିଭିଲ୍ ସର୍ଭିସ ପରି ଉଚ୍ଚତମ ପଦବୀକୁ ତୁଚ୍ଛ କରି ସୃଷ୍ଟି କରିବେ ଇତିହାସ । ସେହିପରି ତରୁଣମାନଙ୍କୁ ଆକୃଷ୍ଟ କରିବେ ଦେଶ

ସେବା ପାଇଁ । ସେ ସିଭିଲ ସର୍ଭିସରୁ ଇସ୍ତଫା ଦେବାକୁ
ଗ୍ରହଣ କଲେ । ତାଙ୍କ ମନଭିତରେ ଜାଗିଉଠିଲା,
ତଥା ଆଧାସିକ ଅଭିଳାଷ ତୁଳନାରେ ସିଭିଲ ସର୍ଭିସର
କ ସୁଯୋଗ ଲୋଭନୀୟ ନୁହେଁ" । "ଯଦି ଚିତ୍ତରଞ୍ଜନ
ଙ୍କର ପରିଣତ ବୟସରେ ସର୍ବସ୍ୱ ତ୍ୟାଗକରି ଅନିଶ୍ଚିତ
କୁ ଦେଶସେବା ପାଇଁ ବରଣ କରି ପାରିଲେ, ତାହାହେଲେ
ରି ଜଣେ ଉଦୀୟମାନ ଯୁବକ, ଯାହାର କୌଣସି
କ ବନ୍ଧନ ନାହିଁ, ସେ ଏଥି ପାଇଁ ଅଧିକ ସାମର୍ଥ୍ୟ ପ୍ରକାଶ ନ
ବାହିବି ?"

୧ ଜୁଲାଇ ୨୮ ତାରିଖରେ ସୁଭାଷ ଭାରତ ଫେରି ଆସି
କୁ ସାକ୍ଷାତ କଲେ । ଭାରତର ରାଜନୈତିକ ଦିଗପନ୍ତରେ
ର ନୂତନ ସୂତ୍ରପାତ ହେବାକୁ ଲାଗିଥାଏ । ମହାତ୍ମା
ନେତୃତ୍ୱରେ କଂଗ୍ରେସ ତା'ର ଅଭିମୁଖ୍ୟରେ ପରିବର୍ତ୍ତନ
। କଂଗ୍ରେସ ଯେଉଁ ଅସହଯୋଗ ଆନ୍ଦୋଳନ ପନ୍ଥା
କରିଛି, ତାହାଦ୍ୱାରା ଭାରତରୁ କିପରି ଇଂରେଜ ଶାସକ
ତ ଏହା ତାଙ୍କ ମନରେ ସନ୍ଦେହ ସୃଷ୍ଟି କରିଥାଏ ।
ଙ୍କ ନିର୍ଦ୍ଦେଶରେ ସେ କଲିକତାରେ ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ
ଆଲୋଚନା କଲେ । ଅହିଂସା ମାଧ୍ୟମରେ ଦୁର୍ଦ୍ଧର୍ଷ
ଜାତିକୁ ଭାରତଭୂମିରୁ ହଟାଇ ଦିଆଯାଇପାରିବ, ତାହାକୁ
ଦୟରେ ଗ୍ରହଣ କରି ପାରିଲେ ନାହିଁ । ଶକ୍ତି ପାଇଁ ଶକ୍ତି
ଏହା ତାଙ୍କର ବିଶ୍ୱାସ ଥିଲେ ବି ସେ ଚିତ୍ତରଞ୍ଜନଙ୍କର
ଣ, ଗାନ୍ଧିଜୀଙ୍କର ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଜାତୀୟ
ନରେ ଯୋଗ ଦେଲେ । ମତଭିନ୍ନ ହେଲେହେଁ ରାସ୍ତା ତ
ଗୋଟିଏ । ସମସ୍ତଙ୍କର ଲକ୍ଷ୍ୟ ଭାରତର
ତା ।

ରେଜ ସରକାର ବିରୁଦ୍ଧରେ ଆଇନ୍ ଅମାନ୍ୟ ଆନ୍ଦୋଳନ,
ୀ ବସ୍ତ୍ର ବର୍ଜନ, ଶିକ୍ଷାନୁଷ୍ଠାନ ତ୍ୟାଗ ଇତ୍ୟାଦି କାର୍ଯ୍ୟ
ବାବେଳେ ପ୍ରିନ୍ସ ଅଫ୍ ୱେଲସ୍‌ଙ୍କ ଭାରତ ଆଗମନ
ରେ ଅସହଯୋଗ ଆନ୍ଦୋଳନକୁ ସକ୍ରିୟ କରିବାକୁ ହେବ,
ସ ନେତୃତ୍ୱର ଏହି ସିଦ୍ଧାନ୍ତକୁ କଲିକତାରେ ଦେଶବନ୍ଧୁ
ଜନ ଓ ସୁଭାଷଙ୍କ ନେତୃତ୍ୱରେ ଅସଂଖ୍ୟ ଲୋକ କାର୍ଯ୍ୟକାରୀ
। ୧୯୨୧ ଡିସେମ୍ବର ୧୦ ତାରିଖରେ ପ୍ରଥମଥର ପାଇଁ
ବରଣ କଲେ । ଅନ୍ୟାୟକୁ ବରଦାସ୍ତ ନକରି, ଅନ୍ୟାୟ
ରେ ଲଢ଼ି ଜେଲ ଯିବା, ଦଣ୍ଡ ଭୋଗ କରିବା ଏହାହିଁ ବଡ଼
ଏହା ସେ ଅନୁଭବ କଲେ ।

ାରମ୍ଭ ହେଲା ସଂଗ୍ରାମୀ ଜୀବନର ବିପଦପୂର୍ଣ୍ଣ ଶଙ୍କାକୁଳ
। ଉତ୍ତରପ୍ରଦେଶର ଚୌରୀଚୌରାଠାରେ ଅହିଂସା
ଳନ ହିଂସାର ରୂପନେଲା । ବ୍ୟାପକ ପୋଡ଼ାଜଳା,
ଲୁଣ୍ଠନ, ହିଂସାକାଣ୍ଡ ଇତ୍ୟାଦି ସଂଘଟିତ ହେଲା । ଅସହଯୋଗ
ଳନର ବିଫଳତାରେ ଗାନ୍ଧିଜୀ ମର୍ମାହତ ହେଲେ । ତାଙ୍କୁ
ୀ କରାଗଲା । ସୁଭାଷ କାରାଗାରରୁ ଫେରି ବଙ୍ଗଳା ଦୈନିକ
ଳା "ବଙ୍ଗଳାର କଥା"ର ସମ୍ପାଦନା ଦାୟିତ୍ୱ ନେଲେ ।

ଚିତ୍ତରଞ୍ଜନ କଲିକତା କର୍‌ପୋରେସନ୍‌ର ମେୟର ଥିବାବେଳେ, ସୁଭାଷ ତାଙ୍କର ସେକ୍ରେଟାରୀ ଥିଲେ । ସେହି ସମୟରେ ବ୍ରିଟିଶ ସରକାର ଏକ ଷଡ଼ଯନ୍ତ୍ର ମାମଲାରେ ତାଙ୍କୁ ମିଥ୍ୟାକେଶ୍‌ରେ ପକାଇ ବନ୍ଦୀକଲେ । ପ୍ରାୟ ଅଢ଼େଇ ବର୍ଷ କାରାଗାରରେ ରହିବା ପରେ ତାଙ୍କ ସ୍ୱାସ୍ଥ୍ୟଗତ କାରଣରୁ ମୁକ୍ତ କରି ଦିଆଗଲା ।

ଜେଲ ଭିତରେ ବ୍ରିଟିଶ ସରକାରର ମନମୁଖୀ ଶାସନ ବିରୁଦ୍ଧରେ ବିଦ୍ରୋହ କରିଥିଲେ । କଲିକତାରେ ଇଂରେଜମାନେ ଦୁର୍ଗାପୂଜା ବନ୍ଦ କରି ଦେବାର ବିରୋଧରେ ସେ ଜେଲଭିତରେ ଛ'ସପ୍ତାହ କାଳ ଅନଶନ କରିଥିଲେ । ୧୯୨୫ରେ ଦେଶବନ୍ଧୁଙ୍କର ବିୟୋଗ ଫଳରେ ତାଙ୍କର ଅନ୍ତର ଭାରାକ୍ରାନ୍ତ ହୋଇଥିଲା । ସେ ନିଜର ଜଣେ ମହାନ୍ ନେତା ଓ ଗୁରୁଙ୍କୁ ହରାଇଲେ । ତଥାପି କର୍ତ୍ତବ୍ୟର ଆହ୍ୱାନ ତାଙ୍କର ଗତିପଥକୁ ଶିଥିଳ କରି ପାରିନଥିଲା ।

ସୁଭାଷ ବଙ୍ଗ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ନେଲେ । ସେତେବେଳକୁ ଭାରତରେ ସାଇମନ୍ କମିଶନ ବିରୁଦ୍ଧରେ ଆନ୍ଦୋଳନ ଜେଳି ଉଠିଥାଏ । କଂଗ୍ରେସ ମଧ୍ୟରେ ପ୍ରଛନ୍ନ ଭାବେ ଦକ୍ଷିଣପନ୍ଥୀ ଓ ବାମପନ୍ଥୀ ଏହିପରି ଦୁଇଗୋଟି ଗୋଷ୍ଠୀ ମୁଣ୍ଡଟେକି ଉଠୁଥାନ୍ତି । ସୁଭାଷ ଛାତ୍ରକଂଗ୍ରେସର ସଭାପତି ଭାବେ ନିଯୁକ୍ତି ପାଇଥାନ୍ତି । ମାନ୍ଦ୍ରାଜଠାରେ କଂଗ୍ରେସ ଅଧିବେଶନ ଆରମ୍ଭହେଲା । ସେଠାରେ କଂଗ୍ରେସ ନିଷ୍ପତ୍ତି ନେଲା, "ସ୍ୱାଧୀନତା ଲାଭ ହିଁ କଂଗ୍ରେସର ଏକମାତ୍ର ଦାବୀ, ସ୍ୱରାଜ୍ୟ ଆନ୍ଦୋଳନର ଏକମାତ୍ର ଲକ୍ଷ୍ୟ ।"

୧୯୨୮ ଡିସେମ୍ବରରେ କଂଗ୍ରେସର ଅଧିବେଶନ କଲିକତାଠାରେ ବସିଲା । ସୁଭାଷ ସ୍ୱେଚ୍ଛାସେବୀ ବାହିନୀର ସର୍ବୋଚ୍ଚ କମାଣ୍ଡିଂ ଅଫିସର ଭାବେ ସର୍ବଜନାଦୃତ ହୋଇଥିଲେ । ସେ ସ୍ୱେଚ୍ଛାସେବକମାନଙ୍କୁ ସାମରିକ ଢଙ୍ଗରେ ପ୍ରସ୍ତୁତ କରିଥିଲେ ଓ ସ୍ୱତନ୍ତ୍ର ପୋଷାକରେ ସଜ୍ଜିତ କରିଥିଲେ ଖୁବ୍ ଅଳ୍ପ ସମୟ ମଧ୍ୟରେ ସୁଭାଷ ଚନ୍ଦ୍ର ବୋଷ ଜାତୀୟ ସ୍ତରରେ ଜଣେ ପ୍ରଭାବଶାଳୀ ନେତା ଭାବରେ ପ୍ରତିଷ୍ଠା ଲାଭ କଲେ । ସମଗ୍ର ଦେଶରେ ଯୁବଶକ୍ତି କିପରି ସ୍ୱାଧୀନତା ଆନ୍ଦୋଳନରେ ବ୍ରତୀହେବ ତାହା ହେଲା ତାଙ୍କର ପ୍ରଚେଷ୍ଟା । ସେହି ସମୟରେ ସେ ସର୍ବଭାରତୀୟ ଶ୍ରମିକ କଂଗ୍ରେସର୍ ସଭାପତି ରୂପେ ନିର୍ବାଚିତ ହେଲେ । ସେ ଯୁବଶକ୍ତିକୁ ଆହ୍ୱାନ କରି କହିଥିଲେ, "ଯୁବ ଆନ୍ଦୋଳନ ଏକ ବିପ୍ଳବୀ ପରିସ୍ଥିତିର ଉତ୍କଟତା ଭିତରୁ ଏହାର ସୃଷ୍ଟି । ଭାରତୀୟ ଯୁବଶକ୍ତି, ପୁରାତନ ନେତୃବୃନ୍ଦଙ୍କ ହାତରେ ସମସ୍ତ ଦାୟିତ୍ୱ ଅର୍ପଣ କରିଦେଇ ସେମାନଙ୍କ ଦ୍ୱାରା ମୂକ ପଶୁପରି ପରିଚାଳିତ ହେବାକୁ ପସନ୍ଦ କରେନାହିଁ । ଏକ ନୂତନଭାରତ ଗଠନ ଦିଗରେ ତା'ର ନିଶ୍ଚିତ ଭୂମିକା ରହିଛି । ସେ ସ୍ୱପ୍ନର ଭାରତ ହେବ ସବୁ ଦିଗରୁ ମୁକ୍ତ, ଶକ୍ତିଶାଳୀ ଏବଂ ମହାନ୍ ତଥା ବିରାଟ ।"

ସେ ପୁନରାୟ କହିଥିଲେ, "ବର୍ତ୍ତମାନ 'ସ୍ୱରାଜ' ଲାଭ ପାଇଁ ଯେଉଁ ଆନ୍ଦୋଳନ ଚାଲିଛି, ତାହା ବିଭିନ୍ନ ଚିନ୍ତାଧାରା, ଦାର୍ଶନିକ

ଦୃଷ୍ଟିଭଙ୍ଗୀ, ଆଦର୍ଶ ଓ ନୀତି ଦ୍ୱାରା ପ୍ରଭାବିତ । ଏ ସବୁ ପ୍ରଭାବର ଯୁକ୍ତିଯୁକ୍ତ ସମୀକ୍ଷା ଏକାନ୍ତ ଆବଶ୍ୟକ । ତା' କରାନଗଲେ ବହୁ ପରସ୍ପର ବିରୋଧୀ ଶକ୍ତିର ଆକର୍ଷଣ–ବିକର୍ଷଣ, ବ୍ୟାହାତ ହେବ......., ଏଥିପାଇଁ ଚିନ୍ତା ଓ କାର୍ଯ୍ୟରେ ଆମେ ନୂତନ ଆଭିମୁଖ୍ୟ ଗ୍ରହଣ କରିବାର ଆବଶ୍ୟକତା ରହିଛି ।

ପରାଧୀନ ଭାରତର ଛାତ୍ରଗଣଙ୍କୁ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିବାକୁ ସେ ଲାହୋରଠାରେ ଆହ୍ୱାନ କରିଥିଲେ । ସେ କହିଥିଲେ, "ଆମେ ଯେଉଁ ସ୍ୱାଧୀନତା ପାଇଁ ସଂଗ୍ରାମ ଚଳାଇଛେ, ତାହା ଅନେକାଂଶରେ ରାଜନୈତିକ ବ୍ୟଞ୍ଜନା ଭିତରେ ଅଟକି ଯାଇଛି । ଅନେକ କେବଳ ରାଜନୈତିକ ସ୍ୱାଧୀନତା କଥା ଭାବୁଛନ୍ତି । ସ୍ୱାଧୀନତାର ଅର୍ଥ ତାହା ନୁହେଁ । ସ୍ୱାଧୀନତାର ଅର୍ଥ ସବୁ ଦିଗରୁ ସ୍ୱାଧୀନତା । ବ୍ୟକ୍ତି ସ୍ୱାଧୀନତା, ସାମାଜିକ ସ୍ୱାଧୀନତା, ଧନୀ, ଦରିଦ୍ର, ପୁରୁଷ, ସ୍ତ୍ରୀ, ଶ୍ରେଣୀ ସମ୍ପ୍ରଦାୟ ଏ ପ୍ରତ୍ୟେକର ସ୍ୱାଧୀନତା ସହିତ ରାଜନୈତିକ ସ୍ୱାଧୀନତା ଆମର କାମ୍ୟ । ଆମର ଅଭିଳଷିତ ସ୍ୱାଧୀନତା ଏ ସମସ୍ତ ସ୍ୱାଧୀନତାର ସମବାୟ ପ୍ରକାଶ । ରାଜନୈତିକ ପରାଧୀନତାରୁ ରକ୍ଷା ଆମର ଏକମାତ୍ର କାମ୍ୟ ନୁହେଁ, ତା ସହିତ ସମ୍ପତ୍ତିର ସମବଣ୍ଟନ, ଜାତିଗତ ପ୍ରଥାର ବିଲୋପ, ସାମାଜିକ ବୈଷମ୍ୟ, ସାମ୍ପ୍ରଦାୟିକତାର ଧ୍ୱଂସ ଓ ପ୍ରତ୍ୟେକ ଧର୍ମ ପ୍ରତି ସମ୍ମାନ ଆମ ସ୍ୱାଧୀନତାର ପର୍ଯ୍ୟାୟଭୁକ୍ତ ।"

ଶ୍ରମିକ କଂଗ୍ରେସର ସଭାପତି ଭାବେ ଜୁଲାଇ ୪ ତାରିଖ କଲିକତା ମହା ଅଧିବେଶନରେ ସେ ଶ୍ରମିକମାନଙ୍କର ଉନ୍ନତି ପାଇଁ ଏକ ନୂତନ ଦିଗର ଅଙ୍ଗୁଳିନିର୍ଦ୍ଦେଶ କରିଥିଲେ । ଶ୍ରମ ଶକ୍ତି ହିଁ କୌଣସି ଜାତିର ପ୍ରକୃତ ସମ୍ପଦ । ତାଙ୍କର ଆହ୍ୱାନଥିଲା, "କର ନହେଲେ ମର ।" ଏହାଥିଲା ଅଗଣିତ ସ୍ୱାଧୀନତା ପ୍ରେମୀମାନଙ୍କ ପାଇଁ ପରମ ବାର୍ତ୍ତା ।

ଏ ସମୟରେ ତାଙ୍କର ବିଠଲଭାଇ ପଟେଲଙ୍କ ସହିତ ସାକ୍ଷାତ ହେଲା । ତାଙ୍କର ନୂତନ ବୈପ୍ଳବିକ ଚିନ୍ତାଧାରା ସହିତ ପଟେଲଙ୍କ ଚିନ୍ତାଧାରାର ମେଳଥିବା ହେତୁ ସେମାନଙ୍କର ମିଳିତ ସ୍ୱାକ୍ଷରରେ ଯେଉଁ ଘୋଷଣାନାମା ପ୍ରକାଶିତ ହେଲା, ତାହା ଭାରତୀୟ ନେତୃବୃନ୍ଦଙ୍କ ଚିନ୍ତାଧାରାରେ ନୂତନ ଚମକ ସୃଷ୍ଟି କଲା । ଗାନ୍ଧିଜୀଙ୍କ ପ୍ରଦର୍ଶିତ 'ଅହିଂସା' ଓ ଅସହଯୋଗ ଆନ୍ଦୋଳନ ଉପରେ ଏହା ପ୍ରତ୍ୟକ୍ଷ ଆକ୍ରମଣ ହେତୁ କଂଗ୍ରେସ ନେତୃତ୍ୱ ଚିନ୍ତିତ ହୋଇ ଉଠିଲେ । ସେହି ଘୋଷଣାନାମାରେ କୁହାଯାଇଥିଲା, "ଆମେ ସ୍ପଷ୍ଟ ଭାବରେ ବୁଝାଇ ଦେବାକୁ ଚାହୁଁ ଯେ ମହାତ୍ମା ଗାନ୍ଧୀ ଜଣେ ରାଜନୈତିକ ନେତାଭାବରେ ବିଫଳ ହୋଇଛନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ ଏକ ବୈପ୍ଳବିକ ନୀତି ଓ ନୂତନ ପଦ୍ଧତି ଉପରେ କଂଗ୍ରେସର ପୁନର୍ବିନ୍ୟାସ ଆବଶ୍ୟକ । ଏଥି ପାଇଁ ନେତୃତ୍ୱ ପରିବର୍ତ୍ତନ ମଧ୍ୟ ଲୋଡ଼ା । କାରଣ ମହାତ୍ମା ଗାନ୍ଧୀ ଆଜୀବନ ଗୃହୀତ ନୀତି ବିରୁଦ୍ଧ କୌଣସି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଆଶା କରିବା ସମୀଚୀନ ହେବନାହିଁ ।....... ଅସହଯୋଗ ଆନ୍ଦୋଳନକୁ ସମ୍ପୂର୍ଣ୍ଣଭାବେ ପରିତ୍ୟାଗ କରାଯାଇ ନପାରେ; କିନ୍ତୁ ଅସହଯୋଗର ବର୍ତ୍ତମାନ ରୂପକୁ ପରିବର୍ତ୍ତନ କରାଯାଇ ଅଧିକ ଭାବରେ ସଂଘର୍ଷ ମୂଳକ କରାଯିବ ଏବଂ ସ୍ୱାଧୀନତା ପାଇଁ ସବୁଦିଗରୁ ସଂଗ୍ରାମ ଚାଲୁ ରଖିବାକୁ ହେବ ।"

କଂଗ୍ରେସ ମଧ୍ୟରେ ଏ ଯେଉଁ ନୂତନ ଆଭିମୁଖ୍ୟ ସେ ଥୋଇଲେ, ତାକୁ ବଳବତ୍ତର ଓ ଦୃଢ଼କରିବା ପାଇଁ ୧୯୩୪ ମସିହାରେ ଇଉରୋପ ଗସ୍ତ କରି ସେ ବିଶ୍ୱମାନସରେ ଏକ ଆଲୋଡ଼ନ ସୃଷ୍ଟିକରିବା ଦିଗରେ ସମର୍ଥ ହୋଇଥିଲେ । ୧୯୩୭ରେ ପୁନର୍ବାର ଇଉରୋପ ଯାତ୍ରାରେ ଥିବା ଅବସ୍ଥାରେ ଭାରତୀୟ ଜାତୀୟ କଂଗ୍ରେସର ୫୧ ତମ ସଭାପତି ରୂପେ ନିର୍ବାଚିତ ହୋଇଥିଲେ ।

୧୯୩୮ ଫେବୃୟାରୀ ୧୯ ତାରିଖ ଦିନ ହରିପୁରା କଂଗ୍ରେସ ଅଧିବେଶନରେ ସେ ସଭାପତି ଭାବେ ଯେଉଁ ଭାଷଣ ପ୍ରଦାନ କଲେ ସେଥିରେ ସେ ଖୁବ କଡ଼ାଭାଷାରେ ବ୍ରିଟିଶ ଶାସକଙ୍କୁ ସମାଲୋଚନା କଲେ । ସେ କହିଥିଲେ, "ବ୍ରିଟେନ୍ ତା'ର ସାମ୍ପ୍ରତିକ ଦୋମୁହାଁ ନୀତିକୁ ପରିହାର କରିବା ଉଚିତ । ଆଜି ବିଶ୍ୱରେ ଯେଉଁ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟାସ୍ତ ହୁଏନାହିଁ, ସେହି ବିଶାଳ ସାମ୍ରାଜ୍ୟକୁ ଏହି ଦୁର୍ବଳ ନୀତି ରକ୍ଷା କରି ପାରିବନାହିଁ । "ତାଙ୍କର ସେହି ଅଭିଭାଷଣରେ ସେ ଭାରତର ଅବସ୍ଥା ଓ ତା'ର ନିରାକରଣ ପାଇଁ ଏକ ବିଧିବଦ୍ଧ ଖସଡ଼ା ଉପସ୍ଥାପିତ କରିଥିଲେ । ପରିସଂହାରରେ ସେ କହିଥିଲେ, "ଭାରତର ଏହି ଐତିହାସିକ ସଂଗ୍ରାମ କେବଳ ଭାରତ ପାଇଁ ନୁହେଁ, ବରଂ ସାରା ବିଶ୍ୱର ମାନବ ସମାଜ ପାଇଁ ଅଭିପ୍ରେତ । ଭାରତର ମୁକ୍ତି ଅର୍ଥ ସମଗ୍ର ମାନବ ସମାଜର ମୁକ୍ତି ।"

ହରିପୁରା କଂଗ୍ରେସ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଉଜ୍ଜ୍ୱଳ ଅଧ୍ୟାୟ । ଏହି କଂଗ୍ରେସରେ ସୁଭାଷଙ୍କର ବକ୍ତବ୍ୟରେ ତାଙ୍କ ବୈପ୍ଳବିକ ଭାବନା ପରିସ୍ଫୁଟ । ସେ ପୁନର୍ବାର ସଭାପତି ଭାବେ ନିର୍ବାଚିତ ହେବାକୁ ଚାହୁଁଥିଲେ । ଗାନ୍ଧିଜୀଙ୍କର ଅହିଂସା ମାଧ୍ୟମରେ ପରିବର୍ତ୍ତନ ଓ ସୁଭାଷଙ୍କର ବୈପ୍ଳବିକ ଭାବନା ମଧ୍ୟରେ ନୀତିଗତ ସ୍ତରରେ ଯେଉଁ ବିଭେଦ ସୃଷ୍ଟି ହେଲା, ସେଥିରେ ମହାତ୍ମା ଗାନ୍ଧୀ ପୁନର୍ବାର ସୁଭାଷ ସଭାପତି ହୁଅନ୍ତୁ ଏହା ଚାହୁଁନଥିଲେ । ତେଣୁ ସେ ପଟ୍ଟାଭି ସୀତାରାମାୟାଙ୍କ ନାମ ପ୍ରସ୍ତାବ କଲେ । ଗାନ୍ଧିଜୀଙ୍କର ଏ ପ୍ରକାର ସିଦ୍ଧାନ୍ତ ସୁଭାଷଙ୍କ ମନରେ ଗଭୀର କ୍ଷତ ସୃଷ୍ଟି କଲା ।

୧୯୩୯ ମାର୍ଚ୍ଚ ମାସରେ ତ୍ରିପୁରୀଠାରେ କଂଗ୍ରେସ ଅଧିବେଶନ ହେଲା । ଶାରୀରିକ ଅସୁସ୍ଥତା ସତ୍ତ୍ୱେ ସେଥିରେ ଯୋଗଦେଇ ସୁଭାଷ ବ୍ରିଟିଶ ସରକାର ଛଅମାସ ମଧ୍ୟରେ ଭାରତର ଶାସନ କ୍ଷମତା ହସ୍ତାନ୍ତର କରିବାକୁ ଏକ ଚରମପତ୍ର ଦେବାର ଯୁକ୍ତିକୁ ଅନ୍ୟମାନେ ବିରୋଧ କଲେ । ତ୍ରିପୁରା କଂଗ୍ରେସ ଅଧିବେଶନରେ ସେ ବିଶ୍ୱର ଆନ୍ତର୍ଜାତିକ ପରିସ୍ଥିତି ଭାରତର ସ୍ୱାଧୀନତା ସଂଗ୍ରାମ

ୂକ ଅବସ୍ଥା ସୃଷ୍ଟି କରିଥିବା ହେତୁ ଭାରତବ୍ୟାପୀ ସ ଆନ୍ଦୋଳନ ଓ ସତ୍ୟାଗ୍ରହକୁ ତୀବ୍ରତର କଲେ ମାନେ ଦେଶତ୍ୟାଗ କରିବେ, ସୁଭାଷଙ୍କର ଏହି ଯୁକ୍ତିକୁ ଗାନ୍ଧୀ ଗ୍ରହଣ କରି ପାରିଲେ ନାହିଁ ।

ସ ଭିତରେ ଦକ୍ଷିଣପନ୍ଥୀ ଓ ବାମପନ୍ଥୀମାନଙ୍କ ମଧ୍ୟରେ ର ଶୀତଳ ଯୁଦ୍ଧ ଚାଲିଥିବାବେଳେ ପ୍ରତ୍ୟେକ ମହାତ୍ମା ନେତୃତ୍ୱ ଓ ଆଦର୍ଶରେ କଂଗ୍ରେସ ଚାଲୁବୋଲି ମତ ଲ । କଂଗ୍ରେସର ଅନ୍ତର୍ଦ୍ୱନ୍ଦ୍ୱ ଏହାର ବିପର୍ଯ୍ୟୟର କାରଣ ରେ । ଗାନ୍ଧିଜୀଙ୍କ ପ୍ରତି ତାଙ୍କର ସମ୍ମାନ ବୋଧ ସତ୍ତ୍ୱେ ନୀତିରେ ପରିବର୍ତ୍ତନ କରିନପାରି ସେ କଂଗ୍ରେସ ସଭାପତି ସ୍ତଫା ଦେଲେ ।

ବର୍ଷ କଂଗ୍ରେସ ଦଳଭିତରେ ଫରୱାର୍ଡ଼ବ୍ଲକ ପ୍ରତିଷ୍ଠା ଯୁବ, ଛାତ୍ର, ଶ୍ରମିକ ଓ ବାମପନ୍ଥୀମାନେ ତାଙ୍କୁ ରେ ସାହାଯ୍ୟ କରିବେ ବୋଲି ସେ ଆଶା କରିଥିଲେ । ବ୍ଲକ ଗଠନ କରିବା ମୂଳରେ ଦୁଇଟି ଲକ୍ଷ୍ୟ ଥିଲା । ଷ କଂଗ୍ରେସର ସମସ୍ତ କାର୍ଯ୍ୟକୁ ବୈପ୍ଳବିକ ଢଙ୍ଗରେ ନା କରିବା ଓ ଦ୍ୱିତୀୟରେ ଭାରତରେ ମୁକ୍ତି ପାଇଁ ସମସ୍ତ ତ୍ୱରାନ୍ୱିତ କରିବା । ଏହା ଏକ ରାଜନୈତିକ ଦଳ ନ ଏକ ରାଜନୈତିକ ମଞ୍ଚ ହେବ । କଂଗ୍ରେସ ମଧ୍ୟରେ ଏହି ତିକ ମଞ୍ଚ ପ୍ରଗତିଶୀଳ ଓ ବାମପନ୍ଥୀ ଆଦର୍ଶବିଶ୍ୱାସୀ ଙ୍କ ମଧ୍ୟରେ ସଂହତି ସ୍ଥାପନ କରି ଲକ୍ଷ୍ୟହାସଲ ପାଇଁ କରିବ ।

ୱାର୍ଡ଼ବ୍ଲକ ଗଠନ, ତା'ର ବୈପ୍ଳବିକ ପଦକ୍ଷେପ କଂଗ୍ରେସ ଥିବା ଦକ୍ଷିଣପନ୍ଥୀ ଓ ବାମପନ୍ଥୀଙ୍କ ମଧ୍ୟରେ ବିଭେଦ ା । କଂଗ୍ରେସ ଏକ ବିଭାଜନ ଆଡ଼କୁ ମୁହାଁଇଛି ଏହା ଦ ହୋଇଗଲା । ତା'ର ପରିଣାମ ସ୍ୱରୂପ ସୁଭାଷଙ୍କୁ ମଧ୍ୟରେ କୌଣସି ପଦପଦବୀରେ ରଖାଗଲା ନାହିଁ । ଫରୱାର୍ଡ଼ବ୍ଲକ ପ୍ରତି ଅବଶ୍ୟ ସାଧାରଣ ଜନଗଣଙ୍କର ମିଳିବାକୁ ଲାଗିଥିଲା ଓ ସେଥିରେ ଅନେକ ନେତୃସ୍ଥାନୀୟ ଯୋଗ ଦେଇଥିଲେ । ସୁଭାଷ ବନ୍ଦୀହୋଇ ଜେଲଖାନା ବିଦ୍ରୋହ କଲେ । ସୁଯୋଗରେ ୧୯୩୯ ବରରେ ଯୁଦ୍ଧ ଘୋଷଣା ହେଲା । ଏହା ଥିଲା ଦ୍ୱିତୀୟ ଯୁଦ୍ଧର ଆରମ୍ଭ । ଗାନ୍ଧିଜୀଙ୍କ ସହିତ ତାଙ୍କର ରାଜନୈତିକ ଧାରାରେ ବିରୋଧତା ଥିଲେ ମଧ୍ୟ ସେ ଗାନ୍ଧିଜୀଙ୍କୁ ସମ୍ମାନ କଲେ ଓ ତାଙ୍କୁ ତାଙ୍କର ପ୍ରେରଣାର ଉତ୍ସ ଭାବରେ ଗ୍ରହଣ କଲେ ।

ସୁଭାଷ ଥିଲେ ବିପ୍ଳବୀ । ସେ ବିଶ୍ୱାସ କରୁଥିଲେ ସଶସ୍ତ୍ର ବିପ୍ଳବ ଦ୍ୱାରା ଭାରତରେ ଥିବା ଇଂରେଜ ଶାସକମାନଙ୍କୁ ହଟାଇବା ସମ୍ଭବ ହେବ ଓ ସ୍ୱାଧୀନତା ମିଳିପାରିବ । ସଂଗ୍ରାମୀ ବୀର ବିଶ୍ୱ ଜନମତକୁ ଜାଗ୍ରତକରିବାକୁ, ଜାଣିବାକୁ ଇଚ୍ଛାକରି ଭାରତ ତ୍ୟାଗ କରିବାକୁ ସଂକଳ୍ପ କଲେ ।

ଇଂରେଜ ଶାସକର ତୀକ୍ଷ୍ଣ ଦୃଷ୍ଟିକୁ ଏଡ଼ାଇ ଦେଇ ୧୯୪୧ ଜାନୁୟାରୀ ୧୬ ତାରିଖ ଦିନ ସେ କଲିକତାସ୍ଥ ଏଲଗିନ୍‌ରୋଡ଼ରେ ଥିବା ତାଙ୍କ ବାସଭବନରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ ।

ତାଙ୍କର ଅନ୍ତର୍ଦ୍ଧାନ, ଆଜାଦ୍ ହିନ୍ଦ୍ ଫୌଜ ଗଠନ, ମୁକ୍ତିଫୌଜ ନେଇ ଭାରତ ସୀମାନ୍ତ ଆଡ଼କୁ ଅଗ୍ରସର ଇତ୍ୟାଦି ଇତିହାସର ଅନ୍ୟ ଏକ ଅଧ୍ୟାୟ । ସେହି ଅଧ୍ୟାୟରେ ଯୁଦ୍ଧର ଭୟାବହ ଘନଘଟା ମଧ୍ୟରେ ଭାରତର ସ୍ୱାଧୀନତା ପାଇଁ ନେତାଜୀ ସୁଭାଷଙ୍କର ଅତୁଳନୀୟ ସଂଗ୍ରାମ ପାଇଁ ଯେଉଁ କୃଚ୍ଛ୍ର ସାଧନା, ତାଙ୍କୁ ଜନଗଣଙ୍କ ନିକଟରେ ମହନୀୟ, ବନ୍ଦନୀୟ କରି ଗଢ଼ି ତୋଳିଲା ।

ବିଶିଷ୍ଟ ଔପନ୍ୟାସିକ ମରମୀ କଥା ଶିଳ୍ପୀ ଶରତଚନ୍ଦ୍ର ତାଙ୍କର 'ପଥେର ଦାବୀ' ଉପନ୍ୟାସରେ ସେହି ସର୍ବତ୍ୟାଗୀ ରୁଦ୍ର ସନ୍ନ୍ୟାସୀଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ, "କର୍ମଶିଳ୍ପୀ–ତୁମେ ତ ଆମପରି ସାଧାରଣ ମନୁଷ୍ୟ ନୁହଁ, ତୁମେ ଦେଶ ପାଇଁ ତୁମର ସବୁକିଛି ଦେଇଛ । ସେଥିପାଇଁ ଦେଶର ତରଣୀ ତୁମକୁ ବୋହିବାକୁ ଅକ୍ଷମ, ତୁମକୁ ପହଁରି ପଦ୍ମାନଦୀ ପାରି ହେବାକୁ ହୁଏ । ସେଥିପାଇଁ ଦେଶର ରାଜପଥ ତୁମ ନିକଟରେ ରୁଦ୍ଧ, ସେଥିପାଇଁ ତୁମକୁ ଦୁର୍ଗମ ପାହାଡ଼, ପର୍ବତ ଅତିକ୍ରମ କରିବାକୁ ହୋଇଛି । କେଉଁ ବିସ୍ମୃତିରେ ଅତୀତରେ ତୁମ ପାଇଁ ତ ପ୍ରଥମ ଶୃଙ୍ଖଳ ସୃଷ୍ଟି ହୋଇଥିଲା, କାରାଗାର ତ ଖାଲି, ତୁମକୁ ମନେ କରି ପ୍ରଥମ ନିର୍ମିତ ହୋଇଥିଲା । ତାହା ହିଁ ତ ତୁମରି ଗୌରବ ।"

"ତୁମକୁ ଅବହେଳା କରିବାର ସାଧ କାହାର ଅଛି । ହେ ମୁକ୍ତିପଥର ଅଗ୍ରଦୂତ ! ପରାଧୀନ ଦେଶର ହେ ରାଜଦ୍ରୋହୀ ! ତୁମକୁ ଶତକୋଟି ନମସ୍କାର ।"


ପ୍ଲଟ ନଂ-୫୦୨୭/୫୮୭୩,
ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

# ନେତାଜୀଙ୍କ ନେତୃତ୍ୱ

**ଶ୍ରୀ ହରିହର ବାହିନୀପତି**

ନେତାଜୀଙ୍କ ଜନ୍ମ ଶତ ବାର୍ଷିକୀ । ବିଂଶ ଶତାବ୍ଦୀ ପ୍ରାୟ ଶେଷ ଭାଗରେ, ଅଳ୍ପ କେତୋଟା ବର୍ଷ ପରେ ଏକବିଂଶର ଅଭ୍ୟୁଦୟ । ଖାଲି ଆମ ଦେଶ କାହିଁକି, ମହାତ୍ମା କହିଲେ ଯେପରି, ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କୁ ବୁଝାଏ, ଠିକ୍ ସେହି ଭଳି, ନେତାଜୀ କହିଲେ ବୁଝାଏ ସୁଭାଷ ଚନ୍ଦ୍ର ବୋଷଙ୍କୁ । ଅବଶ୍ୟ ଗାନ୍ଧୀଙ୍କୁ ପ୍ରଥମେ 'ମହାତ୍ମା' ବୋଲି ସମ୍ବୋଧନ କରିଥିଲେ ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁର । କିନ୍ତୁ ସୁଭାଷ ଚନ୍ଦ୍ର ବୋଷଙ୍କୁ ପ୍ରଥମେ ସମ୍ବୋଧନ କରିଥିଲେ ନେତାଜୀ ଭାବରେ, ସେ ଦିନ ଭାରତକୁ ସଶସ୍ତ୍ର ସଂଗ୍ରାମ ମାଧ୍ୟମରେ ମୁକ୍ତ କରିବାକୁ ସଙ୍କଳ୍ପ ନେଇଥିବା, ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନେ ।

ହିଂସା ଓ ଅହିଂସାକୁ ନେଇ ଏହି ଦୁଇ ମହାନ୍ ନେତାଙ୍କ ଭିତରେ ସୃଷ୍ଟି ହୋଇଥିଲା, ପ୍ରବଳ ମତଭେଦ । କିନ୍ତୁ ମନାନ୍ତର ନୁହେଁ । ଗାନ୍ଧିଜୀଙ୍କ ମୁକ୍ତ ସମର୍ଥନ ସତ୍ତ୍ୱେ ତାଙ୍କର ପ୍ରାର୍ଥୀ ପଟ୍ଟାଭି ସୀତାରାମୟାଙ୍କୁ, ସେ ପରାଜିତ କରିଥିଲେ, କଂଗ୍ରେସର ସଭାପତି ନିର୍ବାଚନରେ । ଅଥଚ ତାଙ୍କ ପରିଚାଳିତ ଆଜାଦ୍ ହିନ୍ଦ୍ ଫୌଜର ଗୋଟିଏ ସେନା ବାହିନୀର ନାମକରଣ କରିଥିଲେ, ସେହି ଗାନ୍ଧୀଙ୍କ ନାମରେ । ଖାଲି ସେତିକି ନୁହେଁ, ସେଦିନ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ, ଆଜାଦ୍ ହିନ୍ଦ୍ ଫୌଜ ଭାରତର ମୁକ୍ତି-ସଂଗ୍ରାମରେ ଅଗ୍ରଗତି କରୁଥିଲା ବେଳେ, ରେଙ୍ଗୁନର ବେତାର ମାଧ୍ୟମରେ ସେ ଗାନ୍ଧିଜୀଙ୍କୁ "ଜାତିର ଜନକ" ଭାବରେ ଆହ୍ୱାନ କରି, ତାଙ୍କର ଶୁଭେଚ୍ଛା ଓ ଆଶୀର୍ବାଦ ଏହି ଅଭିଯାନକୁ ସଫଳ କରିବ ବୋଲି ଆଶା ପ୍ରକାଶ କରିଥିଲେ । ସତକୁ ସତ ସେହିଦିନଠାରୁ, ମହାତ୍ମା ଗାନ୍ଧୀ କେବଳ ଯେ ଜାତିର ଜନକ ଭାବରେ ମଧ୍ୟ ପରିଚିତ ହେଲେ, ତାହା ନୁହେଁ, ବରଂ ନେତାଜୀ ହେଲେ, ବସ୍ତୁତଃ ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରମୁଖ୍ୟ, ପ୍ରଧାନମନ୍ତ୍ରୀ, ଯୁଦ୍ଧ ଏବଂ ବୈଦେଶିକ ବିଭାଗ ଦାୟିତ୍ୱରେ ଭାରତର ସ୍ୱାଧୀନତା ପିପାସା ତାଙ୍କ ପାଇଁ ଏତେ ଅଦମ୍ୟ ଓ ପ୍ରବଳ ଥିଲା ଯେ, ସେ ଜର୍ମାନୀର ହିଟ୍‌ଲର ଓ ଇଟାଲିର ମୁସୋଲିନୀଙ୍କ ଭଳି ଚଣ୍ଡ ଶକ୍ତିର ଏକଛତ୍ର ଶାସକମାନଙ୍କ ସଂସ୍ପର୍ଶରେ ଆସିଥିଲେହେଁ, କ୍ଷଣକ ପାଇଁ ସୁଦ୍ଧା, ଭାରତର ସ୍ୱାଭିମାନ ଆତ୍ମ-ସମ୍ମାନ ବା ମର୍ଯ୍ୟାଦାବୋଧରେ ଆଞ୍ଚ ଆସିଲାଭଳି କୌଣସି ପ୍ରସ୍ତାବ ବା କାର୍ଯ୍ୟକ୍ରମରେ ସହଯୋଗ କରି ନଥିଲେ । ବର୍ଷ ୧୯୪୪ ଫେବୃଆରୀ ୪ରି ତାରିଖରେ, ତାଙ୍କର ଆଜାଦ୍ ହିନ୍ଦ୍ ଫୌଜ ବ୍ରହ୍ମଦେଶର ଆରାକାନ୍‌ରେ ବ୍ରିଟିଶ୍ ଫୌଜକୁ ପରାଜିତ କରି ଆସାମର ମଣିପୁର, ଇମ୍ଫଲ ପ୍ରଭୃତି ଭାରତୀୟ ଅଞ୍ଚଳକୁ ଦଖଲ କରି, ମାତୃଭୂମିର ପ୍ରଥମ ମୁକ୍ତି ମଶାଲକୁ ପ୍ରଜ୍ୱଳିତ କରିଥିଲେ ତତ୍କାଳୀନ ବ୍ରିଟିଶ୍ ଶାସନାଧୀନ ଦୁଇଟିଭାରତୀୟ ଦ୍ୱୀପ ଯଥା ଆଣ୍ଡାମାନ ଓ ନିକୋବରରେ ସ୍ୱରାଜ-ଶାସନ ପ୍ରତିଷ୍ଠା କରି ସେ ଏହି ଦୁଇଟି ଦ୍ୱୀପର ଯଥାକ୍ରମେ ନାମକରଣ କରିଥିଲେ "ଶହୀଦ୍" ଓ "ସ୍ୱରାଜ" ବାସ୍ତବ ପକ୍ଷେ ଏହି ଦୁଇଟି ଶବ୍ଦ ସଙ୍ଗେ ଅନ୍ୟ ଦୁଇଟି ଶବ୍ଦ, ଯଥା "ଦିଲ୍ଲୀ ଚଲୋ" ଏବଂ "ଜୟହିନ୍ଦ୍"କୁ ମିଶାଇ ଦେଲେ, ତାଙ୍କ ସମଗ୍ର ଜୀବନର ସାଧନା, ନିଷ୍ଠା, ସଙ୍କଳ୍ପ ଓ ତ୍ୟାଗର ମହନୀୟତା ଏକ ନାହିଁ ନଥିବା, ଅଲିଭା ଜାଜ୍ୱଲ୍ୟମାନ ଝଲକ ଭଳି ଜନମାନସରେ ପ୍ରତିଭାତ ହୁଏ । ସେଥିପାଇଁ ପ୍ରଖ୍ୟାତ । ମନିଷୀ ରୋମାରୋଲା ନେତାଜୀଙ୍କ ବିଖ୍ୟାତ ପୁସ୍ତକ "ଇଣ୍ଡିଆନ ଷ୍ଟ୍ରଗଲ" ଯାହା କି ଫ୍ରାନ୍‌ସରେ ପ୍ରକାଶିତ ହୋଇ ଥିଲା ଏବଂ ବ୍ରିଟିଶ୍ ଶାସନ ଦ୍ୱାରା ଭାରତରେ ପ୍ରବେଶ କରିବାକୁ ନିଷିଦ୍ଧ ହୋଇଥିଲା, ତାହାକୁ ଅଧ୍ୟୟନ କରି, ଲେଖିଥିଲେ ଯେ, ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ ଜାଣିବାକୁ ହେଲେ, ଏହି ବହିଟି ପଢ଼ିବା ନିଶ୍ଚିତ ଆବଶ୍ୟକ ।



କଂଗ୍ରେସ ଅଧିବେଶନରେ ଗାନ୍ଧୀ ଓ ନେହେରୁଙ୍କ ସହିତ

/ କଟକରେ ଜନ୍ମଗ୍ରହଣ କରି, "କଲେଜିଏଟ୍" ସ୍କୁଲରେ ପ୍ରବେଶିକା ପରୀକ୍ଷା ପାଇଁ ବିଦ୍ୟାଧ୍ୟୟନ କଲାବେଳେ ସ୍ୱେଚ୍ଛାସେବକ ଦଳ ଗଠନ କରି ହଇଜାରେ ଆକ୍ରାନ୍ତ ରୋଗୀମାନଙ୍କର ସେବା ଶୁଶ୍ରୂଷା କରିବା, ମୃତ ବ୍ୟକ୍ତିମାନଙ୍କର ସତ୍କାର କରିବା, କଲିକତାରେ ପ୍ରେସିଡେନ୍‌ସୀ କଲେଜରେ ତାଙ୍କର ଉଦ୍ଧତ ଗୋରା ଅଧ୍ୟାପକଙ୍କ ଭାରତ-ବିଦ୍ୱେଷୀ ବ୍ୟବହାର ଯୋଗୁଁ, ତାଙ୍କୁ ଚପେଟାଘାତ, ସେଥିପାଇଁ ତାଙ୍କୁ ମହାବିଦ୍ୟାଳୟର ଛାତ୍ର ଭାବରେ ବଞ୍ଚିତ କରିବାକୁ ନିଷ୍ପତ୍ତି ହେବାରୁ ତହିଁରେ ସାର ଆଶୁତୋଷ ମୁଖାର୍ଜୀଙ୍କର ହସ୍ତକ୍ଷେପ ଏବଂ ସମାଧାନ, କଟକର ବିନୋଦବିହାରୀଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କରି ଆଧ୍ୟାତ୍ମିକ ଚିନ୍ତା-ଚେତନାରେ ଉଦ୍‌ବୁଦ୍ଧ ହୋଇ ହିମାଳୟରେ ଗୁରୁଦେବଙ୍କ ଅନ୍ୱେଷଣଠାରୁ ଆରମ୍ଭ କରି,

ୀନ ଆଇ.ସି.ଏସ୍. ପରୀକ୍ଷାରେ ଚତୁର୍ଥ ସ୍ଥାନ ଅଧିକାର କରି
ଏଁ, ସେହି ପଦପଦବୀର ସୁବିଧିକୁ ଅନାୟାସରେ ପରିହାର
ଦେଶ ମାତୃକାର ସେବା ପାଇଁ ନିଜକୁ ଠିକ ଠିକ କରି
ୟୁତ କରିନେବାର ସଙ୍କଳ୍ପ, ଗାନ୍ଧିଜୀଙ୍କ ସହିତ ରାଜନୀତିକ
ଟାରେ ସଫଳତା, ୧୯୪୧ ଜାନୁୟାରୀ ୧୭ ତାରିଖ
ାତିରେ କଲିକତାର ତଦାନୀନ୍ତନ ଏଲଗିନ୍ ରୋଡ଼ରେ ଥିବା
ାସଭବନରୁ ୬୨ ଜଣ ଗୋଇନ୍ଦା ପ୍ରହରୀ ଯେଉଁମାନେ କି,
ଯୋଷାକଧାରୀ ଭାବରେ ତାଙ୍କୁ ଜଗି ରହିଥିଲେ, ସେମାନଙ୍କ
ର ଧୂଳି ଦେଇ ଐତିହାସିକ ଅନ୍ତର୍ଦ୍ଧାନ, ସାରା ବିଶ୍ୱକୁ
ଚକିତ କରି "ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା
'ର ଆହ୍ୱାନରେ ସତକୁ ସତ ପବିତ୍ର ମାତୃଭୂମିର
ଶେଷ ଉପରେ ପ୍ରଥମେ ଭାରତର ସ୍ୱାଧୀନ ସରକାର
ନ ଓ ଶେଷରେ ୧୯୪୫ ଅଗଷ୍ଟ ୧୮ ତାରିଖରେ ସେ
ରରୁ ଉଡ଼ାଜାହାଜରେ ଟୋକିଓ ଯାତ୍ରା କଲାବେଳେ
ତ ଦୁର୍ଘଟଣା ନେଇ ଉପୁଜିଥିବା ବାଦ ବିସମ୍ବାଦ ପର୍ଯ୍ୟନ୍ତ,
ହେଉଛି, ନେତାଜୀଙ୍କ ଭଳି ଜଣେ ମହାନ୍ କରିତକର୍ମା, ଅନନ୍ୟ
ପୁରୁଷଙ୍କର ବନ୍ଦନୀୟ ବ୍ୟକ୍ତିତ୍ୱର ପ୍ରଦୀପ୍ତ
ଦ୍ଧି-ରଶ୍ମି ।

ମୃତରେ ଭାରତରୁ ଅନ୍ତର୍ଦ୍ଧାନ ହେବା ପୂର୍ବରୁ କଲିକତାର
ଡେନ୍ସୀ ଜେଲ୍‌ଖାନାରେ ବନ୍ଦୀ ଥିଲାବେଳେ, ତାଙ୍କୁ
ୟରେ ଅଟକ ରଖା ଯାଇଛି ବୋଲି ଯେଉଁ ଯୁକ୍ତି ବାଢ଼ିଥିଲେ
ସେଥିପ୍ରତି ବ୍ରିଟିଶ୍ କର୍ତ୍ତୃପକ୍ଷ ଉଦାସୀନ ରହିବାରୁ, ପରାଧୀନ
ରେ କ୍ରୀତଦାସ ପରି ବନ୍ଦି ରହିବା ଅପେକ୍ଷା, ଦେଶ ମାତୃକାର
ମୁକ୍ତି ପାଇଁ ଜନମାନସରେ ଉଦ୍ଦୀପନା ସୃଷ୍ଟି କରିବା
ଶ୍ୟରେ ନିଜର ଜୀବନକୁ ବାଜି ଲଗାଇ ଦେଇ ଶହୀଦ୍
ର ସଙ୍କଳ୍ପ ନେଇଥିଲେ ଏବଂ ସେଥିପାଇଁ ଆମରଣ ଅନଶନ
ା କରି ଥିଲେ, ସେହି ଶହୀଦ୍‌ତ୍ୱରେ ଶେଷକୁ ସେ ତାଙ୍କ
ନର ସାର୍ଥକତା ଉପଲବ୍ଧି କରିଥିଲେ ।

ା ବଙ୍ଗର ଲାଟସାହେବଙ୍କ ପାଖକୁ ଦେଶବାସୀଙ୍କ
ଶ୍ୟରେ ଅନଶନ ପୂର୍ବରୁ ଯେଉଁ ବାର୍ତ୍ତା ପଠାଇଥିଲେ ଏବଂ
ଳ କରିଥିଲେ ତାହା ହିଁ ବୋଧହୁଏ ହେବ ତାଙ୍କର ଭାରତରେ
ବାର୍ତ୍ତା, ସେଥିରେ ଲେଖିଥିଲେ-

'ଶହୀଦ୍‌ମାନଙ୍କ ତାଜା ରକ୍ତରେ ହିଁ ଜାତୀୟ ତୀର୍ଥର ମୂଳଭିତ୍ତି
ଯୁଗ ଧରି ଦେଶେ ଦେଶେ ଗଢ଼ି ଆସିଛି.................

xx xx xx xx xx

ସେ ଆହୁରି ଲେଖିଥିଲେ, "ଗୋଟିଏ ନୀତିକୁ ଧରି ମୁଁ ବଞ୍ଚିଥିଲି
" ସେହି ଆଦର୍ଶର ବଳିବେଦୀ ଉପରେ ମୁଁ ମୋର ଜୀବନକୁ
ର୍ଜନ କରିବାକୁ ସଙ୍କଳ୍ପ ନେଇଛି । ଏହାଠାରୁ ମନୁଷ୍ୟ ପାଇଁ
ଆଉ କି ବଡ଼ ସାନ୍ତ୍ୱନା ବା ଆନନ୍ଦ ଥାଇପାରେ ? ମୋର ମୃତ୍ୟୁ
ରେ ମୋର ଆତ୍ମା ପରଜନ୍ମଙ୍କ ଭିତରେ ପ୍ରବେଶ କରି ମୋର
କର୍ମ ବ୍ରତକୁ ନିଶ୍ଚିତ ସଫଳ କରିବ । ଏହାଠାରୁ



ବଳି ଆଉ କିଛି ଅଧିକ ସୁଖର କାରଣ ଥାଇ ପାରେ କି ? ମୋର ବାର୍ତ୍ତା ପର୍ବତ, ପ୍ରାନ୍ତର ଓ ସ୍ୱଦେଶର ଚତୁଃସୀମା ପାର ହୋଇ ଦୂର ଦେଶ ବିଦେଶରେ ଯେ ପ୍ରତିଧ୍ୱନିତ ହେବ, ଏହାଠାରୁ ବଳି ମୋ ଭଳି ଗୋଟିଏ ମାନବସ୍ୱାର ଆଉ କ'ଣ ବା ବଡ଼ ପୁରସ୍କାର ଅଛି ? ଆଦର୍ଶର ବେଦୀମୂଳରେ ନିଜର ଜୀବନ ବିସର୍ଜନ କରିପାରିଲେ, ତାହା ହିଁ ହେବ ଶ୍ରେଷ୍ଠତମ ସାର୍ଥକତା, ଆଉ କିଛି ତା' ପାଖରେ ତୁଳନୀୟ ନୁହେଁ-

xx xx xx xx xx

ସେ ଦେଶବାସୀଙ୍କୁ ସେହି ବାର୍ତ୍ତାରେ ପୁଣି ଅନ୍ୟତ୍ର ନିବେଦନ କରିଥିଲେ ।

"ମୋର ଦେଶବାସୀଙ୍କୁ ମୁଁ ତେଣୁ କହି ଯାଉଛି, କ୍ରୀତଦାସ ହୋଇ ବଞ୍ଚି ରହିବାଠାରୁ, ମନୁଷ୍ୟ ପାଇଁ ଆଉ କିଛି ବଡ଼ ଅଭିଶାପ ହୋଇ ନପାରେ, ଅନ୍ୟାୟ ଓ ଅନୀତି ସହିତ ସମଝୋତା କରି ଚଳିବା, ସବୁଠାରୁ ବଡ଼ ପାପ ବୋଲି ଜାଣି ରଖିବା ଉଚିତ୍। ଜୀବନ ଦେଇ ଜୀବନ ପାଇବାକୁ ହୁଏ ଏବଂ ଅନ୍ୟାୟ, ଅନୀତି ବା ଅସାମ୍ୟ ବିରୁଦ୍ଧରେ ସଂଗ୍ରାମ କରିବା, ଆମର ହେବ ଶାଶ୍ୱତ ନୀତି ।"

ସେହିଭଳି "ଦେଶର ଡାକ"ରେ ସେ ଲେଖିଥିଲେ-

"ଭାଇମାନେ ! ତୁମ୍ଭେମାନେ କିଏ ଆସବଲି ପାଇଁ ପ୍ରସ୍ତୁତ ଅଛ, ଆସ । ମା ହାତରୁ ତୁମେ ପାଇବ କେବଳ ଦୁଃଖ, କଷ୍ଟ, ଅନାହାର, ଦାରିଦ୍ର୍ୟ ଓ କାରାର ଯନ୍ତ୍ରଣା ଯଦି ଏହିସବୁ କ୍ଲେଶ ଓ ଦୈନ୍ୟ ଜୀବନରେ ନୀଳକଣ୍ଠ ପରି ସହ୍ୟ କରି ପାରିବ—ତା ହେଲେ ଆଗେଇ ଆସ, ତୁମର ସମସ୍ତଙ୍କର ଆବଶ୍ୟକତା ଅଛି । ଭଗବାନ ଯଦି କରନ୍ତି, ତୁମ୍ଭେମାନେ ଯଦି ଶେଷ ପର୍ଯ୍ୟନ୍ତ ବଞ୍ଚିରୁହ —ତେବେ ସ୍ୱାଧୀନ ଭାରତ ତୁମ୍ଭେମାନେ ଭୋଗ କରିବ । ଆଉ ଯଦି ସ୍ୱଦେଶ ସେବାରେ ପୁଣ୍ୟ ପ୍ରଚେଷ୍ଟାରେ ଇହଲୀଳା ସମ୍ବରଣ କରିବାକୁ ହୁଏ, ତେବେ ମୃତ୍ୟୁପରେ ସ୍ୱର୍ଗର ଦ୍ୱାର ତୁମ୍ଭମାନଙ୍କ ସମ୍ମୁଖରେ ଉଦ୍‌ଘାଟିତ ହେବ । ତୁମ୍ଭେମାନେ ଯଦି ପ୍ରକୃତ ବୀର ସନ୍ତାନ, ତେବେ ଆଗେଇ ଆସ ।"

"ମୂଳ କଥା"ର ଉପସଂହାରରେ ସେ ଲେଖିଥିଲେ
ମନ୍ତ୍ର ବା ସାଧୟେତ୍, ଶରୀରଂ ବା ପାତୟେତ୍

ଏ ସବୁ କଥା ପଢ଼ିଲେ, ଆଜିକାଲି ଆମେ ଯେଉଁଳି ଅନେକ ବଚନ ସର୍ବସ୍ୱ ନେତା ବିଶେଷ କରି କଥନୀଠାରୁ କରଣୀରେ ଥିବା ଆକାଶ ପାତାଳ ପାର୍ଥକ୍ୟ, ତଥାକଥିତ ଆଦର୍ଶଧାରୀ ବ୍ୟକ୍ତିମାନଙ୍କର ସନ୍ଧାନ ପାଉ । ସେମାନଙ୍କ ତୁଳନାରେ ନେତାଜୀ କିଭଳି ଜଣେ ଅବିସ୍ମରଣୀୟ ବ୍ୟତିକ୍ରମ, ତାହା ଯେ କେହି ସାମାନ୍ୟ ଚିନ୍ତନ କଲେ ସହଜରେ ଉପଲବ୍ଧି କରି ପାରିବ । ମୋ ବିଶ୍ୱାସରେ କଥା ଓ କାର୍ଯ୍ୟର ମହାନ୍ ସମନ୍ୱୟର ଅସାଧାରଣ ଜୀବନ ଥିଲା ନେତାଜୀଙ୍କର । ସେ ଯଥାର୍ଥରେ ମନ୍ତ୍ରର ସାଧନ ଏବଂ ଶରୀରର ପାତନ, ଏକାଧାରରେ କରି ପାରି ଅଛନ୍ତି, ତାଙ୍କର ପବିତ୍ର ମାତୃଭୂମି ପାଇଁ ।

ମହାତ୍ମା ଗାନ୍ଧୀ, ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଓ ଏବେ ପଞ୍ଜାବର ମୁଖ୍ୟମନ୍ତ୍ରୀ ବିଅନ୍ତ ସିଂହ ପ୍ରମୁଖ ଦେଶର ଅନ୍ୟ କେତେକ ନେତୃବର୍ଗ ସାମ୍ପ୍ରଦାୟିକ ସଂହତି ଏବଂ ଏକତା ପାଇଁ ଶହୀଦ୍ ହୋଇଛନ୍ତି । କିନ୍ତୁ ଦେଶର ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ତଥା ଅପ୍ରତ୍ୟକ୍ଷ ଭାବରେ ଯଥାକ୍ରମେ ଲାଲା ଲଜପତ ରାୟ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଶହୀଦ୍ ହୋଇଛନ୍ତି । ସେଦିନ ଜାନୁଆରୀ ଛବିଶ । କଲିକତାରୁ ଛଦ୍ମ ବେଶରେ ସୁଭାଷ ପଳାଇଯିବାର ମାତ୍ର ଆଠ ଦିନ ପରର କଥା । ଏହି ଜାନୁଆରୀ ଛବିଶ ପୁଣି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବହୁ ଦୃଷ୍ଟିରୁ ଉଲ୍ଲେଖନୀୟ । ସେଦିନ ନିଖିଳ ଭାରତ କଂଗ୍ରେସ କମିଟି, ଭାରତକୁ ଏକ ସାଧାରଣତନ୍ତ୍ର ରାଷ୍ଟ୍ର କରିବାକୁ ଘୋଷଣା କରିଥିଲା, ଯାହାର ଅବଲମ୍ବନରେ ଏବେ ବି ସ୍ୱାଧୀନ ଭାରତର ସାଧାରଣତନ୍ତ୍ର ଦିବସ ଭାବରେ ତାହା ପାଳିତ ହେଉଛି । ସେ ଦିନ ସୁଭାଷ ସ୍ୱାଧୀନତାର ପତାକା ଉଡ଼ାଇବାକୁ ଯାଇ, ପୁଲିସର ବର୍ବର ମାଡ଼ରେ ଆହତ ହୋଇ କାରାରୁଦ୍ଧ ହୋଇଥିଲେ । ସେହି ଦିନ ପୁଣି, ଭାରତର ସେ କାଳର ଉତ୍ତର ପଶ୍ଚିମ ସୀମାନ୍ତ ରାଜ୍ୟର ରାଜଧାନୀ ପେଶୱାରଠାରୁ ଆଫଗାନିସ୍ଥାନର କାବୁଲକୁ, ଦେଶର ସ୍ୱାଧୀନତା ସଂଗ୍ରାମ ପାଇଁ, ତାଙ୍କର ଐତିହାସିକ ଅଭିଯାନ ଆରମ୍ଭ ହୋଇଥିଲା । ଦୁର୍ଗମ ଗିରିପଥକୁ ଅତ୍ୟଧିକ ଦୁଃଖ ଯନ୍ତ୍ରଣା, ଦୁର୍ଘଟଣା, କ୍ଷୁଧା ଓ ପିପାସା ଭିତରେ ସେ ଅତିକ୍ରମ କରୁଥିଲାବେଳେ, ଯେତେବେଳେ ଜାଣିଲେ ଯେ ତାଙ୍କର ପବିତ୍ର ମାତୃଭୂମି, –ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀର ସୀମା ଶେଷ ହୋଇ ଆସିଛି, ସେତେବେଳେ ସେ ଅତ୍ୟନ୍ତ ଭାବବିହ୍ୱଳିତ ହୋଇ, ମାତୃଭୂମିକୁ ପ୍ରଣିପାତ କରି, ଲୋତକାକ୍ତ, କଣ୍ଠରେ କହି ପକାଇ ଥିଲେ'ମାତ ! ଆଶୀର୍ବାଦ କର । ସେଦିନ ଫେରି ଆସିବି ତୁମର ଅଭୁଲା କୋଳକୁ, ଯେଉଁଦିନ ତୁମ ମଥା ଉପରେ ଉଦ୍‌ଭାସିତ ହେବ, ମୁକ୍ତିର ସୂର୍ଯ୍ୟ.......... ପର ମୁହୂର୍ତ୍ତରେ ଗୀତାରେ ଅର୍ଜୁନଙ୍କ ଭଳି ନିଜର ଧର୍ମ ଓ କର୍ମକ୍ଷେତ୍ରର ଦେଶାତ୍ମବୋଧର ଚରମ ଆକର୍ଷଣରେ ଆଗେଇ ଯାଇଥିଲେ ଆଗକୁ, ଆହୁରି ଆଗକୁ । କେତେବେଳେ ମୁସଲମାନ ଜୀବନ ବୀମା ଏଜେଣ୍ଟ ତ ଆଉ କେତେବେଳେ ରହମତ ଖାଁ ନାମଧାରୀ ଉତ୍କଟରାମଙ୍କ ଅମୁଖ ବକା ଜୀୟାଉଦ୍ଦିନ୍ ତ ଆଉ କେତେବେଳେ ସିନର ଆରଲ୍ୟାଣ୍ଡୋ ମ୍ୟାଜୋଟା ନାମରେ ବର୍ଲିନ୍‌ରେ ପହଞ୍ଚି ନଭେମ୍ବର ଦୁଇ ତାରିଖରେ ଆଜାଦ୍ ହିନ୍ଦ୍ ସରକାର ପ୍ରତିଷ୍ଠା କରିଥିଲେ । ସେଦିନ ଏହି ସରକାରର ପ୍ରଥମ ବୈଠକରେ ଭାରତର ତ୍ରିରଙ୍ଗା ଜାତୀୟ ପତାକା ଉଡ଼ା ଯିବା ସଙ୍ଗେ ସଙ୍ଗେ, ଜନଗଣ ମନ ଅଧିନାୟକ, ଜାତୀୟ ସଙ୍ଗୀତଗାନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟର ବିଭିନ୍ନ ଘଟଣା, ପ୍ରବନ୍ଧଟିର କ୍ଷୁଦ୍ର କଳେବର ଦୃଷ୍ଟିରୁ ଏଠାରେ ଉଲ୍ଲେଖ କରିବା ସମ୍ଭବ ନୁହେଁ । ତେବେ ଆଗରୁ ସୂଚିତ ହୋଇଛି ଯେ, କିଭଳି ଏହି ଆଜାଦ୍ ହିନ୍ଦ୍ ସରକାରର ସର୍ବମୟ କର୍ତ୍ତା ଓ ସର୍ବୋଚ୍ଚ ସେନାପତିଙ୍କ ଦ୍ୱାରା ସେତେବେଳର ପରାଧୀନ ଭାରତର କେତେକ ଅଞ୍ଚଳରେ ସ୍ୱାଧୀନ ଶାସନର ପ୍ରତିଷ୍ଠା ହୋଇଥିଲା ଏବଂ ପରେ ଏହି ମହାନ ନେତାଙ୍କର ରହସ୍ୟାବୃତ ମୃତ୍ୟୁ ମଧ୍ୟ ଘଟିଥିଲା ।

ମାତୃଭୂମି ପାଇଁ ଜଣେ ମହାନ ପ୍ରତିଭାଧର, ଏକନିଷ୍ଠ ସାଧକଙ୍କର ଚରମ ବଳିଦାନର ପ୍ରତୀକ ସ୍ୱରୂପ ସେ କାଳ କାଳକୁ ରହିଗଲେ ଓ ରହିବେ । ବାସ୍ତବିକ୍ ଭାରତର ସ୍ୱାଧୀନତା ସଂଗ୍ରାମ ଯାହାକି ସତ୍ୟ, ଅହିଂସା ଉପରେ ପ୍ରତିଷ୍ଠିତ ବୋଲି କୁହାଯାଏ ଏବଂ ଯାହାର ପ୍ରତୀକ ବା ଦ୍ୟୋତକ ଏକ ପକ୍ଷରେ ଜଣେ କ୍ଷୁଦ୍ର ଖଦଡ଼ ଧୋତି ଓ ଖଦର ପରିଧାନ ବ୍ୟକ୍ତି ମହାମାନବ ମହାତ୍ମା ଗାନ୍ଧୀ ଯେକି ଚର୍ଚ୍ଚିଲଙ୍କ ଭାଷାରେ ଅର୍ଦ୍ଧନଗ୍ନ ଫକୀର ନାମରେ ନାମିତ, ତାଙ୍କର ପ୍ରତିଛବି ଜନମାନସକୁ ଉଦ୍‌ଭାସିତ କରେ, ଠିକ୍ ସେହିପରି ଅପର ପକ୍ଷରେ ତାଙ୍କର ବିପରୀତ ଆଉ ଜଣେ ଯୋଗ–ଜନ୍ମା ମହାପୁରୁଷ ନେତାଜୀ ସୁଭାଷ ଚନ୍ଦ୍ର, ସାମରିକ ପୋଷାକ ପରିହିତ ହୋଇ ଏ ଦିଗରେ ଜନ–ଚେତନାକୁ ଉଦ୍ବିମନ୍ତ କରନ୍ତି ।

---

ବଡ଼ଦେଉଳ ରୋଡ଼, ପୁରୀ

ଭାରତ ସୀମାନ୍ତର ଖୁବ୍ ନିକଟରେ ମୁଁ ଠିଆ ହୋଇଛି । ୧୯୪୧ ଜାନୁଆରୀ ମାସରୁ ମୋର ଅବାରିତ ଗତିପଥକୁ କେହି ରୁଦ୍ଧ କରି ପାରି ନାହିଁ । ତେଣୁ ଆମର ଏହି ଶେଷ ସ୍ୱାଧୀନତା ସଂଗ୍ରାମରେ ଯେତେବେଳେ ସୀମାନ୍ତ ଅତିକ୍ରମ କରି ପୁନର୍ବାର ମୋର ମାତୃଭୂମିକୁ ମୁଁ ସ୍ପର୍ଶ କରିବି, ସେତେବେଳେ ମଧ୍ୟ ଦୁନିଆର କୌଣସି ଶକ୍ତି ମୋତେ ରୋକି ପାରିବ ନାହିଁ (୧୯୪୩ ଜୁନ୍ ୨୧) ।

–ସୁଭାଷ ଚନ୍ଦ୍ର ବୋଷ

# ...ାନବବାଦର ପୂଜାରୀ ସୁଭାଷ ଚନ୍ଦ୍ର ବୋଷ

**ଶ୍ରୀ ସଦାଶିବ ମିଶ୍ର**

...ତର ସଭ୍ୟତା ଓ ସଂସ୍କୃତି ଅତି ପ୍ରାଚୀନ । ଏହାର ଧର୍ମ ...ନ ଧର୍ମ । ଯୁଗେ ଯୁଗେ ଏହି ଦେଶର ସଂସ୍କୃତି ପ୍ରସ୍ତର ...ସିଛି ବିଶ୍ୱ ମାନବବାଦର ଜୟ ଜୟକାର, ଉଦାତ୍ତ କଣ୍ଠରେ ...ଣା କରିଛି ବିଶ୍ୱ ଶାନ୍ତି, ମୈତ୍ରୀ ପ୍ରୀତିର ସନ୍ଦେଶ । ଏ ...ା ସଂସ୍କୃତି ସମସ୍ତ ...ତାକୁ ନିଜ ଭିତରେ ...ାର କରି ଗଢ଼ି ...ଲି ଅପୂର୍ବ ...ୟ ।



...ଥିବୀ ଇତିହାସରେ ...ର ସ୍ୱାଧୀନତା ...ମ ଏକ ଗୁରୁତ୍ୱପୂର୍ଣ୍ଣ ଉଲ୍ଲେଖନୀୟ ...ା । ଦେଶ ...ାକୁ ପରାଧୀନତାର ...ରୁ ମୁକ୍ତ କରିବା ମହାତ୍ମା ଗାନ୍ଧୀ, ...ହରଲାଲ ନେହେରୁ, ...ବିନ୍ଦ, ସୁଭାଷ ଚନ୍ଦ୍ର ...ୟ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଉତ୍କଳମଣି ଗୋପବନ୍ଧୁ ...ଙ୍କ ପରି ଅନେକ ମହାପୁରୁଷଙ୍କ ନେତୃତ୍ୱରେ ଯେଉଁ ଆନ୍ଦୋଳନ ...ାଇଦେଇଥିଲା ତାହା ଫଳରେ ୧୯୪୭ ମସିହା ଅଗଷ୍ଟ ପନ୍ଦର ...ଖରେ ଭାରତ ସ୍ୱାଧୀନତା ଲାଭ କଲା । ମହାତ୍ମା ଗାନ୍ଧୀଙ୍କ ...ୋଳନ ପନ୍ଥା ସମ୍ପୂର୍ଣ୍ଣ ଅହିଂସା ସଂଗ୍ରାମ ଥିଲାବେଳେ ...ାଜୀ ସୁଭାଷ ବୋଷ ଚାହିଁଥିଲେ ସଶସ୍ତ୍ର ସଂଗ୍ରାମ କରି ...ରେଜମାନଙ୍କୁ ଦେଶରୁ ତଡ଼ିବା ପାଇଁ । ଭାରତର ସ୍ୱାଧୀନତା ...ୋଳନରେ ନେତାଜୀଙ୍କ ଭୂମିକାକୁ ଏ ଜାତି କଦାପି ଭୁଲି ପାରିବ ...ହିଁ । ସେ କେବଳ ଚାହୁଁ ନଥିଲେ ଭାରତର ସ୍ୱାଧୀନତା, ସେ ...ଧୀନତା ସହିତ ଚାହିଁଥିଲେ ଆମରି ରାଷ୍ଟ୍ରରେ ମାନବବାଦର ...ଷ୍ଠା, ଯାହାକୁ କି ଇଂରେଜମାନେ ଅନେକ ବର୍ଷ ଧରି ଲୁଣ୍ଠିତ କରି ...ଥିଲେ । ସୁଭାଷ ବୋଷ ତାଙ୍କର ଏକ ବକ୍ତବ୍ୟରେ କହିଥିଲେ, ...ମ ଯୁଦ୍ଧ କେବଳ ଇଂରେଜ ସାମ୍ରାଜ୍ୟବାଦ ବିରୁଦ୍ଧରେ ନୁହେଁ, ...ଥିବୀର ପ୍ରତ୍ୟେକ ସାମ୍ରାଜ୍ୟବାଦୀ ଆମର ଶତ୍ରୁ । କେବଳ ...ରତର ସ୍ୱାଧୀନତା ପାଇଁ ଆମକୁ ଲଢ଼ିବାକୁ ହେବ, ପୃଥିବୀର ସ୍ୱାଧୀନତା ସହିତ ଭାରତର ସ୍ୱାଧୀନତା ଜଡ଼ିତ, ଏ ଦୁଇଟିକୁ ଅଲଗା କରିବା ଅସମ୍ଭବ ।"

ଏଥିରୁ ସ୍ପଷ୍ଟ ଜଣାଯିବ 'ସ୍ୱାଧୀନତା ମାନବବାଦର ପ୍ରତିଷ୍ଠା ପାଇଁ ସେ କେତେ ଆକୁଳିତ ଥିଲେ । ଏଇ ମହାନ୍ ଯୁଗ ପୁରୁଷଙ୍କ ଉଦ୍ଦେଶ୍ୟରେ ୧୯୩୭ ମସିହାରେ ଶାନ୍ତିନିକେତନଠାରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ତାଙ୍କୁ ସମ୍ବର୍ଦ୍ଧିତ କରି କହିଥିଲେ, "ସୁଭାଷ ଚନ୍ଦ୍ର ମୁଁ ବଙ୍ଗଳାର କବି — ବଙ୍ଗଳା ଦେଶର କବି ହୋଇ ମଧ୍ୟ ମୁଁ ତୁମକୁ ଦେଶ ନାୟକ ପଦରେ ବରଣ କରୁଛି ।"

"ସୁଭାଷ ଚନ୍ଦ୍ର, ତୋମାର ରାଷ୍ଟ୍ରିକ ସାଧନାର ଆରମ୍ଭ କ୍ଷଣେ ତୋମାକେ ଦୂରଥେକେ ଦେଖେଛେ । ସେହି ଆଲୋ—ଅନ୍ଧାରର ଅସ୍ପଷ୍ଟ ଲଗ୍ନେ ତୋମାର ସମ୍ପନ୍ଧେ କଠିନ ସନ୍ଦେହ ଜେଗେଛେ ମନେ, ତୋମାକେ ସମ୍ପୂର୍ଣ୍ଣ ବିଶ୍ୱାସ କରତେ ଦ୍ୱିଧା ଅନୁଭବ କରେଛି, କଖନୋ, କଖନୋ ଦେଖେଛି ତୋମାର ଭ୍ରମ, ତୋମାର ଦୁର୍ବଳତା ତା'ନିୟେ ମନ ପୀଡ଼ିତ ହୟେଛେ । ଆଜି ତୁମେ ଯେ ଆଲୋକେ ପ୍ରକାଶିତ, ତୋତେ ସଂଶୟେର ଆବିଳତା ଆର୍‌ନେଇ, ମଧ୍ୟ ଦିନେତୋମାର ପରିଚୟ ସୁସ୍ପଷ୍ଟ । ବହୁ ଅଭିଜ୍ଞତାକେ ଆସସାତ କରେଛେ ତୋମାର ଜୀବନ, କର୍ତ୍ତବ୍ୟ କ୍ଷେତ୍ରେ ଦେଖୁଲୁମ୍ ତୋମାର ଯେ ପରିଣତି ତା'ର ଥେକେ ପେୟେଛି ତୋମାର ପ୍ରବଲ୍ ଜୀବନ ଶକ୍ତିର ପ୍ରମାନ । ଏହି ଶକ୍ତିର କଠିନ ପରୀକ୍ଷା ହୟେଛେ କାରା ଦୁଃଖେ, ନିର୍ବାସନେ, ଦୁଃସାଧ୍ୟ ରୋଗେର ଆକ୍ରମନେ, କିଛୁତେ ତୋମାକେ ଅଭିଭୂତ କରେନି, ତୋମାର ଚିତ୍ତକେ କରେଛେ ପ୍ରସାରିତ, ତୋମାର ଦୃଷ୍ଟିକେ ନିୟେଗଛେ ଦେଶର ସୀମା ଅତିକ୍ରମ କରେ ଇତିହାସର ଦୂର ବିସ୍ତୃତ କ୍ଷେତ୍ରେ ।"

ରବୀନ୍ଦ୍ର ନାଥଙ୍କର ଏହି ଉକ୍ତିରୁ ସୁଭାଷଙ୍କ ପ୍ରଚଣ୍ଡ ପ୍ରତିଭା ସମ୍ପର୍କରେ ସ୍ପଷ୍ଟ ପ୍ରମାଣ ମିଳେ । ସୁଭାଷଙ୍କର କାର୍ଯ୍ୟକଳାପ ଦେଖି ଇଂରେଜମାନେ ଗାନ୍ଧୀଙ୍କ ଅପେକ୍ଷା ସୁଭାଷଙ୍କୁ ବେଶୀ ଭୟ କରୁଥିଲେ । ବଡ଼ଲାଟ ଲର୍ଡ଼ ଲିନ୍‌ଲିଥ୍‌ଗୋ ତତ୍‌କାଳୀନ ଭାରତର ନେତାମାନଙ୍କ ବିଷୟରେ ଟିପ୍‌ପଣୀ ଦେଇ କହିଛନ୍ତି — "ବୋଷ କମ୍ କଥା କୁହନ୍ତି, କିନ୍ତୁ ଯାହା କୁହନ୍ତି ତାହା ଯଥାର୍ଥ । ଗାନ୍ଧୀ ଖୁବ୍ ବେଶୀ ଭାବପ୍ରବଣ । ଜବାହରଲାଲ ଖୁବ୍ ବେଶୀ କଥା କୁହନ୍ତି । ଅନ୍ୟମାନଙ୍କ କଥାରେ ସେପରି କିଛି ମୂଲ୍ୟ ନଥାଏ । ତେବେ Bose is concerted."

ସୁଭାଷ ଥିଲେ ଏକାଧାରରେ ବିପ୍ଳବର ମୂର୍ତ୍ତିମନ୍ତ ଅବତାର, ବିଦ୍ରୋହର ଜ୍ୱଳନ୍ତ ଶିଖା, ମହାନ ଯୁଗ ପୁରୁଷ ଓ ମାନବବାଦର ପୂଜାରୀ। ସୁଭାଷ ଥିଲେ ନିଷ୍ଠାପର, ଦେଶପ୍ରେମୀ, ଖୁବ୍ ପରିଶ୍ରମୀ, ମାନବବାଦୀ କିନ୍ତୁ ସେ ଥିଲେ ଚରମପନ୍ଥୀ। ମରିବି ଅଥବା ମାରିବି ନ୍ୟାୟରେ ସେ ବିଶ୍ୱାସ କରୁଥିଲେ। ଯେ କୌଣସି ପ୍ରକାରେ ଦରକାର ହେଲେ ବାହୁବଳ ଦ୍ୱାରା ଭାରତର ସ୍ୱାଧୀନତା ହାସଲ ତାଙ୍କର ଲକ୍ଷ୍ୟ ଥିଲା। ସେ କୌଣସି ପରିସ୍ଥିତିରେ ଜାତିର ସ୍ୱାଭିମାନକୁ ଅତୁଟ ରଖୁଥିଲେ। ଆଜାଦ୍‌ହିନ୍ଦ୍ ଫୌଜକୁ ସହାୟତା କରିବା ପାଇଁ ସେ ଯେଉଁ ପତ୍ର ଜାପାନର ସମ୍ରାଟ ତେଜୋଙ୍କୁ ଲେଖିଥିଲେ ସେଥିରୁ ଦେଶର ସ୍ୱାଭିମାନ ରକ୍ଷା ପାଇଁ ସର୍ବଦା ସେ କିପରି ବ୍ୟଗ୍ର ଥିଲେ ତାହା ଜଣାପଡ଼େ। ତେଜୋଙ୍କୁ ସେ ଲେଖିଥିଲେ—"ନିଜ ଦେଶର ପୁନରୁଦ୍ଧାର ପାଇଁ ଆମେ ଏକ ମିତ୍ର ରାଷ୍ଟ୍ର ରୂପେ ଆପଣଙ୍କର ସାହାଯ୍ୟ ପ୍ରାର୍ଥନା କରୁଛୁ। ଆମେ ଆମ ସୈନ୍ୟ ଦଳ ଧରି ଆମ ପତାକା ତଳେ ଥାଇ ଯୁଦ୍ଧ କରିବୁ। ଏହି ସର୍ତ୍ତରେ ଆମକୁ ସାହାଯ୍ୟ କଲେ ଆପଣ ସ୍ୱାଧୀନ ଭାରତର ସରକାରଙ୍କୁ (ଆଜାଦ୍‌ହିନ୍ଦ ସରକାର) ସର୍ବ ପ୍ରଥମେ ସାହାଯ୍ୟ କରିବାର ଗୌରବ ଅର୍ଜନ କରିବେ।"

ସୁଭାଷଙ୍କର ଏଇ ଦେଶ ପ୍ରେମ, ବୀରତ୍ୱ ଓ ଆତ୍ମ ସମ୍ମାନଜନକ ଚିଠିଟି ଜାପାନ ସମ୍ରାଟ୍ ତେଜୋଙ୍କ ହୃଦୟକୁ ତରଳାଇ ଦେଇଥିଲା। ତେଜୋ ନେତାଜୀଙ୍କ ପ୍ରତିଷ୍ଠିତ ଆଜାଦ୍ ହିନ୍ଦ୍ ସରକାରକୁ ସ୍ୱୀକୃତି ଦେବା ଓ ସୁଭାଷ ଚନ୍ଦ୍ରଙ୍କୁ ରାଷ୍ଟ୍ରପତିଙ୍କ ମର୍ଯ୍ୟାଦା ଦେବା ସଙ୍ଗେ ସଙ୍ଗେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ସୁଭାଷଙ୍କୁ ଯୋଗାଇ ଦେବା ପାଇଁ ନିଜ ସରକାରଙ୍କ ବିଭିନ୍ନ ବିଭାଗକୁ ଆଦେଶ ଦେଇଥିଲେ।

ସୁଭାଷଙ୍କ ଦେଶ ପ୍ରେମ, ବୀରତ୍ୱ, ସାହସିକତା, କୌଶଳର ପ୍ରଭାବ ମଧ୍ୟ ଦେଶର ନାରୀ ଜାତି ଉପରେ ପଡ଼ିଥିଲା। ସିଙ୍ଗାପୁର, ମାଳୟ, ବର୍ମା ଆଦି ଅଞ୍ଚଳରେ ରହୁଥିବା ଭାରତୀୟ ନାରୀମାନେ ଆଜାଦ୍ ହିନ୍ଦ୍ ଫୌଜରେ ଯୋଗ ଦେଇଥିଲେ। ସୁଭାଷ ସେମାନଙ୍କ ମଧ୍ୟରୁ ପ୍ରାୟ ଆଠ ହଜାର ଜଣଙ୍କୁ ସାମରିକ ତାଲିମ ଦେଇ କର୍ଣ୍ଣେଲ୍ ଲକ୍ଷ୍ମୀ ସ୍ୱାମୀନାଥନ୍‌ଙ୍କ ନେତୃତ୍ୱରେ ଏକ ନାରୀ ବାହିନୀ ଗଢ଼ି ତା'ର ନାମ ରଖିଥିଲେ "ରାଣୀ ଅଫ୍ ଝାନ୍‌ସୀ ରେଜିମେଣ୍ଟ"। ସୁଭାଷଙ୍କ ବ୍ୟକ୍ତିତ୍ୱ, ବୀରତ୍ୱରେ ଆକୃଷ୍ଟ ହୋଇ ତରୁଣ ଓ କିଶୋରମାନେ ଆଜାଦ୍ ହିନ୍ଦ୍ ଫୌଜ୍‌ରେ ଯୋଗ ଦେଇଥିଲେ। ସୁଭାଷ ସେମାନଙ୍କୁ ନେଇ ଏକ "କିଶୋର ବାହିନୀ" ମଧ୍ୟ ଗଢ଼ିଥିଲେ।

ସୁଭାଷ ଚନ୍ଦ୍ର ବୁଝିପାରିଥିଲେ ଯେ କେବଳ ଯୁଦ୍ଧ ଭୂଇଁରେ ହିନ୍ଦୁ—ମୁସଲମାନଙ୍କ ମିଳନ ହୋଇ ପାରିବ। ଯୁଦ୍ଧ ଭୂମିରେ ଲଢୁଥିବା ସୈନିକମାନେ ସମ୍ପ୍ରଦାୟ ବା ଜାତି କଥା ଭୁଲି ଯାଆନ୍ତି। ସେମାନଙ୍କ ମଧ୍ୟରେ ସାମ୍ୟ, ମୈତ୍ରୀ ପ୍ରତିଷ୍ଠା ପାଇଁ ସେ କହିଥିଲେ—"ସନ୍ନ୍ୟାସୀ ପରି ସୈନିକର ମଧ୍ୟ କୌଣସି ଜାତି ବା ସମ୍ପ୍ରଦାୟ ନାହିଁ। ଦେଶ ପାଇଁ ଘରଦ୍ୱାର, ଆତ୍ମୀୟ—ବନ୍ଧୁ, ସୁଖ ସମ୍ପଦ ଛାଡ଼ି ଆମେ ସନ୍ନ୍ୟାସୀ ହୋଇଛେ, ଆମେ ସୈନିକ। ଯୁଦ୍ଧ ଭୂଇଁରେ ଶତ୍ରୁକୁ ମାରିବୁ, ନହେଲେ ମରିବୁ। ସେଠି ଅନ୍ୟ କୌଣସି ବିଚାରର ସ୍ଥାନ ନାହିଁ।"

ଗାନ୍ଧିଜୀ, ଜବାହର ପ୍ରଭୃତି ନରମପନ୍ଥୀ କଂଗ୍ରେସ ନେତାମାନଙ୍କ ସହିତ ତାଙ୍କ ନୀତି, ଆଦର୍ଶ ଓ ଲକ୍ଷ୍ୟ ଅଲଗା ହୋଇଥିବାରୁ ସେ ନିଜେ ସ୍ୱଇଚ୍ଛାରେ କଂଗ୍ରେସ ସଭାପତି ପଦ ତ୍ୟାଗ କରିଥିଲେ। ସୁଭାଷଙ୍କ ଏହି ପଦ ତ୍ୟାଗ ଘଟଣାକୁ ଲକ୍ଷ୍ୟ କରି କବିଗୁରୁ ରବୀନ୍ଦ୍ର ନାଥ ସୁଭାଷଙ୍କୁ ଲେଖିଥିଲେ—"ଭୟାନକ ଉତ୍ତେଜନା ମଧ୍ୟରେ ତୁମେ ଯେଉଁ ଧୈର୍ଯ୍ୟ ଓ ମର୍ଯ୍ୟାଦାବୋଧର ପରିଚୟ ପ୍ରଦାନ କରିଛ ତାହାର ତୁଳନା ନାହିଁ। ତୁମର ନେତୃତ୍ୱ ଶକ୍ତିକୁ ଅଭିନନ୍ଦନ ଜଣାଉଛି। ଏହାପରେ ୧୯୩୯ ମସିହା ଜୁନ୍ ୨୨ ତାରିଖରେ ବାମପନ୍ଥୀ ଚିନ୍ତାଧାରାର କେତେକ ବ୍ୟକ୍ତିଙ୍କୁ ନେଇ ଫରୱାର୍ଡ ବ୍ଲକ୍ ନାମକ ଏକ ରାଜନୈତିକ ଦଳ ଗଠନ କରିଥିଲେ।

ଶହ ଶହ ପୋଲିସ୍‌ଙ୍କ ଚକ୍ରବ୍ୟୂହ ମଧ୍ୟରେ କଲିକତାର ଶ୍ରଦ୍ଧାନନ୍ଦ ପାର୍କରେ ଏକ ବିରାଟ ଜନସଭାରେ ଭାଷଣ ଦେଇ ସୁଭାଷ କହିଥିଲେ, "ସୁଭାଷ ବୋଷ ଏକା ହେଉ, ନଗଣ୍ୟ ହେଉ, ଦୁର୍ବଳ ହେଉ, ଫରୱାର୍ଡ ବ୍ଲକ ତୁଚ୍ଛ ହେଉ ସେଥିରେ କ୍ଷତି ନାହିଁ। ହୁଏତ ସଂଗ୍ରାମରେ ସୁଭାଷ ବୋଷ ବିଜୟୀ ହୋଇ ପାରିବ ନାହିଁ, ଦୁର୍ବାର ମତ୍ତହସ୍ତୀର ପାଦ ତଳେ ପେଷି ହୋଇ ଚୂର୍ଣ୍ଣ ହେବା ପରେ ନିଶ୍ଚିହ୍ନ ହୋଇଯିବ, ତଥାପି ତାହାର ଏହି ପରମ ସାନ୍ତ୍ୱନା ହେବ ଯେ ଦେଶ ଓ ଜାତିର ଶତ୍ରୁକୁ ସେ କ୍ଷମା କରିନାହିଁ। ଦେଶର ଆସନ୍ନ ମାହେନ୍ଦ୍ର ଲଗ୍ନରେ ସେ ସାମାନ୍ୟତମ କାଳକ୍ଷେପ କରିବାକୁ ଅସ୍ୱୀକାର କରିଛି।"

ସୁଭାଷ ୧୯୪୦ ମସିହା ଜୁନ୍ ମାସରେ ଫରୱାର୍ଡ ବ୍ଲକର ଏକ ସମାବେଶରେ ଘୋଷଣା କରିଥିଲେ—"It is for the Indian people to make an immediate demand for the transference of power to them through a Provisional National Government."

ସେହି ବର୍ଷ ରାମଗଡ ସମ୍ମେଳନରେ ସେ ଉଦାତ୍ତ କଣ୍ଠରେ କହିଥିଲେ—"ଗାନ୍ଧୀ, ଜବାହରଲାଲ କିମ୍ବା ଆଜାଦଙ୍କର ଏ ଦେଶ ନୁହେଁ। ଦେଶ ମଧ୍ୟ ଆମର। ଭାରତବର୍ଷ ଭାରତ ଅଧିବାସୀମାନଙ୍କର, କିଏ ଆସୁ ବା ନଆସୁ ସେ କଥା ହିସାବ କରିବାର ସମୟ ସରିଯାଇଛି। ଯଦି କେହି ନଆସନ୍ତି ତେବେ ମୁଁ ଏକାକୀ ମୋର ମୁକ୍ତିକାମୀ ଦେଶବାସୀଙ୍କର ସଂଗ୍ରାମୀ ପ୍ରତିନିଧି ହେବି। ୧୮୫୭ ମସିହା ବିଦ୍ରୋହୀ ଭାରତ ବର୍ଷ ଇଂରେଜର ପ୍ରଭୁତ୍ୱ ଅସ୍ୱୀକାର କରି ଯେଉଁ ଝଣ୍ଡା ଦର୍ପରେ ଟେକି ଧରିଥିଲା, ସେହି ଝଣ୍ଡା ଟେକି ମୁଁ ଦର୍ପରେ ଆଗେଇଯିବି।" ଏଥିରୁ ତାଙ୍କର ଦେଶ ପ୍ରେମ, ମାନବର ମୌଳିକ ଅଧିକାର, 'ସ୍ୱାଧୀନତା' ପ୍ରତି କେତେ ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଥିଲା ତାହା ସ୍ପଷ୍ଟ ଜଣାପଡ଼େ।

୧୯୪୪ ମସିହାରେ ଆଜାଦ୍‌ହିନ୍ଦ୍ ଫୌଜର 'ଦିଲ୍ଲୀ ଚଲୋ' ଭିଯାନ ପୂର୍ବରୁ ନେତାଜୀ ଏକ ମର୍ମସ୍ପର୍ଶୀ ଭାଷଣରେ ଜାଦ୍‌ହିନ୍ଦର ଫୌଜମାନଙ୍କୁ କହିଥିଲେ–"ଭାଇମାନେ ! ଦୂରରେ ର ନଦୀ, ପର୍ବତ, ବଣ ଜଙ୍ଗଲର ସେପଟେ, ଆମ ପ୍ରାଣଠୁଁ ପ୍ରିୟ ପବିତ୍ର ଆମ ଜନ୍ମଭୂମି । ଆଜି ଆମେ ନିଜ ଜନ୍ମ ମାଟିକୁ ରିଯାଉଛୁ । ଶୁଣ; ଭାରତ ମାତା ଆମକୁ ଡାକ ଦେଉଛି ୀର ଲାଲକିଲ୍ଲା ଉପରେ ଆମ ଜାତୀୟ ପତାକା ଉଡାଇବା ଁ । ଆମକୁ ଆକୁଳ ଆଗ୍ରହରେ ଅପେକ୍ଷା କରି ରହିଛନ୍ତି ର କୋଟି କୋଟି ଦେଶବାସୀ । ଏଇ ଆହ୍ୱାନକୁ ଆଡେଇ ନାହିଁ, କାରଣ ଏ ହେଉଛି ଆମ ନିଜ ରକ୍ତର ଆହ୍ୱାନ ।" ଜେ ସୁଭାଷଙ୍କ ବିରୁଦ୍ଧରେ ଅପପ୍ରଚାର କରୁଥିଲେ ଯେ ଦେଶକୁ ୀନ କରି ନିଜେ ଦେଶର ଏକଛତ୍ରବାଦୀ ଶାସକ ହେବାକୁ ସ ଯାହା କିଛି କରୁଛନ୍ତି । ଏହାର ଉତ୍ତରରେ ୧୯୪୪ ମସିହା ଇ ମାସ ୬ ତାରିଖ ଦିନ ଦେଶବାସୀଙ୍କ ଉଦ୍ଦେଶ୍ୟରେ ବେତାର ଣ ଦେଇ ସେ କହିଥିଲେ ଭାରତ ସ୍ୱାଧୀନ ହେବା ମାତ୍ରେ ଦ୍‌ହିନ୍ଦ୍ ସରକାରର କାର୍ଯ୍ୟ ଶେଷ ହୋଇଯିବ । It will be then for the Indian people themselves to determine the form of Government that they choose and also to decide as to who should take charge of the Government. I can assure you Mahatmaji, that I and all those who are working with me regard themselves as the sevants of the Indian people." ଏଥିରୁ ତାଙ୍କର ଦେଶ ପ୍ରେମ ଓ ମାନବବାଦର ପ୍ରତିଷ୍ଠା ପାଇଁ ନିଷ୍ଠାପର ଉଦ୍ୟମ କରୁଥିଲେ ତାହା ଜଣାଯାଏ । ଭାରତର ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ବୈପ୍ଳବିକ ଭୂମିକାକୁ ଏ ଜାତି କଦାପି ଭୁଲି ପାରିବ ନାହିଁ ।

---

ଉପସଭାପତି,
ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ଓ
ସମ୍ପାଦକ, 'ସୁଲେଖା',
ବିମାନବଡୁ ସାହି, ବଟିଆପଡ଼ା ଲେନ୍, ପୁରୀ

ଭଗବାନଙ୍କ ନାମରେ ମୁଁ ଏହି ପବିତ୍ର ଶପଥ ଗ୍ରହଣ କରୁଅଛି ଯେ ଭାରତ ଏବଂ ତା'ର ଅଠତିରିଶ କୋଟି ଅଧିବାସୀଙ୍କୁ ମୁକ୍ତ କରିବା ପାଇଁ ମୁଁ ସୁଭାଷ ଚନ୍ଦ୍ର ବୋଷ, ମୋର ଶେଷ ରକ୍ତବିନ୍ଦୁ ଦେଇ ଏହି ପବିତ୍ର ଯୁଦ୍ଧ ଚଳାଇଯିବି । ମୁଁ ଚିରଦିନ ଭାରତର ଜଣେ ବିଶ୍ୱସ୍ତ ସେବକ ଭାବରେ କାର୍ଯ୍ୟ କରିବି ଏବଂ ଭାରତବର୍ଷରେ ଥିବା ମୋର ଅଠତିରିଶ କୋଟି ଭାଇଭଉଣୀଙ୍କ କଲ୍ୟାଣ ସାଧନ ମୋ ଜୀବନର ଶ୍ରେଷ୍ଠତମ କର୍ତ୍ତବ୍ୟ ହେବ । ସ୍ୱାଧୀନତା ପ୍ରାପ୍ତି ପରେ ମଧ୍ୟ ଏହାକୁ ରକ୍ଷା କରିବା ପାଇଁ ଓ ମୋର ଶେଷ ରକ୍ତବିନ୍ଦୁ ଉତ୍ସର୍ଗ କରିବା ପାଇଁ ମୁଁ ସର୍ବଦା ପ୍ରସ୍ତୁତ ରହିବି (ସିଙ୍ଗାପୁର : ୧୯୪୩ ଅକ୍ଟୋବର ୨୩) ।

–ସୁଭାଷ ଚନ୍ଦ୍ର ବୋଷ

# ଭାରତର ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଅବଦାନ

ଶ୍ରୀ ବଳରାମ ମହାନ୍ତି

ଦୀର୍ଘ ୨୫ ବର୍ଷ ଧରି ଭାରତବାସୀ ବ୍ରିଟିଶ୍ ଶାସନରୁ ମୁକ୍ତ ହେବା ପାଇଁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଯେଉଁ ସଂଗ୍ରାମ ଚଳେଇଥିଲେ ସେଥିରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଗୌରବମୟ ଅବଦାନ ଅବିସ୍ମରଣୀୟ ହୋଇ ରହିବ । ୧୯୨୦ ମସିହାରେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେଲା । ବିପ୍ଳବୀ ସୁଭାଷ ଚନ୍ଦ୍ର ଲୋଭନୀୟ ଆଇ: ସି: ଏସ୍: ଚାକିରି ଛାଡ଼ି ଦେଇ ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରିଥିଲେ । ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ଶେଷ ଭାଗ ପର୍ଯ୍ୟନ୍ତ ନେତାଜୀ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ତାଙ୍କ ପ୍ରବର୍ତ୍ତିତ କାର୍ଯ୍ୟକ୍ରମ ଅନୁସାରେ ସ୍ୱାଧୀନତା ସଂଗ୍ରାମରେ ଅଗ୍ରଗଣ୍ୟ ଯୁବ ନେତା ଭାବରେ ସକ୍ରିୟ ଅଂଶ ଗ୍ରହଣ କରିବା ପରେ ତୃତୀୟ ତଥା ସ୍ୱାଧୀନତା ସଂଗ୍ରାମର ଶେଷ ପର୍ଯ୍ୟାୟରେ ତାଙ୍କର ମହାତ୍ମା ଗାନ୍ଧୀ ତଥା ଅନ୍ୟାନ୍ୟ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ସଂଗ୍ରାମର ସକ୍ରିୟ କର୍ମପନ୍ଥା ନେଇ ତୀବ୍ର ମତଭେଦ ହେଲା ଏବଂ ଭାରତରେ ରହି ସେ ତାଙ୍କ କାର୍ଯ୍ୟପନ୍ଥାକୁ କାର୍ଯ୍ୟକାରୀ କରି ପାରିବେ ନାହିଁ ବୋଲି ନିଶ୍ଚିତ କରି ଦ୍ୱିତୀୟ ମହାଯୁଦ୍ଧ ବେଳେ ବ୍ରିଟିଶ୍ ସରକାରଙ୍କ ଶତ୍ରୁ ପକ୍ଷ ଜର୍ମାନୀ ଓ ଜାପାନ ଯାଇ ସେ ଦେଶର ସାମରିକ ସାହାଯ୍ୟ ନେଇ ଭାରତୀୟ ଜାତୀୟ ସୈନ୍ୟ ବାହିନୀଙ୍କ ଦ୍ୱାରା ଭାରତକୁ ବ୍ରିଟିଶ୍ ଶାସନରୁ ମୁକ୍ତ କରିବା ପାଇଁ ଜୀବନର ଶେଷ ପର୍ଯ୍ୟନ୍ତ ଅଭିଯାନ ଚଳେଇ ଥିଲେ । ଶେଷରେ ଭାରତ ଛାଡ଼ ବିପ୍ଳବ ଫଳରେ ଭାରତବାସୀଙ୍କ ଭିତରେ ଯେଉଁ ବ୍ରିଟିଶ୍ ଶାସନ ବିରୋଧୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା, ତା'ସହିତ ଲାଲକିଲ୍ଲାରେ ନେତାଜୀଙ୍କ ଆଜାଦ୍‌ହିନ୍ଦ୍ ଫୌଜର ସେନାପତିମାନଙ୍କ ବିଚାରବେଳେ ଭାରତର ନୌ–ବାହିନୀ ଓ ସାମରିକ ବାହିନୀ ଭିତରେ ଯେଉଁ ବିଦ୍ରୋହ ଦେଖାଦେଲା ତାହା ଫଳରେ ବ୍ରିଟିଶ୍ ସରକାର ଭାରତ ଛାଡ଼ିବାକୁ ବାଧ୍ୟ ହେଲେ ।

## ଓଡ଼ିଶା ମାଟିରୁ ସେ ସଂଗ୍ରାମୀ ଜୀବନର ପ୍ରେରଣା ପାଇଥିଲେ

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଜନ୍ମ ଦେଇ ଓଡ଼ିଶା ଗର୍ବିତ । ନେତାଜୀ ସୁଭାଷ ସେତେବେଳର ପ୍ରଖ୍ୟାତ ଆଇନଜୀବୀ ଓ ସମାଜସେବୀ ଜାନକୀନାଥ ବୋଷଙ୍କର ଷଷ୍ଠ ପୁତ୍ର ଓ ନବ ସନ୍ତାନ । ସେତେବେଳେ ଉପକୂଳ ଓଡ଼ିଶା ବଙ୍ଗ ପ୍ରଦେଶ ଗୋଟିଏ ଡିଭିଜନ ହୋଇ ରହିଥିଲା । ବହୁ ବଙ୍ଗୀୟ ବିଶି ବ୍ୟକ୍ତିଙ୍କ ପରି ଜାନକୀନାଥ ବୋଷ କଟକ ସହରର ଓଡ଼ି ବଜାରରେ ବାସଗୃହ ନିର୍ମାଣ କରି ରହିଥିଲେ ଓ ଓଡ଼ିଶା ସାମାଜିକ ସେବା କାର୍ଯ୍ୟରେ ସମ୍ପୃକ୍ତ ଥାଇ ସୁପରିଚିତ ଥିଲେ ସୁଭାଷ ଚନ୍ଦ୍ରଙ୍କ ବାଲ୍ୟ ଓ କୈଶୋର ଜୀବନର ଷୋଳ ବର୍ଷ କଟକ ସହରରେ ଅତିବାହିତ ହୋଇଥିଲା । କଟକ କଲିଜିଏଟ୍ ସ୍କୁଲର ପ୍ରତିଭାଶାଳୀ ଛାତ୍ର ତଥା ସେତେବେଳର ହେଡ୍‌ମାଷ୍ଟର ବେଣୀମାଧବ ଦାସଙ୍କ ଅତ୍ୟନ୍ତ ପ୍ରିୟ ଛାତ୍ର ସୁଭାଷ ଚନ୍ଦ୍ରଙ୍କ ଛାତ୍ର ଜୀବନ କେବଳ ଅଧ୍ୟୟନରେ ସୀମିତ ହୋଇ ନଥିଲା । ସେତେବେଳେ ହଇଜା ଓ ବସନ୍ତ ଭଳି ସଂକ୍ରାମକ ରୋଗ କଟକ ସହର ଓ ଆଖପାଖ ଅଞ୍ଚଳରେ ବ୍ୟାପିବା ବେଳେ ସେ ପଢ଼ାପଢ଼ି ଛାଡ଼ି ସାଥୀ ଛାତ୍ରମାନଙ୍କୁ ନେଇ ରୋଗୀ ସେବାରେ ଲାଗି



ଯାଉଥିଲେ । ସାରା ଜୀବନ ଦୁଃସ୍ଥ ଭାରତବାସୀଙ୍କ ସେବାରେ ଆତ୍ମୋତ୍ସର୍ଗ କରିବା ପାଇଁ ତାଙ୍କ ହୃଦୟରେ ଯେଉଁ ବ୍ୟାକୁଳତା ଦେଖା ଦେଇଥିଲା ତାହା ହିଁ ପ୍ରଥମେ ତାଙ୍କ ବାଲ୍ୟ ଜୀବନରେ ଦୁଃସ୍ଥ ରୋଗୀଙ୍କ ସେବା ଭାବରେ ପ୍ରକାଶ ପାଇଥିଲା । ସେତେବେଳେ ଭାରତୀୟ ଦର୍ଶନ ଓ ଧର୍ମର ପ୍ରବର୍ତ୍ତକ ସ୍ୱାମୀ ବିବେକାନନ୍ଦଙ୍କ ବଜ୍ର ନିର୍ଘୋଷ ଘୋଷଣା "ଦୁଃସ୍ଥ ମାନବ ସେବା ହିଁ ଭଗବାନଙ୍କ ସେବା" ବାଳକ ସୁଭାଷ ଚନ୍ଦ୍ରଙ୍କୁ ଏହିଭଳି ରୋଗୀ ସେବା ପାଇଁ ପ୍ରେରଣା ଦେଇଥିଲା ।

## ବୈପ୍ଳବିକ ଭୂମିକା ପାଇଁ ପ୍ରସ୍ତୁତି

ଲୋଭନୀୟ ଆଇ: ସି: ଏସ୍: ଚାକିରିରୁ ଇସ୍ତଫା ଦେଇ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ ପ୍ରତ୍ୟକ୍ଷ ଭାବରେ ଭାରତର ପ୍ରଥମ ପର୍ଯ୍ୟାୟ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କଲେ । ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ବିଶ୍ୱସ୍ତ ସହଯୋଗୀ ଭାବରେ ସେ



କଟକ କଲିଜିଏଟ୍ ସ୍କୁଲରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସହିତ

କର୍ପୋରେସନ୍‌ର ଏକ୍‌ଜିକ୍ୟୁଟିଭ୍ ଅଫିସର ଭାବରେ ସହରର ପୁନର୍ଗଠନରେ ତାଙ୍କର କାର୍ଯ୍ୟ ଦକ୍ଷତା ଓ ନିଷ୍ଠା ପ୍ରମାଣିତ କରିଥିଲେ। ସ୍ୱାଧୀନତା ସଂଗ୍ରାମର ପର୍ଯ୍ୟାୟ ଲବଣ ସତ୍ୟାଗ୍ରହ ପରେ ପରେ ଇରଉଇନ୍ ଚୁକ୍ତି ସମ୍ପାଦିତ ହୋଇ ଅସହଯୋଗ ...ନକୁ ସ୍ଥଗିତ ରଖି ଦିଆଯିବାରୁ ସୁଭାଷ ଚନ୍ଦ୍ର ସେଥିରେ କ୍ଷୁବ୍ଧ ... ଏହା ସ୍ୱାଧୀନତା ସଂଗ୍ରାମ ପ୍ରତି ବିଶ୍ୱାସଘାତକତା ବୋଲି ପ୍ରକାଶ କରିଥିଲେ। ସେହି ସମୟରେ ବଙ୍ଗୀୟ ...ମାନଙ୍କ ଦ୍ୱାରା ଯେଉଁ ଚଟ୍ଟଗ୍ରାମ ଅସ୍ତ୍ରାଗାର ଲୁଣ୍ଠନ ହେଲା ...ହିତ ବିପ୍ଳବୀ ସୁଭାଷଙ୍କ ସମ୍ପର୍କ ରହିଥିବା ଅଭିଯୋଗରେ ... ସରକାର ତାଙ୍କୁ ଗିରଫ କରି ଭାରତର ବିଭିନ୍ନ ଜେଲ୍‌ରେ ... ପରେ ତାଙ୍କ ସ୍ୱାସ୍ଥ୍ୟର ଅବନତି ଘଟିବାରୁ ଚିକିତ୍ସା ପାଇଁ ସ୍ୱିଜରଲ୍ୟାଣ୍ଡକୁ ପଠାଇ ଦିଆଯାଇଥିଲା। ଏହି ...ଗରେ ସୁଭାଷ ଚନ୍ଦ୍ର ସମଗ୍ର ୟୁରୋପ ଭ୍ରମଣ କରିଥିଲେ ଓ ...ଲୀର ଏକଛତ୍ର ଶାସକ ମୁସୋଲିନ୍ ଓ ଆୟର୍ଲାଣ୍ଡର ବିପ୍ଳବୀ ...ଲେରାଙ୍କ ସହିତ ଆନ୍ତର୍ଜାତୀୟ ପରିସ୍ଥିତି ଓ ଭାରତର ସ୍ଥିତି ...ରେ ଆଲୋଚନା କରି ଭାରତ ଫେରି ଆସିଥିଲେ।

ଜାତୀୟ କଂଗ୍ରେସରେ ଯୋଗ ଦେଲା ପରେ ପୂର୍ଣ୍ଣ ସ୍ୱାଧୀନତା ...ଗ୍ରେସର ଲକ୍ଷ୍ୟ ହେଉ ବୋଲି ସେ ଚାହିଁଥିଲେ। ୧୯୨୮ ...ସିହାରେ କଲିକତାଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ... ଏଥିପାଇଁ ପ୍ରସ୍ତାବ ଆଗତ କରିଥିଲେ ମାତ୍ର ତାହା ଗୃହୀତ ...ହୋଇନଥିଲା। ସେହି ଅଧିବେଶନରେ ସୁଭାଷ ଚନ୍ଦ୍ର ...ସ୍ୱେଚ୍ଛାସେବକ ବାହିନୀର ଅଧକ୍ଷ ଭାବରେ ଅପୂର୍ବ ଶୃଙ୍ଖଳା ପ୍ରଦର୍ଶନ କରିଥିଲେ। ସେହି ବର୍ଷ ସାଇମନ୍ କମିଶନ୍ ଭାରତ ଭ୍ରମଣରେ ଆସିଥିଲେ। ଭାରତରେ ପରବର୍ତ୍ତୀ ଶାସନତାନ୍ତ୍ରିକ ପରିବର୍ତ୍ତନ ...ପାଇଁ ସୁପାରିଶ କରିବାକୁ ଏହି କମିଶନ୍ ଆସିଥିଲେ, ମାତ୍ର ଏହି କମିଶନ୍‌ର ସଭ୍ୟମାନଙ୍କ ଭିତରେ ଜଣେ ହେଲେ ଭାରତୀୟ ନଥିବାରୁ ଜାତୀୟ କଂଗ୍ରେସ ଏହି କମିଶନ୍‌କୁ ବର୍ଜନ କରିଥିଲେ। ସେତିକି ବେଳେ ସ୍ୱାଧୀନ ଭାରତର ଭବିଷ୍ୟତ ସମ୍ବିଧାନ ପ୍ରସ୍ତୁତ କରିବା ପାଇଁ କଂଗ୍ରେସ ଉଦ୍ୟମରେ କଂଗ୍ରେସ ନେତା ପଣ୍ଡିତ ମୋତିଲାଲ୍ ନେହେରୁଙ୍କ ଅଧ୍ୟକ୍ଷତାରେ ଗୋଟିଏ ସର୍ବଦଳୀୟ କମିଟି ଗଠିତ ହୋଇଥିଲା। ଏହି କମିଟିର ଜଣେ ସଭ୍ୟ ଭାବରେ ସୁଭାଷ ଚନ୍ଦ୍ର ବୋଷ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନୂତନ ସମ୍ବିଧାନରେ ଅନ୍ତର୍ଭୁକ୍ତ କରିବା ପାଇଁ ଓଡ଼ିଶା ପ୍ରତିନିଧିଙ୍କ ଦାବୀକୁ ପୂର୍ଣ୍ଣ ସମର୍ଥନ କରିଥିଲେ।

## ଜାତୀୟ କଂଗ୍ରେସର ସଭାପତି

ୟୁରୋପ ଭ୍ରମଣ କରି ଫେରି ଆସିବା ପରେ ଭାରତ ରାଜନୀତିରେ ବୈପ୍ଳବିକ ଭୂମିକା ଗ୍ରହଣ କରିବା ପରିକଳ୍ପନା କରି ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ ୧୯୩୮ ମସିହା ହରିପୁରା କଂଗ୍ରେସ ଅଧିବେଶନର ସଭାପତି ନିର୍ବାଚିତ ହେଲେ। ଏହି ଅଧିବେଶନରେ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ଥିଲା ସଭାପତି ଭାବରେ ତାଙ୍କର ଅଭିଭାଷଣ। ଏହି ଭାଷଣରେ ସେ ସର୍ବ ପ୍ରଥମେ ଘୋଷଣା କଲେ ଯେ ଭାରତର ଦାରିଦ୍ର୍ୟ, ନିରକ୍ଷରତା, ରୋଗବ୍ୟାଧି ତଥା ଉତ୍ପାଦନ ଓ ବଣ୍ଟନ ସମସ୍ୟା କେବଳ ସମାଜବାଦୀ ପଦ୍ଧତିରେ ହିଁ ସମାଧାନ ହୋଇପାରିବ। ସେ ତାଙ୍କର ଏହି ମତକୁ ବାସ୍ତବ ରୂପ ଦେବା ପାଇଁ ପଣ୍ଡିତ ନେହେରୁଙ୍କ ଅଧ୍ୟକ୍ଷତାରେ ଏକ ଜାତୀୟ ଯୋଜନା କମିଶନ ଗଠନ କରିଥିଲେ। ପରବର୍ତ୍ତୀ ସମୟରେ ଏହି କମିଟିର ସୁପାରିଶ ଅନୁସାରେ ଭାରତର ଅର୍ଥନୈତିକ ଢାଞ୍ଚା ପ୍ରସ୍ତୁତ ହେଲା। ସୁଭାଷ ଚନ୍ଦ୍ର କଂଗ୍ରେସ ସଭାପତି ଭାବରେ ଯେଉଁ ନୂତନ କାର୍ଯ୍ୟକାରୀ କମିଟି ଗଠନ କଲେ ସେଥିରେ ପ୍ରଥମ ଥର ପାଇଁ ଓଡ଼ିଶାରୁ ଡଃ ହରେକୃଷ୍ଣ ମହତାବଙ୍କୁ ଜଣେ ସଭ୍ୟ ଭାବରେ ମନୋନୀତ କରିଥିଲେ। ସେ ସବୁବେଳେ ଓଡ଼ିଶାବାସୀଙ୍କୁ ଶ୍ରଦ୍ଧା କରୁଥିଲେ ଓ ସେମାନଙ୍କ ସମର୍ଥନ ଲୋଡୁଥିଲେ।

ପରବର୍ତ୍ତୀ ବର୍ଷ କଂଗ୍ରେସ ସଭାପତି ନିର୍ବାଚନରେ ଜାତୀୟ କଂଗ୍ରେସର ବର୍ଷିଷ୍ଠପକ୍ଷଙ୍କଠାରୁ ତାଙ୍କୁ ସମର୍ଥନ ମିଳିନଥିଲା। ୧୯୩୯ ମସିହା ତ୍ରିପୁରୀ କଂଗ୍ରେସ ସଭାପତି ପଦ ପାଇଁ ସୁଭାଷ ଚନ୍ଦ୍ର ଡଃ ପଟ୍ଟାଭି ସୀତାରାମାୟାଙ୍କ ସହିତ ପ୍ରତିଯୋଗିତା କରି ବିଜୟୀ ହେଲେ। ସେତେବେଳକୁ ସେ ଜାଣି ପାରିଥିଲେ ଯେ ଛ'ମାସ ଭିତରେ ଯୁଦ୍ଧ ଆରମ୍ଭହେବ ତେଣୁ ସେହି ସମୟରେ ବ୍ରିଟିଶ ଶାସନ ବିରୁଦ୍ଧରେ ଭାରତରେ ଗଣସଂଗ୍ରାମ ଆରମ୍ଭ କରିବା ପାଇଁ ସେ ଚାହୁଁଥିଲେ। ତାଙ୍କ ପରାମର୍ଶକ୍ରମେ ଏହି ଅଧିବେଶନରେ ବ୍ରିଟିଶ ସରକାରଙ୍କ ପକ୍ଷରୁ ଚରମ ପତ୍ର ଦେବା ପାଇଁ ଯେଉଁ ପ୍ରସ୍ତାବ ଆସିଥିଲା ତାହା ଅଗ୍ରାହ୍ୟ ହୋଇଯାଇଥିଲା। ନୂତନ କଂଗ୍ରେସ କାର୍ଯ୍ୟକାରୀ କମିଟି ସଭ୍ୟ ମନୋନୀତ କରିବା ପାଇଁ ତାଙ୍କ ଉପରେ କଟକଣା ଜାରି କରାଯିବାରୁ ସୁଭାଷ ଚନ୍ଦ୍ର କଂଗ୍ରେସରୁ ଇସ୍ତଫା ଦେଇଥିଲେ।

## ଫରୱାର୍ଡ ବ୍ଲକ୍ ଦଳ ଗଠନ ଓ ବାମପନ୍ଥୀ ସଙ୍ଗଠନ

କଂଗ୍ରେସରୁ ଇସ୍ତଫା ଦେବା ପରେ ସେ ୧୯୪୦ ମସିହାରେ ଫରୱାର୍ଡ ବ୍ଲକ୍ ଗଠନ କଲେ ଏବଂ ଦେଶର ବାମପନ୍ଥୀମାନଙ୍କୁ ସଙ୍ଗଠିତ କରି ବ୍ରିଟିଶ୍ ଶାସନ ବିରୁଦ୍ଧରେ ଗଣସଂଗ୍ରାମ ପାଇଁ ପରିକଳ୍ପନା କରିଥିଲେ । ସେତେବେଳକୁ ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହୋଇଯାଇ ଥାଏ । ଭାରତବାସୀଙ୍କୁ କ୍ଷମତା ହସ୍ତାନ୍ତର ପାଇଁ ବ୍ରିଟିଶ୍ ସରକାରଙ୍କୁ ଚରମପତ୍ର ଦେଇ ତା'ପରେ ଭାରତରେ ଗଣସଂଗ୍ରାମ ଆରମ୍ଭ କରିବା ପାଇଁ ନେତାଜୀ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା କଂଗ୍ରେସ କର୍ତ୍ତୃପକ୍ଷ ଗ୍ରହଣ ନକରିବାରୁ ତଥା ସେ ଏହି ଉଦ୍ଦେଶ୍ୟରେ ବାମପନ୍ଥୀ ଦଳଙ୍କୁ ସଙ୍ଗଠିତ କରି ନପାରିବାରୁ ଶେଷରେ ଭାରତରୁ ଚାଲିଯାଇ ବିଦେଶୀ ଶକ୍ତି ସାହାଯ୍ୟରେ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ସଂଗ୍ରାମ କରି ଭାରତକୁ ମୁକ୍ତ କରିବା ପାଇଁ ପରିକଳ୍ପନା କଲେ । ତା' ପୂର୍ବରୁ ସେ ବିଭିନ୍ନ ରାଜ୍ୟରେ ଫରୱାର୍ଡ ବ୍ଲକ୍ ଦଳର ଶାଖା ଗଠନ କରିଥିଲେ । ୧୯୪୦ ମସିହା ମାର୍ଚ୍ଚ ମାସରେ ସୁଭାଷ ଚନ୍ଦ୍ର କଟକ ଆସି ଓଡ଼ିଶା ଯୁବ ସମ୍ମିଳନୀରେ ଉଦ୍‌ବୋଧନ ଦେଇଥିଲେ ଓ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗସ୍ତ କରିଥିଲେ । ଏହାପରେ ବାମପନ୍ଥୀ ନେତା ଦିବାକର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରେ ଫରୱାର୍ଡ ବ୍ଲକ୍ ଦଳର ଶାଖା ଗଠିତ ହୋଇଥିଲା ଓ ଏହି ଦଳରେ ଯୁବ ନେତା ଅଶୋକ ଦାସ, ବିବୁଧେନ୍ଦ୍ର ମିଶ୍ର, ସୁରେନ୍ଦ୍ରମଲ ସାହା, ହରିହର ପ୍ରଜାପଣ୍ଡା ସକ୍ରିୟ ସହଯୋଗୀ ଥିଲେ । ମୁଁ ଏହି ଦଳରେ ଜଣେ ସକ୍ରିୟ କର୍ମୀ ଥିଲି । ପଣ୍ଡିତ ନୀଳକଣ୍ଠ ଦାସ ସୁଭାଷ ଚନ୍ଦ୍ର ବୋଷଙ୍କର ଜଣେ ବିଶିଷ୍ଟ ସମର୍ଥକ ଥିଲେ । ସୁଭାଷ ଚନ୍ଦ୍ରଙ୍କ ପରାମର୍ଶ କ୍ରମେ ପଣ୍ଡିତ ନୀଳକଣ୍ଠଙ୍କ ଉଦ୍ୟମରେ ଓଡ଼ିଶାରେ ସେତେବେଳେ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହୋଇଥିଲା ।

## ଜର୍ମାନୀ ଓ ଜାପାନରେ ନେତାଜୀ

ଦ୍ୱିତୀୟ ମହାଯୁଦ୍ଧ ବେଳେ ବ୍ରିଟେନ୍‌ର ଶତ୍ରୁ ଜର୍ମାନୀ ଓ ଜାପାନ ସାହାଯ୍ୟରେ ଭାରତୀୟ ଜାତୀୟ ସୈନ୍ୟବାହିନୀକୁ ନେଇ ବ୍ରିଟିଶ୍ ସରକାର ବିରୁଦ୍ଧରେ ସଂଗ୍ରାମ ଚଳେଇବା ପାଇଁ ସୁଭାଷ ଚନ୍ଦ୍ର ବୋଷ ୧୯୪୧ ଜାନୁଆରୀ ୧୬ ତାରିଖ ଦିନ ଭାରତରୁ ଚାଲି ଯାଇଥିଲେ । ସେତେବେଳେ ସେ ତାଙ୍କ କଲିକତା ବାସଭବନରେ ଗୃହବନ୍ଦୀ ହୋଇ କଡ଼ା ଜଗୁଆଳଙ୍କ ଭିତରେ ଥିଲେ । ନେତାଜୀ ପ୍ରଥମେ ଆଫଗାନିସ୍ଥାନରେ ପହଞ୍ଚି ରୁଷ୍ ଓ ଜର୍ମାନୀ ସରକାରଙ୍କ ସହାୟତାରେ ୨ ମାସ ୧୭ ଦିନ ପରେ ବର୍ଲିନ୍‌ରେ ଯାଇ ପହଞ୍ଚିଥିଲେ । ଛଦ୍ମ ବେଶରେ ଓ ବିଭିନ୍ନ ଛଦ୍ମ ନାମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଏହି ଅନ୍ତର୍ଦ୍ଧାନର ରୋମାଞ୍ଚକର କାହାଣୀ ବିଶ୍ୱର ରୋମାଞ୍ଚକର ରାଜନୈତିକ କାହାଣୀ ଭିତରେ ଅବିସ୍ମରଣୀୟ ହୋଇ ରହିବ । ୧୯୪୧ ମସିହା ଏପ୍ରିଲ୍ ୩ ତାରିଖରେ ସେ ବର୍ଲିନ୍‌ରେ ପହଞ୍ଚିବା ପରେ ଜର୍ମାନୀ ସରକାରଙ୍କ ବର୍ଲିନ୍‌ଠାରେ ବୈଦେଶିକ ବିଭାଗରେ ଏକ ସ୍ୱତନ୍ତ୍ର ଭାରତୀୟ ବିଭାଗ ଖୋଲାଗଲା ଓ ନେତାଜୀ ସେଠାରେ କାର୍ଯ୍ୟ କଲେ । ସେ ସେଠାରୁ ବିଭିନ୍ନ ଭାଷାରେ ବେତାର ଯୋଗେ ଭାରତକୁ ପ୍ରଚାର ପାଇଁ ବ୍ୟବସ୍ଥା କଲେ ଏବଂ ସେଠାରୁ ସମଗ୍ର ୟୁରୋପ ଗସ୍ତ କରି ଭାରତୀୟମାନଙ୍କୁ ସଙ୍ଗଠିତ କଲେ । ସେଠାରୁ ତାଙ୍କ ନେତୃତ୍ୱରେ ଗୋଟିଏ ସ୍ୱାଧୀନ ଭାରତ କେନ୍ଦ୍ର ପ୍ରତିଷ୍ଠିତ ହେଲା. 'ଜୟହିନ୍ଦ୍' ହେଲା ପରସ୍ପରକୁ ସ୍ୱାଗତ ଜଣାଇବା ଧ୍ୱନି । ସେଇ ସ୍ୱାଧୀନ ଭାରତ କେନ୍ଦ୍ରର ସଭ୍ୟମାନେ ସୁଭାଷ ଚନ୍ଦ୍ରଙ୍କୁ 'ନେତାଜୀ' ପଦବୀରେ ଭୂଷିତ କରିଥିଲେ । କଂଗ୍ରେସର ତ୍ରିରଙ୍ଗା ପତାକା ମଝିରେ ବ୍ୟାଘ୍ରର ଛବି ଥାଇ ସ୍ୱାଧୀନ ଭାରତର ଏକ ନୂତନ ପତାକା ପ୍ରସ୍ତୁତ କରାଯାଇଥିଲା ।

ନେତାଜୀ ରହସ୍ୟଜନକ ଭାବରେ ଭାରତରୁ ଅନ୍ତର୍ଦ୍ଧାନ ହୋଇଯାଇ ଜର୍ମାନୀରୁ ବେତାର ଭାଷଣ ଦେବା ପରେ ସମଗ୍ର ଦେଶର ଯୁବକମାନଙ୍କ ଭିତରେ ଆଲୋଡ଼ନ ସୃଷ୍ଟି ହୋଇଥିଲା । ନେତାଜୀଙ୍କ ବିଷୟରେ ଜାଣିବା ପାଇଁ ଓଡ଼ିଶାର ଯୁବକମାନେ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ସେଥିପାଇଁ 'ବିପ୍ଳବୀ ସୁଭାଷ' ନାମ ଦେଇ ମୁଁ ତାଙ୍କର ଗୋଟିଏ ଜୀବନୀ ଲେଖିଥିଲି ଏବଂ ତାହା କଟକ ନବ ଭାରତ ପ୍ରେସରୁ ପ୍ରକାଶ ପାଇଥିଲା । ଏହି ଜୀବନୀଟି ବହୁଳ ଭାବରେ ବିକ୍ରି ହୋଇଥିଲା । ଶେଷରେ ଏହା ବ୍ରିଟିଶ୍ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହେଲା । ଜେଲ୍ ଭିତରେ ୧୯୪୨ ଅଗଷ୍ଟ ସଂଗ୍ରାମ ବେଳେ ଏହି 'ନିଷିଦ୍ଧ' ପୁସ୍ତକର ବିକ୍ରି ହୋଇ ଏଥିପାଇଁ ମୋତେ ଦୁଇ ବର୍ଷ ଜେଲ୍ ଓ ୨ ହଜାର ଟଙ୍କା ଜୋରିମାନା ହୋଇଥିଲା ।

ନେତାଜୀ ବର୍ଷେରୁ ଅଧିକ କାଳ ଜର୍ମାନୀରେ ରହିଥିଲେ । ଏଥି ଭିତରେ ଜର୍ମାନୀ ସାମରିକ ଶକ୍ତିଙ୍କର ମଧ୍ୟ ପ୍ରାଚ୍ୟରେ ବିପର୍ଯ୍ୟୟ ଘଟିଥିଲା ଏବଂ ଜାପାନ ପୂର୍ବ ପ୍ରାଚ୍ୟ ଦେଶମାନଙ୍କରେ ବିଜୟ ଲାଭ କରି ଚାଲିଥିଲେ । ତେଣୁ ନେତାଜୀ ଜାପାନଆସିବା ପାଇଁ ଆଗ୍ରହ ପ୍ରକାଶ କରି ୧୯୪୨ ମସିହା ମଇ ମାସରେ ହିଟ୍‌ଲରଙ୍କ ସଙ୍ଗେ ସାକ୍ଷାତ କରି ଏଥିପାଇଁ ସହାୟତା ଲୋଡ଼ିଲେ ଏବଂ ହିଟ୍‌ଲର ସେଥିରେ ରାଜି ହେଲେ । ଉଭୟ ଦେଶର ସାମରିକ କର୍ତ୍ତୃପକ୍ଷଙ୍କ ଭିତରେ କଥାବାର୍ତ୍ତା ହୋଇ ଦୁଇ ଦେଶର ବୁଡ଼ା ଜାହାଜ ଯୋଗେ ନେତାଜୀଙ୍କୁ ଆଣି ଜାପାନରେ ପହଞ୍ଚାଇ ଦିଆଯାଇ ଥିଲା । ଏହି ବିପଦପୂର୍ଣ୍ଣ ବୁଡ଼ା ଜାହାଜ ଯାତ୍ରା ପ୍ରାୟ ତିନି ମାସ ଲାଗି ଯାଇଥିଲା । ନେତାଜୀ ଏକ ବର୍ଷ ବିଳମ୍ବରେ ଯାଇ ଜାପାନରେ ପହଞ୍ଚିଲେ । ସେତେବେଳକୁ ଜାପାନ ପୂର୍ବ ଏସିଆର କେତେକ ଦେଶ ବ୍ରିଟିଶ୍ ସରକାରଙ୍କ ଦଖଲରୁ ଛଡ଼େଇ ନେଇଥିଲେ ମଧ୍ୟ ଆଉ ଅଗ୍ରସର ହେବା ଭଳି ଶକ୍ତି ହରାଇଥିଲେ । ଅନ୍ୟ ପକ୍ଷରେ ବ୍ରିଟିଶ୍ ସରକାର ତାଙ୍କ ସୈନ୍ୟ ବାହିନୀକୁ ସଙ୍ଗଠିତ କରିବା ପାଇଁ ସକ୍ଷମ ହୋଇଥିଲେ, ମାତ୍ର ନେତାଜୀ ଏଥିରେ ଆଦୌ ବିଚଳିତ ନହୋଇ ସମଗ୍ର ପୂର୍ବ ଏସିଆ ଦେଶର ଭାରତୀୟ ତଥା ଭାରତୀୟ ଯୁଦ୍ଧ ବନ୍ଦୀଙ୍କୁ ସଙ୍ଗଠିତ କରିଥିଲେ । ଜାପାନ ସରକାରୀ କର୍ତ୍ତୃପକ୍ଷ ତଥା ସାମରିକ କର୍ମକର୍ତ୍ତାଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା କରି ସାରିବା ପରେ ସେ ୧୯୪୩ ଅକ୍ଟୋବର ମାସରେ ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ଘୋଷଣା କରିଥିଲେ । ତା' ପୂର୍ବରୁ ବିପ୍ଳବୀ ରାସବିହାରୀ ଘୋଷଙ୍କ ନେତୃତ୍ୱରେ ସଙ୍ଗଠିତ

ୟ ସ୍ୱାଧୀନତା ସଙ୍ଗଠନକୁ ନେତାଜୀଙ୍କ ନେତୃତ୍ୱରେ ଅର୍ପଣ ଜ ସାରିଥିଲେ । ଏହିମାନଙ୍କୁ ନେଇ ଆଜାଦ୍‌ହିନ୍ଦ୍ ଫଉଜ ହୋଇଥିଲା । ଏହା ସହିତ କାପ୍ତେନ୍ ଲକ୍ଷ୍ମୀଙ୍କ ରେ ଝାନ୍‌ସୀ ରାଣୀ ବାହିନୀ ଗଠିତ ହେଲା । ଅସ୍ଥାୟୀ ହିନ୍ଦ୍ ସରକାରକୁ ଜାପାନ ସରକାର ତଥା ଦକ୍ଷିଣ-ପୂର୍ବ ର ବହୁ ଦେଶ ଏବଂ ଜର୍ମାନୀ ଓ ଇଟାଲି ଦେଶ ସ୍ୱୀକୃତି ଲେ । ନେତାଜୀ ପୂର୍ବ ଏସିଆର ବର୍ମା, ଥାଇଲାଣ୍ଡ, ର, ଫିଲିପାଇନ୍‌ସ୍ ଓ ଜାତୀୟତାବାଦୀ ଚୀନ ପ୍ରଭୃତି ଦେଶ କରି ଆଜାଦ୍‌ହିନ୍ଦ୍ ଫଉଜ ପାଇଁ ସୈନ୍ୟ ତଥା ଅର୍ଥ ସଂଗ୍ରହ ଲେ । ଲୋକେ ଅତ୍ୟନ୍ତ ଉତ୍ସାହରେ ସାହାଯ୍ୟ ଲେ ।

ମ୍ଫଲ୍ ଯୁଦ୍ଧ କ୍ଷେତ୍ରରେ ଜାପାନ ସୈନ୍ୟଙ୍କ ସହଯୋଗରେ ୀୟ ଜାତୀୟ ସୈନ୍ୟବାହିନୀ କିପରି ଭାରତ ଭୂମିରେ ଶ କରିବେ ସେ ସମ୍ପର୍କରେ ନେତାଜୀ ଜାପାନର ସାମରିକ ଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ ସ୍ଥିର ହେଲା ଅଗ୍ରସର ହେଉଥିବା ଜାପାନୀ ସୈନ୍ୟବାହିନୀଙ୍କ ସହିତ ହିନ୍ଦ୍ ଫୌଜରୁ ଗୋଟିଏ ଗୋଟିଏ ଦଳ ସଂଯୁକ୍ତ ହେବେ ଏବଂ ନୀ ସୈନ୍ୟଙ୍କ ସହିତ ମିଶି ଯୁଦ୍ଧ କରିବେ । ସେମାନେ ୀୟ ସେନାପତିଙ୍କ ଅଧୀନରେ ଯୁଦ୍ଧ କରିବେ ମାତ୍ର ଜାପାନ ପତିଙ୍କ ନିୟନ୍ତ୍ରଣରେ ପରିଚାଳିତ ହେବେ । ଭାରତୀୟ ୍ୟମାନେ ସହଯୋଗୀ ସୈନ୍ୟ ଭାବରେ କାର୍ଯ୍ୟ କଲେ ମଧ୍ୟ ଦ୍‌ହିନ୍ଦ୍ ସରକାରଙ୍କ ସାମରିକ ଆଇନ ଅନୁସାରେ କାର୍ଯ୍ୟ ବେ । ଯେଉଁ ସବୁ ଅଞ୍ଚଳ ଅଧିକୃତ ହେବ, ସେ ସବୁ ଦ୍‌ହିନ୍ଦ୍ ସରକାରଙ୍କ କର୍ତ୍ତୃତ୍ୱାଧୀନ ହେବ । ଭାରତୀୟ ୍ୟମାନେ ନିଜର ଜାତୀୟ ପତାକା ନେଇଯିବେ । ଜାପାନ ଧୃତ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପକୁ ସେମାନେ ଆଜାଦ୍‌ହିନ୍ଦ୍ କାରଙ୍କୁ ଅର୍ପଣ କରି ଦେଇଥିଲେ । ସେତେବେଳେ ପୁରର ମଇରାଙ୍ଗ ସହର ବ୍ରିଟିଶଙ୍କ ଅଧିକାରରୁ ମୁକ୍ତ ହୋଇ ଥିଲା ତେଣୁ ଭାରତୀୟ ଜାତୀୟ ସୈନ୍ୟବାହିନୀ ରଙ୍ଗଠାରେ ହେଡ୍‌କ୍ୱାର୍ଟର ସ୍ଥାପନ କରି ଇମ୍ଫଲ୍ ଯୁଦ୍ଧ କ୍ଷେତ୍ର ଦିଗକୁ ଅଗ୍ରସର ହୋଇଥିଲେ । ଜାପାନୀମାନେ ଇମ୍ଫଲକୁ ଯିବାକୁ ଘେରାଉ କରି ରାସ୍ତା କାଟି ଦେଇଥିଲେ । ବ୍ରିଟିଶ୍ ରକାର ବିମାନ ଯୋଗେ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଉନଥିଲେ ବ୍ରିଟିଶ୍ ସୈନ୍ୟମାନେ ଆତ୍ମ ସମର୍ପଣ କରିବାକୁ ବାଧ୍ୟ ହୋଇଥାନ୍ତେ । ମାତ୍ର ଏହି ସମୟରେ ବର୍ଷା ଆରମ୍ଭ ହୋଇଯିବାରୁ ତାହା ଜାପାନୀଙ୍କ ବିପର୍ଯ୍ୟୟର କାରଣ ହେଲା । ଇ ମାସରେ ଏପରି ଘୋର ବର୍ଷା ହେଲା ଯେ ଜାପାନୀ ଓ ଭାରତୀୟ ସୈନ୍ୟବାହିନୀ ରହିଥିବା ଅଞ୍ଚଳରେ ପାଣି ଜମିଯାଇ ହୋଇଗଲା, ତେଣୁ ଜୁଲାଇ ୧୮ ତାରିଖରେ ଜାପାନୀ ଓ ଭାରତୀୟ ସୈନ୍ୟମାନେ ସେଠାରୁ ଫେରି ଆସିବାକୁ ବାଧ୍ୟ ହେଲେ । ଏହି ସମୟରେ ଜାପାନୀମାନେ ଖାଦ୍ୟ ପଦାର୍ଥ ଯୋଗାଣରେ ବିଫଳ ହେବାରୁ ଭାରତୀୟ ସୈନ୍ୟମାନେ ଦୁଃଖ ଯନ୍ତ୍ରଣା ଭୋଗ କଲେ ।

ଶେଷରେ ୧୯୪୫ ଏପ୍ରିଲ ଶେଷ ଭାଗରେ ଜାପାନ ସୈନ୍ୟବାହିନୀର ପ୍ରଧାନ ସେନାପତି ରେଙ୍ଗୁନ୍‌ରୁ ବିମାନ ଯୋଗେ ଚାଲିଆସିବା ପାଇଁ ଜଣାଇ ଦେଲେ ମାତ୍ର ନେତାଜୀ ଭାରତୀୟ ସୈନ୍ୟ ବିଶେଷ ଭାବରେ ମହିଳା ସୈନ୍ୟଙ୍କୁ ଛାଡ଼ିଦେଇ ଚାଲି ଆସିବାକୁ ଚାହିଁଲେ ନାହିଁ ।

ଭାରତୀୟ ସୈନ୍ୟବାହିନୀ ବିଶେଷ କରି ରାଣୀ ଝାନ୍‌ସୀ ମହିଳା ବାହିନୀର ନାରୀମାନଙ୍କୁ ପ୍ରଥମେ ସେମାନଙ୍କ ଘରକୁ ପଠାଇ ସାରିବା ପରେ ଯାଇ ନେତାଜୀ ରେଙ୍ଗୁନ୍‌ର କେତେଗୁଡ଼ିଏ ଟ୍ରକ୍ ସହ ଗୋଟିଏ ଟ୍ରକ୍‌ରେ ବସି ରେଙ୍ଗୁନ୍‌ରୁ ଆସିଥିଲେ । ଜାପାନ କ୍ରମଶଃ ଯୁଦ୍ଧରେ ସମ୍ପୂର୍ଣ୍ଣ ବିପର୍ଯ୍ୟୟର ସମ୍ମୁଖୀନ ହେଲା ଏବଂ ଶେଷରେ ପରମାଣୁ ବୋମା ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ହୋଇ ୧୯୪୫ ଅଗଷ୍ଟ ୧୫ ତାରିଖରେ ଆତ୍ମ ସମର୍ପଣ କଲା । ଏହି ସମୟରେ ନେତାଜୀ ରୁଷର ସାହାଯ୍ୟ ଲୋଡ଼ିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ ଏବଂ ସେହି ଆଶାରେ ମାଞ୍ଚୁରିଆଠାରେ ଅବସ୍ଥିତ ସିକିଙ୍ଗ ଅଭିମୁଖେ ହବିବ୍ ଓ ସେନାପତି ସିଦେଇଙ୍କ ସଙ୍ଗେ ବିମାନ ଯୋଗେ ଯାତ୍ରା କରିଥିଲେ । ତାଇପେଠରେ କିଛି ସମୟ ରହି ଏହା ଯାତ୍ରା କରିବା ସମୟରେ ବିମାନରେ ନିଆଁ ଲାଗିଯାଇ ଥିଲା । ହବିବ୍‌ଙ୍କ ସହିତ ନେତାଜୀ ବିମାନରୁ ଡେଇଁ ପଡ଼ିଥିଲେ ମାତ୍ର ତାଙ୍କ ପୋଷାକରେ ନିଆଁ ଲାଗି ତାଙ୍କ ଶରୀର ଅଗ୍ନିଦଗ୍ଧ ହୋଇ ଯାଇଥିଲା । ସେଇଥିରେ ୧୯୪୫ ଅଗଷ୍ଟ ୧୭ ତାରିଖରେ ଏହି ଅତୁଳନୀୟ ଦେଶପ୍ରେମୀ, ସାହସୀ ପୁରୁଷଙ୍କ ଇହଲୀଳା ସାଙ୍ଗ ହୋଇ ଯାଇଥିଲା ।

## ଐତିହାସିକ ଲାଲକିଲ୍ଲା ବିଚାର

ଦ୍ୱିତୀୟ ମହାଯୁଦ୍ଧ ଶେଷରେ ୧୯୪୫ ମସିହା ନଭେମ୍ବର ୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାଠାରେ ବ୍ରିଟିଶ୍ ସରକାର ସାମରିକ ଅଦାଲତ ବସାଇ ଭାରତୀୟ ଜାତୀୟ ସେନାବାହିନୀର ତିନିଜଣ ସେନାପତି ସାନଓ୍ୱାଜ୍ ଖାଁ, ପି: କେ: ସହଗଲ ଓ ଜି: ଏସ୍: ଧିଲ୍ଲଁକର ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା ଅଭିଯୋଗରେ ବିଚାର କରିଥିଲେ । ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା ଯେ ସେମାନେ ଜାପାନ ସରକାରଙ୍କ ହାତବାରିଶୀ ଭଳି କାର୍ଯ୍ୟ କରିଥିଲେ । ଜାତୀୟ କଂଗ୍ରେସର ନେତୃବୃନ୍ଦ ଭାରତୀୟ ସୈନ୍ୟବାହିନୀର ସେନାପତିମାନଙ୍କ ସପକ୍ଷରେ ଲଢ଼ିଥିଲେ । ନିଜେ ଜବାହରଲାଲ ପଣ୍ଡିତ ନେହେରୁ ଓକିଲାତି ପୋଷାକ ପିନ୍ଧି ସେମାନଙ୍କ ପାଇଁ ଏହି ବିଚାର ବେଳେ ଉପସ୍ଥିତ ଥିଲେ । ଭାରତର ବିଶିଷ୍ଟ ଆଇନଜୀବୀ ଭୁଲାଭାଇ ଦେଶାଇ ଆନ୍ତର୍ଜାତୀୟ ଆଇନ ଦର୍ଶାଇ ବ୍ରିଟିଶ୍ ସରକାରଙ୍କ ଯୁକ୍ତିକୁ ଦୃଢ଼ ଭାବରେ ଖଣ୍ଡନ କରିଥିଲେ । ସେମାନେ ଦର୍ଶାଇଥିଲେ ଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରକୃତରେ ଗୋଟିଏ ସ୍ୱାଧୀନ ଅସ୍ଥାୟୀ ସରକାର ଗଠନ କରିଥିଲେ ଏବଂ ଏହି ସରକାରର ସୈନ୍ୟବାହିନୀ ଭାରତରେ ବ୍ରିଟିଶ୍ ଶାସନକୁ ଲୋପ କରିଦେବା ପାଇଁ ଯୁଦ୍ଧ କରିଥିଲେ । ସେମାନେ ଜାପାନର

ହାତବାରିସୀ ନଥିଲେ । ଜାପାନୀ ସୈନ୍ୟଙ୍କ ମିତ୍ର ପକ୍ଷ ରୂପେ ସମାୟନ୍ଦ ହୋଇ ସେମାନେ ଲଢ଼େଇ କରିଥିଲେ । ପ୍ରତ୍ୟେକ ପରାଧୀନ ଦେଶର ଏହିଭଳି ନ୍ୟାୟସଙ୍ଗତ ଅଧିକାର ରହିଛି । ଏହି ବିପ୍ଳବ ବେଳେ ପୂର୍ବ ଏସିଆରେ ନେତାଜୀଙ୍କ ବିରାଟ ସଙ୍ଗଠନ ଓ ସାହସିକ କାର୍ଯ୍ୟକଳାପ ଲୋକଲୋଚନକୁ ଆସିଥିଲା । ଏ ସବୁ ଘଟଣାରେ ନେତାଜୀଙ୍କ ନେତୃତ୍ୱରେ ଭାରତୀୟମାନଙ୍କ ଅତୁଳନୀୟ ଦେଶପ୍ରେମ ଓ ସାହସ ସମଗ୍ର ଦେଶବାସୀଙ୍କ ଭିତରେ ଉନ୍ମାଦନା ସୃଷ୍ଟି କରିଥିଲା । ବିଭିନ୍ନ ସ୍ଥାନରେ ବିଶେଷତଃ ଛାତ୍ରମାନଙ୍କର ବିକ୍ଷୋଭ ପ୍ରକାଶ ପାଇଥିଲା, ନୌ-ବାହିନୀରେ ବିଦ୍ରୋହ ଦେଖା ଦେଇଥିଲା । ଏହି ବିପ୍ଳବ ଯେପରିକି ବ୍ରିଟିଶ୍ ଶାସନ ବିରୁଦ୍ଧରେ ଭାରତ ଛାଡ଼ ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ ଥିଲା, ଏହାହିଁ ବ୍ରିଟିଶ୍ ସରକାରଙ୍କୁ କ୍ଷମତା ହସ୍ତାନ୍ତର କରିବାକୁ ବାଧ କରିଥିଲା ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୀବିତ ଥାଆନ୍ତୁ କି ନଥାଆନ୍ତୁ ତାହା ଏବେ ଅପ୍ରାସଙ୍ଗିକ ହୋଇ ପଡ଼ିଛି । ଭାରତରେ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ତ୍ୟାଗ, ସାହସ ଓ ସଙ୍ଗଠନ ଶକ୍ତି ଅବିସ୍ମରଣୀୟ ହୋଇ ରହିବ ।

---

୧୧୩, ବୁଦ୍ଧ ନଗର,
ଭୁବନେଶ୍ୱର



କଟକ କଳାବିକାଶ କେନ୍ଦ୍ରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଥିତ ଯଶା କ୍ଷୁଦ୍ରଗଳ୍ପ ଲେଖକ ଓ କଥାକାର ଶ୍ରୀ ମନୋଜ ଦାସଙ୍କୁ ସାହିତ୍ୟ ଭାରତୀ ସମ୍ମାନରେ ଭୂଷିତ କରୁଛନ୍ତି ।

# ...ଶସ୍ତ୍ର ସଂଗ୍ରାମରେ ଝାନ୍ସୀ–ନାରୀ–ସେନାବାହିନୀ

ସ୍ମିତା ରାୟ

...ସବିନ୍ଦ ଭାରତ ଯେତେବେଳେ ପରାଧୀନତାର ଘୋର
... ମଧ୍ୟରେ ହାହିହାହି ଚିତ୍କାର କରୁଥିଲା, ଠିକ୍ ସେହି
...ର ଭାରତ ମୁକ୍ତି ସଂଗ୍ରାମର ଶ୍ରେଷ୍ଠ ଯୋଦ୍ଧା ନେତାଜୀ
...ଙ୍କ ଦ୍ୱାରା ଗଠିତ ନାରୀସେନା ଝନ୍ସୀ–ବାହିନୀ ନାମରେ
... ହୋଇ ମାତୃଭୂମିର ମୁକ୍ତି ନିମନ୍ତେ ଜାଗି ଉଠିଥିଲେ ।
... ହସିହସି ଗୃହର ସମସ୍ତ ମାୟା ମୋହକୁ ଭୁଲି
...ଙ୍ଗମାନଙ୍କ ବିରୁଦ୍ଧରେ ସଶସ୍ତ୍ର–ସଂଗ୍ରାମରେ ନିଜ ଜୀବନକୁ
... କରିଥିଲେ । ଏଥି ପୂର୍ବରୁ ୧୮୫୭ ମସିହାରେ ପ୍ରଥମ
...–ସଂଗ୍ରାମ ସିପାହୀ ବିଦ୍ରୋହ ବିଫଳ ହୋଇଥିଲା ।

...ର ଦୀର୍ଘ ୮୬ ବର୍ଷ ପରେ ଏହି ମହାନ ବିପ୍ଳବୀ ନେତାଜୀ
... "ଆଜାଦ୍ ହିନ୍ଦ୍–ଫୌଜ" ଗଠନ କରି ଏକ ଲକ୍ଷ ସୈନ୍ୟଙ୍କ
... କୋଡ଼ିଏ ହଜାର ନାରୀ–ସେନାଙ୍କୁ ନେଇ ଝନ୍ସୀ ନାମରେ
...ଶାଳ ନାରୀ–ସେନା ବାହିନୀ ଗଠନ କଲେ । ସେମାନଙ୍କ
... ସଂଗ୍ରାମ ଦ୍ୱାରା ବ୍ରିଟିଶ୍ ଓ ଆମେରିକା ଭଳି ଦୁଇଟି ବୃହତ୍
... ଆସନ ଥରି ଉଠିଥିଲା । ବିପ୍ଳବୀ ନେତାଜୀ–ସୁଭାଷଙ୍କ
...ତ୍ୱରେ ୧୯୪୫ ମସିହାରେ 'ଆଜାଦ୍ ହିନ୍ଦ୍ ଫୌଜ'ର
...ମାନେ ଭାରତରେ ପ୍ରବେଶ କରି ଇମ୍ଫାଲ ପର୍ଯ୍ୟନ୍ତ ଦଖଲ
...ଲେ ଓ ସେଠାରେ ପ୍ରଥମେ ବିଜୟର ତ୍ରିରଙ୍ଗା ପତାକା ଉଡ଼ାଇ
... ଆଶା ଦେଶବାସୀଙ୍କୁ ପ୍ରଦାନ କରିଥିଲେ । ନେତାଜୀ
...ଙ୍କୁ ଜର୍ମାନୀ, ଜାପାନ ପରି ବୀର ଦେଶ ସଶସ୍ତ୍ର ସଂଗ୍ରାମ
... ଆଧୁନିକ ସୈନିକ ସରଞ୍ଜାମ ସାହାଯ୍ୟ କରିଥିଲେ ।

...୯୨୮ ମସିହାରେ କଲିକତାଠାରେ ପାର୍କ ସର୍କସ ପଡ଼ିଆରେ
...ୟ–କଂଗ୍ରେସ ଅଧିବେଶନରେ ଏକ ବିରାଟ ପ୍ୟାରେଡ଼ ଓ
... ସୁଭାଷଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ସେଥିରେ
...ୟ–ମହିଳା ସଙ୍ଘର ମହିଳାମାନେ ମଧ୍ୟ ସୈନିକ ବେଶରେ
...ଡ଼ ପରେଡ଼ ପ୍ରଦର୍ଶନ କରିଥିଲେ ସେତେବେଳେ ସୁଭାଷ
...ମାନଙ୍କର ଦେଶଭକ୍ତି, ସେବା, ତ୍ୟାଗ ଦେଖି ଭାବିଥିଲେ ଯେ
...ଷ୍ୟତରେ ବ୍ରିଟିଶ୍ ସୈନ୍ୟ ବାହିନୀ ସହିତ ଆମର ଯୁଦ୍ଧ
...ଇ ହେବ, ସେଥିରେ ଏହି ମହିଳା ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ
...କ ସଶସ୍ତ୍ର ସଂଗ୍ରାମରେ ଭାଗ ନେଇ ବୀରତ୍ୱର ପରାକାଷ୍ଠା
...ଦର୍ଶନ କରିବେ ।

...୧୯୪୩ ମସିହା ଜୁଲାଇ ୭ ତାରିଖ ଦିନ ନେତାଜୀ ସୁଭାଷ
...ମାନୀରୁ ଆସି ସିଙ୍ଗାପୁରଠାରେ ଭାରତୀୟ ମହିଳାମାନଙ୍କ ଦ୍ୱାରା

ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ । ଦେଶାତ୍ମବୋଧ ସଙ୍ଗୀତ "ସାରେ ଜହାଁସେ ଅଚ୍ଛା, ହିନ୍ଦୁସ୍ଥାନ ହମାରା" ଗାନ କରାଯାଇ ତାଙ୍କୁ ପୁଷ୍ପମାଳାରେ ସମ୍ବର୍ଦ୍ଧନା କରାଯାଇଥିଲା । ସେ ତାଙ୍କର ଓଜସ୍ୱିନୀ ଭାଷଣରେ କହିଥିଲେ ମୁଁ ନାରୀମାନଙ୍କର ଏଭଳି ସମାବେଶ ଦେଖିବା ପାଇଁ ଚାହେଁ ଯେପରି ସେମାନେ ସୈନିକ ଭାବେ ଲଢ଼େଇ କରିବାକୁ ପ୍ରସ୍ତୁତ ହେବେ । ଏଭଳି ପୁଷ୍ପହାର ପ୍ରଦାନର ଆବଶ୍ୟକତା ମୁଁ ଚାହେଁ ନାହିଁ । ମୁଁ ଚାହେଁ ଆମ ଦେଶର ଯୁବତୀମାନେ ଝାନ୍ସୀରାଣୀ ଲକ୍ଷ୍ମୀବାଈ ଓ ଚିତୋରର ରାଣୀ ଦୁର୍ଗାବତୀଙ୍କ ପରି ନାରୀତ୍ୱର ଚରମ ପରାକାଷ୍ଠା ଦେଖାଇ କଠୋର ସଂଗ୍ରାମ ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ । ଦରକାର ପଡ଼ିଲେ ସହାସ୍ୟ ମୁଖରେ ନିଜ ଜୀବନକୁ ମୁକ୍ତି ସଂଗ୍ରାମରେ ଝାସ ଦେବା ନିମନ୍ତେ 'ଶପଥ' ନିଅନ୍ତୁ ।

ଝାନ୍ସୀ–ରେଜିମେଣ୍ଟ ଗଠିତ ହୋଇ ତାଙ୍କର ଏହି ଆହ୍ୱାନ ୧୯୪୩ ମସିହାରେ ବାସ୍ତବ ରୂପ ନେଲା । ମାଡ୍ରାଜର ଡକ୍ଟର ଲକ୍ଷ୍ମୀ ସ୍ୱାମୀନାଥନ ଏହି ରେଜିମେଣ୍ଟରେ କମାଣ୍ଡର ରୂପେ ଦାୟିତ୍ୱ ଗ୍ରହଣ କଲେ । ଏହି ନାରୀସେନା ବାହିନୀରେ ବର୍ମା, ଚୀନ୍, ଜାପାନ, ଫିଲିପାଇନସ୍ ଏବଂ ଭାରତୀୟ ମହିଳାମାନଙ୍କୁ ନିଯୁକ୍ତି ଦିଆଯାଇ ଦୁଇଗୋଟି ଟ୍ରେନିଂ ଗ୍ରୁପ୍ ଥାଇଲ୍ୟାଣ୍ଡ ବର୍ମାରେ କରା ଯାଇଥିଲା । ନେତାଜୀ ସମସ୍ତ କମାଣ୍ଡରଙ୍କ ସହିତ ସେମାନଙ୍କୁ ଉପଯୁକ୍ତ ଯୁଦ୍ଧର ତାଲିମ, କୌଶଳ ଶିକ୍ଷା ପ୍ରଦାନ କରିଥିଲେ । ଏହି ସେନାବାହିନୀରେ ୨୦,୦୦୦ ହଜାର ନାରୀ ସୈନିକ ଯୋଗ ଦେଇ ସଶସ୍ତ୍ର ସଂଗ୍ରାମରେ ଝାସ ଦେଇଥିଲେ ।

ଝାନ୍ସୀ ମହିଳା ବାହିନୀକୁ "ସେବିକା ଓ ସୈନିକ ଦୁଇ ଭାଗରେ ବିଭକ୍ତ କରାଯାଇ ଅନ୍ୟ କେତେକଙ୍କୁ ପ୍ରସ୍ତର କାର୍ଯ୍ୟରେ ନିଯୁକ୍ତ କରାଯାଇ ଥିଲା । ପ୍ରଥମେ ସେବିକା ଦଳରେ ୧୦୦ ଜଣଙ୍କୁ ସିଙ୍ଗାପୁର ଓ ରେଙ୍ଗୁନଠାରେ ସ୍ୱାସ୍ଥ୍ୟ ସେବିକା ତାଲିମ୍ ଦିଆଯାଇଥିଲା । ଯୁଦ୍ଧ କ୍ଷେତ୍ରରେ ୩୦୦ ଜଣ ମହିଳା ସୈନିକଙ୍କୁ ଯୁଦ୍ଧ କୌଶଳ ତାଲିମ୍ ଦିଆ ଯାଇଥିଲା । ସୈନିକମାନଙ୍କୁ ତିନୋଟି କମ୍ପାନୀରେ ବିଭକ୍ତ କରାଯାଇ ତନ୍ମଧ୍ୟରୁ ଦୁଇଟି କମ୍ପାନୀ ସିଙ୍ଗାପୁରଠାରେ ଓ ଅନ୍ୟଟି ରେଙ୍ଗୁନ୍‌ଠାରେ ଅବସ୍ଥାପିତ କରାଯାଇଥିଲା । ପ୍ରତ୍ୟେକ ପ୍ଲାଟୁନ୍‌ରେ ଚାରୋଟି ଦସ୍ତର ଥିଲା । ସେମାନଙ୍କୁ ରାଇଫଲ, ମେସିନ୍‌ଗନ, ପିସ୍ତଲ, ଟୋମିଗନ୍ ଓ ବାଓନେଟ୍ ଚଳାଇବାର ଶିକ୍ଷା ସହିତ ଶାରୀରିକ ବ୍ୟାୟାମ, ମିଲିଟାରୀ ଟ୍ରେନିଂ ଦିଆ ହୋଇଥିଲା । ଏହି ନାରୀ ସେନା ବାହିନୀକୁ ହାଫ୍ ଖାକି ପୋଷାକ ଓ ବୁଟ୍ ଜୋତା ଯୋଗାଇ ଦିଆଯାଇଥିଲା । ସେମାନେ ପୃଷ୍ଠରେ ସୈନିକ ସରଞ୍ଜାମ ଧରି ଜାପାନୀମାନଙ୍କ ପରି ଟୋପି ଲଗାଇ ମିଲିଟାରୀ ବ୍ୟାଜ ସହିତ ପୁରୁଷମାନଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଯୁଦ୍ଧକ୍ଷେତ୍ରକୁ ଆଗେଇ ଯାଇଥିଲେ । ପୁରୁଷଙ୍କ ଅପେକ୍ଷା ନାରୀ ସେନା ବାହିନୀ ଯୁଦ୍ଧ କ୍ଷେତ୍ରରେ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରି ଚମକ ସୃଷ୍ଟି କରିଥିଲେ ।

ଏହି ନାରୀ ସେନା ବାହିନୀରେ ବଙ୍ଗଳା ଓ ଓଡ଼ିଶା ସମେତ ଭାରତରେ ବିଭିନ୍ନ ପ୍ରଦେଶର ମହିଳାମାନେ ଭାଗ ନେଇଥିଲେ ।

ଗୌରବ ଓ ଗର୍ବର ବିଷୟ ଏହି ଯେ ଆମ ଓଡ଼ିଶାର ଅନେକ ବାଳିକା ଏହି ନାରୀ ସେନା ବାହିନୀରେ ଯୋଗଦାନ କରିଥିଲେ । ତନ୍ମଧ୍ୟରୁ ଦାମୋଦର ବ୍ରାହ୍ମଣ ଲାଗିଓ ହୋଟେଲ କିପରି ନିଜର ତିନୋଟି କନ୍ୟାଙ୍କୁ ଆନନ୍ଦର ସହିତ ମୁକ୍ତି ସଂଗ୍ରାମରେ ଭାଗ ନେବାକୁ ପଠାଇ ଦେଇଥିଲେ । ରଜନୀ, କାନ୍ତି, ଓ ଊର୍ମିଳା ଏହି ତିନୋଟି ଝିଅ ଆଜାଦ୍ ହିନ୍ଦ୍ ଫୌଜରେ ଯୋଗ ଦେଇ ସବୁ ଝିଅଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ହୋଇଥିଲେ । ଉଲ୍ଲେଖନୀୟ ବିଷୟ ଏହି ଯେ ଆଜାଦ୍ ହିନ୍ଦ୍ ଫୌଜର ୱେଲଫେୟାର ଡିପାର୍ଟମେଣ୍ଟରେ କମାଣ୍ଡର ଥିଲେ, ଜଣେ ଓଡ଼ିଆ ତାଙ୍କ ନାମ ମେଜର ବି: ପଟ୍ଟନାୟକ ।

ନେତାଜୀ ଆଜାଦ୍ ହିନ୍ଦ୍ ଫୌଜ ସୈନ୍ୟ ବାହିନୀରେ ଝାନ୍‌ସୀର ମହିଳା ରେଜିମେଣ୍ଟ ଏବଂ ଯୁବକମାନଙ୍କ ଦ୍ୱାରା ଗଠିତ ସୁଭାଷ ବ୍ରିଗେଡ୍, ଆଜାଦ୍ ବ୍ରିଗେଡ୍, ଗାନ୍ଧୀ ବ୍ରିଗେଡ୍ ଗଠନ କରି ବ୍ରିଟିଶ୍, ଆମେରିକା ମିତ୍ର ଶକ୍ତି ବିରୁଦ୍ଧରେ ଲଢ଼େଇ କରିଥିଲେ ଏବଂ ଭାରତ ଭିତରକୁ ପ୍ରବେଶ କରି ଇମ୍ଫାଲ ପର୍ଯ୍ୟନ୍ତ ଦଖଲ କରିଥିଲେ । ଏହାଫଳରେ ଭାରତ ଭିତରେ ନୂତନ ଜାଗରଣ ଓ ଭାରତର ସେନା ବାହିନୀରେ ବ୍ରିଟିଶଙ୍କ ବିରୁଦ୍ଧରେ ବିଦ୍ରୋହ ବ୍ୟାପିବାକୁ ଲାଗିଲା । ନେତାଜୀ ସୁଭାଷ ସର୍ବ ପ୍ରଥମେ ଜାତୀୟ କଂଗ୍ରେସରେ ସ୍ୱେଚ୍ଛାସେବକ ବାହିନୀ ଗଠନ କରିଥିଲେ । ପରେ ଏହାକୁ କଂଗ୍ରେସ ସେବାଦଳ ନାମ ଦିଆଯାଇଥିଲା ।

---

ମେରିଆ ବଜାର,
କଟକ-୭୫୩୦୦୧



ବେଗୁନିଆ ବ୍ଳକ୍‌ର ଲୋକିପୁରଠାରେ ବିଶ୍ୱବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହୋଇଥିବା ସମନ୍ୱିତ ଜଳ ଉନ୍ନୟନ ଯୋଜନାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ଜନ ସମାବେଶରେ ଭାଷଣ ଦେଉଛନ୍ତି ।





# କ୍କ ଶତାବ୍ଦୀର ଫଳଶ୍ରୁତି : ମୋହନ ଦାସ

ଡକ୍ଟର୍ ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ

ବେଳେ ଅଧର୍ମ, ଅନ୍ୟାୟ, ଅନୀତି ବଢ଼େ; ସାଧୁମାନଙ୍କ
ବହୁ ଅତ୍ୟାଚାର ହୁଏ । ଧର୍ମର କ୍ଷୟ ଘଟେ । ଧର୍ମର
। ଦରକାର ହୁଏ । ସେତେବେଳେ ଭଗବାନ ଅବତରୀ

ତେବେଳେ ଧର୍ମ ନାଁରେ ହିଂସା ଖେଳେ; ଧର୍ମକୁ ଆଖିଠାର
। ଓ ଜୀବଜନ୍ତୁଙ୍କୁ ବଳି ଦିଆଯାଏ । ମଣିଷ ଭିତରେ ପଶୁ
ପଶୁତ୍ୱକୁ ହଟେଇବା ଦରକାର ହୁଏ । ସେତେବେଳେ
ନ୍ତି । ଜ୍ଞାନ, ଦିବ୍ୟ ଚେତନା ମଣିଷକୁ ଦିଅନ୍ତି । କରୁଣା
ହୁଏ । ହିଂସା ପରାସ୍ତ ହୁଏ । ଅହିଂସା ପରମ ଧର୍ମ

ତେବେଳେ ମଣିଷ ଭିତରୁ ବିଶ୍ୱାସ ତୁଟିଯାଏ; ମଣିଷ
ଘୃଣା ଚେକାମାଡ଼ି ବସିଯାଏ । ଧର୍ମ ବିକୃତ ହୁଏ ।
ୁ ସ୍ନେହ କରିବା ତ ଦୂରର କଥା । ତା' ଛାଇ ମାଡ଼ିଲେ
ଇବା ହୁଏ ରୀତି । ମଣିଷ ହୁଏ ଅଛୁଆଁ । ସ୍ୱାର୍ଥ,
ାର, ନୀଚତା, ଅମଣିଷତା, ଅସାମାଜିକତା ପାଏ ।
ଢ଼େ ଖାଲି ଭେଦ, ବିଭେଦ, ପାଟିଗୋଳ । ମଣିଷ ବୁକୁରେ
ଜଳାଏ । ମଣିଷ ବସ୍ତିରେ ନିଆଁ ଜଳାଏ । ମଣିଷ ଉପରେ
ଚଳାଏ । ମଣିଷ ପିଠିରେ ଚଢ଼ି ଅମଣିଷଗୁଡ଼ା ମଣିଷକୁ
ସ କରନ୍ତି ଓ ମଣିଷର ଦୁଃଖରେ ହି ହି ହସନ୍ତି ।
ବେଳେ ମୋହନ ଆସନ୍ତି । ସେ ମୋହନ ଦାସ କରମଚାନ୍ଦ
ହୁଅନ୍ତି । ସେ ଛୁରିଆଦ ହରିରେ ହରିଦ୍ରମୟ ଦେଖନ୍ତି ।
ପତିତପାବନୀ ବାହୁ ମେଲନ୍ତି । ସାରା ବିଶ୍ୱକୁ କୋଳେଇ
। ନିଖିଳର ପୀଡ଼ା ତାଙ୍କ ବୁକୁରେ ଆକୁଳ ବିକଳ ହୁଏ ।
ହୁଅନ୍ତି ସନ୍ଥ । ସେ ମହାତ୍ମା ।

## ଖିଳର ଜ୍ୟୋତି :

ଏଭଳି ମହାତ୍ମା କେଉଁଠି ଜନ୍ମ ନେଇଥିଲେ, କେବେ ବା ଜନ୍ମ
ଇଥିଲେ, କେଉଁ ଜାତିରେ : ଏ ପ୍ରକାର ପ୍ରଶ୍ନ କେହି ପୁଛେନି ।
ଙ୍କ ପାଇଁ ଇତିହାସ, ଭୂଗୋଳ, ଦେଶ, ମହାଦେଶ, ଭାଷା, ଜାତି,
ି ସବୁ ଅବାନ୍ତର ହୋଇଯାଏ । ସେମାନେ ହୁଅନ୍ତି ସବୁ
ଜବାସୁର । ସେମାନେ ସବୁ କାଳର । ସମସ୍ତ ସେମାନଙ୍କ
ଖେ ଛିଲ । ସବୁ ସୀମା, ସବୁ ବନ୍ଧ ସେମାନଙ୍କ ପାଇଁ
ବେଳଜର ହୁଏ । ସେମାନଙ୍କ ଜୀବନ କାଳହୀନ । ସେମାନଙ୍କ

ଅବର୍ତ୍ତମାନରେ ପୃଥିବୀ ଶୋକାକୁଳିତ ହୁଏ । ଅଶ୍ରୁଝରା କଣ୍ଠରେ ଭଙ୍ଗାଭଙ୍ଗା ସ୍ୱରରେ କହେ! ଆଲୁଅ ଲିଭିଗଲା । ମାତ୍ର ପର ମୁହୂର୍ତ୍ତରେ ସଂଶୋଧନ କରେ, ନା, ନା, ଭୁଲ ହେଲା । ଏ ଆଲୁଅ ଲିଭି ପାରେନି । ଏ ଆଲୁଅ ଅନିର୍ବାଣ । ବର୍ଷ ବର୍ଷ ଧରି ଏହା ଜଗତକୁ ଆଲୋକ ଦୀପ୍ତ କରୁଥିଲା । ଆଗାମୀ ଅନେକ ବର୍ଷ ଧରି ପୁରୁଷ ପରେ ପୁରୁଷ ଏହା ଆଲୁଅ ବାଣ୍ଟି ଚାଲିବ । ସେ ଯେ ନିଖିଳର ଜ୍ୟୋତି ।

## ସତ୍ୟ, ମାନବ ପ୍ରୀତି ଓ ନିଖିଳ ପ୍ରୀତି :

ଏଇ ନିଖିଳତା ଓ ଏଇ ଜ୍ୟୋତି ଦୀପ୍ତତାର ପୃଷ୍ଠ ଭୂମି ଅତି ବିସ୍ମୟକର । ସେ ସେମିତି ସୁନାର ଚାମୁଚ ମୁହଁରେ ଧରି ଜନ୍ମି ନଥିଲେ । ସରସ୍ୱତୀ ବି ତାଙ୍କ ଜିଭ ଅଗରେ ନାଚୁ ନଥିଲେ । ସାଧାରଣ ପରିବାର ସାଧାରଣ ଛାତ୍ର । ଅସାଧାରଣ ଥିଲେ ସତ୍ୟପାଳିବାରେ । ବାବା ଅସୁସ୍ଥ । ତାଙ୍କ ସେବା ଯୋଗୁଁ ସ୍କୁଲକୁ ଯାଇ ନାହାନ୍ତି । ପ୍ରଧାନ ଶିକ୍ଷକ ତାଙ୍କ କଥାକୁ ଆଳ ବୋଲି ଅଭିଯୋଗ କରନ୍ତି । ଅର୍ଥ ଦଣ୍ଡ ମିଳେ ।

ଛୋଟ ଗାନ୍ଧୀଙ୍କ ମୁହଁରେ ବିମର୍ଷତାର ଅମା ଅନ୍ଧକାର । ଦଣ୍ଡ ପାଇଁ ନୁହେଁ । ତାଙ୍କୁ ଯେ ମିଛୁଆ କୁହାଗଲା ! ସେ କିନ୍ତୁ ପଛେଇଲେ ନି । ବାବାଙ୍କଠୁ ଚିଠି ଆଣିଲେ ପ୍ରମାଣିତ କଲେ, ସେ ହିଁ ସତ୍ୟ । ଅଭିଯୋଗ ତ ଦୂରର କଥା, ମିଛୁଆ ବୋଲି ଇଙ୍ଗିତବି ବି ସେ ସହିବାକୁ ତିଆର ନଥିଲେ । ଏଇ ସତ୍ୟପ୍ରୀତି ଯୋଗୁଁ ସେ ଜୀବନର ବହୁ ଗୋପନ କଥା କହି ପାରୁଥିଲେ । ଯାହା ସତ୍ୟ ତାହା ଯେତେ କଡ଼ା ହେଲେ ବି ସେ କହୁଥିଲେ । ଖାଲି କହୁଥିଲେ ନି, ତାକୁ ଆଚରଣ କରୁଥିଲେ ଏବଂ ତା'ର ପ୍ରତିଷ୍ଠା ପାଇଁ ସେ ପ୍ରାଣକୁ ଟେକି ଦବାକୁ ସଦା ପ୍ରସ୍ତୁତ ଥିଲେ । ଏଇ ସତ୍ୟ ମାନବ ପ୍ରୀତିରେ ପ୍ରମୂର୍ତ୍ତ ହେଲା । ମାନବ ପ୍ରୀତି ପୁଣି ନିଖିଳ ପ୍ରୀତିରେ ରୂପାନ୍ତର ପାଇଲା । ଏଇ ସତ୍ୟକୁ ଉପସ୍ଥାପନ କରିବାକୁ ସେ ସାରା ଦେଶର ବିରକ୍ତିକୁ, ନିଷ୍ଠୁର ଉପନିବେଶବାଦର ଯୋଦ୍ଧା, ବିରାଟ ସଶସ୍ତ୍ର ବାହିନୀକି ଇଂରେଜ ଚ୍ୟାଲେଞ୍ଜ୍ ଦେଇଛନ୍ତି । ନଇଁ ନାହାନ୍ତି । ଜିତିଛନ୍ତି । ସତ୍ୟର ପ୍ରତିଷ୍ଠା ହୋଇଛି ।

## ସୈତାନିର ମୃତ୍ୟୁ ପାଇଁ ଅହିଂସା :

ପହଞ୍ଚିଲେ ଦକ୍ଷିଣ ଆଫ୍ରିକାରେ । ଚମଡ଼ାର ରଙ୍ଗ ସେଠି ଶାସନ କରେ । ମଳିଛିଆ ଚମଡ଼ା ଦାରୁଣ ଯାତନା ସହେ । ସତ୍ୟ ଯେ– ଗୋରା ଚମଡ଼ା ସେଠି ଅନୁପ୍ରବେଶକାରୀ । ଅଥଚ ସେମାନେ କଳା ଭାରତୀୟ ଓ ଆଫ୍ରିକୀୟଙ୍କୁ ମଣିଷ ବୋଲି ଗଣନ୍ତିନି । ଏଇ ସତ୍ୟଟାକୁ ସେ ଘୋଷଣା କଲେ । ଗୋରାମାନଙ୍କ ମନମୁଖୀ ଶାସନ ବିରୋଧରେ ବିପ୍ଳବ କଲେ । ଯୋତାମାଡ଼, ଠେଙ୍ଗା ପାହାର ପାଇଲେ । ପାଇଲେ ବ୍ୟଙ୍ଗ ବିଦ୍ରୂପ । ଜୀବନ ଉପରେ ସଙ୍କଟ ଆସିଲା । କାହିଁରେ ସେ ଦବିଲେନି । ଓହରିଲେ ନି ସତ୍ୟ ଭାଷଣରୁ । ଆଉ ଏ ପ୍ରତିବାଦ

ହେଲା ଅହିଂସା । କାରଣ ସେ ଗୋରାମାନଙ୍କ ବିରୋଧୀ ନଥିଲେ । ସେ କେବଳ ସେମାନଙ୍କ ଅମଣିଷତାକୁ, ଅନାଚାରକୁ, ସ୍ୱାର୍ଥପରତାକୁ ବିରୋଧ କରୁଥିଲେ । ମଣିଷ ଯେ ଈଶ୍ୱରଙ୍କ ସନ୍ତାନ । ଖାଲି ସୈତାନି ତାକୁ ବିଭ୍ରାନ୍ତ କରିଚି । ତେଣୁ ସୈତାନିର ମୃତ୍ୟୁ ହେଉ । ତେଣୁ ଅହିଂସା ।

ଦକ୍ଷିଣ ଆଫ୍ରିକାର ଗୋରା ସମ୍ପ୍ରଦାୟ କି ଗୋରା ସରକାର ସେଦିନ ଏ ଶକ୍ତିର ବଳ କଳି ପାରି ନଥିଲା । ତାଙ୍କୁ ବୁଝିବାକୁ ଏ ଶତାବ୍ଦୀର ନବମ ଶତକ ଯାଏ ଅପେକ୍ଷା କରିବାକୁ ପଡ଼ିଲା । ତାଙ୍କ ମୃତ୍ୟୁର ପ୍ରାୟ ଚାଳିଶ ବର୍ଷ ପରେ ନେଲସନ ମାଣ୍ଡେଲାଙ୍କୁ ରାଷ୍ଟ୍ର ମୁଖ୍ୟ ମାନି ଦକ୍ଷିଣ ଆଫ୍ରିକା ତା ଭୁଲର ପ୍ରାୟଶ୍ଚିତ୍ତ କଲା ।

## ନିଖିଳ ମଣିଷ ଜାତିର :

ଦକ୍ଷିଣ ଆଫ୍ରିକାରୁ ଆସିଲେ ଭାରତ । ସେତେବେଳକୁ ସାରା ପୃଥିବୀ ଚମତ୍କୃତ ହୋଇଗଲାଣି । ଅହିଂସ ବିପ୍ଳବର ବୀର କାହାଣୀରେ ଅତ୍ୟାଚାରୀ ଓ ଅତ୍ୟାଚାରର ଆସନ ଥରିବାକୁ ଆରମ୍ଭ କଲାଣି । ବିଶ୍ୱ ଆଖିରେ ବିସ୍ମୟ ! ଆରେ ଭାରତବର୍ଷରେ ଜନ୍ମ ହୋଇଥିବା କଳା ଲୋକଟିଏ ଏ ! ଆଫ୍ରିକୀୟମାନଙ୍କ ଦୁଃଖରେ ଏ କାନ୍ଦେ ! ସେ ପୁଣି ବୁଅର ଯୁଦ୍ଧରେ ଗୋରା ସୈନ୍ୟମାନଙ୍କ ସେବା କରନ୍ତି ! କିଏ ସେ ? କ'ଣ ଭାରତୀୟ ? ଆଫ୍ରିକୀୟ ? ବିଶ୍ୱମାନବ ? ନିଖିଳ ମଣିଷ ଜାତିର ତ !!

## ଅନ୍ୟ ଏକ ଭାରତ :

ଭାରତରେ ପହଞ୍ଚିଲେ । ଯୋଗ ଦେଲେ ଜାତୀୟ କଂଗ୍ରେସରେ । ବୁଲିଲେ ଗାଁରୁ ଗାଁକୁ । ଜନପଦରୁ ଜନପଦକୁ ଚାଲିଲେ । ବେଶୀ ଭାଗ ପାଦରେ । ଭାରତ ମାଟିର ଅନ୍ତର ପରଶ କେବଳ ପାଦରେ ଚାଲି ଚାଲି ଗଲେ ସିନା ମିଳିବ ! ଖୋଜି ହେବ ଭାରତର ଆତ୍ମାକୁ ।

ସେ ଯେଉଁ ଭାରତକୁ ଜାଣିଥିଲେ, କିଏ ତ ସେଇ ଭାରତ ନୁହେଁ । ସେ ଭାରତ ଶାନ୍ତି, ଆଧ୍ୟାତ୍ମିକତା, ବିଶ୍ୱପ୍ରୀତିର ପ୍ରଚାର କରେ । ମାତ୍ର ଆଚାରରେ ଏ କି ବୈସାଦୃଶ୍ୟ । ଜାତି, ଧର୍ମ, ସମ୍ପ୍ରଦାୟ, ପନ୍ଥା, ଭାଷାର କି ନିଷ୍ଠୁର ଲଢ଼େଇ ! ଚାରିଆଡ଼େ ଘୃଣାର ବିଷାକ୍ତ ପବନ । ଧର୍ମ ନାଁରେ ଏଠି ପାଗଳାମି ଚାଲେ । ଭଣ୍ଡାମିର ସୀମା ନାହିଁ । ସବୁଠୁ ବଡ଼ କଥା, ଏ ଦେଶରେ ଶହେରେ ଚାଳିଶ ଲୋକ ଦଳିତ ! ସେମାନେ ଅଛୁଆଁ । ସେମାନେ କୁକୁର, ବିଲେଇଠୁ ହୀନ । ସେମାନେ ନର୍ଦ୍ଦମାର କୀଟଠୁ ହୀନ । ଧିକ୍ !!

## ହରିଜନ ଅସ୍ପୃଶ୍ୟ ନୁହନ୍ତି :

ହୃଦୟ ତାଙ୍କର ମଛି ହୋଇଗଲା । ଅସହ୍ୟ ଯନ୍ତ୍ରଣାରେ ସେ କାତର ହୋଇଗଲେ । ହିନ୍ଦୁମାନଙ୍କ ଭିତରେ ଅଛୁଆଁ କୁହା ଯାଉଥିବା ଲକ୍ଷ ଲକ୍ଷ ଲୋକ ଯେ ବନ୍ଧୁହୀନ, ବେସାହାରା ଓ ଅନାଥ । ସେମାନଙ୍କୁ ସେ ଅସ୍ପୃଶ୍ୟ ବୋଲି କହିବାକୁ କୁଣ୍ଠା କଲେ । ମଣିଷକୁ କ'ଣ ଅସ୍ପୃଶ୍ୟ କୁହା ଯାଇପାରେ ! 'ନବଜୀବନ' ପତ୍ରିକାରେ ସେ ଏ ସମ୍ପର୍କରେ ନିଜର ମନକଥା କହିଥିଲେ । ଜଣେ ପତ୍ରକାର, ଏଇ ଦଳିତ ସମ୍ପ୍ରଦାୟର, ତାଙ୍କୁ ଲେଖିଥିଲେ ଯେ ସେମାନଙ୍କୁ 'ହରିଜନ' କୁହା ଯାଇ ପାରେ । ମହାମାନବଙ୍କ ମନକୁ ପାଇଲା । ୟାରବେଡ଼ା ଜେଲ୍‌ରେ ଥାଆନ୍ତି । 'ହରିଜନ' ପତ୍ରିକାର ପ୍ରଥମ ସଂଖ୍ୟା ପ୍ରକାଶ ପାଇଲା । ସମ୍ପାଦକୀୟରେ ଲେଖିଲେ ଗାନ୍ଧୀ– If therefore. anybody of people, can be fittingly described as men of God, they are surely these helpless. friendless and despised people. ହରି ଯେ ପତିତପାବନ । ସେ ଅବନ୍ଧୁ ବା ବନ୍ଧୁହୀନର ବନ୍ଧୁ । ଅରକ୍ଷର ରକ୍ଷକ । ଏଇ ଅରକ୍ଷ ଲୋକ ତ ହରିଙ୍କ ଲୋକ ।

## ଆନ୍ଦୋଳନର ଭୂମିକମ୍ପ :

ଏଇଠୁ ଜୀବନସାରା ସେ ଏଇ ଦଳିତମାନଙ୍କ ସେବାରେ ଲାଗିଛନ୍ତି । ସେମାନଙ୍କୁ ମାନବିକ ଅଧିକାର ଦେବାକୁ କେତେ ତ୍ୟାଗ ଓ ତପସ୍ୟା ତାଙ୍କର । ସାରା ଦେଶ ବୁଲି ବୁଲି ସେ ମଣିଷର ବୁକୁକୁ ଛୁଇଁଛନ୍ତି । ମଣିଷକୁ ମୁଖ ପାଇବାକୁ ସମର୍ପିଛନ୍ତି । ଫେରେଇ ଦିଅ ମଣିଷକୁ ମଣିଷର ଅଧିକାର । ଶାସ୍ତ୍ର ପୁରାଣ ଘାଣ୍ଟିଲେ । ଅଛୁଆଁ ଭାବର ଅଶାସ୍ତ୍ରୀୟତା ଓ ଅପୌରାଣିକତା ପ୍ରମାଣ କଲେ । ନିଜେ ରହିଲେ ହରିଜନ ବସ୍ତିରେ ।

ତାଙ୍କର ଡାକରାରେ ହିନ୍ଦୁ ମନରେ ଅଦ୍ଭୁତ ଭୂମିକମ୍ପ ହେଲା । କଂଗ୍ରେସ ତ ଏହାକୁ ଦଳର ପ୍ରଥମ କର୍ତ୍ତବ୍ୟ ବୋଲି ଗ୍ରହଣ କଲା । ଅସ୍ପୃଶ୍ୟତା ବିରୋଧରେ ଦେଶସାରା ଆନ୍ଦୋଳନ ଚାଲିଲା । ୧୯୩୬ରେ ତ୍ରିବାଙ୍କୁଡ଼ରେ ମହାରାଜା ଶ୍ରୀଚିତିର ତିରୁନାଲ ତାଙ୍କ ରାଜ୍ୟର ମନ୍ଦିର ଖୋଲିବାର ଆଦେଶ ଜାରି କଲେ । ଓଡ଼ିଶାରେ ହିନ୍ଦୋଳ ଓ ଅଣଗପଡ଼ାର ରାଜାମାନେ ଏ ଦିଗରେ ପ୍ରାଥମିକ କଦମ୍ ନେଲେ ।

## ଲାଞ୍ଛିତର ଦାଗ ନରହୁ :

ହରିଜନମାନେ ହିନ୍ଦୁ ଜାତିର । ମାତ୍ର ବିଦେଶୀ ସରକାର କଂଗ୍ରେସ୍ ଆନ୍ଦୋଳନରେ ଖଣ୍ଡ ପୁରେଇବାର ଚେଷ୍ଟାରେ ସବୁବେଳେ ଲାଗିଥାଏ । ହରିଜନମାନଙ୍କୁ ହାତବାରିସି କରିବାକୁ ସରକାର ସ୍ୱତନ୍ତ୍ର ବିଧାନ ମଣ୍ଡଳର ଚିନ୍ତାକଲା । ଗାନ୍ଧିଜୀ ଏହାର ଘୋର ବିରୋଧ କଲେ । ସେ ଚାହୁଁ ନଥିଲେ ଲାଞ୍ଛିତ ବୋଲି ସେମାନଙ୍କ ପିଠିରେ ଛାପ ମରା ନଯାଉ । ଏଥିରେ ମଣିଷର ସ୍ୱାଭିମାନ ମରିଯାଏ । ବରଂ ସେମାନଙ୍କୁ ସ୍ୱାଭାବିକ ଭାବରେ ସ୍ନେହ, ଶ୍ରଦ୍ଧା, ଆଦର, ଅଭ୍ୟର୍ଥନା ଦିଆଯାଉ । ବିପୁଳ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ସେମାନେ । ସେମାନଙ୍କୁ ବିଲିନ କରି ଦିଆ

ଗା ମାନବ ଜାତିର ବେଦନା ଯା' ପ୍ରାଣରେ ସ ମଣିଷକୁ ବିଚ୍ଛିନ୍ନ କରନ୍ତା କିପରି ! ଏପରିକି ଅନଶନ କରିଥିଲେ ।

### ଓ ଗାନ୍ଧୀଙ୍କୁ ଜଣେ :

ହରିଜନ ଯାତ୍ରା ଏକ ଐତିହାସିକ ଘଟଣା । ତାଙ୍କରି ଛିରେ ଟଣାହୋଇ ଭାରତର ହଜାର ହଜାର ବ୍ରାହ୍ମଣ, ଶ୍ୟତା ଆନ୍ଦୋଳନରେ ଭାଗନେଲେ । ୧୯୩୩ରେ ଶ ଅନଶନ କରନ୍ତି । ଭାରତରେ ଗାନ୍ଧୀ ଓ ଅସ୍ପୃଶ୍ୟତା . ବଞ୍ଚି ପାରିବେନି । ଦେଶ ଯାହାକୁ ଖୁନ୍ଦିଚି ରଖୁ । ଳା ଥରି ଉଠିଲା । କେତେକ ଅବିବେକୀଙ୍କ ଅହଂକାର ମାନବର ଜୀବନ ଦୀପଟିକୁ ଲିଭାଇ ଦିଆଯିବ !

ର ବହୁ ବିଶିଷ୍ଟ ନେତା ତାଙ୍କୁ ଭେଟିଲେ ସେତେବେଳକୁ ଆଲୋଚନା, ପ୍ରାର୍ଥନା ଚାଲିଥାଏ । ସେ ସମୟରେ ନ୍ତି ରମାଦେବୀ ଚୌଧୁରୀ : ଗାନ୍ଧିଜୀ ସେତେବେଳେ ଶାୟୀ । ଶୋଇ ରହି ପ୍ରାର୍ଥନା କରୁଥାନ୍ତି । କଣ୍ଠ କ୍ଷୀଣ । ତଥାପି ଯାହା ଦୁଇ ପଦ ଆମକୁ କହିଲେ ସମାଜକୁ ଏ ଅଲୁଣି କଳଙ୍କରୁ ମୁକ୍ତ କରିବାକୁ ତାଙ୍କର ବ୍ୟାକୁଳତା ଫୁଟି ଉଠୁଥାଏ । ତାହା ଯେପରି ଅତ୍ୟନ୍ତ ଜଣାଇ ଦେଉଥାଏ ଯେ ତୁମକୁ ଜୀବନ ପଣ କରି ଏ ଉଠେଇ ଦେବାକୁ ପଡ଼ିବ, ତାହା ନହେଲେ ଏ ପାପରେ ହିନ୍ଦୁଧର୍ମ ବୁଡ଼ିଯିବ । (ଜୀବନ ପଥେ ବନୀ) ।

### ଅଗ୍ନି ଶପଥ :

ନ୍ଧୀଙ୍କ ଜୀବନ ପଣ ଜାତିକୁ ବେଦନା ବିଦଗ୍ଧ କଲା । ଅସ୍ପୃଶ୍ୟତା ଦୂର କରିବାର ଅଗ୍ରେସ୍ ଶପଥ ନେଲା ଲୋକେ ହରିଜନ ବସତି ସଫା କଲେ । ସେମାନଙ୍କୁ ଇଲେ । ହରିଜନ ବାଳକ, ବାଳିକାମାନଙ୍କୁ ନିଜ ପରିବାରର ଭାବେ ପୋଷ୍ୟତା ଦେଲେ । ହରିଜନ ସେବାକୁ ଗାନ୍ଧୀ ର ପ୍ରାୟଶ୍ଚିତ୍ତ" ବୋଲି କହୁଥିଲେ ।

ାନ୍ଧୀଙ୍କ ବାବଦରେ ମହା ସଂସ୍କାର ଚାଲିଥାଏ ଏତିକିବେଳେ ନ ସମାଜର ବିଦ୍ବାନ ନେତା ଡକ୍ଟର ଭୀମରାଓ ଦକର ତାଙ୍କୁ ଛଳନାବାଦୀ ବୋଲି ଗାଳିଦେଲେ । 'ହ୍ୱାଟ୍ ଗ୍ରେସ୍ ଗାନ୍ଧୀ ହାଭ୍ ଡନ୍ ଟୁ ଦ ଅନଟଚେବଲସ୍' ଗ୍ରନ୍ଥରେ ସେ ଏ ନ୍ ବ୍ୟକ୍ତି ଓ ତାଙ୍କ ଆନ୍ତରିକତାକୁ ବ୍ୟଙ୍ଗ ବିଦ୍ରୂପରେ ଉଦ୍ଧାନ୍ତ କରି କଲେ । ଏପରିକି ବ୍ରିଟିଶ୍ ସରକାରଙ୍କୁ ସମାଲୋଚନା ଲେ– In their hurry to bring freedom to ndia, they (the British) have no time to ealise that by siding with the Congress, what they are doing is not to make India safe for democracy, but to free the tyrant to practise tyranny. ହିନ୍ଦୁ ସମାଜରୁ ଅସ୍ପୃଶ୍ୟତା କେବେହେଁ ଦୂର ହବନି- କହି ସେ ବିକ୍ଷୋଦ୍‌ଗାର କରିଥିଲେ : It is sacred and no Hindu can think of doing away with it. The Hindu communal majority with its religion of graded in equality is not therefore a passing phase. It is a permanent fact and merace for ever. ସେ କହୁଥିଲେ ହରିଜନ ସେବକ ସଙ୍ଘ ଅଛୁଆମାନଙ୍କୁ ଦୟା ଦେଖାଇବା ଛଳନାରେ ସେମାନଙ୍କୁ ମାରିଦବାର ଗୋଟେ କଂଗ୍ରେସୀ ଚାଲ ।

ଗାନ୍ଧୀଙ୍କୁ ସେ କହିଥିଲେ : Mr. Gandhi in his passion for suppressing the untouchables had lost his sense of discrimination to such an extent as not to be able to distinguish between means which are fair and means which are foul. ଗାନ୍ଧୀଙ୍କ ଉପରେ ଏସବୁର କୌଣସି ପ୍ରଭାବ ହୋଇନି । ସେ ଥିଲେ ଅଟଳ । ନିର୍ବିକାର ।

### ଉପନିବେଶବାଦର ଶେଷ ଛାଉଣୀ :

ଭାରତରୁ ଉପନିବେଶବାଦ ଛାଉଣୀ ଉଠେଇବା ବେଳ ଆସିଗଲା । ଭାରତ ଆଜାଦ୍ ହେବାର ବାଣୀ ପ୍ରଚାରିତ ହେଲା । ଗାନ୍ଧୀଙ୍କ ବିରୋଧରେ ଡଃ ଆମ୍ବେଦକର ଓ ମିଃ ଜିନ୍ନାଙ୍କ ପ୍ରବଳ ପ୍ରତିବାଦ ସ୍ୱର କମ୍ପିଉଠିଲା । ଏପରିକି କନଷ୍ଟିଚୁଏଣ୍ଟ ଆସେମ୍ବ୍ଲି ଓ ସଂବିଧାନ ପ୍ରଣୟନ ବିରୋଧରେ ଏ ଦୁଇଜଣ ଖୁବ୍ ପ୍ରତିବାଦ କଲେ । ଗାନ୍ଧିଜୀ ଚାହିଁଲେ ଡକ୍ଟର ଆମ୍ବେଦକର ଏ କନ୍‌ଷ୍ଟିଚୁଏଣ୍ଟ୍ ଆସେମ୍ବ୍ଲିର ସଭ୍ୟ ରହନ୍ତୁ ଏବଂ ସମ୍ବିଧାନ ପ୍ରଣୟନର ଦାୟିତ୍ୱ ନିଅନ୍ତୁ । ଉଚ୍ଚବର୍ଣ୍ଣର ହିନ୍ଦୁଏ ତାଙ୍କୁ କାମ କରିବାକୁ ଦେବେନି ବୋଲି ସେ ଡରୁଥିବାବେଳେ ୧୯୪୭ ଏପ୍ରିଲ୍ ୨୯ ତାରିଖରେ ଗାନ୍ଧୀଙ୍କ ଡାହାଣ ହାତ ସର୍ଦ୍ଦାର ପଟେଲ ଘୋଷଣା କଲେ : Untouchability in any form is abolished and the imposition of any disability on that account shall be an offence. ସାରା ଦେଶ ସ୍ୱସ୍ତିର ନିଃଶ୍ୱାସ ମାରିଲା । ଗାନ୍ଧିଜୀଙ୍କ ଇଚ୍ଛା ପୂର୍ଣ୍ଣ ହେଲା । ସାରା ପୃଥିବୀ ଏଇ ଅନ୍ଧ କୁସଂସ୍କାରର ବିଲୋପରେ ପ୍ରଶଂସାରେ ସହସ୍ରମୁଖ ହୋଇଗଲା ।

### ମୁକ୍ତି ଆସିଛି ଭାରତ ପାଇଁ :

ଭାରତ ସ୍ୱାଧୀନ ହେଲା । ଗାନ୍ଧୀଙ୍କ ଅନୁରୋଧରେ ପ୍ରଥମ ମନ୍ତ୍ରିମଣ୍ଡଳରେ ଡଃ ଆମ୍ବେଦକରଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଆମ୍ବେଦକର କଂଗ୍ରେସର ସଭ୍ୟ ନଥିଲେ । ସେମିତି ଶ୍ୟାମାପ୍ରସାଦ ମୁଖାର୍ଜୀ ଓ ଆର୍.କେ. ଶାନ୍‌ମୁଗାମ୍ ଚେଟୀଙ୍କୁ

ପ୍ରଥମ ମନ୍ତ୍ରିମଣ୍ଡଳରେ ନିଆ ଯାଇଥିଲା । ସେତେବେଳେ କିଛି ଗୁପ୍ତଗପ୍ପର ଉତ୍ତରରେ ଗାନ୍ଧୀ କହିଥିଲେ : Freedom has come for the country and not for the Congress.

ଏ ଭିତରେ ଅବଶ୍ୟ ତଃ ଆମ୍ବେଦକର ସମ୍ପୂର୍ଣ୍ଣ ବଦଳି ଯାଇଥିଲେ । ବରଂ ସେ ଏକ ପ୍ରକାର ଗାନ୍ଧୀବାଦୀ ହୋଇଗଲେ ଶେଷକୁ । ୧୯୪୭ ପରେ ତାଙ୍କର ପରିବର୍ତ୍ତିତ ଭୂମିକା ଏହାର ସାକ୍ଷୀ ।

## ଜାତି ପିତା :

ଗାନ୍ଧୀ ମାନବବାଦର ଅନ୍ୟ ପରିଚୟ ଦୁର୍ବଳ ସମ୍ପ୍ରଦାୟ ପ୍ରତି ମମତା । ଭାରତର ନାରୀ ଜାଗରଣର ସେ ତ ମୂଳ କାରଣ । ଗ୍ରାମୀଣ ଜନତାକୁ ନିଜର କରିବାରେ ତାଙ୍କ ମଣିଷ ପ୍ରୀତି ଆହୁରି ସମୃଦ୍ଧ ଓ ବ୍ୟାପକ ହୋଇ ଉଠିଲା । ଦିନେ ସେ ରାଜନୀତିର କେନ୍ଦ୍ରବିନ୍ଦୁ ଥିଲେ । କ୍ରମେ ସେ ଭାରତର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ସାମଗ୍ରୀକ ଚେତନାର ପ୍ରତିଭୂ ହୋଇ ଉଠିଲେ । ସେ ହେଲେ ଜନଗଣ ମନ ଅଧିନାୟକ । ଜାତି ପିତା ।

## ହସର ପ୍ରତୀକ :

ଗାନ୍ଧୀ ହୋଇଗଲେ ଏକ ପ୍ରତୀକ । ପ୍ରତୀକ ମାନବିକତାର, ସହନଶୀଳତାର, ଶାନ୍ତିର, ପ୍ରୀତିର । ସେ ମଧ୍ୟ ମହା ଭାରତୀୟତାର ପ୍ରତୀକ । ସାରା ଭାରତର ସଂହତିର ସୂତ୍ର ।

ତାଙ୍କ ବିରୋଧୀଙ୍କ ସଂଖ୍ୟା କିଛି କମ୍ ନଥିଲା । ବିଭିନ୍ନ କ୍ଷେତ୍ରରେ ସେ ବହୁ ବିରୋଧ ଓ ବିରୋଧୀଙ୍କୁ ଭେଟିଛନ୍ତି । ମାତ୍ର ପ୍ରାୟ ସମସ୍ତେ ତାଙ୍କଠି ଖଣ୍ଡା ଛାଡ଼ି ଦେଇଛନ୍ତି । ଅନେକେ ତ ତାଙ୍କୁ ମାନି ନେଇଛନ୍ତି । ତାଙ୍କ ପାକୁଆ ପାଟିର ହସ ସବୁକୁ ନିଜର କରି ଦେଇଚି । ଗାନ୍ଧୀଙ୍କ ହସ ମାନବିକତା, ସତ୍ୟ, ପ୍ରେମ, ଭାଇପଣ, ତ୍ୟାଗର ହସ । ସେ ଯେ ମଣିଷର ଆଶାର ପ୍ରତୀକ । ମଣିଷ ମୁହଁରେ ହସର ପ୍ରତୀକ ।

ସେ ଏକ ଶକ୍ତି । ସେ ନିଖିଳର ସମ୍ରାଟ । ତାଙ୍କ ପରି ଜଣେ ମହାତ୍ମା ପାଇବାଲାଗି ପୃଥିବୀ ପକ୍ଷରେ ଗୋଟିଏ ଶତାବ୍ଦୀର ସାଧନା ଯଥେଷ୍ଟ ନୁହେଁ । ଈଶ୍ୱର ପୁତ୍ର ଯୀଶୁଙ୍କ ପରେ ଅନେକ ଶତାବ୍ଦୀର ଫଳଶ୍ରୁତି ବି ଏଭଳି ଏକ ଶକ୍ତି : ଏଇ ପ୍ରଥମ— ମହାତ୍ମା ମୋହନ ଦାସ କରମଚାନ୍ଦ ଗାନ୍ଧୀ । ତାଙ୍କର ସମାଲୋଚନା ମାନେ ନିଖିଳ ମାନବତାର ସମାଲୋଚନା ବିଶ୍ୱର ହସ, ଆଶା, ଶାନ୍ତିର ହତ୍ୟା ଭାରତର ଜାତୀୟତା ସଂସ୍କୃତି ଓ ସ୍ୱାଭିମାନ ଉପରେ କୁରାଢ଼ୀମାଡ଼ । କାରଣ ସେ ରାଜନୀତି, ଧର୍ମନୀତି, ସମାଜନୀତି ଆଦିର ଅନେକ ଉପରେ ।

---

ସାମନ୍ତ ସାହି,
କଟକ-୭୫୩୦୦୧




ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପୁଣ୍ୟ ଉତ୍କଳ ଆଗମନୀ ଉପଲକ୍ଷେ ପୁରୀ ସତ୍‌ସଙ୍ଗ ଠାକୁରବାଡ଼ିଠାରେ ଆୟୋଜିତ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ରାଜସ୍ୱମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା ।

# ...ୀର ସୁରେନ୍ଦ୍ର ସାଏ

ପଣ୍ଡିତ ଉପେନ୍ଦ୍ରନାଥ ହୋତା

...ସ୍ୱାଧୀନତା ପାଇଁ ସଂଗ୍ରାମ କରି ପ୍ରାଣବଳି ଦେଇଥିବା ...ଙ୍କ ମଧ୍ୟରେ ସୁରେନ୍ଦ୍ର ସାଏ ଅନ୍ୟତମ । ସେ ଥିଲେ ...ୀର ଓଡ଼ିଆ । ଓଡ଼ିଶାର ସମ୍ବଲପୁର ସହରଠାରୁ ୧୨ ...ରୁ ଖୀଣ୍ଡା ଗ୍ରାମରେ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁଆରୀ ୨୩ ... ତାଙ୍କର ଜନ୍ମ ଶୁଭ ମୁହୂର୍ତ୍ତରେ ହୋଇଥିଲା ।



...ରୁ ୧୮୪୦ ମସିହା ପର୍ଯ୍ୟନ୍ତ ଥିଲା ଇଂରେଜମାନଙ୍କ ...ରେ ତାଙ୍କର ପ୍ରଥମ ସଂଗ୍ରାମ । ପୁନଶ୍ଚ ୧୮୫୭ ମସିହାର ...ନ ବିପ୍ଳବ ସମୟରେ ତାନ୍ତିଆତୋପି, ଲକ୍ଷ୍ମୀବାଈ ଓ ନାନା ...ହେବଙ୍କ ସହିତ ସମକକ୍ଷ ବୀର ହୋଇ ପାରିଥିଲେ । ସେହି ...ୟରେ ଭାରତରେ ବିଦ୍ରୋହାଗ୍ନି ପ୍ରଜ୍ୱଳିତ ହୋଇ ଉଠିଥିଲା ଓ ...୫୮ ମସିହା ବେଳକୁ ସାମାନ୍ୟ ନିର୍ବାପିତ ହୋଇ ଆସିଥିଲା । ...ାପି ଏହି ପ୍ରଜ୍ୱଳିତ ଅଗ୍ନି ଶିଖାକୁ ସେ ୧୮୬୪ ମସିହା ପର୍ଯ୍ୟନ୍ତ ...ାଇ ରଖିଥିଲେ ।

...ସମ୍ବଲପୁର ଜିଲ୍ଲାର ଖୀଣ୍ଡା ନାମକ ଗ୍ରାମରେ ଚୌହାନ ବଂଶରେ ...ାଙ୍କର ଜନ୍ମ । ସେ ଥିଲେ ରାଜବଂଶୀ କ୍ଷତ୍ରୀୟ । ସାନଭାଇ ...ନ୍ତ ତାଙ୍କର ଅନୁଗତ ଥିଲେ । ପିଲାଟି ଦିନରୁ ସୁରେନ୍ଦ୍ର ସାଏ ...ାହସୀ ଓ ବିପ୍ଳବୀ ମନୋଭାବର ଥିଲେ । ୧୮୨୭ ମସିହାରେ ...ସମ୍ବଲପୁରରେ ରାଜା 'ମହାରାଜ' ଅପୁତ୍ରିକ ଥାଇ ଦେହତ୍ୟାଗ ...କରିଥିଲେ । ସୁରେନ୍ଦ୍ର ସାଏ ସେହି ରାଜବଂଶର ଉପଯୁକ୍ତ ଦାୟାଦ ଭାବରେ ରାଜଗାଦି ଦାବୀ କରିଥିଲେ, କିନ୍ତୁ ଇଂରେଜ ସରକାର ତାଙ୍କ ଦାବୀକୁ ଉପେକ୍ଷା କରି ରାଜବଂଶ ସହିତ ସମ୍ପୃକ୍ତ ଥିବା ବରପାଲୀର ଜମିଦାର ନାରାୟଣ ସିଂହଙ୍କୁ ସେହି ସିଂହାସନ ପ୍ରଦାନ କଲେ । ଏହା ଫଳରେ ସମଗ୍ର ସମ୍ବଲପୁର ରାଜ୍ୟରେ ଅଶାନ୍ତି ବ୍ୟାପିଗଲା । ସମ୍ବଲପୁରର ଗଣ୍ଡ ଓ ବିଂଝାଲ ଜମିଦାର ଗୋଷ୍ଠୀ ସୁରେନ୍ଦ୍ର ସାଏଙ୍କୁ ସିଂହାସନର ଉପଯୁକ୍ତ ଉତ୍ତରାଧିକାରୀ ଭାବେ ସମର୍ଥନ କରି ଆନ୍ଦୋଳନ କଲେ । ଅନେକ ଦିନ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଲା । ଶେଷରେ ୧୮୪୦ ମସିହାରେ ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଇଂରେଜ ସରକାର ୧୮ ବର୍ଷ ଜେଲ ଦଣ୍ଡ ଦେଲେ । ସେ ଦୁହିଁଙ୍କୁ ହଜାରିବାଗ୍ ଜେଲ୍‌ରେ ରଖାଗଲା ।

ଏହାପରେ ଭାରତର ସ୍ୱାଧୀନତା ପାଇଁ ୧୮୫୭ ମସିହାରେ ସିପାହୀ ବିଦ୍ରୋହ ଆରମ୍ଭ ହୋଇଗଲା । ଏହା ଥିଲା ଭାରତର ପ୍ରଥମ ମୁକ୍ତି ସଂଗ୍ରାମ । ଇଂରେଜମାନଙ୍କର ଅତ୍ୟାଚାର ଓ ଶୋଷଣରେ ଅତିଷ୍ଠ ହୋଇ ଭାରତର ସିପାହୀମାନେ ପ୍ରଥମେ ବିଦ୍ରୋହ ଆରମ୍ଭ କରିଦେଲେ । ଧୀରେ ଧୀରେ ଦେଶସାରା ବିଦ୍ରୋହ ଭୟଙ୍କର ଆକାର ଧାରଣ କଲା । ଏହି ବିଦ୍ରୋହରେ ନେତୃତ୍ୱ ନେଇଥିଲେ ନାନା ସାହେବ, ତାନ୍ତିଆତୋପି, ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈ ଓ ବାହାଦୁର ସାହା । ବିଦ୍ରୋହୀ ସିପାହୀମାନେ ସରକାରଙ୍କ ଖଜଣାଖାନା ଲୁଟି ନେଲେ, କଚେରୀ ଥାନା ଓ ଅଫିସ୍‌ମାନ ପୋଡ଼ି ଦେଲେ । ଇଂରେଜମାନଙ୍କୁ ଯେଉଁଠି ପାଇଲେ ହତ୍ୟା କଲେ । ଏତିକି ବେଳେ ଓଡ଼ିଶା ବୀରମାନେ ସହାସ ହୋଇ ଯୁଦ୍ଧରେ ପ୍ରାଣବଳି ଦେବାକୁ ପ୍ରସ୍ତୁତ ହୋଇଗଲେ । ଏହି ସଂଗ୍ରାମରେ ସୁରେନ୍ଦ୍ର ସାଏ ଓ ଗୁଣ୍ଡ୍ରି ଖୁଣ୍ଟିଆ ଝାସ ଦେବାକୁ ଆଗେଇ ଆସିଥିଲେ । ୧୮୫୮ ମସିହାରେ ଉତ୍ତର ଭାରତରେ ବିଦ୍ରୋହ ଦମନ ହୋଇ ଆସିଥିଲା । କିନ୍ତୁ ୧୮୫୮ରୁ ୧୮୬୨ ମସିହା ପର୍ଯ୍ୟନ୍ତ ସମ୍ବଲପୁରରେ ସଂଗ୍ରାମ ଲାଗି ରହିଥିଲା । ସମ୍ବଲପୁର ଓ ଅନ୍ୟାନ୍ୟ ଗଡ଼ଜାତ ରାଜ୍ୟମାନଙ୍କରେ ସୁରେନ୍ଦ୍ର ସାଏ ବିଦ୍ରୋହାଗ୍ନି ପ୍ରଜ୍ୱଳିତ କରି ରଖିଥିଲେ । ୧୮୫୭ ମସିହାରୁ ହଜାରିବାଗ୍ ଜେଲ୍ ସିପାହୀ ବିଦ୍ରୋହରେ ଭଙ୍ଗା ଯାଇଥିବାରୁ ସେଠାରୁ ସମସ୍ତ ବନ୍ଦୀ ମୁକ୍ତି ପାଇ ସଂଗ୍ରାମରେ ଯୋଗ ଦେଇଥିଲେ । ସୁରେନ୍ଦ୍ର ସାଏ ଓ ତାଙ୍କ ସାନ ଭାଇ ମଧ୍ୟ ସେଠାରୁ ଗଡ଼ଜାତ ଅଞ୍ଚଳର ୩୨ ଜଣ ବନ୍ଦୀ ପଳାଇ ଆସି ବହୁ ପାଇକ ଓ ସିପାହୀଙ୍କୁ ଏକତ୍ର କରି ସମ୍ବଲପୁରଠାରେ ବିଦ୍ରୋହ ଆରମ୍ଭ କରିଦେଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଏହି ସଂଗ୍ରାମରେ ନିଜର ଦାବୀ ହାସଲ କରି ସିଂହାସନ ଅଧିକାର କରିବେ । ଏଥିପାଇଁ ତାଙ୍କର ବହୁ ସମର୍ଥକ ମିଳିତ ହୋଇ ବିଦ୍ରୋହ ଆରମ୍ଭ କରିଦେଲେ । ଇଂରେଜ ସରକାର ଏହା ଜାଣିପାରି ଖୁବ୍ ସାବଧାନତା ସହିତ ବିଦ୍ରୋହର ମୁକାବିଲା କରିବାକୁ ବିହିତ ବ୍ୟବସ୍ଥା କଲେ । ପ୍ରଥମେ ସେମାନେ ସୁରେନ୍ଦ୍ର ସାଏଙ୍କୁ ଓ ତାଙ୍କ ଭାଇଙ୍କୁ ସ୍ୱାଧୀନ ଭାବରେ ସମ୍ବଲପୁରରେ ରହିବାକୁ ଅନୁମତି ଦେଲେ । କିନ୍ତୁ କିଛି ଦିନ ପରେ ସେଠାରେ ତାଙ୍କୁ ଇଂରେଜ ସରକାର ଅଟକବନ୍ଦୀ ଭାବରେ ରଖିଲେ । ସେ





ବିଶ୍ୱସ୍ତ ସୂତ୍ରରୁ ଜାଣି ପାରିଲେ ଯେ ତାଙ୍କୁ ଅନ୍ୟତ୍ର ନେବା ପାଇଁ ଇଂରେଜ ସରକାର ସ୍ଥିର କରିଛନ୍ତି । ତେଣୁ ସେ କୌଶଳରେ ସମ୍ବଲପୁରରୁ ନିଜ ଗ୍ରାମକୁ ପଳାଇ ଆସିଲେ । ବିଦ୍ରୋହ ନ କଲେ ଇଂରେଜମାନେ ତାଙ୍କ ଦାବୀ ପୂରଣ କରିବେ ନାହିଁ ଚିନ୍ତା କରି ସେ ପ୍ରତ୍ୟକ୍ଷ ବିଦ୍ରୋହ କରିବା ପାଇଁ ଆୟୋଜନ କଲେ । ସେ ଗଡ଼ଜାତର ରାଜା, ଜମିଦାର ଓ ଗ୍ରାମବାସୀମାନଙ୍କଠାରୁ ଧନ ଓ ଜନବଳ ଏକତ୍ରିତ କରି ଜଙ୍ଗଲ ମଧ୍ୟରେ ଦୁର୍ଗ ନିର୍ମାଣ କରାଇ ଇଂରେଜଙ୍କୁ ଲଢ଼ିବା ପାଇଁ ବ୍ୟବସ୍ଥା କଲେ । ସେଠାରେ ତାଙ୍କୁ କନ୍ଧ, କୋଲ୍ହ, ମୁଣ୍ଡାରୀ ଓ ଶବରମାନେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ପାହାଡ଼ର ବିଭିନ୍ନ ଘାଟୀରେ ବିଦ୍ରୋହକାରୀମାନେ ଦଳବାନ୍ଧି ରାସ୍ତାମାନ ବନ୍ଦ କରିଦେଲେ । ଏହାଦ୍ୱାରା ଡ଼ାକ ଓ ସରକାରୀ ଯାନବାହାନ ସେହି ସବୁ ପଥ ଦେଇ ଯାଇ ପାରିଲା ନାହିଁ । ୧୮୫୭ରୁ ୧୮୬୨ ମସିହା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଓ ଯୁଦ୍ଧ ଚାଲିଲା । ପ୍ରାଚୀନ ଅସ୍ତ୍ରଶସ୍ତ୍ର, ଦେଶୀ ବନ୍ଧୁକ ଓ ଧନୁଶର ଆଦି ଏ ଯୁଦ୍ଧରେ ବ୍ୟବହୃତ ହେଉଥିଲା । ଇଂରେଜ ସୈନ୍ୟମାନେ ବିଦେଶୀ ବନ୍ଧୁକ ଓ ତୋପ ସାହାଯ୍ୟରେ ଲଢ଼ୁଥିଲେ । ଏହି ଯୁଦ୍ଧରେ ଇଂରେଜମାନଙ୍କର ବହୁ ସୈନ୍ୟ ମୃତାହତ ହୋଇଥିଲେ । ଅନେକ ସେନାପତି ଓ ଅଫିସର ବିଦ୍ରୋହୀମାନଙ୍କ ଆକ୍ରମଣରେ ପ୍ରାଣତ୍ୟାଗ କରିଥିଲେ । ସମ୍ବଲପୁର ଓ ଆଖପାଖ ଅଞ୍ଚଳରେ ଗଣ୍ଡଗୋଳ ଓ ଅଶାନ୍ତି ଲାଗି ରହିବାରୁ ଇଂରେଜ ସରକାର ଘୋଷଣା କଲେ ଯେ ଯେଉଁମାନେ ବିନା ସର୍ତ୍ତରେ ତାଙ୍କ ପାଖରେ ଆତ୍ମ ସମର୍ପଣ କରିବେ, ସେମାନଙ୍କୁ କ୍ଷମା ଦଆଯିବ । ସୁରେନ୍ଦ୍ର ସାଏ ଚିନ୍ତା କରି ଦେଖିଲେ ଯେ, ସେ ଯଦି ଆତ୍ମ ସମର୍ପଣ ନ କରନ୍ତି, ତାହାହେଲେ ଇଂରେଜ ସରକାର ସମ୍ବଲପୁରରେ ଦମନଲୀଳା ଚଳାଇ ପ୍ରଜାମାନଙ୍କୁ ଅନେକ କଷ୍ଟ ଦେବେ ଓ ଲୋକମାନଙ୍କର ଆର୍ଥିକ ଅବସ୍ଥା ଦୟନୀୟ ହେବ । ଲୋକମାନେ କଷ୍ଟରେ ଚଳୁଥିବାର ଦେଖି ତାଙ୍କ ହୃଦୟ ତରଳି ଗଲା । ସେ ୧୮୬୨ ଖ୍ରୀଷ୍ଟାବ୍ଦରେ ଆତ୍ମ ସମର୍ପଣ କଲେ । ଇଂରେଜ ସରକାର ତାଙ୍କର କିଛି ଅନିଷ୍ଟ ନ କରି ତାଙ୍କ ଭରଣ ପୋଷଣ ପାଇଁ ବୃତ୍ତି ଖଞ୍ଜି ଦେଲେ । ଏ ପରିସ୍ଥିତି ବେଶୀ ଦିନ ଟିକି ପାରିଲା ନାହିଁ । ୧୮୬୩ ମସିହାରେ ଇଂରେଜ ସରକାର ସମ୍ବଲପୁର ଜିଲ୍ଲାକୁ ଓଡ଼ିଶାରୁ ନେଇ ମଧ୍ୟପ୍ରଦେଶ ସହିତ ମିଶାଇ ଦେଲେ । ଏହାଦ୍ୱାରା ଓଡ଼ିଶାବାସୀ ଅସନ୍ତୁଷ୍ଟ ହେଲେ । ସୁରେନ୍ଦ୍ର ସାଏଙ୍କୁ ରାଜା କରିଦେଲେ ଅବସ୍ଥା ଶାନ୍ତି ପଡ଼ିଯିବ ବୋଲି କେତେକ ସରକାରୀ ଉପଦେଷ୍ଟା ଇଂରେଜମାନଙ୍କୁ ବୁଝାଇଲେ । ମାତ୍ର ସରକାର ଏଥିରେ କର୍ଣ୍ଣପାତ କଲେ ନାହିଁ । ପୁନଶ୍ଚ ପ୍ରବଳ ବିଦ୍ରୋହ ଆରମ୍ଭ ହୋଇଗଲା । ସରକାର ଭାବିଲେ ଏ ବିଦ୍ରୋହ ମୂଳରେ ସୁରେନ୍ଦ୍ର ସାଏ ଅଛନ୍ତି । ତେଣୁ ସେମାନେ ୧୮୬୪ ମସିହାରେ ସୁରେନ୍ଦ୍ର ସାଏ ଓ ଅନ୍ୟାନ୍ୟ ବିଦ୍ରୋହୀ ନେତାଙ୍କୁ ବନ୍ଦୀ କଲେ । ବିଚାରାଳୟରେ ସୁରେନ୍ଦ୍ର ସାଏଙ୍କୁ ବିଦ୍ରୋହ ଅଭିଯୋଗରେ ନିର୍ଦ୍ଦୋଷ ସାବ୍ୟସ୍ତ କରାଯାଇ ଖଲାସ କରି ଦିଆଗଲା । ଅନ୍ୟମାନେ ମଧ୍ୟ ଖଲାସ ହେଲେ । ସେମାନେ ଭବିଷ୍ୟତରେ କାଳେ ବିଦ୍ରୋହର ସୂତ୍ରପାତ କରିବେ, ଏହି ଆଶଙ୍କାରେ ଇଂରେଜ ସରକାର ତାଙ୍କୁ ମଧ୍ୟପ୍ରଦେଶର ନାଗପୁରଠାରେ ବନ୍ଦୀ କରି ରଖିଲେ । ସୁରେନ୍ଦ୍ର ସାଏଙ୍କ ସହିତ ତାଙ୍କର ପୁତ୍ର ମିତ୍ରଭାନୁ ଓ ସାନ ଭାଇ ଉଦନ୍ତଙ୍କୁ ମଧ୍ୟ ସେଠାକୁ ନିଆଯାଇ ଅଟକ ବନ୍ଦୀ ଭାବରେ ରଖାଯାଇଥିଲା । ଉଦନ୍ତ ସେଠାରେ ମୃତ୍ୟୁବରଣ କଲେ । ସୁରେନ୍ଦ୍ର ସାଏ ମଧ୍ୟ ନାଗପୁର ଜିଲ୍ଲାର ଅସିରଗଡ଼ ଦୁର୍ଗ ମଧ୍ୟରେ ୧୮୮୪ ମସିହା ଫେବୃଆରୀ ୨୮ ତାରିଖରେ ମୃତ୍ୟୁ ବରଣ କଲେ ।

ସେହି ଦେଶପ୍ରେମୀ ବିପ୍ଳବୀ ସୁରେନ୍ଦ୍ର ସାଏଙ୍କ ବଳିଷ୍ଠ ନେତୃତ୍ୱରେ ସମ୍ବଲପୁର ଜିଲ୍ଲାରେ ଜନଜାଗରଣ ହୋଇ ବହୁ ଇଂରେଜ ସୈନ୍ୟଙ୍କ ମୃତ୍ୟୁର କାରଣ ହୋଇଥିଲା । ତାଙ୍କରି ଯୋଗୁଁ ୧୮୬୪ ମସିହା ଶେଷରେ ବିଦ୍ରୋହ ଅଗ୍ନିର ଲେଲିହାନ ଶିଖା ନିର୍ବାପିତ ହୋଇଥିଲା । ଇତିହାସରେ ତାଙ୍କର ନାମ ଅମର ଅକ୍ଷରରେ ଲିପିବଦ୍ଧ ହୋଇ ରହିଥିବ ।

---

ସମ୍ପାଦକ, ବିଶ୍ୱ ସଂସ୍କୃତ ପ୍ରତିଷ୍ଠାନ
ଓ କାର୍ଯ୍ୟକାରୀ ସମ୍ପାଦକ,
ବିଶ୍ୱ ଓଡ଼ିଆ ସମ୍ମିଳନୀ, ୟୁନିଟ୍-୨,
ଭୁବନେଶ୍ୱର-୯


୧୯୪୩ ମସିହା ଶେଷ ହେବା ପୂର୍ବରୁ ଆମର ଆଜାଦ୍ ହିନ୍ଦ୍ ଫୌଜର ସେନାନୀଗଣ ଭାରତ-ବର୍ମା ସୀମାନ୍ତ ଆଡ଼କୁ ଅଗ୍ରସର ହେବାକୁ ଆରମ୍ଭ କରିଥିଲେ । ୧୯୪୪ ମସିହା ଫେବୃଆରୀ ୪ ତାରିଖରେ ବ୍ରହ୍ମଦେଶର ଆରାକାନ ଅଞ୍ଚଳରେ ଭାରତର ମୁକ୍ତି ଯୁଦ୍ଧ ଆରମ୍ଭ ହୋଇଗଲା । ୧୯୪୪ ମାର୍ଚ୍ଚ ୨୧ ତାରିଖ ବେଳକୁ ଆମେ ଘୋଷଣା କରିବାକୁ ସମର୍ଥ ହେଲୁ ଯେ ଆଜାଦ୍ ହିନ୍ଦ୍ ଫୌଜ ଭାରତର ପୂର୍ବ ସୀମାନ୍ତ ଅତିକ୍ରମ କରିଛି ଏବଂ ପବିତ୍ର ଭାରତ ଭୂମିରେ ଠିଆ ହୋଇ ଯୁଦ୍ଧ କରିବାରେ ଲାଗିଛି । ସେହିଦିନଠାରୁ ଯୁଦ୍ଧ ଲାଗି ରହିଛି ଏବଂ ଏହି ଯୁଦ୍ଧ ଅଭିଯାନରେ ବୀରତ୍ୱର ସହିତ ଲଢ଼େଇ କରି ବହୁ ଯୋଦ୍ଧା ଯୁଦ୍ଧ କ୍ଷେତ୍ରରେ ହସି ହସି ଜୀବନ ଦାନ ଦେଇଛନ୍ତି ।

—ସୁଭାଷ ଚନ୍ଦ୍ର ବୋଷ

# ତାଜୀ ସୁଭାଷ ଚନ୍ଦ୍ର ବୋଷ– ଏକ ଅମ୍ଲାନ ପ୍ରତିଭା

ଶ୍ରୀ ବେଣୁଧର ପାଢ଼ୀ

ୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଖଡ଼ିକାରୀ
ମାନଙ୍କ ମଧ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏକ ସ୍ୱତନ୍ତ୍ର
ଅଧିକାରୀ । ଭାରତକୁ ସାମ୍ରାଜ୍ୟବାଦୀ ବ୍ରିଟିଶ୍‌ରାଜର
ନ–ବେଡ଼ିରୁ ଶୃଙ୍ଖଳମୁକ୍ତ କରିବା ପାଇଁ ସେ ଯେଉଁ ବୀରତ୍ୱ
ଶ ନ ଓ
ର୍ଶ କରିଛନ୍ତି
ତାଙ୍କର ନାମକୁ
ସ ପୃଷ୍ଠାରେ
ରରେ ଲିପିବଦ୍ଧ
ଖିଛି । ତାଙ୍କ
ଭାରତ ବିଶ୍ୱ
ରରେ ଗର୍ବ
ବ କରିପାରୁଛି ।
ତା ଜୀ ଙ୍କ
ଦର୍ଶନକାରୀ
ନ 'ମୋତେ ରକ୍ତ
ମୁଁ ତୁମକୁ
ୀନତା ଦେବି'
ମଧ୍ୟ ଯୁବ ସମାଜକୁ ଜାତୀୟ ପ୍ରେମରେ ଉଦ୍‌ବୁଦ୍ଧ କରୁଛି ।
ର 'ଇନ୍‌କିଲାବ୍' ଆହ୍ୱାନ ସେମାନଙ୍କୁ ସଂଗ୍ରାମର ପ୍ରେରଣା
ଗାଇ ଦେଉଛି । ତାଙ୍କ ଜୀବନର ଚରମ ଲକ୍ଷ୍ୟ ଥିଲା
ତର ସ୍ୱାଧୀନତା ଓ 'ଫିରିଙ୍ଗି' ଶାସନର ବିଲୋପ ସାଧନ ।
ବେଦନ, ଆବେଦନ, ସତ୍ୟାଗ୍ରହ ଦ୍ୱାରା ଭାରତର ସ୍ୱାଧୀନତା ଯେ
ବ–ଏ ସ୍ୱପ୍ନ ସେ ଦେଖୁ ନଥିଲେ । ସେ ଦେଖୁଥିଲେ ସଶସ୍ତ୍ର
ଦ୍ରୋହ କରି ପରାଧୀନ ଭାରତକୁ ମୁକ୍ତି ଦେବାର ସ୍ୱପ୍ନ ।
ଖ–ଶୋକ ଜର୍ଜରିତ ଅତ୍ୟାଚାରିତ ଭାରତମାତା ଆଖିରୁ
ବିମୋଚନର ସ୍ୱପ୍ନ । ସେ ଥିଲେ ଜଣେ ଏକନିଷ୍ଠ ଦେଶପ୍ରେମୀ
ମହାନ୍ ବିପ୍ଳବୀ । ସଶସ୍ତ୍ର ବିପ୍ଳବ ଥିଲା ତାଙ୍କ ସଫଳତାର
ଖ୍ୟ ଆୟୁଧ । ତାଙ୍କର ବୈପ୍ଳବିକ ଚେତନା ସମଗ୍ର ବିଶ୍ୱର
ନମାନଙ୍କୁ ଅଭିଭୂତ କରି ଦେଇଥିଲା । ଦେଶମାତୃକାର
ପାଇଁ ଦେଶପ୍ରେମ ବହ୍ନି–ଲେଲିହାନ ଶିଖାର ପତାକାଷ୍ଠା
ଦେଶର ଆନ୍ତର୍ଜାତିକ ରାଷ୍ଟ୍ରମାନଙ୍କ ସହଯୋଗରେ ଭାରତକୁ
ପରାଧୀନ ମୁକ୍ତ କରିବାର ପ୍ରଚେଷ୍ଟାରେ ସେ ବ୍ରତୀ ହୋଇଥିଲେ । ପ୍ରଥମ
ଭାରତୀୟ । ତାଙ୍କ ବିପ୍ଳବର ଲେଲିହାନ ଶିଖା ବ୍ରିଟିଶ୍ ସାମ୍ରାଜ୍ୟର



କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟମାନଙ୍କ ଗହଣରେ



ମୂଳଦୁଆ ଦୋହଲାଇ ଦେଇଥିଲା । ବାସ୍ତବିକ୍ ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ଓ ମୁଖ୍ୟ ପୁରୋଧା ।

ଏହି ମହାନ୍ ଦେଶଭକ୍ତ ନିଃସ୍ୱାର୍ଥପର ଜାତୀୟବୀରଙ୍କ ଜନ୍ମ ଶତବାର୍ଷିକୀ ସମଗ୍ର ଦେଶରେ ପାଳନ କରାଯାଉଛି । ଭାରତୀୟମାନେ ପ୍ରଶାସନିକ କାର୍ଯ୍ୟପାଇଁ ଯୋଗ୍ୟ ନୁହଁନ୍ତି, ବ୍ରିଟିଶ୍ ସରକାରଙ୍କର ଏ ପ୍ରକାର ମନ୍ତବ୍ୟକୁ କୁଠାରଘାତକରି ସୁଭାଷବୋଷ ଇଣ୍ଡିଆନ ସିଭିଲ୍ ସର୍ଭିସ୍ (I.C.S.) ପ୍ରତିଯୋଗିତା ପରୀକ୍ଷାରେ ଚତୁର୍ଥସ୍ଥାନ ଅଧିକାର କରିଥିଲେ । କିନ୍ତୁ ବ୍ରିଟିଶ୍ ସରକାରଙ୍କ ପ୍ରଶାସନର ମୋହ ନେତାଜୀଙ୍କୁ କୌଣସିମତେ ଆକୃଷ୍ଟ କରିପାରି ନଥିଲା । ପରାଧୀନ ଦେଶମାତୃକାର ବିକଳ କ୍ରନ୍ଦନ ସ୍ୱାଧୀନଚେତା ସୁଭାଷ ବୋଷଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସ୍ରୋତକୁ ଟାଣି ନେଇଥିଲା । ଏହାଛଡ଼ା ବ୍ରିଟିଶ୍ ସରକାରଙ୍କର ଅଧସ୍ତନ ଗୋଲାମ ହେବା ଅପେକ୍ଷା ଦେଶ ମାତୃକାର ସେବାକୁ ସେ ଶ୍ରେୟ ମନେ କରିଥିଲେ । ସୁଭାଷ ସରକାରୀ ଚାକିରିକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏଥିରୁ ତାଙ୍କର ପ୍ରବଳ ସ୍ୱଦେଶ ପ୍ରୀତିର ନିଦର୍ଶନ ସହଜରେ ଅନୁମେୟ । ନେତାଜୀ ତାଙ୍କର ରାଜନୈତିକ ଜୀବନ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଶିଷ୍ୟ ଭାବରେ ଆରମ୍ଭ କରିଥିଲେ ।

ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଝଲକ ୧୮୫୭ ମସିହାରେ ଦେଖାଦେଇଥିଲା । ପରବର୍ତ୍ତୀ ସମୟରେ ଦେଶର ଜୁଙ୍ଗ ନେତୃବୃନ୍ଦଙ୍କ ଉଦ୍ୟମରେ ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦ୍ୱାରା ସ୍ୱାଧୀନତା ସଂଗ୍ରାମ ଏକ ନୂତନ ମୋଡ଼ ନେଇଥିଲା । କ୍ଷମତାଲିପ୍ସୁ ବ୍ରିଟିଶ୍ ସରକାରଙ୍କୁ ପ୍ରାର୍ଥନା ଓ ଆବେଦନ ଦ୍ୱାରା ତୁଷ୍ଟ କରି ଭାରତକୁ ସ୍ୱାଧୀନ କରିବାର ବ୍ୟର୍ଥ ଚେଷ୍ଟା ଚାଲିଥିଲା । ଜାତୀୟ କଂଗ୍ରେସ ଉଦାରବାଦୀ ନେତୃବୃନ୍ଦଙ୍କ ଦ୍ୱାରା ପରିଚାଳିତ ହେଉଥିଲା । କିନ୍ତୁ ୧୯୨୦ ମସିହାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ସହ ଏହା ତୀବ୍ର ରୂପ ଗ୍ରହଣ କଲା । ଦେଶର ଆବାଳ ବୃଦ୍ଧ ବନିତା ଗାନ୍ଧୀଙ୍କ ଆହ୍ୱାନରେ ଅନୁପ୍ରାଣୀତ ହୋଇ ବ୍ରିଟିଶ୍ ସରକାରଙ୍କ ସକଳ ପ୍ରକାର ନିର୍ଯ୍ୟାତନାକୁ ଭ୍ରୁକ୍ଷେପ ନକରି ସ୍ୱାଧୀନତା ସଂଗ୍ରାମର ତରଙ୍ଗାୟିତ ସ୍ରୋତକୁ ଲମ୍ଫ ପ୍ରଦାନ କରିଥିଲେ । ନେତାଜୀ ଠିକ୍ ଏହି ସମୟରେ ଗାନ୍ଧୀଙ୍କର ଡାକରାରେ

ଅସହଯୋଗ ଆନ୍ଦୋଳନରେ ନିଜକୁ ସାମିଲ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହି ସମୟରେ ପ୍ରିନ୍ସ ଅଫ୍ ୱେଲସ୍ କଲିକତା ଆସୁଥିବା ଅବସରରେ ନେତାଜୀ ସେଠାରେ ହରତାଳ ଡାକରା ଦେଇ ସଫଳ ହୋଇଥିଲେ ।

ପରବର୍ତ୍ତୀ ବର୍ଷଗୁଡ଼ିକରେ ମହାତ୍ମା ଗାନ୍ଧୀ ଔପନିବେଶିକ ସ୍ୱାଧୀନତା ଓ ଡୋମିନିୟନ୍ ଷ୍ଟାଟସ ପାଇଁ ଦାବିକରୁଥିବା ବେଳେ, ସୁଭାଷ ବୋଷ ସ୍ୱାଧୀନତା ଭାରତର ଲକ୍ଷ୍ୟ ହେବା ଉଚିତ୍ ବୋଲି ଯୁକ୍ତି ବାଢ଼ିଥିଲେ । କଂଗ୍ରେସର ସମସ୍ତ ବାମପନ୍ଥୀ ସଭ୍ୟ ସୁଭାଷଙ୍କର ଏ ପ୍ରକାର ଯୁକ୍ତିଯୁକ୍ତ ତଥା ନ୍ୟାୟ ସଙ୍ଗତ ପ୍ରସ୍ତାବକୁ ସ୍ୱାଗତ ଜଣାଇଥିଲେ ଏବଂ ଏହାକୁ ହାସଲ କରିବାପାଇଁ ବଦ୍ଧ ପରିକର ହୋଇଥିଲେ । ଫଳରେ ଭାରତୀୟ ଜାତୀୟ କଂଗ୍ରେସ ୧୯୨୯ ମସିହା ଲାହୋର ଅଧିବେଶନରେ ପଣ୍ଡିତ ନେହେରୁଙ୍କର ଅଧ୍ୟକ୍ଷତାରେ 'ପୂର୍ଣ୍ଣ ସ୍ୱାଧୀନତା' ଭାରତୀୟ ଜାତୀୟ ସଂଗ୍ରାମର ଲକ୍ଷ୍ୟ ପ୍ରସ୍ତାବକୁ ଗ୍ରହଣ କରିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୭ ତାରିଖରେ କରାଚିଠାରେ ଅନୁଷ୍ଠିତ ନୌଜୱାନ୍ ସମ୍ମିଳନୀରେ ନେତାଜୀ ସଭାପତିତ୍ୱ କରି ଲାହୋର ଜେଲରେ ଭଗତ ସିଂହ, ରାଜଗୁରୁ, ଶୁକଦେବଙ୍କୁ ହୋଇଥିବା ଫାଶୀ ଦଣ୍ଡର ଦୃଢ଼ ପ୍ରତିବାଦକରି ଏହାର ଚରମ ପ୍ରତିଶୋଧ ନେବାପାଇଁ ବ୍ରିଟିଶ ସରକାରଙ୍କୁ ଶକ୍ତ ଚେତାବନୀ ଶୁଣାଇ ଥିଲେ । ତାଙ୍କର ପ୍ରବଳ ପ୍ରତିବାଦ ଯୋଗୁଁ 'ଗାନ୍ଧୀ–ଇରଉଇନ୍ ଚୁକ୍ତି' ମଧ୍ୟ ଗୃହୀତ ହୋଇ ପାରିନଥିଲା । ଏସବୁ ଦୃଢ଼ ପଦକ୍ଷେପମାନ ତାଙ୍କ ବଳିଷ୍ଠ ନେତୃତ୍ୱର ପରିଚୟ ପ୍ରଦାନ କରିଥାଏ ।

୧୯୩୮ ମସିହାରେ ହରିପୁରାଠାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ନେତାଜୀଙ୍କ ପାଇଁ ଦେଶମାତୃକାର ସେବା କରିବା ପାଇଁ ଏକ ଅପୂର୍ବ ସୁଯୋଗ ଆଣି ଦେଇଥିଲା । ଏହି ଅଧିବେଶନରେ ସର୍ବସମ୍ମତିକ୍ରମେ ଜାତୀୟ କଂଗ୍ରେସର ସଭାପତି ଭାବରେ ସେ ମନୋନୀତ ହୋଇଥିଲେ । ଜାତିର ଜନକ ମହାତ୍ମା ଗାନ୍ଧୀ ଏହି ଅଧିବେଶନରେ ସୁଭାଷବୋଷଙ୍କୁ ରାଷ୍ଟ୍ରପତି ରୂପେ ସମ୍ବୋଧନ କରିଥିଲେ । ନେତାଜୀ ଏହି ଅଧିବେଶନରେ ପୂର୍ଣ୍ଣସ୍ୱାଧୀନତା ପାଇଁ ସମଗ୍ର ଭାରତବାସୀଙ୍କୁ ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସଂଗ୍ରାମ ଚଳାଇବା ପାଇଁ ଆହ୍ୱାନ ଦେଇଥିଲେ ।

ପରବର୍ତ୍ତୀବର୍ଷ ୧୯୩୯ ମସିହାରେ ଇଂରେଜ ସରକାର ବିରୁଦ୍ଧରେ ପୂର୍ଣ୍ଣପ୍ରାଣରେ ସଂଗ୍ରାମ କରିବା ପାଇଁ ଜାତୀୟ କଂଗ୍ରେସର ତ୍ରିପୁରୀ ଅଧିବେଶନରେ ସଭାପତି ପ୍ରାର୍ଥୀ ହେବାପାଇଁ ସୁଭାଷ ମନସ୍ଥ କଲେ । ନିଜର ପ୍ରାର୍ଥୀତ୍ୱ ଘୋଷଣା କରି ନେତାଜୀ କହିଥିଲେ ସେ 'new ideas, ideologies, problems and programmes that had emerged with the progressive sharpening of the anti-imperialist struggle in India'ର ପ୍ରତିନିଧିତ୍ୱ କରୁଛନ୍ତି । ଏହା ବ୍ୟତୀତ ତାଙ୍କର ଅନ୍ୟତମ ଲକ୍ଷ୍ୟ ଥିଲା ଇଂରେଜ ସରକାରଙ୍କୁ ଛଅମାସିଆ ଚରମ ପତ୍ର ଦେଇ ଭାରତର ପୂର୍ଣ୍ଣ ସ୍ୱାଧୀନତା ହାସଲ କରିବା । କିନ୍ତୁ ଗାନ୍ଧିଜୀ ନେତାଜୀଙ୍କର ଏ ପ୍ରକାର ଲକ୍ଷ୍ୟ ହାସଲର ସମର୍ଥନରେ ନଥିଲେ, ତେଣୁ ଦ୍ୱିତୀୟବାର ସଭାପତି ହେବାକୁ ସୁଭାଷଙ୍କୁ ବାରଣ କଲେ । କିନ୍ତୁ ସ୍ୱାଧୀନଚେତା ନେତାଜୀଙ୍କର ବଳବତୀ ଇଚ୍ଛାକୁ ଗାନ୍ଧିଜୀ ଦବେଇ ଦେଇ ପାରି ନଥିଲେ । ଗାନ୍ଧିଜୀ ସୁଭାଷଙ୍କ ବିରୋଧରେ ପଟ୍ଟାଭି ସୀତାରାମାୟାଙ୍କୁ ପ୍ରାର୍ଥୀ କରାଇଲେ । କଂଗ୍ରେସର ଅନ୍ୟ ତୁଙ୍ଗ ନେତୃବୃନ୍ଦ ଯଥା ସର୍ଦ୍ଦାର ପଟେଲ, ରାଜେନ୍ଦ୍ର ପ୍ରସାଦ, କ୍ରିପଲାନି ଇତ୍ୟାଦି ମଧ୍ୟ ସୁଭାଷଙ୍କ ବିରୋଧରେ ମତବ୍ୟକ୍ତ କରିଥିଲେ । ତଥାପି ସମସ୍ତ ବିରୋଧ ସତ୍ତ୍ୱେ ସୁଭାଷ ବୋଷ ନିଜର ବଳିଷ୍ଠ ବ୍ୟକ୍ତିତ୍ୱ, ଆଦର୍ଶ ଓ ଲୋକପ୍ରିୟତା ପାଇଁ ୧୯୩ ଭୋଟ ଅଧିକ ପାଇ ସୀତାରାମାୟାଙ୍କୁ ପରାସ୍ତକରି ଦ୍ୱିତୀୟ ଥର ପାଇଁ ଜାତୀୟ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଏହା ଥିଲା ଉଦାରବାଦୀ ନେତାଙ୍କ ପାଇଁ ଏକ ଶକ୍ତ ଧକ୍କା । ଗାନ୍ଧିଜୀ ଏହି ପରାଜୟକୁ ଘୋଷଣା କରିଥିଲେ ଏହା ହେଉଛି 'more mine than his', ଏହା ନେତାଜୀଙ୍କର ବଳିଷ୍ଠ ନେତୃତ୍ୱର ପରିପ୍ରକାଶ କରିଥାଏ । ନେତାଜୀଙ୍କର ପୁନର୍ବାର ସଭାପତି ନିର୍ବାଚିତ ହେବା କଥା କେବଳ ତାଙ୍କ ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ନୁହେଁ ଇଂଲଣ୍ଡରେ ମଧ୍ୟ ଚହଳ ପକାଇ ଦେଇଥିଲା । ଇଂଲଣ୍ଡର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟନ ଚର୍ଚ୍ଚିଲଙ୍କୁ ମଧ୍ୟ ଆତଙ୍କିତ କରି ଦେଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଗାନ୍ଧୀଙ୍କ ସହିତ ମତାନ୍ତର ହେତୁ କଂଗ୍ରେସରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନକରି, ନିଜ ପଦବୀରୁ ଓହରି ଯାଇଥିଲେ । କଂଗ୍ରେସ ସଭାପତିତ୍ୱରୁ ଇସ୍ତଫା ଦେଇ ନିଜର ଅନୁଗତମାନଙ୍କୁ ନେଇ ବ୍ରିଟିଶ୍ ସରକାର ବିରୋଧରେ ଏକ ତୁମୁଳ ସଂଗ୍ରାମ ଚଳାଇବା ପାଇଁ ସେ କଂଗ୍ରେସ ମଧ୍ୟରେ 'ଫରୱାର୍ଡ଼ବ୍ଲକ୍' ନାମକ ଏକ ଦଳ ଗଠନ କରିଥିଲେ ।

୧୯୩୯ ମସିହା ସେପ୍‌ଟେମ୍ବର ମାସରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା । ଏହାଥିଲା ନେତାଜୀଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବ୍ରିଟିଶ୍ ସରକାର ବିରୋଧରେ ଲଢ଼ିବା ପାଇଁ । କିନ୍ତୁ ୧୯୪୦ ଜୁଲାଇ ୨ ତାରିଖରେ ତାଙ୍କର ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ ଯୋଗୁଁ ବ୍ରିଟିଶ୍ ସରକାର ତାଙ୍କୁ Section 129 of the Defence of India Rules ବଳରେ ବନ୍ଦୀକଲେ । ବନ୍ଦୀତ୍ୱ ଅବସ୍ଥାରେ ଆମରଣ ଅନଶନ ଆରମ୍ଭକରି ବଙ୍ଗଳାର ଗଭର୍ଣ୍ଣରଙ୍କୁ ଦେଇଥିବା ଚିଠିରେ ସୁଭାଷ ଲେଖିଥିଲେ । "The individual must die, So that the nation may live. Today I must die so that India may win freedom and glory" ନିଜର ବନ୍ଦୀଥିବା ସମୟରେ ବ୍ରିଟିଶ୍ ସରକାରଙ୍କ ଆଖିରେ ଧୂଳିଦେଇ ୧୯୪୧ ଜାନୁଆରୀ ୧୭ ତାରିଖ ମଧ୍ୟରାତ୍ରିରେ ସୁଭାଷ କଲିକତା ଛାଡ଼ି ଚାଲି ଯାଇଥିଲେ । ବିଭିନ୍ନ ରୂପରେ ଛଦ୍ମବେଶ ଧାରଣ କରି ବହୁ କଷ୍ଟ ସ୍ୱୀକାର କରି ସେ କାବୁଲରେ ପହଞ୍ଚିଥିଲେ । ସେଠାରୁ

...ଓ ପରେ ବର୍ଲିନ୍‌ରେ ଯାଇ ପହଞ୍ଚିଥିଲେ । ବର୍ଲିନରେ ... ହିଟ୍‌ଲରଙ୍କର ତାହାଶାହାତ ପରି କାର୍ଯ୍ୟ କରୁଥିବା ...ସୁଭାଷଙ୍କର ସାହଚର୍ଯ୍ୟପାଇ ହିଟ୍‌ଲରଙ୍କ ସହ ଭାରତ ...ତା ବିଷୟରେ ଆଲୋଚନା କରିଥିଲେ । ଜର୍ମାନୀସ୍ଥିତ ...ମାନେ ସୁଭାଷଙ୍କୁ ନେତାଜୀ ବୋଲି ସମ୍ବୋଧନ କରି ... ସ୍ଲୋଗାନ ଶୁଣାଇଥିଲେ । ବର୍ଲିନଠାରୁ ବେତାର ... ନିୟମିତ ଭାବେ ସେ ଭାରତୀୟ ସ୍ୱାଧୀନତା ...ମାନଙ୍କୁ ଉତ୍ସାହିତ କରୁଥିଲେ । କିନ୍ତୁ ପରବର୍ତ୍ତୀ ...ର ଜର୍ମାନୀ ଅପେକ୍ଷା ଦକ୍ଷିଣ–ପୂର୍ବ ଏସିଆ, ବିଶେଷକରି ... ତାଙ୍କ ଲକ୍ଷ୍ୟହାସଲ ପାଇଁ ସୁଗମ ହେବ ଭାବି ସେ ଜାପାନ ...ଯିବାଥିଲେ । ଉତ୍ତରୋପର ଏକଛତ୍ରବାଦୀ ଶାସକ, ଯେଉଁ ... ବିଶ୍ୱଯୁଦ୍ଧର ସ୍ରଷ୍ଟା, ତାଙ୍କ ସହ ଭାରତର ମୁକ୍ତି ସମ୍ପର୍କରେ ...ଜୀଙ୍କର କଥାବାର୍ତ୍ତା ତାଙ୍କର ଅଦମ୍ୟ ଶକ୍ତି ଓ ସାହସିକତାର ... ପ୍ରଦାନ କରିଥାଏ ।

...ଭରେ 'କର ବା ମର' ସ୍ଲୋଗାନ ମଧ୍ୟରେ ବ୍ରିଟିଶ୍ ...ଙ୍କ ବିରୋଧରେ ଭାରତଛାଡ଼ ଆନ୍ଦୋଳନ ଚାଲିଥିବା ..., ଭାରତ ବାହାରେ ମଧ୍ୟ ଏ ଚେଷ୍ଟାର ଅବ୍ୟାହତ ...ଥିଲା । ପ୍ରବାସୀ ଭାରତୀୟମାନଙ୍କୁ ଏକତ୍ରିତ କରି ଭାରତର ...ନ ବିପ୍ଲବବାଦୀ ନେତା ରାସବିହାରୀ ବୋଷ ଜାପାନରେ ...ନ୍ ଇଣ୍ଡିପେନ୍‌ଡେନ୍‌ସ୍' ନାମରେ ଏକ ସଂସ୍ଥା ଓ ଆଜାଦ୍ ହିନ୍ଦ୍ ... (INA) ନାମକ ଏକ ସୈନ୍ୟ ବାହିନୀ ଗଠନ କରି ...ର ସ୍ୱାଧୀନତା ପାଇଁ ସଂଗ୍ରାମ ଚଳାଇଥିଲେ । ସୁଭାଷ ... ବାଙ୍ଗକକ୍ (ଜୁନ୍ ୧୯୪୨) ସମ୍ମିଳନୀର ନିମନ୍ତ୍ରଣ ପାଇ ...ନର ରାଜଧାନୀ ଟୋକିଓରେ ୧୯୪୩ ମସିହା ଜୁନ୍ ୧୩ ...ରିଖରେ ପହଞ୍ଚିଥିଲେ । ସେଠାରେ ଜାପାନ ପ୍ରଧାନମନ୍ତ୍ରୀ ...ଜୋଙ୍କୁ ସାକ୍ଷାତ୍ କରି ତାଙ୍କଠାରୁ 'enuble India to ...ieve full independence in the true sense ... the term'ର ପ୍ରତିଶ୍ରୁତି ପାଇଥିଲେ । ତତ୍ପରେ ରାସ ...ରୀ ବୋଷଙ୍କଠାରୁ ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍‌ସ ଲିଗ୍‌ର ...ପତିତ୍ୱ ଓ ଆଜାଦ୍ ହିନ୍ଦ୍ ଫୌଜର ସେନାପତିତ୍ୱ ଗ୍ରହଣ ...ଥିଲେ । 'ଜୟହିନ୍ଦ୍' ଚଲୋ ଦିଲ୍ଲୀ'ର ସ୍ଲୋଗାନ ଦ୍ୱାରା ସେ ... ଓ ଆଜାଦ୍ ହିନ୍ଦ୍ ଫୌଜର ନୂତନ ଜାଗରଣ ସୃଷ୍ଟି ...ଇଲେ । ଦାୟିତ୍ୱ ଗ୍ରହଣ କରିବାର ଠିକ୍ ପରେ ପରେ ...ତାଜୀ ଲିଗ୍ ଓ ଆଜାଦ୍ ହିନ୍ଦ୍ ଫୌଜର ପୁନର୍ଗଠନ କରିଥିଲେ । ...ରେ ଜାପାନୀମାନଙ୍କ ହାତରେ ବନ୍ଦୀ ହୋଇଥିବା ସୈନ୍ୟମାନଙ୍କୁ ...କରି ଆଜାଦ୍ ହିନ୍ଦ ଫୌଜରେ ଅନ୍ତର୍ଭୁକ୍ତ କରାଇଥିଲେ । ଉଭୟ ...ରୁଷ ଓ ମହିଳାମାନେ ଛଅ ମାସ ତାଲିମ ପରେ ଫୌଜରେ ...ର୍ଭୁକ୍ତ ହେଉଥିଲେ । ଶାରୀରିକ ପ୍ରଶିକ୍ଷଣ ବ୍ୟତୀତ ...ସୈନ୍ୟମାନେ ମାନସିକ ସ୍ତରରେ ସ୍ୱଦେଶ ପ୍ରୀତିର ଶିକ୍ଷାମଧ୍ୟ ...ପାଉଥିଲେ । ଏକତା, ବିଶ୍ୱାସ ଓ ତ୍ୟାଗ ସେମାନଙ୍କର ମୁଖ୍ୟ ...ନୀତିଥିଲା । ନେତାଜୀ ଆଜାଦ୍ ହିନ୍ଦ୍ ଫୌଜକୁ ଗାନ୍ଧୀ, ଆଜାଦ୍ ଓ ...ନେହେରୁ ଏପରି ତିନିଗୋଟି ବିଭାଗରେ ବିଭକ୍ତ କରିଥିଲେ । ଏହା

ବ୍ୟତୀତ ସେ ଏକ ମହିଳା ରେଜିମେଣ୍ଟ 'ରାଣୀ ଝାନ୍‌ସୀ' ନାମରେ ମଧ୍ୟ ଗଠନ କରିଥିଲେ । ସେ ଗାନ୍ଧୀ, ନେହେରୁ, ଆଜାଦ୍ ଓ ରାଣୀ ଝାନ୍‌ସୀ ଏପରି ଚାରିଗୋଟି ବିଭାଗରେ ଆଜାଦ୍ ହିନ୍ଦ୍ ଫୌଜକୁ ବିଭକ୍ତ କରିଥିଲେ । ସେ ଚାହିଁଥିଲେ, ନିଜ ନାମାନୁସାରେ ଏକ ବିଭାଗ ମଧ୍ୟ କରି ପାରିଥାନ୍ତେ, କିନ୍ତୁ ମହାନୁଭବୀ ନେତାଜୀ ତାହା କରିନଥିଲେ ।

ତତପରେ ନେତାଜୀ ସିଙ୍ଗାପୁରର କାଥେ ହଲଠାରେ ୨୧ ଅକ୍‌ଟୋବର ୧୯୪୩ ମସିହାରେ ପ୍ରୋଭିଜନାଲ ଗଭର୍ଣ୍ଣମେଣ୍ଟ ଅଫ୍ ଫ୍ରି ଇଣ୍ଡିଆ'ର ଅଧିମାରସ୍ତ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ନେତାଜୀ ନେଇଥିବା ଶପଥ ମନେପକାଇଲେ ଆଜିବି ଦେହ ଶିହରି ଉଠିଥାଏ । ନେତାଜୀଙ୍କର ଶପଥଥିଲା–"In the name of God, I take the sacred oath that to liberate India and the thirty eight crores of my countrymen, I, Subhash Chandra Bose, will continue this sacred war of freedom till the last breath of my life. I Shall always remain a servant of India. Even after winning freedom, I will always be prepared to shed my blood for the preservation of India's freedom". ଏହା ସଙ୍ଗେ ଜାପାନ, ଜର୍ମାନୀ ଆଦି ଦେଶମାନଙ୍କର ସହଯୋଗ ପାଇବାପାଇଁ ନେତାଜୀ ଗ୍ରେଟ୍ ବ୍ରିଟେନ୍ ଓ ଆମେରିକା ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ଜାପାନର ପ୍ରଧାନମନ୍ତ୍ରୀ ଟୋଜୋ ଆଣ୍ଡାମାନ୍ ଓ ନିକୋବର ଦୁଇ ଅଞ୍ଚଳକୁ 'ପ୍ରୋଭିଜନାଲ ଗଭର୍ଣ୍ଣମେଣ୍ଟ ଅଫ ଆଜାଦ୍ ହିନ୍ଦ୍'କୁ ହସ୍ତାନ୍ତର କରିଥିଲେ ଓ ନେତାଜୀ ଏହି ଦୁଇ ଅଞ୍ଚଳକୁ ଯଥାକ୍ରମେ 'ଶହୀଦ' ଓ 'ସ୍ୱରାଜ' ନାମରେ ନାମିତ କରିଥିଲେ । ଜାପାନ ବା ଅନ୍ୟ କୌଣସି ବାହ୍ୟଶକ୍ତିର ସାହାଯ୍ୟରେ ଭାରତର ସ୍ୱାଧୀନତା ଅପେକ୍ଷା ନିଜ ଜୀବନ ବିନିମୟରେ ଭାରତର ସ୍ୱାଧୀନତାକୁ ସେ ଶ୍ରେୟ ମଣିଥିଲେ । ସେଥିପାଇଁ ସେ କହିଥିଲେ, "Any liberation of India secured through Japanese sacrifies is worse than slavery. Our independence must be won by our own blood". ୧୯୪୪ ମସିହା ମେ ମାସରେ ନାଗାପର୍ବତମାଳା ସ୍ଥିତ କୋହିମା ଅଞ୍ଚଳକୁ ଅଧିକାର କରି ସେଠାରେ ସେ ପ୍ରଥମ ଥରପାଇଁ ସ୍ୱାଧୀନ ଭାରତର ତ୍ରିରଙ୍ଗ ପତାକା ଉଡ଼ାଇ ଥିଲେ । ଇମ୍ଫାଲ, କୋହିମା ତଥା ଆଣ୍ଡାମାନ୍–ନିକୋବର ଦ୍ୱୀପପୁଞ୍ଜ ଅଧିକାର ଓ ତ୍ରିରଙ୍ଗା ପତାକା ଉତ୍ତୋଳନର ବେତାର ଘୋଷଣା ସାରାଭାରତ ବର୍ଷରେ ଏକ ନୂତନ ଉଦ୍ଦୀପନା ସୃଷ୍ଟି କରିଥିଲା । ଭାରତବାସୀ ପ୍ରବଳ ଉତ୍ସାହରେ ଜାତୀୟ ସଂଗ୍ରାମରେ ଲାଗିପଡ଼ିଲେ । କୋହିମାଠାରୁ 'ଦିଲ୍ଲୀଚଲୋ' ଡକରାଦେଇ ନେତାଜୀ ସୁଭାଷ ଆଜାଦ୍ ହିନ୍ଦ୍ ସୈନ୍ୟମାନଙ୍କୁ



ଆଗୁସାର କରାଇଥିଲେ । ବ୍ରିଟିଶ୍ ସରକାର ପ୍ରମାଦ ଗଣିଥିଲେ । ଏହି ଅବସରରେ ଆଜାଦ୍ ହିନ୍ଦ୍ ରେଡ଼ିଓରେ ଗାନ୍ଧିଜୀଙ୍କ ଉଦ୍ଦେଶ୍ୟରେ ସୁଭାଷ କହିଥିଲେ, "India's last war of independence has begun...... Father of our Nation ! In this holy war o India's liberation, we ask for your blessings and good wishes". ପୂର୍ବର ସମସ୍ତ ମତାନ୍ତର–ମତଭେଦ ସତ୍ତ୍ୱେ ନେତାଜୀଙ୍କର ଗାନ୍ଧୀଙ୍କ ପ୍ରତି ଏହି ଆବେଦନ ମୂଳକ ବେତାର ବାର୍ତ୍ତା ଓ ଆଶୀର୍ବାଦ ଭିକ୍ଷା ତାଙ୍କ ନିଜ ପାଇଁ ସେ କରି ନଥିଲେ, କରିଥିଲେ ଲକ୍ଷ ଲକ୍ଷ ପରାଧୀନ ଭାରତୀୟମାନଙ୍କ ପାଇଁ ।

'ଦିଲ୍ଲୀ ଚଲୋ' ଡାକରା ଦେଇ ନେତାଜୀ ଆଜାଦ୍ ହିନ୍ଦ ଫୌଜକୁ ଇମ୍ଫାଲ ଆଡ଼େ ଅଗ୍ରସର କରାଇଲେ । ଆଜାଦ୍ ହିନ୍ଦ୍ ଫୌଜର ସୈନିକମାନେ ବୀରତ୍ୱର ସହିତ ଭାରତ ମୁକ୍ତି ଲାଗି ବ୍ରିଟିଶ୍ ସରକାରଙ୍କ ବିରୋଧରେ ଲଢ଼େଇ କଲେ । କିନ୍ତୁ ଭାଗ୍ୟର ବିଡ଼ମ୍ବନା ଘଟିଲା । ୧୯୪୪ ମସିହାର ମଝି ସମୟ ଆଡ଼କୁ ଜର୍ମାନୀ ଓ ଜାପାନର ପରାଜୟ ଅବଶ୍ୟମ୍ଭାବୀ ବୋଲି ଜଣାଗଲା । ୧୯୪୫ ମସିହା ଅଗଷ୍ଟ ମାସ ୬ ଓ ୯ ତାରିଖରେ ଆମେରିକା ଯଥାକ୍ରମେ ଜାପାନର ଦୁଇ ସମୃଦ୍ଧିଶାଳୀ ସହର ନାଗାସାକି ଓ ହିରୋସୀମା ଉପରେ ପରମାଣୁ ବୋମା ନିକ୍ଷେପ କଲା । ଫଳରେ ଜାପାନ ଅନନ୍ୟୋପାୟ ହୋଇ ଆତ୍ମସମର୍ପଣ କଲା । ଜାପାନର ଏହି ଆତ୍ମସମର୍ପଣ ଆଜାଦ୍ ହିନ୍ଦ୍ ଫୌଜର ମେରୁଦଣ୍ଡକୁ ଦୋହଲାଇ ଦେଲା ଓ ପରେ ପରେ ସେମାନେ ବ୍ରିଟିଶ୍ ସୈନ୍ୟମାନଙ୍କ ଦ୍ୱାରା ଯୁଦ୍ଧରେ ପରାସ୍ତ ଓ ବନ୍ଦୀ ହେଲେ । ଆଜାଦ୍ ହିନ୍ଦ୍ ଫୌଜର ସଂଗଠକ ନେତାଜୀ ବୋଷଙ୍କ ସମସ୍ତ ଆଶା ଛିନ୍ନଭିନ୍ନ ହୋଇଗଲା । ତଥାପି ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୋଧରେ ସଂଗ୍ରାମ କରିବା ପାଇଁ ୧୯୪୫ ଅଗଷ୍ଟ ୧୮ ତାରିଖରେ ତାଇପେଇରୁ ବିମାନ ଯୋଗେ ଟୋକିଓ ଯାଉଥିବା ସମୟରେ ଯାନ୍ତ୍ରିକ ତ୍ରୁଟି ହେତୁ ବିମାନଟି ଜଳିଯିବା ଯୋଗୁ ତାଙ୍କର ଶରୀର ଛିନ୍ନଭିନ୍ନ ହୋଇଯାଇଥିଲା । ନେତାଜୀ ସୁଭାଷଙ୍କର ନଶ୍ୱର ଦେହର ବିଲୋପ ଘଟିଥିଲେ ମଧ୍ୟ ତାଙ୍କର ଅମର–ଅବିନଶ୍ୱର ଆତ୍ମା ସବୁ ଭାରତୀୟଙ୍କ ମନରେ ଉଜ୍ଜୀବିତ ହୋଇରହିଛି । ସେ ଦେଶ ଓ ଜାତିର ନମସ୍ୟ ହୋଇ ରହିଛନ୍ତି ।

ଏହି ବରେଣ୍ୟ ମହାପୁରୁଷଙ୍କ ଜନ୍ମଭୂମି ଭାବରେ ଓଡ଼ିଶା ନିଜକୁ ଧନ୍ୟ ମନେକରେ । ନେତାଜୀଙ୍କ ପ୍ରାରମ୍ଭିକ ଜୀବନର ମୂଳଦୁଆ ହିଁ ଓଡ଼ିଶା ମାଟିରେ ପଡ଼ିଥିଲା । ଓଡ଼ିଶାର ପାଣି, ପବନ, ସମାଜ, ସଂସ୍କୃତି ସହିତ ଓତଃପ୍ରୋତଃ ଭାବେ ସେ ଜଡ଼ିତଥିଲେ । ଓଡ଼ିଶା ପ୍ରତି ତାଙ୍କର ଅତ୍ୟନ୍ତ ଅନୁରାଗ ଓ ମମତା ଥିଲା । ଓଡ଼ିଶାବାସୀଙ୍କ ସୁଖ ଦୁଃଖରେ ସେ ସାଥୀ ଥିଲେ । ରେଭେନ୍ସା କଲିଜିଏଟ୍ ସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ନିଜର କେତେଜଣ ସହପାଠୀଙ୍କ ସହ କଟକର ହଇଜା ପ୍ରପୀଡ଼ିତ ଅଞ୍ଚଳ ବୁଲି ବୁଲି ସେ ରୋଗୀମାନଙ୍କର ସେବା କରିଥିଲେ । ପୁରୀଜିଲ୍ଲାର ଭୟାବହ ବନ୍ୟା ଦୁର୍ଗତ ସମୟରେ ସେମାନଙ୍କୁ ତୁରନ୍ତ ଆର୍ଥିକ ସାହାଯ୍ୟ ପାଇଁ ବଙ୍ଗଳାର ସାହାଯ୍ୟ ସମିତି'ର ସେକ୍ରେଟାରୀ ସତୀଶ ଚନ୍ଦ୍ର ଦାସଗୁପ୍ତାଙ୍କ ନିକଟକୁ ସେ ଚିଠି ଲେଖିଥିଲେ । ଭାରତୀୟ ସ୍ୱାଧୀନତା ସାଙ୍ଗକୁ ସ୍ୱତନ୍ତ୍ର ଓଡ଼ିଶାର ଗଠନ ପ୍ରସ୍ତାବକୁ ସେ ମଧ୍ୟ ପରୋକ୍ଷରେ ସମର୍ଥନ କରୁଥିଲେ । ନିଜର ଏକନିଷ୍ଠ ସାଧନା, ବଳିଷ୍ଠ ବ୍ୟକ୍ତିତ୍ୱ, ଅବଦମିତ ଦେଶପ୍ରେମ, ଅତୁଳନୀୟ ତ୍ୟାଗ, ଅସାଧାରଣ ବୀରତ୍ୱପାଇଁ ସେ ଏଦେଶ ତଥା ବିଶ୍ୱର ନମସ୍ୟ ହୋଇ ରହିଛନ୍ତି ।

---

ଇତିହାସ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ବ୍ରହ୍ମପୁର–୭୬୦୦୦୭

> ସେହି ସହଯୋଦ୍ଧାମାନଙ୍କର ଅମୃତ ଆତ୍ମା ଆପଣମାନଙ୍କୁ ଅଧିକ ସାହସ ପ୍ରଦାନ କରୁ ଏବଂ ରଣ କ୍ଷେତ୍ରରେ ଅଗ୍ରସର ହେବା ପାଇଁ ବ୍ୟଗ୍ରତା ସୃଷ୍ଟି କରୁ । ଯେପର୍ଯ୍ୟନ୍ତ ଭାରତର ରାଜଧାନୀରେ ଆମର ତିନି ରଙ୍ଗର ଜାତୀୟ ପତାକା ଫର୍ ଫର୍ ହୋଇ ଉଡ଼ି ନାହିଁ, ସେହିଦିନ ପର୍ଯ୍ୟନ୍ତ ଆମର ବିଶ୍ରାମ ନାହିଁ, କ୍ଳାନ୍ତି ନାହିଁ ।
>
> ୧୯୪୫ ମସିହାରେ ଆମର ଯୁଦ୍ଧର ଡାକରା ହେବ– ରକ୍ତ, ରକ୍ତ, କେବଳ ରକ୍ତ (୧୯୪୫ ଜାନୁଆରୀ ୧) ।
>
> —ସୁଭାଷ ଚନ୍ଦ୍ର ବୋଷ

# ନେତାଜୀ

ଶ୍ରୀ ଯଦୁନାଥ ଦାଶ ମହାପାତ୍ର

ପରାଧୀନ ମାତୃଭୂମିର ଦୁରବସ୍ଥା ଦେଖି
ତୁମେ ଝାମ୍ପ ଦେଲ ସମୁଦ୍ର ସେପାରି
ଯାହାର ସାମ୍ରାଜ୍ୟରୁ ସୂର୍ଯ୍ୟ ଅସ୍ତ ହେଉ ନଥିଲା
ତା'ରି ବିରୁଦ୍ଧରେ ତୁମର ସଂଗ୍ରାମ
ସେଥି ପାଇଁ ଗଢ଼ିଦେଲ 'ଆଜାଦ୍ ହିନ୍ଦ୍ ଫୌଜ'
ସେଥି ପାଇଁ ଡାକିଦେଲ 'ଦିଲ୍ଲୀ ଚଲୋ'
ସେଇଥି ପାଇଁ ଉଡ଼ାଇଲ 'ଇମ୍ଫଲ୍' ଓ 'କୋହିମା'ରେ
ଭାରତର ତ୍ରିରଙ୍ଗା ପତାକା ।

କଦମ୍ କଦମ୍ କରି ଆଗକୁ ଯାଉଥିବା ବେଳେ
ସାମ୍ରାଜ୍ୟବାଦର ନିଶାରେ ବିଭୋର ଥିବା–
ଇଂରେଜର ପଥ ଓଗାଳିବା
ବନ୍ଧୁକର ଗୁଡୁମ୍ ଗୁଡୁମ୍ ଶବ୍ଦରେ
ଜାତୀୟତାର ସିପାହୀଙ୍କୁ ହତ୍ୟା କରିବାର
ଇତିହାସ ସତେଜ ଆଜି ଆମରି ସ୍ମୃତିରେ
କୋହିମା କବରଖାନା ମୂକସାକ୍ଷୀ ତା'ର ।

ନେତାଜୀ ! ମହାମେରୁର ଅଟଳତା ନେଇ
ତୁମେ ଚରମ ତ୍ୟାଗ କଲ
ଭାରତବର୍ଷର ସୁପ୍ତ ଜାତୀୟତାକୁ ଜଗାଇ ଦେଇ
ତୁମେ କେଉଁଠି ରହିଗଲ
ଆମେ ଆଜି ବି ଖୋଜୁଛୁ ତମକୁ
ତମର ଶକ୍ତି ସାହସ ଓ ମନୋବଳକୁ
ତୁମେ ଆସ ସାରା ଭାରତବର୍ଷ
ତମକୁ ସ୍ୱାଗତ ଜଣେଇବ
'ଜୟହିନ୍ଦ୍' 'ଜୟହିନ୍ଦ୍' ନାଦରେ
ଆକାଶ ଓ ପୃଥିବୀ ଏକାକାର ହେବ ।

---

୨୯୨/୭–ବିମାନପାଟୀ ଅଞ୍ଚଳ,
ଭୁବନେଶ୍ୱର–୭୫୧୦୦୯

# ଦିଲ୍ଲୀ ଚଲ

**ଅନୁବାଦ : ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି**



ଅବ୍ ଦିଲ୍ଲୀ ଚଲୋ, ଦିଲ୍ଲୀ ଚଲୋ, ଦିଲ୍ଲୀ ଚଲେଙ୍ଗେ ରୋକେନ୍ ହମ କିସୀକେ ରୁକେଁ ନେହିଁ, ନ ରୁକେଙ୍ଗେ । ଝଣ୍ଡା ତିରଙ୍ଗୀ ଲାଲ କିଲେ ପେ ଉଡ଼ାୟେଙ୍ଗେ 'ଜୟହିନ୍ଦ୍' କେ ନାରୌଁ ସେ ଫଲକ କୋ ହିଲାୟେଙ୍ଗେ । ହିନ୍ଦୋସ୍ତା ମେ ହିନ୍ଦୀ ହୀ ଅବ୍ ରାଜ କରେଙ୍ଗେ । ଅବ୍ ଦିଲ୍ଲୀ ଚଲୋ ।.......

ଆଗେ ହୀ ବଢ଼େଙ୍ଗେ ନ କିସୀ ସେ ଭୀ ଡରେଙ୍ଗେ ହମ ମୌତ କା ଭୀ ସାମନା ହଁସ ହଁସ କେ କରେଙ୍ଗେ । ଅବ୍ ପାକ ଜମୀପେ ନ ଉଦୁ ପାଁଓ ଧରେଙ୍ଗେ ॥ ଅବ୍ ଦିଲ୍ଲୀ ଚଲୋ ।.......

ଅଙ୍ଗରେଜ ଚଲେ ଜାଁୟ, ଏ ହୈ ଦେଶ ହମାର । ପ୍ରାଣୋ ସେ ହେ ପ୍ୟାରା ହମେ ଏ ଜା ସେ ଦୁଲାରା । ଇସ କେ ଲିୟେ ସବ ରଗାକେ, ହଥେଲୀ ପେ ଲଢ଼େଙ୍ଗେ ॥ ଅବ୍ ଦିଲ୍ଲୀ ଚଲୋ ।.........

"ଇମାନ କେ ବୁ ହିନ୍ଦିୟୋମେଁ ଗରଚେ ରହେଗୀ । ଲନ୍ଦନ ପେ ତେଗେ ହିନ୍ଦ୍ ବଢେଗୀ, ଔର ପଢେଗୀ" ଶାହେ ଜଫର କେ କୌଲ କୀ ହମ ଶାନ ରଖେଙ୍ଗେ ॥ ଅବ୍ ଦିଲ୍ଲୀ ଚଲୋ ।.......

(ଭାବାର୍ଥ : ଦିଲ୍ଲୀ ମୁଁ ଯିବି, ମୁଁ କୌଣସି ବାଧା ମାନିବି ନାହିଁ । ମୁଁ ଲାଲକିଲା ଉପରେ ତିରଙ୍ଗା ପତାକା ଉଡ଼ାଇବି, 'ଜୟହିନ୍ଦ୍' ଧ୍ୱନୀରେ ଆକାଶକୁ ବି କମ୍ପାଇ ଦେବି । ହିନ୍ଦୁସ୍ଥାନରେ ଏଥର ହିନ୍ଦୁସ୍ଥାନୀ ହିଁ ରାଜତ୍ୱ କରିବେ । ମୁଁ ଆଗେଇ ଯିବି, କାହାକୁ ଡରିବି ନାହିଁ ହସ ହସ ମୁଖରେ ମରଣକୁ ବି ସାମନା କରିବି, ଆମ ପବିତ୍ର ଭୂମିରେ ଶତ୍ରୁକୁ ପାଦ ରଖିବାକୁ ଦେବି ନାହିଁ । ଏ ଦେଶ ମୋର, ଇଂରେଜ ଚାଲି ଯାଉ, ପ୍ରାଣାଧିକ ପ୍ରିୟ, ହୃଦୟଠାରୁ ପ୍ରିୟ ମୋର ଏହି ଦେଶ , ସକାଶେ ମୁଁ ମରଣ ପଣ କରି ଲଢ଼େଇ କରିବି । ହିନ୍ଦୁସ୍ଥାନୀମାନଙ୍କ ମଧ୍ୟରେ ତିଳେ ହେଲେ ସତତା ଥାଏ ତ ବାଦଶାହ ଜାଫରଙ୍କ ପ୍ରତିଜ୍ଞା ଲଣ୍ଡନ ପର୍ଯ୍ୟନ୍ତ ହିନ୍ଦୁସ୍ଥାନର ତରବାରୀ ଆଗେଇ ଯିବ'– ମୁଁ ସେହି ପ୍ରତିଜ୍ଞାର ଗୌରବ ଅକ୍ଷୁଣ୍ଣ ରଖିବି ।)

ଭାରତର ସ୍ୱାଧୀନତାର ସୈନ୍ୟ ବାହିନୀ! ଆଜି ମୋ ଜୀବନରେ ସବୁଠୁଁ ଗର୍ବର ଦିନ । ଆଜି ପରମେଶ୍ୱର ମୋତେ ଏହି କଥା ଘୋଷଣା କରିବାର ଅପୂର୍ବ ସୁଯୋଗ ଓ ସମ୍ମାନ ନେଇଛନ୍ତି ଯେ, ଭାରତକୁ ସ୍ୱାଧୀନ କରିବା ଉଦ୍ଦେଶ୍ୟରେ ଏହି ସୈନ୍ୟ ବାହିନୀ ଗଠିତ ହୋଇଛି । ଦିନେ ସିଙ୍ଗାପୁର ବ୍ରିଟିଶ୍ ସାମ୍ରାଜ୍ୟର ପ୍ରାକାର ସ୍ୱରୂପ ଥିଲା ସେହି ସିଙ୍ଗାପୁରରେ ହିଁ ଆମ ବାହିନୀ ବର୍ତ୍ତମାନ ଚକ୍ରବ୍ୟୂହ ଅବସ୍ଥାରେ ଅଛି । ଏହି ବାହିନୀ କେବଳ ଯେ ଭାରତବର୍ଷକୁ ବ୍ରିଟିଶର ଅଧୀନତା ଫାଶରୁ ମୁକ୍ତ କରିବ ତାହା ନୁହେଁ । ଏହା ପରେ ଏହି ସୈନ୍ୟ ବାହିନୀକୁ ହିଁ ଭିତ୍ତି କରି ସ୍ୱାଧୀନ ଭାରତର ଭାବୀ ଜାତୀୟ ବାହିନୀ ଗଢ଼ାଯିବ । ପ୍ରତ୍ୟେକ ଭାରତୀୟ ଏହି ବାହିନୀ ଯୋଗୁଁ ଗର୍ବବୋଧ କରିବେ । ଏହି ବାହିନୀ ସେମାନଙ୍କର ହିଁ ନିଜର ବାହିନୀ, ସମ୍ପୂର୍ଣ୍ଣ ଭାବରେ ଭାରତୀୟମାନଙ୍କର ନେତୃତ୍ୱରେ ହିଁ ଏହି ବାହିନୀ ରଣକ୍ଷେତ୍ରରେ ଆଗେଇ ଯିବ ।

ବ୍ରିଟିଶ୍ ସାମ୍ରାଜ୍ୟରେ ସୂର୍ଯ୍ୟାସ୍ତ ହୁଏନା, ବ୍ରିଟିଶ୍ ସାମ୍ରାଜ୍ୟ ଚିରସ୍ଥାୟୀ – ଦିନେ ଲୋକଙ୍କ ମନରେ ଏହି ବିଶ୍ୱାସ ଥିଲା । ମୁଁ କେବେ ଏହି ଧରଣର ଚିନ୍ତାରେ ମଥା ଖେଳାଏ ନାହିଁ । ଇତିହାସରୁ ମୁଁ ଏହି ଶିକ୍ଷା ପାଇଛି, ପ୍ରତ୍ୟେକ ଜାତିର ହିଁ ଦିନେ ନା ଦିନେ ଅଧୋଗତି ଓ ପତନ ଅବଶ୍ୟମ୍ଭାବୀ ଅଟେ । ତାହା ଛଡ଼ା, ଦିନେ ଯେଉଁ ନଗର ଓ ଦୁର୍ଗସବୁ ସୁରକ୍ଷିତ ଥିଲା, ସେସବୁ କିପରି ଭାବରେ ସାମ୍ରାଜ୍ୟର ସମାଧି ଭୂମିରେ ପରିଣତ ହୋଇଛି ତାହା ବି ମୁଁ ସ୍ୱଚକ୍ଷୁରେ ଦେଖିଛି । ଆଜି ବ୍ରିଟିଶ୍ ସାମ୍ରାଜ୍ୟର ସମାଧି ଉପରେ ଛିଡ଼ା ହୋଇ ଯେକୌଣସି ଶିଶୁ ହିଁ ଏହି ସତ୍ୟ ବୁଝି ପାରିବ ଯେ ପ୍ରବଳ ପରାକ୍ରାନ୍ତ ବ୍ରିଟିଶ୍ ସାମ୍ରାଜ୍ୟ ଅତୀତର ଏକ ବିଶସ୍ୱ ହୋଇ ଠିଆ ହୋଇଛି । ୧୯୩୯ ମସିହାରେ ଯେତେବେଳେ ଫ୍ରାନ୍ସ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା, ସେତେବେଳେ ଜର୍ମାନ ସୈନିକମାନଙ୍କ କଣ୍ଠରେ ଖାଲି ଏହି ଗୋଟିଏ ଧ୍ୱନି ଉଠୁଥିଲା– ପ୍ୟାରିସ୍ ଚଲ, ପ୍ୟାରିସ୍ ଚଲ । ୧୯୪୦ ମସିହାରେ ଅଭିଯାନ ଆରମ୍ଭ କଲା

ଯାପାନୀ ସୈନ୍ୟମାନଙ୍କ ତୁଣ୍ଡରେ ବି ସେହି ଏକା କଥା ସିଙ୍ଗାପୁର ଚଲ, ସିଙ୍ଗାପୁର ଚଲ ! ହେ ମୋର , ସନ୍ୟ ବାହିନୀ, ତୁମମାନଙ୍କର ବି ରଣଧ୍ୱନି ଲ୍ଲୀ ଚଲ, ଦିଲ୍ଲୀଚଲ । ସ୍ୱାଧୀନତା ସଂଗ୍ରାମ ମଧ୍ୟରେ ଏ କେତେ ଦିନ ବଞ୍ଚି ରହିବା ମୋତେ ମାଲୁମ ନାହିଁ । କଥା ମୁଁ ନିଶ୍ଚୟ ଜାଣେ, ଆମେ ଚରମ ବିଜୟ ଲାଭ ହିଁ ବଂ ପ୍ରାଚୀନ ଦିଲ୍ଲୀର ଲାଲକିଲ୍ଲାରେ ବିଜୟୋତ୍ସବ ସମ୍ପନ୍ନ ଯାଏ ଆମର କର୍ତ୍ତବ୍ୟ ଶେଷ ହେବ ନାହିଁ ।

ସେବାର ସାଧନାରେ ଆତ୍ମନିଯୋଗ କଲା ପରଠୁଁ ଲେ ମୋର ମନେ ହୋଇଛି, ଅନ୍ୟ ସବୁ ବିଷୟରେ ହିଁ ଷ ସ୍ୱାଧୀନତା ଲାଭର ଉପଯୁକ୍ତ ହେଲେ ହେଁ ଗୋଟିଏ ର ତାହାର ଅଭାବ ଅଛି– ନିଜର ସ୍ୱାଧୀନତା ପ୍ରୟାସୀ ବାହିନୀ ନାହିଁ । ସୈନ୍ୟ ବାହିନୀ ଥିଲା ବୋଲି ତ କାର ଜର୍ଜ ୱାଶିଂଟନ ସଂଗ୍ରାମ ଦ୍ୱାରା ସ୍ୱାଧୀନତା ଲାଭ ପାରିଥିଲେ । ଗ୍ୟାରୀବଲଡ଼ୀଙ୍କ ପଛରେ ବି ସଶସ୍ତ୍ର ସେବକ ବାହିନୀ ଥିଲା ବୋଲି ସେ ଇଟାଲୀକୁ ସ୍ୱାଧୀନ ରିଥିଲେ । ତୁମମାନଙ୍କର ସୌଭାଗ୍ୟ ଯେ, ତୁମେମାନେ ୟ ଜାତୀୟ ବାହିନୀ ଗଠନରେ ଅଗ୍ରଣୀ ହେବାର ସୁଯୋଗ ମାନ ଲଭିଛ । ଏପରି ଭାବରେ ତୁମେମାନେ ଆମ ତା–ପ୍ରାପ୍ତିର ପଥରେ ଶେଷ ବାଧାକୁ ଅପସାରଣ ଏପରି ମହତ ବ୍ରତର ପୁରୋଭାଗରେ ତୁମେମାନେ– ପାଇଁ ସୁଖୀ ହୁଅ, ଗର୍ବ ବୋଧ କର ।

ତୁମମାନଙ୍କୁ ନିଜର କର୍ତ୍ତବ୍ୟ ମନେ ପକାଇ ଦେଉଛି– ସେହି । ଦ୍ୱିବିଧ । ଅସ୍ତ୍ରବଳ ଦ୍ୱାରା ଏବଂ ଆପଣାର ଶୋଣିତ କରି ଭାରତରେ ସ୍ୱାଧୀନତା ଅର୍ଜିବାକୁ ହେବ । ରେ ଭାରତ ଯେତେବେଳେ ସ୍ୱାଧୀନ ହେବ, ସେତେବେଳେ ନ ଭାରତ ସକାଶେ ତୁମମାନଙ୍କୁ ହିଁ ଏକ ସ୍ଥାୟୀ ସୈନ୍ୟ ନୀ ଗଢ଼ିବାକୁ ହେବ । ସେତେବେଳେ ତୁମମାନଙ୍କର ପରମ ଂ ହେବ ଭାରତର ସ୍ୱାଧୀନତା ସୁରକ୍ଷା । ତୁମେମାନେ ଆମ ରକ୍ଷାର ଶକ୍ତିକୁ ଏଭଳି ଅଟଳ ଭିତ୍ତି ଉପରେ ସ୍ଥାପନ କରିବ ଆ ଆଉ କେବେ ଆମେ ସ୍ୱାଧୀନତା ନ ହରାଉ । ସୈନିକ ବରେ ତୁମମାନଙ୍କୁ ତିନୋଟି ଆଦର୍ଶ ହୃଦୟରେ ପୋଷଣ ବାକୁ ପଡ଼ିବ ଏବଂ ତଦନୁଯାୟୀ ନିଜର ଜୀବନକୁ ପରିଗ୍ଭଳନା ବାକୁ ହେବ । ବିଶ୍ୱସ୍ତତା, କର୍ତ୍ତବ୍ୟ ପାଳନ ଓ ଆତ୍ମତ୍ୟାଗ ହି ତିନୋଟି ବିଷୟ ତୁମମାନଙ୍କର ଆଦର୍ଶ ହେବ । ଯେଉଁ ନିକମାନେ ଜାତି ପ୍ରତି ବିଶ୍ୱସ୍ତ ରହିଥାଆନ୍ତି, ଯେଉଁମାନେ କୌଣସି ପରିସ୍ଥିତିରେ ହିଁ କର୍ତ୍ତବ୍ୟ ପାଳନରେ ବିମୁଖ ହୁଅନ୍ତି ହିଁ, ଆଉ ଯେଉଁମାନେ ଆତ୍ମତ୍ୟାଗ ନିମନ୍ତେ ସଦା ବେଳେ ପ୍ରସ୍ତୁତ, ମାନେ ହିଁ ଅଜେୟ ହୁଅନ୍ତି । ଯଦି ତୁମେମାନେ ବି ଅଜେୟ ହେବାକୁ ଚାହିଁ, ତା ହେଲେ ନିଜ ହୃଦୟର ଅନ୍ତସ୍ଥଳରେ ଏହି ତୋଟି ଆଦର୍ଶ ଗଭୀର ଭାବରେ ଆଙ୍କି ରଖ । ଯେ ପ୍ରକୃତ ଯୋଦ୍ଧା, ତାହାର ସାମରିକ ଓ ଆଧ୍ୟାତ୍ମିକ ଉଭୟ ପ୍ରକାର ଶିକ୍ଷାହିଁ

ପ୍ରୟୋଜନ । ତୁମ୍ଭେମାନେ ପ୍ରତ୍ୟେକେ ନିଜକୁ ତଥା ସାଥୀମାନଙ୍କୁ ଏପରି ଭାବରେ ଶିକ୍ଷିତ କରିଦିଅ ଯେ ପ୍ରତ୍ୟେକ ସୈନିକର ମନରେ ସତେକି ଅଫୁରନ୍ତ ଆତ୍ମବିଶ୍ୱାସ ରହିଥାଏ । ବିରୋଧୀ ପକ୍ଷଠାରୁ ସେମାନେ ଯେ ଯଥେଷ୍ଟ ଶକ୍ତିଶାଳୀ, ଏପରି ବିଶ୍ୱାସ ସତେକି ନିଜ ମନ ଭିତରେ ବଦ୍ଧମୂଳ ଥାଏ । ମରଣ ସମ୍ପର୍କରେ ମନରେ ଯେମିତି ଭୟ ନ ରହେ, ଏବଂ ସଙ୍କଟ ସମୟରେ ପ୍ରୟୋଜନ ଅନୁଯାୟୀ ନିଜର ଉଦ୍ଦେଶ୍ୟ ସିଦ୍ଧି କଲାଭଳି କର୍ମଦକ୍ଷତା ଅତୁଟ ରହିଥାଏ । ଆଧୁନିକ ଯୁଦ୍ଧରେ ସାହସ, ନିର୍ଭୀକତା ଓ ଉଦ୍ୟମ ସହିତ ବିଜ୍ଞାନ ସମ୍ମତ ଭାବରେ ପରିଗ୍ଭଳିତ ସୈନ୍ୟବାହିନୀ ଯେ କି ଅଘଟଣ ଘଟାଇ ପାରେ, ତାହା ତ ତୁମ୍ଭେମାନେ ସ୍ୱଚକ୍ଷୁରେ ଦେଖୁଛ । ଏହିସବୁ ଦୃଷ୍ଟାନ୍ତରୁ ଯାହା ଶିଖିପାର ତାହା ଶିଖିନେବ, ଆଉ ଆମ ମାତୃଭୂମି ସକାଶେ ସମ୍ପୂର୍ଣ୍ଣ ରୂପେ ପ୍ରଥମ ଶ୍ରେଣୀର ସୈନ୍ୟ ବାହିନୀ ଗଠନ କରିବ । ଯେଉଁମାନେ ସୈନିକ, ସେମାନଙ୍କୁ ତ ମୁଁ କହିବି, ସେମାନଙ୍କ କର୍ତ୍ତବ୍ୟ ଅତୀବ ଗୁରୁତର । ପୃଥିବୀରେ ସର୍ବତ୍ର ପ୍ରତ୍ୟେକ ବାହିନୀର ସୈନିକମାନଙ୍କର ଦାୟିତ୍ୱ ହିଁ ଗୁରୁତର । ଏମାନଙ୍କ କ୍ଷେତ୍ରରେ ସେହି ଦାୟିତ୍ୱ ତ ଆହୁରି ଅଧିକାର ନୈତିକ ଦିଗରୁ ଆମେ ଅବଶ୍ୟ ପରାଧୀନ । ତେଣୁ ଅନୁପ୍ରେରଣା ପାଇଲା ଭଳି ଆମ ଇତିହାସରେ ମୁକଡେନ, ପ୍ରୋଟ ଆର୍ଥାର ଅଥବା ସିଡାନ ପରି କିଛିନାହିଁ । ବ୍ରିଟିଶ ଆମକୁ ଯାହା ଶିକ୍ଷା ଦେଇଛି, ସେଥିରୁ ଢେର କିଛି ଆମକୁ ଭୁଲିଯିବାକୁ ପଡିବ, ଆଉ ଯାହା ଶିକ୍ଷା ଦେଇନାହିଁ, ଏପରି ଅନେକ କିଛି ଆମକୁ ନୂଆ କରି ଶିଖିବାକୁ ହେବ । ଯାହାହେଉ, ମୋର ଦୃଢ଼ ବିଶ୍ୱାସ, ପରିସ୍ଥିତି ସହିତ ଲଢେଇ କରି ତୁମ୍ଭେମାନେ ନିଶ୍ଚୟ ଚାଲି ପାରିବ ଏବଂ ଦେଶବାସୀ ତୁମ୍ଭମାନଙ୍କ ସୁଦୃଢ଼ କାନ୍ଧରେ ଯେଉଁ ଦାୟିତ୍ୱ ଅର୍ପଣ କରିଛନ୍ତି ତୁମ୍ଭେମାନେ ତାହାର ମର୍ଯ୍ୟାଦା ରଖିବ । ସୈନ୍ୟ ବାହିନୀକୁ ଉପଯୁକ୍ତ ଭାବରେ ଗଠନକର । ଏ କଥା ପଦକ ବି ମନେ ରଖିଥାଅ, ବ୍ରିଟିଶ୍ ଯେ ଏତେ ଜାଗାରେ ପରାସ୍ତ ହୋଇଛି, ତହିଁର ପ୍ରଧାନ କାରଣ ହେଉଛି ସେମାନଙ୍କ ସୈନ୍ୟ ବାହିନୀର ଅଯୋଗ୍ୟତା । ତୁମମାନଙ୍କୁ ମନେ ରଖିବାକୁ ହେବ ଯେ ନିଶ୍ଚୟ ତୁମମାନଙ୍କ ଭିତରୁ ସ୍ୱାଧୀନ ଭାରତର ଭାବି ସୈନ୍ୟ ବାହିନୀ ନିର୍ମିତ ହେବ ତୁମମାନଙ୍କୁ ସଭିଙ୍କୁ ମୁଁ ଏହି କଥାଟି କହିବାକୁ ଚାହେଁ, ଏହି ଯୁଦ୍ଧ କାଳରେ ତୁମେମାନେ ଯେଉଁ ଅଭିଜ୍ଞତା ଲାଭ କରିବ, ତାହା ଆମର ଭବିଷ୍ୟତ ସୈନ୍ୟ ବାହିନୀକୁ ଅନୁପ୍ରାଣିତ କରିବ, ଯେଉଁ ସୈନ୍ୟ ବାହିନୀ ପକ୍ଷରେ ବୀରତ୍ୱ, ନିର୍ଭୀକତା ଅପରାଜେୟତା ସମ୍ପର୍କରେ ନିଜର ଗର୍ବ କଲା ଭଳି ଅତୀତ ସ୍ମୃତି ନାହିଁ, ସେମାନେ କଦାପି କୌଣସି ପରାକ୍ରାନ୍ତ ଶକ୍ତି ସହିତ ସଂଗ୍ରାମରେ ଉଧେଇ ପାରିବେ ନାହିଁ ।

ବନ୍ଧୁଗଣ, ସାଥୀଗଣ, ତୁମେମାନେ ସ୍ୱେଚ୍ଛାରେ ଏ ବ୍ରତ ନେଇଛ । ବାସ୍ତବିକ୍ ମାନବ ଜୀବନରେ ଏ ବ୍ରତ ମହତ୍ତମ । ଏ ବ୍ରତ ଉଦ୍‌ଯାପନ ସକାଶେ କଛି ତ୍ୟାଗ–ସ୍ୱୀକାର ହିଁ ସେତେ ବେଶି ନୁହେଁ । ଏପରିକି ନିଜ ଜୀବନ ମୂଲ୍ୟ ନୁହିଁ । ଆଜି ତୁମେମାନେ ହିଁ ହେଉଛ ଭାରତର ଜାତୀୟ ମର୍ଯ୍ୟାଦାର ରକ୍ଷକ ଏବଂ ଭାରତର

ଆଶା–ଆକାଂକ୍ଷାର ଜୀବନ୍ତ ପ୍ରତୀକ ତୁମେମାନେ ଏପରି ଭାବରେ ଚଳିବ, ଯଦ୍ୱାରା ଦେଶବାସୀ ସର୍ବାନ୍ତଃକରଣରେ ତୁମମାନଙ୍କୁ ଆଶୀର୍ବାଦ କରି ପାରନ୍ତି ଏବଂ ଜାତିର ଭାବୀ ବଂଶଧରମାନେ ତୁମମାନଙ୍କ ସକାଶେ ଗର୍ବବୋଧ କରିବେ ।

ଆଜି ମୋ ଜୀବନରେ ସର୍ବାଧିକ ଗର୍ବର ଦିନ– ଏ କଥା ପରା ମୁଁ କହିଛି । ପରାଧୀନ ଜାତି ପକ୍ଷରେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସୈନିକ ହେବାଠାରୁ ବଡ଼ ସମ୍ମାନ ଓ ଗୌରବର ବିଷୟ ଅନ୍ୟ କିଛି ନାହିଁ । କିନ୍ତୁ ଏହି ସମ୍ମାନ ସହିତ ସମ ପରିମାଣ ଦାୟିତ୍ୱ ମଧ୍ୟ ରହିଛି, ଆଉ ସେହି ଦାୟିତ୍ୱ ସମ୍ବନ୍ଧରେ ମୁ ବି ସମ୍ପୂର୍ଣ୍ଣ ସଚେତନ । ମୁଁ ଦୃଢ଼ତା ସହକାରେ ଘୋଷଣା କରୁଛି– ଆଲୋକରେ ଓ ଅନ୍ଧକାରରେ, ଦୁଃଖରେ ଓ ସୁଖରେ, ପରାଜୟରେ ଓ ବିଜୟରେ ମୁଁ ସଦାବେଳେ ତୁମମାନଙ୍କ ପାଖେ ପାଖେ ରହିଥିବି । ବର୍ତ୍ତମାନ ମୁଁ ତୁମମାନଙ୍କୁ ଭୋକଶୋଷ, ଦୁଃଖ–କଷ୍ଟ, ଦୁର୍ଗମ ଅଭିଯାନ ଓ ମରଣ ଛଡ଼ା ଆଉ କିଛି ଦେବାର ଅସମର୍ଥ । କିନ୍ତୁ ତୁମେମାନେ ଯଦି ଜୀବନ ଓ ମରଣରେ ମୋତେ ଅନୁସରଣ କର– ମୋତେ ମାଲୁମ ଅଛି, ତୁମେମାନେ ତାହା ହିଁ କରିବ– ତାହେଲେ ମୁଁ ତୁମମାନଙ୍କୁ ବିଜୟ ଓ ସ୍ୱାଧୀନତାର ପଥରେ ନିଶ୍ଚୟ ଆଗେଇ ନେଇଯିବି । ଆମମାନଙ୍କ ଭିତରୁ କିଏ ବଞ୍ଚି ରହି ଭାରତକୁ ସ୍ୱାଧୀନ ହେବାର ଦେଖି ପାରିବ– ସେ କଥା ବିବେଚ୍ୟ ନୁହେଁ ଭାରତ ସ୍ୱାଧୀନ ହେବା ହିଁ ଆମମାନଙ୍କ ପକ୍ଷରେ ଯଥେଷ୍ଟ, ଆଉ ଭାରତର ସେହି ସ୍ୱାଧୀନତା ସକାଶେ ଆମେମାନେ ସର୍ବସ୍ୱ ଉତ୍ସର୍ଗ କରିବା । ପରମେଶ୍ୱର ଆମ ସୈନ୍ୟ ବାହିନୀକୁ ଆଶୀର୍ବାଦ କରନ୍ତୁ ଏବଂ ଆସନ୍ନ ସଂଗ୍ରାମରେ ଆମମାନଙ୍କୁ ବିଜୟୀ କରନ୍ତୁ ।

ଇନ୍‌କ୍ଲାବ୍ ଜିନ୍ଦାବାଦ୍, ଆଜାଦ ହିନ୍ଦ୍ ଜିନ୍ଦାବାଦ୍ !

(୧୯୪୩ ମସିହା ଜୁଲାଇ ୫ ତାରିଖ ଆଜାଦ୍ ହିନ୍ଦ୍ ଫୌଜର ପରେଡ଼ରେ ନେତାଜୀଙ୍କ ପ୍ରଦତ୍ତ ଅଭିଭାଷଣ)

"ତପୋବନ",
ଜଗନ୍ନାଥପୁର, ଭଦ୍ରକ–୭୫୬୧୦୦



ବୋଲଗଡ଼ଠାରେ ନନ୍ଦିଘୋଷ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଆୟୋଜିତ ଏକ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ୧୨୭ଟି ତିନିଚକିଆ ସାଇକେଲ, କୃତ୍ରିମ ସହାୟକ ଅଙ୍ଗ, ଅନ୍ଧବାଡ଼ି, ଆଶାବାଡ଼ି ଓ ଶ୍ରବଣ ସହାୟକ ଯନ୍ତ୍ର ଅକ୍ଷମମାନଙ୍କୁ ବଣ୍ଟନ କରୁଛନ୍ତି ।

# ଜନଗଣ ମନ ପାଇଁ

ଶ୍ରୀ ବୀରକିଶୋର ପାଢ଼ୀ

ଜନଗଣମନ ପାଇଁ "ଜୟହିନ୍ଦ୍" ଉଦାତ୍ତ ଆହ୍ୱାନ
ଦେଇପାରେ ସେହି ଏକା କାଳଜୟୀ ଅମୃତ ସନ୍ତାନ
ସେ ଏକ ଆଲୋକ ଶିଖା ସୂର୍ଯ୍ୟସମ ଚିର ଉଦ୍‌ଭାସିତ
ପ୍ରତିଟି ପ୍ରଭାତେ ଘେନେ ଏ ଜାତିର ପ୍ରୀତି–ପ୍ରଣିପାତ ।

ମୁକ୍ତିର ମଶାଲ ଜଳେ ମଣିପୁର, ମେଘାଳୟ କୂଳେ
ଜନନୀର ଜୟନାଦ ନିନାଦିତ ମହୋଦଧି କୂଳେ
ପଲ୍ଲୀର ପ୍ରାନ୍ତର ଡେଇଁ ପୁରେ ପୁରେ ପୂରବୀ–ମୂର୍ଚ୍ଛନା
ଜାତିର ଧମନୀ ଦିଲ୍ଲୀ ନିତି କରେ ବନ୍ଦନା, ଅର୍ଚ୍ଚନା ।

ସଂଗ୍ରାମ ସଫଳ ହେଲା, ସରିଗଲା ସେପାରି ଶାସନ
ତା'ଲାଗି ମିଳିଲା ଏଠି ଯଥାଯୋଗ୍ୟ ଉପର ଆସନ,
ତଥାପି ଅନେକ ଅଶ୍ରୁ–ଜନଗଣ–ଯନ୍ତ୍ରଣା–ଜର୍ଜର
ଗଭୀର ନିଶିଥେ ନିତି ଶୁଭିଯାଏ ଆବେଦନ-ତା'ର ।

ଜଳନ୍ତା ନିଆଁ ସେ ନିଜେ ଆପଣାକୁ ଅବିରତେ ଢାଳି
ଜାତିର କାଳିମା କାଟେ କଳିଜାର ତରଳକୁ ଢାଳି ॥

ଶାହୁଣି ସେବାଘର,
କୋଟପୁର, ଯାଜପୁର-୭୫୫୦୧୫



ପାରାଦ୍ୱୀପଠାରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ କର୍ମଚାରୀ ସମବାୟ ସମିତିର ରୌପ୍ୟ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

# ନେତାଜୀ ସୁଭାଷ ସେବା ସଦନ

**ଶ୍ରୀ ଭୂପେନ୍ ଘୋଷ**

ବିଶ୍ୱବାସୀ ଭାରତକୁ ସ୍ୱାଧୀନ କରିବା ଦିଗରେ ନେତାଜୀଙ୍କ ଅତୁଳନୀୟ ଅବଦାନକୁ ଭୁଲି ପାରିବେନି । ପୃଥିବୀ ଇତିହାସରେ ନେତାଜୀ କାଳଜୟୀ ପୁରୁଷ ।

ଯଦି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଫରୱାର୍ଡ଼ ବ୍ଲକ୍ ଓ ଆଜାଦ୍ ହିନ୍ଦ୍ ଫୌଜ (I.N.A.) ଗଠନ କରି ନଥାନ୍ତେ ଏବଂ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଭାରତର ସ୍ୱାଧୀନତା ନିମନ୍ତେ ଯୁଦ୍ଧ ଡାକରା ଦେଇ ନଥାନ୍ତେ, ତେବେ ବ୍ରିଟିଶ୍ ସରକାର ଭାରତକୁ ସ୍ୱାଧୀନତା ଦେବା ପାଇଁ ଅହେତୁକ ବିଳମ୍ବ ଯେ କରିଥାନ୍ତେ, ଏହା ନିଃସନ୍ଦେହରେ କୁହା ଯାଇପାରେ ।

ନେତାଜୀଙ୍କ ଅମର ସ୍ମୃତିକୁ ଚିର–ଉଜ୍ଜୀବିତ କରିବାକୁ ୧୯୫୭ ମସିହାରେ ନେତାଜୀ ସୁଭାଷ ସେବାସଦନ ଓଡ଼ିଆ ବଜାରରେ ଏକ ଭଡ଼ା ଗୃହରେ ଆତ୍ମପ୍ରକାଶ କଲା । ୧୯୫୩ ମସିହାରେ ଶ୍ରୀ ହରେକୃଷ୍ଣ ମହତାବ ନେତାଜୀ ସୁଭାଷ ସେବା ସଦନ ଟ୍ରଷ୍ଟ ବୋର୍ଡ଼ର ସଭାପତି ରୂପେ ନିର୍ବାଚିତ ହୋଇ ନେତାଜୀଙ୍କ ଜନ୍ମସ୍ଥାନ "ଜାନକୀନାଥ ଭବନ"କୁ ନେତାଜୀ ସୁଭାଷ ସେବାସଦନକୁ ସ୍ଥାୟୀ ଭାବେ ସ୍ଥାନାନ୍ତରିତ କରିଥିଲେ ୧୯୫୬ ମସିହାରେ–ଯେତେବେଳେ କି ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ନେତାଜୀଙ୍କ ବଡ଼ଭାଇ ସ୍ୱର୍ଗୀୟ ଶରତ ଚନ୍ଦ୍ର ବୋଷଙ୍କ ସହଧର୍ମିଣୀ ଶ୍ରୀମତୀ ବିଭାବତୀ ବୋଷଙ୍କ ସହ ସେବାସଦନ ଟ୍ରଷ୍ଟ ବୋର୍ଡ଼ର ସଭାପତି ଡକ୍ଟର ହରେକୃଷ୍ଣ ମହତାବ ଆଲୋଚନା କରିବା ପରେ ଶ୍ରୀମତୀ ବୋଷ ନେତାଜୀ ସୁଭାଷ ସେବା ସଦନକୁ ନେତାଜୀ ଡାକ୍ତରଖାନା ନିମନ୍ତେ ଜାନକୀନାଥ ଭବନ ଓ ତତ୍‌ସଂଲଗ୍ନ ଜମିକୁ ଦାନ କରିଥିଲେ ଏବଂ କିଛି ଜମିକୁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ଅତି ନ୍ୟୁନତମ ମୂଲ୍ୟରେ ବିକ୍ରୀ କରିଥିଲେ– ଯାହାକୁ ନେତାଜୀ ସୁଭାଷ ସେବାସଦନ ବ୍ୟବହାର କରି ପାରିବେ ବୋଲି "ଡିଡ୍ ଅଫ ଗିଫ୍‌ଟ୍"ରେ ଉଲ୍ଲିଖିତ ହେଲା ।

୧୯୫୪ ମସିହାରେ ଡକ୍ଟର ହରେକୃଷ୍ଣ ମହତାବ ନେତାଜୀ ସୁଭାଷ ସେବାସଦନ ଟ୍ରଷ୍ଟ ବୋର୍ଡର ସଭାପତି ଥିବାବେଳେ ନେତାଜୀଙ୍କ ପୁତୁରା ଅମୀୟନାଥ ବୋଷ କଟକ ଆସି ନେତାଜୀ ସେବା ସଦନ ପାଇଁ ଉପର ବର୍ଣ୍ଣିତ ସମ୍ପତ୍ତି ବିକ୍ରୀ ଦଲିଲ୍ ଓ ଲିଫଟ୍ ଦଲିଲ୍‌ରେ ସ୍ୱାକ୍ଷର କରିଥିଲେ ସେଇ ମାର୍ଚ୍ଚ ମାସରେ ।

ଏହାପରେ ନେତାଜୀଙ୍କ ସ୍ମୃତିରେ ଗଠିତ ନେତାଜୀ ସୁଭାଷ ସେବାସଦନର ଉନ୍ନତି ପରିକଳ୍ପେ ଏପରି ଏକ ମହତ୍ ଅନୁଷ୍ଠାନକୁ ଯେଉଁ ବ୍ୟକ୍ତି ବା ଅନୁଷ୍ଠାନ ଶ୍ରଦ୍ଧା ସୂତ୍ରରେ ଅର୍ଥଦାନ କରିବେ, ସେ ଦାତା ବା ଅନୁଷ୍ଠାନ ଆୟକର ଭରଣା କରିବାକୁ ରିହାତି ପାଇବେ ବୋଲି ନେତାଜୀ ସେବାସଦନ ଟ୍ରଷ୍ଟ ବୋର୍ଡ଼ର ସଭାପତି ଡକ୍ଟର ମହତାବ କେନ୍ଦ୍ରର ତତ୍‌କାଳୀନ ରାଜସ୍ୱ ଓ ଖର୍ଚ୍ଚ ବିଭାଗର ମନ୍ତ୍ରୀ ଶ୍ରୀ ମହାବୀର ତ୍ୟାଗୀଙ୍କ ସହ କଥାବାର୍ତ୍ତା କରିଥିଲେ । ମନ୍ତ୍ରୀ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କେନ୍ଦ୍ର ସରକାରଙ୍କ ଅର୍ଥ ବିଭାଗ ଦ୍ୱାରା ଜାରୀ ଏକ ବିଜ୍ଞପ୍ତିରେ ସର୍ବସାଧାରଣଙ୍କୁ ଜଣାଇ ଦେଲେ ଯେ ଯେଉଁ ବଦାନ୍ୟ ବ୍ୟକ୍ତି ବା ଅନୁଷ୍ଠାନ ନେତାଜୀ ସୁଭାଷ ସେବାସଦନକୁ ମୁକ୍ତ ହସ୍ତରେ ଅର୍ଥ ଦାନ କରିବେ, ସେମାନେ ଆୟକର ଦେୟରୁ ମୁକ୍ତ ହେବେ ।

ନେତାଜୀ ସୁଭାଷ ସେବାସଦନ କେବଳ ଓଡ଼ିଶା ନୁହେଁ, ସାରା ଭାରତରେ ଏକ ଅଦ୍ୱିତୀୟ ଅନୁଷ୍ଠାନ ।

୧୯୩୮ ମସିହାରେ ନେତାଜୀ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ନିର୍ବାଚିତ ହେଲେ ଏବଂ ଓଡ଼ିଶାରୁ ଶ୍ରୀ ହରେକୃଷ୍ଣ ମହତାବଙ୍କୁ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ କମିଟିର ସଦସ୍ୟ ରୂପେ ମନୋନୀତ କରିଥିଲେ ।

ଆଜାଦ୍ ହିନ୍ଦ୍ ଫୌଜର ସାଥୀଗଣ ! ବହୁ ବାଧାବିଘ୍ନ ଓ ତ୍ରୁଟି ବିଚ୍ୟୁତି ସତ୍ତ୍ୱେ ଆପଣମାନେ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରି କର୍ମକ୍ଷେତ୍ରରେ ଅଗ୍ରଗତି କରିଛନ୍ତି । ଆଜି ଭାରତୀୟ ଜନଗଣଙ୍କ ମନରେ ସ୍ୱାଧୀନତା ଲାଭ କରିବା ପାଇଁ ତୀବ୍ର ଆକାଂକ୍ଷା ସ୍ପଷ୍ଟ । ପୂର୍ବ ଏସିଆ ମହାଦେଶରେ ବାସ କରୁଥିବା ଆମର ଦେଶବାସୀଙ୍କର ବହୁମୁଖୀ ସାହାଯ୍ୟ, ଆମର ମିତ୍ର ରାଷ୍ଟ୍ରଗୁଡ଼ିକର ମୂଲ୍ୟବାନ ସହଯୋଗ ଏବଂ ସର୍ବୋପରି ଆପଣମାନଙ୍କର କଠୋର ପରିଶ୍ରମ ଓ ଆତ୍ମତ୍ୟାଗ– ଏହି ସବୁ ଯୋଗୁଁ ଆମର ସଫଳତା ଓ ଅଗ୍ରଗତି ସମ୍ଭବ ହୋଇଛି ।

–ସୁଭାଷ ଚନ୍ଦ୍ର ବୋଷ

# ଫେରିବାର ବେଳ

ଶ୍ରୀ କମଳାକାନ୍ତ ପଣ୍ଡା

ଆସ ଦେଖିବ–
ଅବର୍ତ୍ତମାନରେ ତୁମର
ଅସମାଧିତ ଝଡ଼ ଉଠେ
ଲୋକସଭା ମଧ୍ୟେ
ତୁମ ଭସ୍ମ ପାଇଁ ।
ତୁମି ଓ ତୋଫାନ ଉଠେ
ଭୁଷିଆର କେଉଁ ବନ୍ଦୀଗୃହେ
ତୁମ ଉପସ୍ଥିତି ନେଇ,
ଦୁଃଖୀ ସହ ମଇଁ ବସିଛ ବୋଲି
ବସୁଦେବ ଆଉ ଦେବକୀଙ୍କ ପରି–
ସତ୍ୟ ଓ ଧର୍ମକୁ
ଅଶାନ୍ତ ଏ ପୃଥିବୀରେ
ପୁନର୍ବାର ପ୍ରତିଷ୍ଠିତ କରାଇବା ପାଇଁ ॥

ଆସ ଦେଖିବ–
ତୁମ ଲଙ୍ଗୁଆ ଆଦର୍ଶରେ
କେମିତି ଲାଗିଛି କଳଙ୍କି ।
ନିଜ ମୁଖ ତେଜି
ଅସୁମାରି ଦୁଃଖୀଙ୍କ ମୁହଁରେ
ହସଟିକେ ଫୁଟାଇବା ପାଇଁ
ଯେଉଁ ଅଙ୍ଗୀ ଭିଡ଼ିଥିଲ,
କାରୁଣ୍ୟର ଫଟା ଭୁଲି
କେମିତି ସେଠାରେ
ତୁମକୁ ଯେ ଉହିଁକି ଅନାଇ ।
ତୁମେ ଆଲୁଅ ଭିତରେ
ଅନ୍ଧର ମଶାଲ ଥିଲ ।
ଆଜି ସେଠି ଅନୀତି, ଦୁର୍ନୀତି,
ଭ୍ରଷ୍ଟାଚାର, ବ୍ୟଭିଚାର ଓ ଅପସଂସ୍କୃତି ।
ନିଜ ସୁଖ, ସ୍ୱାର୍ଥର ପାଇଁ
ପଲ୍ଲୁହ୍ୟା ମାଡିଛନ୍ତି ଉଠର ପ୍ରଭୁତ୍ୱ ।
॥୨॥

ଆସ ଦେଖିବ–
ଚୁଡ଼ୀମା ଭୁଲିଗଲାଣି
କୁନି ଛୁଆଟିକୁ ଶୁଣାଇବାକୁ କାହାଣୀ
ପରୀ ରାଇଜର ।
ପବନ ଭୁଲିଗଲାଣି
ସାଉଁଳି ଦେବାକୁ ଗୋଲାପ ପିଠିକୁ ।
ଶାନ୍ତିଃ
ଦୂର ଚପବାଳର ମରୀଚିକା ହୋଇ
ଖେଦେଇ ଦେଉଛି ଗଣ୍ଡ ଜର୍ଜରିତ ମୂଲ୍ୟବୋଧକୁ ।

ଆସ ଦେଖିବ–
କାଶ୍ମୀର ଓ ପଞ୍ଜାବର ଆକାଶରେ
କେମିତି ଉଡ଼ିବୁଲୁଛି
ସନ୍ତ୍ରାସବାଦର ଅସ୍ଥିର ଇଗଲ୍ ।
ମୌଳବାଦୀ କାମନାର କଦାକାର ଅଣ୍ଡା,
ମଠ, ମସ୍‌ଜିଦ୍, ଗୀର୍ଜା ଓ ଗୁରୁଦ୍ୱାର ଭିତରେ
ଭୁଣାଗ୍ନିତ ହୋଇ
ବସିଅଛି ସ୍ତର ପରେ ସ୍ତର ॥
ଗ୍ରନ୍ଥସାହେବ, କୋରାନ ଓ ପୁରାଣର
ପବିତ୍ର ଶବ୍ଦରୁ
ପିଚକି ଆସୁଛି
ଲେଲିହାନ ରକ୍ତର ପିପାସା ।
ବେଦରୁ ଅନ୍ତର୍ହିତ ହୋଇଛି
ମାନବିକତା ।
ପୁରାଣରୁ ଲିଭିଛି ଈଶ୍ୱର ।
ବାଇବେଲ୍ ଭିତରୁ ଉଭାନ୍ ସାତ୍ତ୍ୱିକତା,
ମସ୍‌ଜିଦ୍ ଚୂଡ଼ାରେ ଦୁର୍ମତି କଂସର ଅଟ୍ଟହାସ୍ୟ ।
ମଠରେ ଉନ୍ମତ୍ତ ତ୍ରିଗୁଣର ରାସ ।

ଆସ ଦେଖିବ–
କେମିତି ମଣିଷଠୁଁ
କାଢ଼ି ନିଆଗଲାଣି ବିବେକ
ଓ ସଂସ୍କୃତି ହେଲାଣି କୁରୂପ ।

ଯେଉଁଠି ବି ଥାଅ
ଆଉ ଥରେ ଆସୁନ–
ଚରମ ଅଘଟଣ ଘଟିବା ପୂର୍ବରୁ
ଏଇ ପ୍ରୀତିମୟ ପୃଥିବୀ ପୃଷ୍ଠରେ ॥

ଏନ୍-୬/୩୧୬,
ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫

# ଜାତୀୟ ବୀର ସୁଭାଷ ବୋଷ

**ଶ୍ରୀ ନବକିଶୋର ଦାସ**

ସ୍ୱନାମଧନ୍ୟ ସୁଭାଷ ବୋଷ ଗାନ୍ଧିଜୀଙ୍କ ପରେ ଦ୍ୱିତୀୟ ସର୍ବଭାରତୀୟ ନେତା ଥିଲେ । ଆଇ.ସି.ଏସ୍. ପରିତ୍ୟାଗ କରି ସେ ସ୍ୱାଧୀନତା ଯଜ୍ଞରେ ତ୍ୟାଗ ବରଣ କରି ଭାରତବାସୀଙ୍କ ହୃଦୟ ଜୟ କରି ପାରିଥିଲେ । ଏପରିକି ଗାନ୍ଧୀଙ୍କ ସମର୍ଥନ ସତ୍ତ୍ୱେ ପଟ୍ଟଭି ସୀତାରାମାୟା ସଭାପତି ନିର୍ବାଚନରେ ବିଫଳ ହୋଇଥିଲେ । ସୁଭାଷ ବୋଷ ଜାତୀୟ କଂଗ୍ରେସରେ ନେତା ରୂପେ ନିର୍ବାଚିତ ହୋଇଥିଲେ । ତ୍ରିପୁରୀ କଂଗ୍ରେସରେ ସୁଭାଷ ବୋଷ ସଭାପତି ହୋଇ କହିଥିଲେ, "ଦେଶ ସ୍ୱାଧୀନତା ସମର ପାଇଁ ପ୍ରସ୍ତୁତ, ମାତ୍ର ନେତାମାନେ ପ୍ରସ୍ତୁତ ହୋଇ ପାରି ନାହାନ୍ତି ।" ସୁଭାଷ ବୋଷଙ୍କ ବଡ଼ ଭାଇ ଶରତ୍ ବୋଷ ବଜ୍ର ଗମ୍ଭୀର ସ୍ୱରରେ କହିଥିଲେ "words, words nothing but words." ସୁଭାଷ ବୋଷ ସଭାପତି ହୋଇ ବଜ୍ର ଗମ୍ଭୀର ସ୍ୱରରେ କହିଥିଲେ, "ଭାରତ ପ୍ରସ୍ତୁତ ମାତ୍ର କଂଗ୍ରେସର ଜାତୀୟବାଦୀ ନେତାମାନେ ପ୍ରସ୍ତୁତ ନୁହନ୍ତି ।" ମାତ୍ର ସୁଭାଷ ବୋଷ ଅନ୍ୟ ଜାତୀୟ ନେତାମାନଙ୍କ ଅସହଯୋଗ ଯୋଗୁ ସଭାପତି ପଦ ପରିତ୍ୟାଗ କରିବାକୁ ବାଧ ହୋଇଥିଲେ ।



ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଗହଣରେ

ସେ ତା'ପରେ ତାଙ୍କ କଲିକତା ଘରେ ଆତ୍ମଗୋପନ କରି ଭାରତରୁ କିପରି ଖସି ପଳାଇବେ, ସେହି ପରିକଳ୍ପନାରେ ବ୍ୟସ୍ତ ଥିଲେ । ଦାଢ଼ୀ ବଢ଼ିଗଲା । ସେ ପଠାଣ–କାବୁଲୀ ବେଶରେ ଭାରତରୁ ସ୍ଥଳପଥ ଦେଇ ପଳାୟନ କରିଥିଲେ । ସେ ଭାରତ ବାହାରକୁ ଗଲାପରେ ଜଣାପଡ଼ିଗଲା ଯେ ସୁଭାଷ ଭାରତରେ ନାହାନ୍ତି । ସେ ଜର୍ମାନୀ ଠିକଣାରେ ହିଟ୍‌ଲରଙ୍କ ସଙ୍ଗେ ଦେଖା କରି, ସେଠାରୁ ଜାପାନ ପଳାଇଥିଲେ । ହିଟ୍‌ଲର ହୁଏତ ବୋଷଙ୍କୁ ସାହାଯ୍ୟ ଦେଇଥିଲେ । ଏହାପରେ ସୁଭାଷ ବୋଷଙ୍କ ଅଧୀନରେ **I.N.A (Indian National Army)** ଗଠିତ ହେଲା । ଲୋକେ ଧନ, ସୁନା, ସେନା ବାହିନୀ ଗଠନ ପାଇଁ ବହୁ ତ୍ୟାଗୀ ସୈନିକ ସୁଭାଷ ବାବୁଙ୍କ ସଙ୍ଗରେ ଯୋଗ ଦେଇ ଥିଲେ ତ୍ରିପୁରୀ କଂଗ୍ରେସରେ ମୁଁ ଜଣେ ପ୍ରତିନିଧି ରୂପେ ଯୋଗ ଦେଇଥିଲି । ସୁଭାଷ ବୋଷ ଓ ଶରତ୍ ବୋଷ ଉଭୟଙ୍କ ତେଜସ୍ୱିନୀ ବକ୍ତୃତା ଶୁଣିବାର ସୁଯୋଗ ମୁଁ ପାଇଥିଲି । ସୁଭାଷ ବୋଷଙ୍କ ଭାରତ ତ୍ୟାଗ ଆଉ ଏକ ଗୁପ୍ତ କଥା ହୋଇ ରହିଲା ନାହିଁ । ସେ ଭାରତ ଉପରେ ଆକ୍ରମଣ କରି କୋହିମା ଯାଏ ମାଡ଼ି ଆସିଥିଲେ । ଆମେମାନେ ଏହିସବୁ ଲୋମ ହର୍ଷଣକାରୀ ସମ୍ବାଦ ଶୁଣି ଚମତ୍କୃତ ହୋଇଥିଲୁ ।

ମହାତ୍ମା ଗାନ୍ଧୀ ଯେଉଁ "ଭାରତ ଛାଡ଼" ଜନ–ଆନ୍ଦୋଳନ ଘୋଷଣା କଲେ, ତାହା ମୂଳରେ ସୁଭାଷ ବୋଷଙ୍କ କାର୍ଯ୍ୟର ପ୍ରଭାବ ଓ ପ୍ରେରଣା ପଡ଼ିଥିଲା ନିଶ୍ଚୟ । ସୁଭାଷଙ୍କ ଦେଶାତ୍ମବୋଧ ପ୍ରତି ମହାତ୍ମା ଗାନ୍ଧୀଙ୍କର କୌଣସି ସନ୍ଦେହ ନଥିଲା ।

ସୁଭାଷ ବୋଷଙ୍କ ଅତି ନିକଟବର୍ତ୍ତୀ ହେବା ସୁଯୋଗ ମୋତେ ମିଳିଥିଲା କଟକର ଯଦୁମଣି ମଙ୍ଗରାଜ ଅଭ୍ୟର୍ଥନା ସମିତିର ସଭାପତି ଓ ମୁଁ ସମ୍ପାଦକ ଥାଇ ସୁଭାଷ ବୋଷଙ୍କୁ କଟକ ଯୁବ ସମ୍ମିଳନୀରେ ଭାଷଣ ଦେବାକୁ ଆମନ୍ତ୍ରଣ କରିଥିଲୁ । ଏକା ମଞ୍ଚ ଉପରେ ସୁଭାଷ ବୋଷ, ମଙ୍ଗରାଜ ଓ ମୁଁ ବସିଥିଲୁ । "ଅଗ୍ରଦୂତ" ନାମକ ଏକ ଦୈନିକ ଓଡ଼ିଆ ପତ୍ରିକା ମୋର ସମ୍ପାଦକତ୍ୱରେ କଟକରୁ ପ୍ରକାଶ ପାଉଥିଲା । ମାତ୍ର ସୁଭାଷ ବାବୁଙ୍କ ପାଖରୁ କୌଣସି ଆର୍ଥିକ ସାହାଯ୍ୟ ନମିଳିବାରୁ ଏ ଦୈନିକ ବନ୍ଦ ହୋଇ ଯାଇଥିଲା ।

ସୁଭାଷଙ୍କ ପ୍ରେରଣାରେ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ମଙ୍ଗରାଜ ପ୍ରଭୃତି ଏକ ମିଳିତ ମନ୍ତ୍ରୀମଣ୍ଡଳ ଓଡ଼ିଶାରେ ଗଠନ କରିଥିଲେ । ମନେହେଉଥିଲା ଯେପରି ଜାପାନ ଭାରତ ଉପରେ ଆକ୍ରମଣ କରିଦେବ । ମାତ୍ର ଜାପାନ ପରିବର୍ତ୍ତରେ ସୁଭାଷ ବୋଷ କୋହିମା ଯାଏ ମାଡ଼ି ଆସିଥିଲେ । ପରେ ଦ୍ୱିତୀୟ ମହାଯୁଦ୍ଧ ବନ୍ଦ ହୋଇଗଲା । ସୁଭାଷ ବୋଷଙ୍କ କୌଣସି ଉଡ଼ାଜାହାଜ ଦୁର୍ଘଟଣାରେ ଜାପାନରେ ମୃତ୍ୟୁ ହେଲା ବୋଲି ସମ୍ବାଦ ପ୍ରଚାରିତ ହୋଇଥିଲା । ଏବେ ସୁଭାଷ ବୋଷଙ୍କ ଅସ୍ଥି ଜାପାନରୁ ଭାରତକୁ ଆସି ନାହିଁ । ଏହା ମଧ୍ୟରେ ସୁଭାଷ ବୋଷ ଏକ ଜର୍ମାନ ଯୁବତୀ ବିବାହ କରିଥିଲେ । ସୁଭାଷ ବୋଷଙ୍କ ନିଜ କନ୍ୟା ବଞ୍ଚି ଅଛନ୍ତି । ସୁଭାଷ ବୋଷଙ୍କର ପ୍ରିୟ ସ୍ପୃହା ଥିଲା ସୁଭାଷ ବୋଷଙ୍କ ତ୍ୟାଗ, ଦେଶପ୍ରୀତି ଓ ସାହସ ଭାରତ

ରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ । ସୁଭାଷ
ଅହିଂସା ଅପେକ୍ଷା ହିଂସାତ୍ମକ ଯୁଦ୍ଧ ଚଳାଇ ସ୍ୱାଧୀନତା
ର ବିଶ୍ୱାସୀ ଥିଲେ । ସେ ଗାନ୍ଧିଜୀଙ୍କ ଭଳି ଅହିଂସାର
ନଥିଲେ । ସୁଭାଷ ବିଶ୍ୱାସ କରୁଥିଲେ ଯେ ସ୍ୱାଧୀନତା
ପରେ ଭାରତର ଏକଛତ୍ରପତି ଜଣେ ହେବା ଉଚିତ ।
ବ୍ୟାପକ କରି ଭାରତରେ ସୁସ୍ଥ ଲୋକତନ୍ତ୍ର ଭାରତରେ
ବାରେ ତାଙ୍କର ବିଶ୍ୱାସ ନଥିଲା ।

ଷ ବାବୁ "କଲିକତା କର୍ପୋରେସନ"ରେ ମେୟର ମଧ୍ୟ
ଥିଲେ । ସେ କଲିକତା କଂଗ୍ରେସରେ ସ୍ୱେଚ୍ଛାସେବକ
ର ସେନାପତି (General) ଭାବେ ତାଙ୍କର ଦକ୍ଷତାର
ଦେଇଥିଲେ । କର୍ପୋରେସନ ବଂଗଳାର ବନ୍ଧୁ
ରାଜନୀତିକ ନେତାଙ୍କ ଜୀବନର ପ୍ରଥମ ପାହାଚ ଭଳି ଥିଲା ।
ସେ ତାଙ୍କର ଶାସନ ଦକ୍ଷତା କର୍ପୋରେସନରେ ଦର୍ଶାଇ ଥିଲେ ।
ସେ କହୁଥିଲେ "ରକ୍ତ ମୋତେ ଦିଅ, ମୁଁ ସ୍ୱାଧୀନତା
ଆଣିଦେବି ।" ହିଂସାତ୍ମକ ସମରରେ ସୈନ୍ୟମାନେ ଆହତ ଓ
ମୃତ୍ୟୁବରଣ କରିବାକୁ ବାଧ୍ୟ । ତେଣୁ ଏପରି ଚରମତ୍ୟାଗ ପାଇଁ
ସେ ତାଙ୍କ ସହକର୍ମୀମାନଙ୍କୁ ପ୍ରସ୍ତୁତ କରିଥିଲେ । ସୁଭାଷଙ୍କ ପ୍ରିୟ
ଧ୍ୱନି (Slogan) ଥିଲା "ଦିଲ୍ଲୀଚଲୋ", ଭାରତ ସରକାର
ଅକ୍ତିଆର କରିବା ତାଙ୍କର ଲକ୍ଷ୍ୟଥିଲା ।

---

ପଲ୍ଲୀ ବିହାର,
ପୋ: ବରି, ଯାଜପୁର



କଳାମଣ୍ଡପଠାରେ ଓଡ଼ିଶା ସଙ୍ଗୀତ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ କବି
ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଯଶସ୍ୱୀ ଶିଳ୍ପୀମାନଙ୍କୁ ସମ୍ମାନିତ କରୁଛନ୍ତି ।

# ସୁଭାଷ ବୋଷଙ୍କ ଦୂତ

**ଡକ୍ଟର ମହେଶ୍ୱର ପ୍ରଧାନ**

ସେତେବେଳେ ସୁଭାଷ ଚନ୍ଦ୍ର ଭାରତବର୍ଷର ସାମରିକ ପରିସ୍ଥିତି ଏବଂ ତାଙ୍କପ୍ରତି ଜନସାଧାରଣଙ୍କର ମତିଗତି ଜାଣିବା ପାଇଁ ବୁଡ଼ାଜାହାଜ ଓ ପାରାସୁ୍ୟଟ୍ ସାହାଯ୍ୟରେ ଭାରତବର୍ଷକୁ ଦୂତ ପ୍ରେରଣ କରୁଥାନ୍ତି । ଅନେକ ପ୍ରେରିତ ଦୂତ ବ୍ରିଟିଶ୍ ପୋଲିସ୍ ହାତରେ ଧରାପଡୁଥାନ୍ତି । ସୁଭାଷ ବୋଷ ପୁଣି ଜାଣିବାକୁ ଚାହୁଁଥାନ୍ତି ଯେ, ସେ ଜାପାନ ସାହାଯ୍ୟରେ ଯଦି ଭାରତବର୍ଷ ଆକ୍ରମଣ କରି ଅଧିକାର କରି ନିଅନ୍ତି ତେବେ କଂଗ୍ରେସ ଆନୁଷ୍ଠାନିକ ଭାବେ ତାହା ଗ୍ରହଣ କରିବ କି ନାହିଁ ? ଅନ୍ୟ ପକ୍ଷରେ କଂଗ୍ରେସ ଯଦି ଗ୍ରହଣ ନକରେ ତେବେ ଜନତା ତାଙ୍କୁ ଗ୍ରହଣ କରିବ କି ନାହିଁ ? ମହାତ୍ମାଗାନ୍ଧୀ ଓ ଅନ୍ୟାନ୍ୟ କଂଗ୍ରେସ କର୍ମୀମାନେ କେଉଁ ଜେଲ୍‌ରେ ଆବଦ୍ଧ ଅଛନ୍ତି ? ଆବଶ୍ୟକ ହେଲେ ସେମାନଙ୍କୁ ବ୍ୟୋମଯାନ ସାହାଯ୍ୟରେ ମୁକ୍ତି କରି ନିଆଯିବ । ସୁଭାଷ ଚନ୍ଦ୍ର ଯଦି ଭାରତକୁ ଯାଆନ୍ତି କିମ୍ବା ତାଙ୍କ ସୈନ୍ୟମାନେ ଭାରତର ବିଭିନ୍ନ ସ୍ଥାନରେ ଅବତରଣ କରନ୍ତି, ତେବେ ସେମାନଙ୍କୁ ସାହାଯ୍ୟ କରିବାକୁ ସଂଗଠନ ହୋଇଛି କି ନାହିଁ ? ମିତ୍ରପକ୍ଷ ସୈନ୍ୟଙ୍କ ପଛଆଡୁ ଭଙ୍ଗାରୁଜା କାର୍ଯ୍ୟ କରିବା ନିମିତ୍ତ ଗରିଲା ଦଳ ପ୍ରସ୍ତୁତ କି ନାହିଁ ? ସୁଭାଷ ଚାହୁଁଥିଲେ ଆମଦେଶବାସୀ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ, ଟଙ୍କା ଇତ୍ୟାଦି ଚାହିଁଲେ ସେମାନଙ୍କୁ ତାହା ଯୋଗାଇ ଦିଆଯିବ । ସୁଭାଷ ବୋଷଙ୍କର ପ୍ରଶ୍ନଗୁଡ଼ିକର ଉତ୍ତର ଭାରତରୁ ନେଇ ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ସ୍ଥାନରେ ପହଞ୍ଚାଇବା ନିମିତ୍ତ ବିଶ୍ୱସ୍ତ, ନିର୍ଭୀକ ତଥା ସାହସୀ ଦୂତ ଆବଶ୍ୟକ । କଲିକତାର ଯୁଗାନ୍ତର ପାର୍ଟି ଓ ଫରୱାର୍ଡ଼ ବ୍ଲକ୍ ଏହି ଦୂତ ସନ୍ଧାନରେ ଥାଆନ୍ତି ।

ଏତିକିବେଳେ ୧୯୪୪ ମସିହା ଏପ୍ରିଲ୍ ପ୍ରଥମ ସପ୍ତାହରେ ଠକ୍କରବାପା ବଙ୍ଗଳାର ନାରୀକେଳ ଡଙ୍ଗୀ ରିଲିଫ୍ କେନ୍ଦ୍ର ପରିଦର୍ଶନରେ ଆସିଲେ । ସେଠାରେ ପବିତ୍ରମୋହନ ଓ କିରଣ ଶଙ୍କର ରାୟଙ୍କ ସହଯୋଗୀ ଜ୍ଞାନାଞ୍ଜନ ନିୟୋଗୀଙ୍କ ସହିତ ସାକ୍ଷାତ ହେଲା ।ଶ୍ରୀନିୟୋଗୀ ସୁଭାଷ ବୋଷଙ୍କର ବିଶ୍ୱସ୍ତ ଦୂତ ଭାବରେ ପବିତ୍ର ମୋହନଙ୍କୁ ନିର୍ବାଚନ କଲେ । ପବିତ୍ର ମୋହନ ସମ୍ବାଦ ନେଇ ଛଦ୍ମବେଶରେ ନାନାଦି ବିପଦର ସମ୍ମୁଖୀନ ହୋଇ ଆସାମରେ ପହଞ୍ଚିଲେ । ସେ ଜଣେ ମୁସଲମାନର ଛଦ୍ମବେଶରେ ବ୍ରହ୍ମଦେଶର ଯୋରାହାଟରେ ପହଞ୍ଚି କମରସିଆଲ କଲେଜର ପ୍ରିନ୍‌ସପାଲ ଶ୍ରୀଯୁକ୍ତ ବାରୁଆଙ୍କ ପାଖରେ ସମ୍ବାଦ ପହଞ୍ଚାଇ ଦେଲେ । କିନ୍ତୁ ଦୂତ ସମ୍ବାଦ ନେଇ ପୁଣି କଲିକତାକୁ ଫେରିଯିବା ଉଚିତ ବୋଲି ସୁଭାଷ ଚନ୍ଦ୍ରଙ୍କର ଇଚ୍ଛାଥିଲା । ସେଠାରୁ ତିନିସୁକିଆ ମାର୍ଗାରେଟା ଅଞ୍ଚଳରେ ଫେରାର ହୋଇଥିବା ଶ୍ରୀଯୁକ୍ତ ଶଙ୍କର ବରୁଆଙ୍କ ନିକଟକୁ ପବିତ୍ର ମୋହନଙ୍କୁ ପଠାଇ ଦେଲେ । ପବିତ୍ର ମୋହନ ବାଟରେ ନାନା ପରୀକ୍ଷାର ସମ୍ମୁଖୀନ ହୋଇ ଶଙ୍କର ବରୁଆଙ୍କ ନିକଟରେ ପହଞ୍ଚି ସମ୍ବାଦ ପ୍ରଦାନ କଲେ । ତାଙ୍କ ସହାୟତାରେ ପବିତ୍ର ମୋହନ ଏକ ଜଙ୍ଗଲ ମଧ୍ୟରେ ଜଣେ ଜାପାନୀ ବ୍ରିଗେଡ଼ିୟର ଏବଂ ଜଣେ ହିନ୍ଦୁସ୍ଥାନୀ ହାବିଲ୍‌ଦାରଙ୍କ ସହିତ ଏକ ଜଙ୍ଗଲ ମଧ୍ୟରେ ରାତ୍ରିକାଳରେ ସାକ୍ଷାତ କଲେ । ତା'ପରେ ସେ କଲିକତା ପ୍ରତ୍ୟାବର୍ତ୍ତନ କଲେ ।

ସେ ପୁଣି ଦ୍ୱିତୀୟବାର ୧୯୪୪ ଜୁନ୍ ମାସରେ ସମ୍ବାଦ ନେଇ ତିନିସୁକିଆ ମାର୍ଗାରେଟ୍ ଅଞ୍ଚଳରୁ ୩୦ ମାଇଲ୍ ଦୂରବର୍ତ୍ତୀ ଏକ ସ୍ଥାନକୁ ଗଲେ । ସେ ସେଠାରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ସମ୍ବାଦ ଦେଇ ଓଡ଼ିଶାର ରାଜନୀତିକ ଅବସ୍ଥା ସମ୍ପର୍କରେ ଏକ ପୂର୍ଣ୍ଣ ଚିତ୍ର ପ୍ରଦାନ କରି ସୁଭାଷ ବୋଷଙ୍କ ନିକଟକୁ ଏକ ପତ୍ର ପ୍ରେରଣ କଲେ । ଓଡ଼ିଶାର ତାଳଚେର ଅଞ୍ଚଳର ନେତୃତ୍ୱ ନେଇ ଆଜାଦ୍ ହିନ୍ଦ୍ ଫୌଜକୁ କିପରି ସାହାଯ୍ୟ କରି ପାରିବେ ତା'ର ଏକ ବିବରଣୀ ଦେଇଥିଲେ । ପତ୍ରପାଠ କରିବା ପରେ ସୁଭାଷ ବୋଷ ପବିତ୍ର ମୋହନଙ୍କୁ ବ୍ୟକ୍ତିଗତ ଭାବରେ ସାକ୍ଷାତ କରିବାର ଜରୁରୀ ସମ୍ବାଦ ପ୍ରେରଣ କଲେ ।

ସୁଭାଷ ଚନ୍ଦ୍ରଙ୍କର ଆହ୍ୱାନକ୍ରମେ ପବିତ୍ର ମୋହନ ଯେତେବେଳେ କଲିକତାରୁ ବାହାରିଲେ, ସେ ତାଙ୍କ ସଙ୍ଗେ ତାଳଚେରବାସୀ ଶ୍ରୀମୁକୁନ୍ଦ ପ୍ରଧାନଙ୍କୁ ନେଇ ଯାଇଥିଲେ । ସେ ଯାଇ ଆସାମର ସିଲ୍‌ଚର ଟାଉନ୍‌ର ଜଣେ ପୁରୁଣା କଂଗ୍ରେସ ନେତା ସତ୍ୟେନ୍ଦ୍ରନାଥ ଦେବଙ୍କ ନିକଟରେ ପହଞ୍ଚିଲେ । ତାଙ୍କ ଜରିଆରେ ପବିତ୍ର ବାବୁ ସୁଭାଷ ଚନ୍ଦ୍ରଙ୍କ ନିକଟକୁ ଯାଇ ଯେପରି ବ୍ୟକ୍ତିଗତ କଥାବାର୍ତ୍ତା କରିପାରିବେ ଶ୍ରୀ ନିୟୋଗୀ ସେହି ବନ୍ଦୋବସ୍ତ କରି ଦେଇଥିଲେ ।

ସତ୍ୟେନ୍ଦ୍ର ବାବୁ ପବିତ୍ର ମୋହନଙ୍କୁ ସୁଭାଷ ବୋଷଙ୍କ ନିକଟକୁ ପଠାଇ ସାକ୍ଷାତ କରାଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ବିଫଳ ହେଲେ । କାରଣ ସେତେବେଳେ ମିତ୍ର ପକ୍ଷ ଶକ୍ତିଶାଳୀ ହୋଇ ଜାପାନୀ ଓ ଆଜାଦ୍ ହିନ୍ଦ୍ ଫୌଜ ଉପରେ ଆକ୍ରମଣ କରିବାରୁ ସେମାନେ ଦିନକୁ ଦିନ ପଛକୁ ହଟିବାକୁ ଲାଗିଲେ । ଏତିକିବେଳେ ମହାତ୍ମା ଗାନ୍ଧୀ କାରାଗାରରୁ ମୁକ୍ତି ପାଇ ବ୍ରିଟିଶ୍ ସରକାରଙ୍କ ସହିତ ମିଳାମିଶା ଭାବ ଦେଖାଇବାରୁ ଯୁଗାନ୍ତର ପାର୍ଟି ସ୍ଥିର କଲେ ଯେ ଏ ଅବସ୍ଥାରେ ସୁଭାଷ ଚନ୍ଦ୍ରଙ୍କ ନିକଟକୁ ଦୂତ ପଠାଇବାର କୌଣସି ଆବଶ୍ୟକତା ନାହିଁ । କଲିକତାକୁ ଫେରି ଯିବାର ନିର୍ଦ୍ଦେଶ ପାଇ ପବିତ୍ର ମୋହନ ୧୯୪୪ ଅଗଷ୍ଟ ପ୍ରଥମ ସପ୍ତାହରେ କଲିକତା ପ୍ରତ୍ୟାବର୍ତ୍ତନ କଲେ ।

ଏହିପରି ୧୯୪୪ ସାଲ ଏପ୍ରିଲ୍ ମାସଠାରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ପ୍ରାୟ ୪ ମାସ ମଧ୍ୟରେ ଦୁଇଥର ପବିତ୍ର ବାବୁ ସଫଳତାର ସହିତ ସୁଭାଷ ବୋଷଙ୍କ ନିକଟକୁ ଦୂତ ରୂପେ କାର୍ଯ୍ୟ କଲେ । ପରେ ସୁଭାଷ ବୋଷଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସହିତ ବ୍ୟକ୍ତିଗତ ଆଲୋଚନା ପାଇଁ ତୃତୀୟଥର ସିଲଚର ରାସ୍ତା ବାଟେ ଯିବା ପାଇଁ ମିଲିଟାରୀ

କରିବାରେ ଚେଷ୍ଟା କରା ଯାଉଥିଲା । ବ୍ୟୋମଯାନରୁ
ା ସାହାଯ୍ୟରେ ଓହ୍ଲାଇବାର ଚେଷ୍ଟା କରାଯାଉଥିଲା ।
ନ୍ତର ପାର୍ଟିର ନିର୍ଦ୍ଦେଶକ୍ରମେ ତାହା ବନ୍ଦ କରାଗଲା ।
ସ୍ୱାଧୀନ କରିବା ନିମିତ୍ତ ସୁଭାଷ ଚନ୍ଦ୍ର ବୋଷ ଗାନ୍ଧିଜୀଙ୍କର
ଆନ୍ଦୋଳନ ଉପରେ ଆସ୍ଥା ସ୍ଥାପନ କରିନଥିଲେ ।
ଯୁଦ୍ଧ ଚାଲିଥିବାବେଳେ ଜାପାନ ଦକ୍ଷିଣ–ପୂର୍ବ ଏସିଆର
ଷ୍ଟ ଦେଶ ଅଧିକାର କରି ବହୁ ଭାରତୀୟ ସୈନ୍ୟଙ୍କୁ ବନ୍ଦୀ
। ୧୯୪୧ ଖ୍ରୀଷ୍ଟାବ୍ଦରେ ସୁଭାଷ ଛଦ୍ମବେଶରେ ଭାରତରୁ
ଗଲେ । ସେ ଆଫଗାନିସ୍ଥାନ ଓ ଜର୍ମାନୀ ଦେଇ
ରେ ପହଞ୍ଚିଲେ । ତାଙ୍କର ଅଧିନାୟକତ୍ୱରେ ଆଜାଦ୍ ହିନ୍ଦ୍
ପୁନର୍ଗଠିତ ହେଲା । ୧୯୪୪ ଖ୍ରୀଷ୍ଟାବ୍ଦରେ ଆଜାଦ୍ ହିନ୍ଦ୍
ଏକ ଦଳ ପୂର୍ବ ସୀମା ଅତିକ୍ରମ କଲେ । ସେମାନେ
ର କୋହିମା ଅଞ୍ଚଳ ଯାଏ ଅଗ୍ରସର ହୋଇଥିଲେ । ଏହି
ହିନୀର ଆହ୍ୱାନ ଥିଲା 'ଦିଲ୍ଲୀ ଚଲୋ' । ଆଜାଦ୍ ହିନ୍ଦ୍
ବୀରତ୍ୱ ଭାରତବାସୀଙ୍କୁ ସ୍ୱାଧୀନତା ଆନ୍ଦୋଳନ ପାଇଁ
କରିଥିଲା ।

ସମୟରେ ଜୟପ୍ରକାଶ ନାରାୟଣଙ୍କ ସହିତ ସମ୍ପର୍କ ସ୍ଥାପନ
ଜୀବ ସୈନିକ ଭାବରେ ମୁକ୍ତି ସଂଗ୍ରାମକୁ ଆଗେଇ ନେବା
ପାଇଁ ଓଡ଼ିଶାର ଜାତୀୟ ନେତା ପବିତ୍ରମୋହନ ଆଶାପୋଷଣ
କରିଥିଲେ । କିନ୍ତୁ ଜୟପ୍ରକାଶଙ୍କ ଗିରଫ ପରେ ସେ ଅନ୍ୟତମ
ନେତା ସୁଭାଷ ବୋଷଙ୍କ ପ୍ରତି ଆକୃଷ୍ଟ ହେଲେ । କଲିକତା
ରହଣିକାଳ ମଧ୍ୟରେ ପବିତ୍ର ମୋହନ ପ୍ରଧାନଙ୍କ ଛଦ୍ମନାମ ଥିଲା
'ରାମ' । କଲିକତାରେ ପବିତ୍ର ମୋହନଙ୍କୁ ଘରୋଇ ଶିକ୍ଷକ ଭାବେ
ରହିବାକୁ ପଡ଼ିଥିଲା । ଫୁରୁସତ ମିଳିଲେ କଂଗ୍ରେସ ଅନୁଷ୍ଠାନ
ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ସେ ବ୍ୟଗ୍ର ହୋଇ
ଉଠୁଥିଲେ । ସେ କଂଗ୍ରେସ କର୍ମୀ ଓ କଂଗ୍ରେସ ଅଫିସ
ଖୋଜନ୍ତି । ଖବର କାଗଜ ପଢ଼ି ଜାତୀୟ କଂଗ୍ରେସ ସମ୍ପର୍କରେ
ଖବର ସଂଗ୍ରହ କରୁଥିଲେ ।

୧୯୪୪ ଖ୍ରୀଷ୍ଟାବ୍ଦ ଫେବୃଆରୀ –ମାର୍ଚ୍ଚ ମାସ ବେଳକୁ ସୁଭାଷ ବୋଷ ଆଜାଦ୍ ହିନ୍ଦ୍ ଫୌଜ ସାହାଯ୍ୟରେ ଭାରତ ଅଧିକାର କରିବାର ଯୋଜନା କରୁଥିଲେ । ଏହି ଫୌଜ ବ୍ରହ୍ମଦେଶ ଓ ଆସାମ ସୀମା ଭେଦ କରି ଇମ୍ଫଲ ନଗର ଅବରୋଧ କରି ସାରିଥିଲା ।

ସହକାରୀ ଶିକ୍ଷକ,
ଡାବରେଇ ଅର୍ମାଲ ଉଚ୍ଚ ବିଦ୍ୟାଳୟ,
ପୋ:–ଡାବରେଇ ଅର୍ମାଲ, ଜି:–ମୟୂରଭଞ୍ଜ



ବୋଲଗଡ଼ ବ୍ଲକ୍‌ର ମାଣିକ ଗୋଡ଼ା ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଶଯ୍ୟାଶଯ୍ୟା ବିଶିଷ୍ଟ ଏକ ନୂତନ ଗୃହକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।

# ଭୀଷ୍ମ ପିତାମହ

**ଶ୍ରୀ ନରହରି ଉପାଧ୍ୟାୟ**

ଭାରତୀୟ ଶାସ୍ତ୍ରସଂସ୍କୃତି ପରମ୍ପରାରେ ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବର ଜଣେ ମଣିଷ; ପ୍ରଖ୍ୟାତ ଭରତ ବଂଶୋଦ୍ଭବ ରାଜା ଶାନ୍ତନୁଙ୍କ ଔରସ ଜାତ ଗଙ୍ଗାସୁତ ଦେବବ୍ରତ ; ଦେବଦତ୍ତ 'ଭୀଷ୍ମ' ନାମରେ ଯୁଗ ଯୁଗାନ୍ତରେ ବିଦିତ ; ଆଧୁନିକ ଛାପମରା ଦେଶୀ–ବିଦେଶୀ ମନଗଢ଼ା ଇତିହାସ **Myth** ଆଖ୍ୟାଦେଇ ଯାହାର ବାସ୍ତବ ସ୍ଥିତିକୁ ଅଗ୍ରାହ୍ୟ କରନ୍ତି, ଆମେ ଆଗାମୀ ଏକବିଂଶ ଶତାବ୍ଦୀର ସୁନେଲି ସ୍ୱପ୍ନ ରାଜ୍ୟକୁ ମୁହାଁଉଥିବା ମଣିଷ ପକ୍ଷରେ ସେପରି ନାମର ଶୀର୍ଷମଣ୍ଡନ ପ୍ରାସଙ୍ଗିକତା କଣ ? ପ୍ରାସଙ୍ଗିକତା ଅବଶ୍ୟ ଅଛି, ଯେହେତୁ ଏ କାଳରେ ଆମରି ଭିତରେ ଖୋଜିଲେ ବି ସେଭଳି ତୁଳାଦଣ୍ଡରେ ତଉଲଯୋଗ୍ୟ ମଣିଷ ମିଳନ୍ତି ।



ଶତାବ୍ଦୀ ଶତାବ୍ଦୀ ଧରି ପରାଧୀନ ଶୃଙ୍ଖଳବଦ୍ଧ ଭାରତ ଜନନୀ ପୂର୍ଣ୍ଣ ଅସହାୟା ସ୍ଥିତିରେ ରହିଲେ । ଦାରୁଣ ବହିରାକ୍ରମଣ ସଙ୍ଗେ ବହିରାଗତ ସେମିଟିକ୍ ସଭ୍ୟତା ସଂସ୍କୃତି ପ୍ରାଗୈତିହାସିକ କାଳରୁ ଏ ଦେଶ ମାଟିରେ ଅଭ୍ୟୁତ୍‌ଥିତ ପ୍ରାଚୀନତମ ଆର୍ଯ୍ୟ ବୈଦିକ ସଭ୍ୟତା–ସଂସ୍କୃତିର ବିକୃତି ଘଟାଇଲା । ଜନ୍ମଭୂମିର ମାନସମ୍ମାନ ରକ୍ଷାପାଇଁ କମ୍ ଓଜସ୍ୱୀ ବୀରପୁଙ୍ଗବ ସଂଗ୍ରାମଭୂମିରେ ପ୍ରାଣପାତ କରି ନାହାନ୍ତି । ପରନ୍ତୁ ଭିନ୍ନ ଥିଲା ବିଧିର ବିଧାନ । ହଟିଲା ନାହିଁ ଦୁର୍ଯୋଗ କି ଅବା ମେଣ୍ଟିଲା ନାହିଁ ଦୁର୍ଦ୍ଦଶା । ଇତିହାସ ଲିପିବଦ୍ଧ କରିଚାଲିଲା ଏ ଭୂମି ଐଶ୍ୱର୍ଯ୍ୟ ବିପର୍ଯ୍ୟୟର ବିଡ଼ମ୍ବିତ ଅଧ୍ୟାୟ ପରେ ଅଧ୍ୟାୟ । ପରବର୍ତ୍ତୀ ଊନବିଂଶ ଶତାବ୍ଦୀ ବେଳକୁ ବୁଦ୍ଧିବାଦୀ ମୁଦ୍ରାଧାରୀ ଯେଉଁ କେତେକ ବିଦେଶୀ ଶିକ୍ଷାସଭ୍ୟତା ପ୍ରଭାବିତ ତଥାକଥିତ ଯୋଗ୍ୟସନ୍ତାନ ଆପକୁ ଆପେ ମୁଖପାତ୍ର ସାଜିଲେ, ସେମାନେ ହୋଇଗଲେ ଗୋଟିଏ ପ୍ରଭୁଭକ୍ତ ଗୋଡ଼ାଣିଆ ଦଳ । ସେମାନେ ଏ ଦେଶର ଦାୟାଦ ଧର୍ମକୁ ଆଖିବୁଜିଦେଇ ଆମର ରୀତିନୀତି, ଆବହମାନ କାଳର ଚଳଣି ପରମ୍ପରାର ଅନ୍ଧିସନ୍ଧି ଉଖାରି ନିଖାରି ନିଜନିଜ କାମଳ ଦୃଷ୍ଟିରେ ଦେଖିଲେ ସାରା ଦେଶଟାକୁ କେବଳ କୁସଂସ୍କାର ଓ ଅନ୍ଧବିଶ୍ୱାସ ପୂର୍ଣ୍ଣ । ଉପଯୁକ୍ତ ସୁଯୋଗାପେକ୍ଷୀ ବିଦେଶୀ ପ୍ରଶାସକଙ୍କ ପୂର୍ଣ୍ଣ ପ୍ରୋତ୍ସାହନ ଲାଭକରି ସଗୌରବେ ଉଡ଼ାଇ ଚାଲିଲେ ସଂସ୍କାରର ବାନା । ଶତମୁଖରେ ତାରିଫ୍ କରାଗଲା ବିଦେଶୀ ସଂସ୍କୃତି, ବିଦେଶୀ ଶାସନକୁ । ହାତଗୋଡ଼ ବେଡ଼ିପିନ୍ଧା ସେହି ଅଶିକ୍ଷିତା–ଅସଂସ୍କୃତା–ଅସହାୟା ମରହଟୀ ମା'ଟାକୁ ଆଉ ପଚାରେ କିଏ ? ହାୟ ଦୁର୍ଦ୍ଦୈବ ! ଏବେ ବି ସେ ମାରାତ୍ମକ ବିଷ ପ୍ରଭାବରେ ଆମ୍ଭ ମାନସିକତା ଦୂଷିତ, ଚୈତନ୍ୟ ଜଡ଼ୀଭୂତ । ଭାଗ୍ୟକୁ ମାତୃମୁକ୍ତି ଢକ୍କା ବଜାଇ, ପୌରୁଷ ଧ୍ୱଜା ଉଡ଼ାଇ, ବିଶ୍ୱମୁକ୍ତି ଇଙ୍ଗିତ ଛଳେ ଜାତିମୁକ୍ତିର ମଶାଲ ଜାଳି, ବିପ୍ଳବର ସିଂହରଡ଼ି ତୋଳି, ନିଗଡ଼–ନିବୁଦ ରୁଦ୍ଧଦ୍ୱାର ଭେଦି ଭାରତଭୂମେ ବିରାଜିଲା ବିରାଟ ସମ୍ଭାବନାପ୍ରାଚୁର୍ଯ୍ୟପୂର୍ଣ୍ଣ ଐତିହାସିକ ବିଂଶ ଶତକ । ଉପଗତ କଳବଳସ୍ପନ୍ଦିତ ବଳାତ୍କୃତ ଔପନିବେଶିକ କୁଖ୍ୟାତ ଶାସନର ଉଦ୍‌ଯାପନ ଲଗ୍ନ ।

ପର୍ବାରମ୍ଭ । ଚଳିତ ଶତାବ୍ଦୀର ପ୍ରଥମାର୍ଦ୍ଧରେ, ଭାରତର ମୁକ୍ତି ସଂଗ୍ରାମ ମଞ୍ଚରେ ଆତ୍ମପ୍ରକାଶ କରିଥିବା ସେହି ବୀରାଗ୍ରଗଣ୍ୟ ପୁରାଣ ପୁରୁଷ ଭୀଷ୍ମ ପିତାମହଙ୍କ କୋଟୀର ଯେଉଁ ଦୁର୍ବାର–ଦୁର୍ଦ୍ଦମ୍ୟ ଯୁବଯୋଦ୍ଧା ଜଣକୁ ଜଗତ୍ ଜାଣେ, ଯାହାଙ୍କ ପ୍ରଖ୍ୟାତି ପୌରୁଷ ପୂର୍ଣ୍ଣ ଦୁଃସାହସିକ କୃତିକଳାପର ରୋମହର୍ଷକ କାହାଣୀ ସହସ୍ର ତୁଣ୍ଡ ଭଣେ, ସେ କରିତ୍‌କର୍ମା କର୍ମବୀର ହେଉଛନ୍ତି ଆମ ଓଡ଼ିଶା ମାଟିରେ ଜାତ, ଆମରି ମେଳରେ ଗତାଗତ, ଏଇ ପାଣିପବନ– ଅନ୍ନପାନରେ ପରିପୁଷ୍ଟ, ଅସାଧାରଣ ବ୍ୟକ୍ତିତ୍ୱ ସମ୍ପନ୍ନ ଇତିହାସ ପୁରୁଷ ଓଡ଼ିଆ ପୁଅ ସୁଭାଷ ଚନ୍ଦ୍ର ବୋଷ । କିମାଶ୍ଚ ତାଙ୍କର ବଂଶୀୟ ବଙ୍ଗ ଉପାଧି ଜନନୀ ଓଡ଼ିଶାର ଆଦ୍ୟକୁ ନ୍ୟୂନ କରିନାହିଁ କି କରିପାରିବ ନାହିଁ । ଏବେକୁ ପ୍ରାୟ ଗୋଟିଏ ପୁରୁଷ ଅତୀତ ହେବାକୁ ବସିଲାଣି । ତୁଙ୍ଗ ହିମାଳୟ ଚୂଡ଼ା ମଣ୍ଡିତ ଅପରିମିତ ଅଶ୍ମୀଭୂତ ବରଫରାଶି ଦ୍ରବୀଭୂତ ହୋଇ ବହିଗଲାଣି । ପ୍ରଳୟଙ୍କର ଦ୍ୱିତୀୟ ପୃଥିବୀ ଯୁଦ୍ଧର ରକ୍ତରଞ୍ଜିତ ଇତିହାସ ପୃଷ୍ଠା ସେ ଅଲିଭା କାଳିମାର ଦାରୁଣ ଦାଗକୁ କାଳେ କାଳେ ଅବଶ୍ୟ ବହିବ ।

କାଳଧର୍ମାନୁକ୍ରମେ ଫିକା ପଡ଼ିଯିବ ସେ ଅନୁଭୂତି–ଇତିବୃତ୍ତି ବିଶ୍ୱଜନ ସ୍ମୃତିରୁ । ଅପରନ୍ତୁ ଏ ଦେଶ, ଏ ଜାତିର ଜନମାନସପଟରୁ ସୁ–ଭା–ଷ ନାମାକ୍ଷରକୁ କାଳକରତଳ ପୋଛିଦେଇ ପାରିବ ନାହିଁ କସ୍ମିନ୍‌କାଳେ । ଚକ ଘୂରିଯାଇଛି ।

ୁ କବଳିବାକୁ ହସ୍ତ ପ୍ରସାରିଛି ହିଟ୍‌ଲରି ଭୂତ । ମାଡ଼ି ର ଦୁର୍ଦ୍ଧର୍ଷ ନାଜି ବାହିନୀ । ସାମ୍ରାଜ୍ୟ ବାଦୀଶକ୍ତି ଜୀବନମରଣ ସମସ୍ୟା । ବିଶ୍ୱବ୍ୟାପୀ ବ୍ରିଟିଶ୍ ଅସ୍ତହୀନ ଗୌରବ ତପନ ଅସ୍ତୋନ୍ମୁଖ । ଭୂଗୋଳ ପରିକଳ୍ପନା କରି ବସିଛନ୍ତି ଯୁଦ୍ଧୋତ୍ତର ବିଶ୍ୱର କ ସ୍ଥିତି ଆଉ ଐତିହାସିକେ ଆଙ୍କୁଚନ୍ତି ଭବିଷ୍ୟତ ରୂପରେଖ । ଏତିକି ବେଳକୁ ଜର୍ମାନୀ ଶୀରୁ ମହାଶୂନ୍ୟ ବିଦାରଣ କରି ସେ ଦିନ ଉଠିଲା ପ୍ରତିଧ୍ୱନି ଉଦ୍‌ଘୋଷଣ–"ମୁଁ ସୁଭାଷ କହୁଛି" । ବିଶ୍ୱବାସୀ ; ସ୍ତବ୍ଧ ଆଟଲାଣ୍ଟିକ, ବିକ୍ଷୁବ୍ଧ ପ୍ରଶାନ୍ତ ରର ବକ୍ଷ ; ଭାରତୀୟ ଜାତୀୟ କଂଗ୍ରେସ ମହଲ ହତବାକ୍ ମହାତ୍ମାଜୀ ; ମିତ୍ରପକ୍ଷ ଶିବିର ସ୍ତମ୍ଭୀଭୂତ ; ର ବିଶ୍ୱ ଦରବାରେ ମହାଘୋର ଆତଙ୍କର ଘନଘଟା । ମିତ୍ରଶକ୍ତି ବିପକ୍ଷରେ ନିର୍ବିଶଙ୍କ ଅକ୍ଷଶକ୍ତିର ପ୍ରବଳତର ଆକ୍ରମଣ ଘନୀଭୂତ ହୋଇଉଠୁଥିବା ବେଳେ ରେ ତରମପନ୍ଥୀ ସୁଭାଷଙ୍କ ଆବିର୍ଭାବ କମ୍ ଉଦ୍‌ବେଗର ନୁହେଁ । ଏ ନିଶ୍ଚୟ ନୂଆ ଏକ ପ୍ରତିକୂଳ ମୋଡ଼ର । ଏହି ଅବକାଶରେ ସୁଭାଷିଙ୍କ ଉତ୍ସର୍ଗୀକୃତ ଜୀବନ, ତିକ ଆଭିମୁଖ୍ୟ ଏବଂ ଦୃଢ଼ ସଂକଳ୍ପବଦ୍ଧ ଦୁଃସ୍ତ ଅଭିଯାନର ମି ଉପରେ କିଞ୍ଚିତ ଲକ୍ଷ୍ୟପାତ କରାଯାଉ ।

ଗ ଅସାଧାରଣ ପ୍ରତିଭାଧର, ଅନନ୍ୟବ୍ୟକ୍ତିତ୍ୱ ଓ ଉତ୍ସର୍ଗିତ ର ଦୁର୍ଲ୍ଲଭଯୋଗ୍ୟ ପ୍ରତିନିଧି ସୁଭାଷ ଚନ୍ଦ୍ର ବୋଷ । ସୁନା ପାଟିରେ କାମୁଡ଼ି ଧରାକୁ ଆସିଥିଲେ ; ସାରା ଜୀବନ ଙ୍ଗରେ ଖେଳି କାରାବାସକୁ ସ୍ୱର୍ଗ ମଣିଲେ । ତିନିଗୋଟି ତ୍ତ୍ୱକୁ ସେ ଜୀବନାଦର୍ଶ ରୂପେ ବାଛି ନେଇଥିଲେ, -ଯୋଗ୍ୟତା, ଜନସେବା ଓ ଜାତିମୁକ୍ତି । ପ୍ରଥମରୁ ତାଙ୍କର ରେ ଥିଲା ବଳିଷ୍ଠ ଆଧ୍ୟାତ୍ମିକତାର ସ୍ପର୍ଶ । ଫଳତଃ ବ୍ୟକ୍ତି ରେ ଅନ୍ତର୍ଭୁକ୍ତ ଘଟିଥିଲା ନିଷ୍ଠା, ନିର୍ଭୀକତା, ନିରଳସତା, ବତା, ସ୍ପଷ୍ଟବାଦିତା ଓ ଦୂରଦର୍ଶିତାଦି ମାନବୀୟ ଦିବ୍ୟ ବଳୀ । ଅତଏବ ସୁନାକୁ ଯେପରି ଛାଞ୍ଚରେ ଢାଳିବ ସେପରି ନେବ । ସୁଭାଷଙ୍କର ବାଲ୍ୟସୁଲଭ ସରଳତରଳ ପ୍ରାଣ ପ୍ରବାହ ସୁରି ମଣିଷଗଢ଼ା ଛାଞ୍ଚରେ ଢାଳିହୋଇଥିଲା । ପରବର୍ତ୍ତୀ ମୟ ଜୀବନରେ ଜନେ ଦେଖିଲେ ସେ ପ୍ରମୂର୍ତ୍ତି ବିଗ୍ରହ ବାସ୍ତବ ହୀନ, ସତି ସୁନା ।

ପ୍ରଥମତଃ ଯୋଗ୍ୟତା ହିଁ ଜୀବନର ପ୍ରକୃତ ମାପକାଠି । ଯାଗ୍ୟ ବ୍ୟକ୍ତିତ୍ୱ ଗଠନର ମୂଳ ଉପାଦାନ ବିଦ୍ୟା ଏବଂ ଧନୋପାୟ ସୁଯୋଗ । କିଛି ଉଣା ନଥିଲା ସୁଭାଷଙ୍କର । ଟକ କଲିଜିଏଟ୍ ସ୍କୁଲରୁ କୃତିତ୍ୱର ସହ ପ୍ରବେଶିକା ପରୀକ୍ଷାରେ ର୍ଣ୍ଣ ହୋଇସାରେ କଲିକତା ମହାନଗରୀରେ ଉଚ୍ଚଶିକ୍ଷା ଲାଭକଲେ । ଛାତ୍ର ଜୀବନରୁ ନେତୃତ୍ୱର ଆସ୍ଫାଳନ କେତେକ ପରିମାଣରେ ଅବଶ୍ୟ ଉତିବାଧକ ହୋଇଛି, ପରନ୍ତୁ ପଥରୁ ନିବାରିପାରି ନାହିଁ । ବ୍ରିଟିଶ୍ ରାଜଧାନୀ ଇଂଲଣ୍ଡର ଲଣ୍ଡନ



ସହରର ସ୍ୱଳ୍ପକାଳ ରହଣି ମଧ୍ୟରେ ସେ ତଦାନୀନ୍ତନ ଭାରତୀୟ ପ୍ରଶାସନିକ ସେବା ଆଟ (I.C.S.) ନିଯୁକ୍ତି ନିମନ୍ତେ ଉଚ୍ଚିଷ୍ଠ କଷ୍ଟସାଧ୍ୟ ପରୀକ୍ଷାରେ ଚତୁର୍ଥ ସ୍ଥାନ ଅଧିକାର କରି ନିଜର ଅନନ୍ୟ ଯୋଗ୍ୟତା ପ୍ରତିପାଦନ କରି ପାରିଥିଲେ । ଜଣେ ଭାରତୀୟ ଯୁବ ସ୍ନାତକଙ୍କ ପକ୍ଷରେ କମ୍ ଗୌରବର କଥା ନୁହେଁ । ପରେ ପୁଣି ସେଭଳି ଉଚ୍ଚେନ୍ଦ୍ର ପଦବୀକୁ ଅକାତରେ ପ୍ରତ୍ୟାଖ୍ୟାନ କରିଦେବା କମ୍ ବଡ଼ ତ୍ୟାଗ ନୁହେଁ ।

ଶାସ୍ତ୍ରମତେ, ଜନସେବା ଈଶ୍ୱରଙ୍କ ସେବା । ସୁଭାଷ ଚନ୍ଦ୍ର ତାଙ୍କର କୋମଳ କୈଶୋରରୁ ଦୁଃଖ ଦୁର୍ଗତ ରୋଗଗ୍ରସ୍ତ ଅସହାୟ ଜନତାର ସେବାରେ ନିଜକୁ ପୂର୍ଣ୍ଣପ୍ରାଣରେ ଉତ୍ସର୍ଗ କରିଥିଲେ । ସେ କାଳର କଟକ ସହର ବସନ୍ତ ଓଲାଉଠା ପରି ପ୍ରାଣାତଙ୍କ କାରୀ ଦୁରାରୋଗ୍ୟ ମହାମାରୀର ବସାଘର ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଚିକିତ୍ସା ବ୍ୟବସ୍ଥା ବି ଆଜିକା ପରି ଏତେ ଉନ୍ନତ ନଥିଲା । ଲୋକ ମରୁଥିଲେ ପୋକ, ମାଛିପରି । କେହି ପାଖ ପଶୁନଥିଲେ । ଠାକୁରାଣୀଙ୍କ ଡ଼ରେ ଘରେ ଘରେ ତାଟି କବାଟ ପଡ଼ିଯାଉଥିଲା । ବଡ଼ଲୋକ ପିଲା ସୁଭାଷ ପିତାମାତାଙ୍କର ଆକଟ ନମାନି, ଜୀବନକୁ ପାଣିଛଡ଼ାଇ ବାଜିଲଗାଇ, ବଜାର ବଜାର ବୁଲି ରୋଗୀସେବା କରି ଗୁଲି ଥାନ୍ତି କି ଦିନ କି ରାତି । ଆଜି ବି ହୁଏତ କଟକ ଆକାଶକୁ କର୍ଣ୍ଣପାତିଲେ ପ୍ରତିଧ୍ୱନି ଛଳରେ ଶୁଣାଯିବ ସୁଭାଷୀୟ ସେବା ଧର୍ମର ଜୟଜୟକାର ।

ସେବାଧ୍ୟୟନାଦି କୃତିତ୍ୱ ଆତ୍ମୋନ୍ନତି ପାଇଁ ବ୍ୟକ୍ତିର ସ୍ୱୋପାର୍ଜିତ ସମ୍ବଳ । ଏହା କି ଜୀବନର ପରମାର୍ଥ ? ଜ୍ଞାନୋଦୟ କାଳୁ କର୍ଣ୍ଣରେ କୁଳିଶପାତ କରୁଛି । ପରାଧୀନା ମାତୃଭୂମିର ଆତୁର ଆହ୍ୱାନ–"ଜୟମାନସ୍ୟ ବୀରୋ ଜୟତାମ୍"–ଓଜସ୍ୱୀ ବୀରଶିଷ୍ଟ ଜନ୍ମଲାଭ କରି ଦେଶକୁ ଓଜସ୍ୱୀ କରନ୍ତୁ । ଶୃଙ୍ଖଳମୁକ୍ତ କରନ୍ତୁ । ଏକ ବଧିରିତ ଜାତିର ଦାୟାଦ ହେଲେ ହେଁ, ବଧିର ନୁହନ୍ତି ତାକାରଣ୍ଡଧର ସୁଭାଷ । ମାତୃମୁକ୍ତି ଯଜ୍ଞରେ ଝାସ ଦେବା ହିଁ ଶେଷ ନିଷ୍ପତ୍ତି । ବିଲାତରୁ ଫେରି ସିଧାସଳଖ ଯାଇ ବମ୍ବେଠାରେ ମହାତ୍ମା ଗାନ୍ଧୀଙ୍କ ସଙ୍ଗେ ସୌଜନ୍ୟମୂଳକ ସାକ୍ଷାତ କଲେ । ଉପଯୁକ୍ତ କର୍ଣ୍ଣଧାର ହାତରେ ପଡ଼ିଲେ ସ୍ରୋତର ପ୍ରତିକୂଳତା ଡଙ୍ଗାକୁ ଦୋହଲାଇ ନପାରେ । ଭାରତୀୟ ଜାତୀୟ କଂଗ୍ରେସରେ ସୁଭାଷ ଯୋଗଦେଲେ । ସ୍ୱକୀୟ ଯୋଗ୍ୟତାବଳରେ ଦିନେ କଂଗ୍ରେସ ସଙ୍ଗଠନର ସର୍ବୋଚ୍ଚ ସଭାପତି ଆସନ ଅଳଂକୃତ କଲେ । ରାଜନୀତି କ୍ଷେତ୍ରରେ ମତପାର୍ଥକ୍ୟ ରହିବ ହିଁ ରହିବ । ତଦାନୀନ୍ତନ ମହାତ୍ମାଙ୍କ ଅନୁସୃତ ଉଦାରପନ୍ଥୀ ରାଜନୀତିକୁ ସେ ଆଦୌ ଗ୍ରହଣ କରିପାରି ନଥିଲେ । ଅସ୍ତ୍ରବଳ ବିନା ଅହିଂସା ଅସହଯୋଗ ସତ୍ୟାଗ୍ରହ ଦ୍ୱାରା ସ୍ୱାଧୀନତା ପ୍ରାପ୍ତି ସୁଭାଷଙ୍କ ଦୃଷ୍ଟିରେ ଥିଲା ଆକାଶକୁସୁମ । ସେ ଥିଲେ ବିଦେଶୀ ଶାସନ ବିରୁଦ୍ଧରେ ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନର ପକ୍ଷପାତୀ । ସଶସ୍ତ୍ର ସଂଗ୍ରାମ ନୀତି ମହାତ୍ମାଙ୍କ ସମର୍ଥକ କଂଗ୍ରେସ ମହଲରେ ଘୋର ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି କଲା । ପଟ୍ଟାଭିଙ୍କ ବିରୁଦ୍ଧରେ ଦ୍ୱିତୀୟ ବାର କଂଗ୍ରେସ ସଭାପତି ଆସନରେ ସୁଭାଷଙ୍କ ବିଜୟକୁ ନିଜର

ପରାଜୟ ବୋଲି ଗାନ୍ଧିଜୀ ପ୍ରକାଶ୍ୟରେ କ୍ଷୋଭ ପ୍ରକାଶ କଲେ । ତାଙ୍କର କାର୍ଯ୍ୟକାରୀ ପାର୍ଷଦ ଗଠନ ଓ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କ୍ଷେତ୍ରରେ ଅନତିକ୍ରମଣୀୟ ପ୍ରତିବନ୍ଧକମାନ ସୃଷ୍ଟି କରାଗଲା । ଅତିଷ୍ଠ ସୁଭାଷ ନାଚାର । ନୀତିଗତ ବିରୋଧତା ସତ୍ତ୍ୱେ ମହାସାଙ୍କ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଓ ପ୍ରଭାବଶାଳୀ ନେତୃତ୍ୱ ପ୍ରତି ତାଙ୍କର ଗଭୀର ଆସ୍ଥା ଏବଂ ସମ୍ମାନବୋଧ ଥିଲା । ସହଗାମୀ ସହକର୍ମୀଙ୍କ ସହିତ ସମ୍ପର୍କକୁ ଅଧିକ କ୍ଷୁର୍ଣ୍ଣ ଏବଂ ମୂଳ ସଙ୍ଗଠନକୁ ଦୁର୍ବଳ ହେବାକୁ ନଦେବା ଲକ୍ଷ୍ୟରେ ପରାଙ୍ମୁଖ ସୁଭାଷ କଂଗ୍ରେସ ସଭାପତି ପଦ ପରିତ୍ୟାଗ ସଙ୍ଗେ 'ଫରଓ୍ୱାର୍ଡ଼୍ ବ୍ଲକ୍' (Forward Block) ନାମରେ ପୃଥକ୍ ଗୋଟିଏ, ବାମପନ୍ଥୀ ସଂଗ୍ରାମୀ ଗୋଷ୍ଠୀ ଗଢ଼ିଲେ । ଦେଶର ଆଶୁ ସ୍ୱାଧୀନତା ହାସଲ ପାଇଁ ଯେସାକୁ ତେଜୋ ନୀତିରେ ଅନମନୀୟ ପ୍ରତିପକ୍ଷ ବିପକ୍ଷରେ ସାହସିକ ଅସୋଓାଜନ କରିବା ହେଲା ଏ ନବସଙ୍ଗଠନର ରାଜନୈତିକ ଆଦର୍ଶବାଦ । ଏ ସବୁ ଦ୍ୱିତୀୟ ପୃଥିବୀ ମହାସମରର ପ୍ରାରମ୍ଭ ପର୍ଯ୍ୟାୟ ଚତୁର୍ଥ ଦଶକି ଶେଷଭାଗର ଘଟଣାବଳୀ । ଶୃଙ୍ଖଳାବିରୋଧୀ ଅଭିଯୋଗରେ କଂଗ୍ରେସରୁ ବିତାଡ଼ିତ ହୋଇ ସେ ଦ୍ୱିଗୁଣ ଉତ୍ସାହରେ ଦୁଃସାହସିକ ପଦକ୍ଷେପ ନେଇ, ବିଦ୍ରୋହର ମଶାଲ ଜାଳି, ବଜ୍ରକଣ୍ଠ ଆହ୍ୱାନରେ ସାରା ଦେଶଟାକୁ ଅଗ୍ନିକଣ୍ଠ ଉତ୍ତେଜନାରେ ଭରିଦେଲେ । ଅଥୟ ହୋଇପଡ଼ିଲା ବିଦେଶୀ ଶାସନତନ୍ତ୍ର । ଲମ୍ଫୋ ଦ୍ୟତ ସିଂହକୁ କାରା ପିଞ୍ଜରାବଦ୍ଧ କରିବା ତକ ତର ସହିଲା ନାହିଁ । ଶେଷେ ତାହା ହିଁ ହେଲା । ପରନ୍ତୁ କାଳର ବିଡ଼ମ୍ବନା ହେଉ କି ଅବା ବିଧିର ବୈଚିତ୍ର୍ୟ ହେଉ, ସେହି କାରାବାସ ବିଦେଶୀଶକ୍ତି ସାହଚର୍ଯ୍ୟରେ ଭାବୀ ସଶସ୍ତ୍ର ସଂଗ୍ରାମର ରୂପରେଖ ପ୍ରଣୟନ ପାଇଁ ଅପୂର୍ବ ସୁଯୋଗ ଦେଲା ସୁଭାଷଙ୍କୁ । ଅସଲ ବେଳେ ତାତିଲା ଲୁହାକୁ ହାତୁଡ଼ି ପାହାର ବସାଇବାକୁ ହେବ । ଛାଡ଼ିବାକୁ ହେବ ଦେଶମାଟି । ମାତ୍ର ଖସିବାର ଉପାୟ ! ମହାଭାରତର ମହାରଥୀ କର୍ଣ୍ଣ ଘୋଷଣା କରିଥିଲେ—"ମମାୟତ୍ତ ତ ପୌରୁଷମ୍" । ବଞ୍ଚିବି କି ମରିବି, ସେ ନିଷ୍ପତ୍ତି ମୋର, ଅନ୍ୟ କାହାରି ନୁହେଁ—କାରାକକ୍ଷରୁ କର୍ତ୍ତୃପକ୍ଷଙ୍କୁ ସୁଭାଷ ଏକ ଧମକପୂର୍ଣ୍ଣ ଚିଠି ଦ୍ୱାରା ଚରମ ଆହ୍ୱାନ ଶୁଣାଇଦେଲେ—ମୋତେ ସହସା ଖଲାସ କର, ନଚେତ୍ ମୁଁ ଆମରଣ ଅନଶନ ସତ୍ୟାଗ୍ରହ କରିବି । ନିଷ୍ପତ୍ତି ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ହେଲା । କମ୍ପିଉଠିଲା ଶାସନ ମହଲ । ଚହଲ ପଡ଼ିଗଲା ସାରା ଦେଶରେ । ଏପରି କି ଦେଶୀୟ ସିପାହୀ ଓ ସୈନିକ ମହଲରେ ଚୁପା ଗୁଞ୍ଜରଣର ଆଭାସ ।' କଳ ଅଚଳ, କୌଶଳ ପ୍ରତିହତ । ବନ୍ଦିଶାଳାରେ ସୁଭାଷଙ୍କର ଯଦି କିଛି ଅନିଷ୍ଟ ଘଟିଯାଏ, ହୁ ହୁ ଜଳିଉଠିବ ସାରା ଭାରତ । ଭୀତତ୍ରସ୍ତ ସରକାରୀ କର୍ତ୍ତୃପକ୍ଷ ତାଙ୍କୁ ଅଚିରାତ୍ କାରାମୁକ୍ତ କରି ଗୃହବନ୍ଦୀ ଭାବରେ ତାଙ୍କ ନିଜଘରେ ରଖିଲେ—ବହୁ କଡ଼ାକଟକଣା ଭିତରେ ।

ସେଦିନ ଜାନୁଆରୀ ୧୭ ତାରିଖ, ୧୯୪୧ ମସିହା, ପ୍ରାୟ ବ୍ରାହ୍ମମୁହୂର୍ତ୍ତ । ଇତିହାସ ସ୍ଥିର କରିବ ସେଇଟା ଶୁଭ କି ଅଶୁଭ ଲଗ୍ନ । କାରଟିଏ ଦୁଆରେ ଉଭା । ଘରୁ ବାହାରିଲେ ଇସ୍ଲାମ୍ ଧର୍ମଗୁରୁ ମୌଲବୀ ଜିଆଉଦ୍ଦିନ୍ । ଅବିକଳ ଚେହେରା : ଆଲଖାଲ ପରାହତ । ସଙ୍ଗରେ ସାମାନ୍ୟ କିଛି ଚଳଣି ସାମଗ୍ରୀ । ମାତୃଭୂମିର ମମତା, ପିତୃଗୃହର ମାୟା କିମ୍ବା ହୃଦୟରୁ ଅପସରି ଯାଇଛି କିଛିକାଳ ପାଇଁ, ତୁଟି ଯାଇ ନାହିଁ । କାଳଚକ୍ରପରି ଘୂରୁଛି ସଜାଗ ଆରକ୍ଷୀ ବାହିନୀର ଆଖି । ମାଛିଟାଏ ଦୃଷ୍ଟିରେ ପଡ଼ିଲେ ନବଖଣ୍ଡ । ସଭୀତସାଶ୍ରୁଳ ପ୍ରହରୀ ଆରୀମାନଙ୍କୁ ହାର୍ଦ୍ଦିକ ପ୍ରବୋଧନା ଦେଇ ଗାଡ଼ିରେ ବସିଲେ । ଉଡ଼ିଲା ଗାଡ଼ି, ଛାଡ଼ିଲେ ଦେଶ । ଏକପ୍ରକାର ମରଣକୁ ବେକରେ ବାନ୍ଧି, ଗମ୍ୟ ଅଗମ୍ୟ ଦୁରଦୁରାନ୍ତ ପଥ ଅତିକ୍ରମି ପହଞ୍ଚିଲେ ଆଫଗାନ୍ ରାଜଧାନୀ କାବୁଲ୍‌ରେ ଏବଂ ସେଠାରୁ ସୋଭିଏଟ୍ ଋଷିଆରେ । ଏଣେ ରାତି ପାହିଲା ବେଳକୁ କାମ ଫତେ । ସୁଭାଷ ଅନ୍ତର୍ଦ୍ଧାନ, କଲିକତା ମହାନଗରୀ ହୁଲସ୍ଥୁଲ୍ । ବ୍ରିଟିଶ୍ ଶାସକେ ଫତୁଆ । ଋଷିଆର ଲୁହାପରଦା ଆଢ଼ୁଆଳରେ ରହି ଲକ୍ଷ୍ୟ ହାସଲ କରିବାର ପରିକଳ୍ପନା ଫଳବତୀ ହେଲା ନାହିଁ । ସୁଭାଷ ତ ନିରାଶରେ ଭାଙ୍ଗି ପଡ଼ିବାର ପାତ୍ର ନୁହନ୍ତି । ଅସୀମ ସାହସ ବାନ୍ଧି ଯେହ୍ନେ କେହ୍ନେ ଅକ୍ଷଶକ୍ତି ରଣଦୁର୍ଗ ଜର୍ମାନୀର ବର୍ଲିନ୍‌ରେ ପହଞ୍ଚି ମହାମହିମ ହିଟ୍‌ଲର୍‌ଙ୍କ ସହିତ ହାତମିଳାଇ ଅନତି ବିଳମ୍ବେ ବିଶ୍ୱ ସମ୍ମୁଖରେ ଆତ୍ମପ୍ରକାଶ କଲେ, ପରନ୍ତୁ ହିଟଲର୍—ମସୋଲିନି ଶିବିରରୁ ଆଶାନୁରୂପ ସହାୟତାର ସମ୍ଭାବନା ନ ଦେଖି ଗୋଟିଏ ଜର୍ମାନୀ ବୁଡ଼ାଜାହାଜରେ ଜାପାନକୁ ଖସି ଚାଲିଗଲେ । ସେଠାରେ ତାଙ୍କୁ ଯଥେଷ୍ଟ ଉତ୍ସାହ ଓ ଉପାୟ ମିଳିଲା । ସେତେବେଳକୁ ବର୍ମା, ମାଳୟ, ସିଙ୍ଗାପୁର ଓ ଦକ୍ଷିଣ ପୂର୍ବ ଏସିଆ ଅଞ୍ଚଳ ସମେତ ଭାରତ ଶାସନାଧୀନ ଆଣ୍ଡାମାନ—ନିକୋବର ଦ୍ୱୀପ ସମୂହ ଜାପାନ ଦ୍ୱାରା କବଳିତ ହୋଇ ସାରିଥାଏ । ବଢ଼ିଚାଲି ଥାଏ ଜାପାନ ସେନାର ଅଗ୍ରଗତି, ଭାଙ୍ଗିପଡୁଥାଏ ବିପର୍ଯ୍ୟସ୍ତ ମିତ୍ରପକ୍ଷ ବାହିନୀର ନୈତିକ ମେରୁଦଣ୍ଡ । ଏହାହିଁ ପ୍ରକୃଷ୍ଟ ଅବସର । ସୁଭାଷ ନେଲେ ଆଗ୍ନେୟ ଶପଥ । ଉଜ୍ଜ୍ୱଳ ହୋଇ ଉଠିଲା ଅମ୍ବର ଳେ ଭାରତ ବିଜୟର ସ୍ୱପ୍ନ । ଜାପାନର ସୌଜନ୍ୟ ଓ ସକ୍ରିୟ ସହଯୋଗରୁ ଦକ୍ଷିଣ—ପୂର୍ବ ଏସିଆର ସହସ୍ର ସହସ୍ର ଭାରତୀୟ ଯୁଦ୍ଧବନ୍ଦୀଙ୍କୁ ସଙ୍ଗଠିତ ଏବଂ ମାତୃମୁକ୍ତି ମନ୍ତ୍ରରେ ଦୀକ୍ଷିତ କରି ସୁଭାଷ ଗଢ଼ିଲେ ପରାକ୍ରାନ୍ତ ଭାରତୀୟ ଜାତୀୟ ସେନା ଏବଂ ବିଦେଶୀ ଭୂମିରେ ତାଙ୍କର ଅଧିନାୟକ-ତ୍ୱରେ ପ୍ରତିଷ୍ଠିତ ହେଲା ନିର୍ବାସିତ ଭାରତୀୟ ଜାତୀୟ ସରକାର, ଯେ କି ନଅଟି ଦେଶର ସ୍ୱୀକୃତି ଲାଭକରିପାରିଥିଲା । ମୂଳଭାରତ ଭୂଖଣ୍ଡର ଅଦୂର ଅଂଶ ବିଶେଷ ଆଣ୍ଡାମାନ ଦ୍ୱୀପକୁ ଅଧିକାର ମୁକ୍ତକରି ଜାପାନ ସରକାର ନିର୍ବାସିତ ଭାରତ ସରକାରକୁ ସମର୍ପି ଦେଲେ । ପୋର୍ଟବ୍ଲେୟାର୍ ଶାସନ ଦପ୍ତର ଉପରେ ସଗୌରବେ ଉଡ଼ିଲା ଭାରତୀୟ ଜାତୀୟତ୍ରିରଙ୍ଗୀ ପତାକା । ଦିନେ ସେ ତାଙ୍କର ପ୍ରିୟ ଜାତି ପାଖରେ ହାତ—ପାତିଥିଲେ, "ମୋତେ କେତେକ ନିର୍ମଳ ଓ ନିଃସ୍ୱାର୍ଥ ନରନାରୀ ଦିଅ—ମୁଁ ପୃଥିବୀକୁ ଦୋହଲାଇ ଦେବି—I shall shake the world" । ସିଦ୍ଧହେଲା ତାଙ୍କର ସେ ବୀରୋଚିତ ଆଗ୍ନେୟ ପ୍ରତିଶ୍ରୁତି । ଆଉ ସେ ନେତା ନୁହନ୍ତି,

; ସାଧାରଣ ବାନର ସେନା ନୁହଁନ୍ତି, ଏକ
–ସୁଶିକ୍ଷିତ–ସୁସଜ୍ଜିତ ଦୁର୍ବାର ଆଜାଦ୍ ହିନ୍ଦ୍ ଫୌଜ୍‌ର
.) ସର୍ବମୟ ସେନାଧକ୍ଷ । ଜାପାନ ଅଧିକୃତ ବର୍ମାର
ଟପି ବ୍ରିଟିଶ୍ ଭାରତର ବ୍ୟୁହ ଭେଦିବାକୁ ଜାତୀୟ ବାହିନୀ
ଜିଣିଲେ ଯଶ, ଭାରତ ମାଟିରେ ରକ୍ତ ଢାଳି ପ୍ରାଣ
ପୌରୁଷପୂର୍ଣ୍ଣ ସ୍ୱର୍ଗବାସ । ଲକ୍ଷ୍ୟ ଦିଲ୍ଲୀ ଅଧିକାର ଏବଂ
ଲାଲକିଲ୍ଲା ଉପରେ ସ୍ୱାଧୀନ ଭାରତର ଜାତୀୟ ପତାକା
ନ । ଗର୍ଜି ଉଠିଲା ସିଂହନାଦୀ ସୁଭାଷ କଣ୍ଠ — "ଚଲୋ
ନାଗା ଅଧ୍ୟୁଷିତ ଅଞ୍ଚଳର ଦୁର୍ଗମ ବନଗିରି ଭେଦି ଧସାଇ
ଆଜାଦ୍ ହିନ୍ଦ୍ ସ୍ଥଳବାହିନୀ ଆଗକୁ ଆଗ । ପଛରେ
କ ସହାୟତା ପାଇଁ ଅଛନ୍ତି ଜାପାନୀ ସେନା । ନାଗା ଭୂମି
, ରାଜଧାନୀ କୋହିମା ଆକାଶରେ ଉଡ଼ିଲା ଆଜାଦ୍ ହିନ୍ଦ୍
ର ବିଜୟ ପତାକା । ପଛଘୁଞ୍ଚା ଦେଇଗଲେ ମୁହ୍ୟମାନ
ବ୍ରିଟିଶ୍ କେଶରୀ ଦଳ । ଦୁର୍ଭାଗ୍ୟବଶତଃ ମଣିପୁର
ନୀ ଇମ୍ଫଲ ଦଖଲର ନିର୍ଦ୍ଧାରିତ ଲକ୍ଷ୍ୟ ବ୍ୟାହତ ହେଲା ।
ମିତେ ଜାପାନ ଆବଶ୍ୟକ ରସଦ, ଔଷଧ ଆଦି ଯୋଗାଇ
ନାହିଁ । ପ୍ରତିକୂଳ ପରିସ୍ଥିତିରେ ଅଧିକ ଆଗାଇବା ସମ୍ଭବ
ନାହିଁ ।

ାକସ୍ୟ କୁଟିଳା ଗତି" । ଦେବଙ୍କୁ ବି ଅଗୋଚର ପୁରୁଷର
। ଇତିହାସର ମହାଘୋର କାଳସମ୍ବର ୧୯୪୫ ଅଗଷ୍ଟ
୬ ନଅ ତାରିଖରେ ଜାପାନର ଦୁଇ ସମୃଦ୍ଧ ଶିଳ୍ପ ନଗରୀ
ସୀମା ଓ ନାଗାସାକୀ ଉପରେ ପଡ଼ିଲା ଆମେରିକା
ାଷ୍ଟ୍ରର ପ୍ରଥମ ମହାଧ୍ୱଂସୀ ପରମାଣୁ ବୋମା । ବିଜିତ ଶକ୍ତି
ବିଜୟୀ ଶକ୍ତି ନିକଟରେ ଆତ୍ମ ସମର୍ପଣ କରିଦେଲେ ।
ବିଶ୍ୱଗ୍ରାସୀ ପ୍ରଳୟଙ୍କରୀ ଯୁଦ୍ଧାଗ୍ନି ନିର୍ବାପିତ । ବିଶ୍ୱବାସୀ
। ସର୍ବତ୍ର ରବ ଉଠିଲା ସୁଭାଷ କେଉଁଠି ? ତାଙ୍କର
ଏବଂ ଭବିଷ୍ୟତ ପରିଣତି କ'ଣ ? ଶତ୍ରୁ ହାତରେ ଧରାପଡ଼ି
ମହାନ ବୀର ପୁରୁଷ ସାଧାରଣ ଯୁଦ୍ଧ ବନ୍ଦୀର ଦଶା ଭୋଗିବେ
ତ ? ଖବର ପ୍ରଚାରିତ ହେଲା, ସେହି ୧୯୪୫ ଅଗଷ୍ଟ ୧୮
ଖରେ, କୌଣସି ଅଜ୍ଞାତ ସ୍ଥାନକୁ ବିମାନ ଯାତ୍ରା କାଳରେ ଏକ
ଗ୍ୟ ଜନକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି ।
ଥ୍ୟାପତ୍ୟ ଏବେ ବି ପ୍ରଶ୍ନବାଚୀର ପରିଧି ଭିତରେ ଘୋର
ନ୍ଦମାନ । ଏବେ ଜାନେସ୍କି ଯଶିମି ନାମକ ଜ ଣେ ଜାପାନୀ
ରଙ୍କ ସାକ୍ଷାତ୍କାର ବୟାନକୁ ଜଣାଯାଏ, ତାଇୱାନ୍‌ର
ଇହୋକୁ ଆର୍ମି ହସ୍ପିଟାଲରେ ସେ ସୁଭାଷଙ୍କୁ ଅଗ୍ନିଦଗ୍ଧ ଅବସ୍ଥାରେ
ଖିଲା କରିଥିଲେ ଏବଂ ଯନ୍ତ୍ରଣା ଉପଶମନାର୍ଥେ ଗୋଟିଏ
ଜେକ୍ସନ୍ ଦେବା ପରେ ପରେ ନିଦ୍ରିତ ଅବସ୍ଥାରେ ତାଙ୍କର
ାଣବାୟୁ ଉଡ଼ିଯାଇଥିଲା (ଦ୍ରଷ୍ଟବ୍ୟ–ପ୍ରଗତିବାଦୀ
୧୬–୧୨–୧୯୯୫, ପୃ–୧) । ଏ ତଥ୍ୟ ଅନିସନ୍ଧିତ୍ସୁଙ୍କ ପକ୍ଷରେ
ରେଟ୍ରୁର ଗ୍ରହଣୀୟ ହେବ ବୁଝାଯାଇ ନପାରେ । ଶତାବ୍ଦୀ ଏତ
ଭୋଗହେବାକୁ ବସିଲାଣି । ଆଉ କେତେ କାଳ ତାଙ୍କୁ ରହସ୍ୟ
ସେରରେ ବନ୍ଦାଇ ରଖିବା କେଜାଣେ ? ଶୋଲିମାରି ସାଧୁଙ୍କଠୁ
ନିଶାସ ହେବା ପରେ ବି ତଥାପି ଭରସା ତୁଟି ନାହିଁ । କିପରି
ତୁଟିବ ? ସେ ତ ଆଉ ସାଧାରଣ ମରଣଶୀଳ, ମଣିଷ ନୁହନ୍ତି,
ଯଶୋଦେହୀ । ସେ କୀର୍ତ୍ତିଭାସ୍ୱର ସେ ଅବିନଶ୍ୱର । ସୁଭାଷଙ୍କ
ନାମ ପଢ଼ିଲେ ସ୍ମୃତିକୁ ଆସନ୍ତି ଦ୍ୱାପରର ଦେବବ୍ରତ ଭୀଷ୍ମ ।
ପୁରାଣ ପ୍ରସିଦ୍ଧ ଭରତବଂଶର ଯଶଃ ଏବଂ ପିତୃପିତାମହ
ପରିପାଳିତ ହସ୍ତିନାପୁରର ଅଖଣ୍ଡ ଗୌରବରକ୍ଷିମା ଅଦ୍ଭୁତ–ଅସ୍ଥାନ

ରଖିବାର ପଣକରି ଦେବବ୍ରତ ହେଲେ ଭୀଷ୍ମ । ପିତାଙ୍କର ପ୍ରୀତିଅର୍ଥେ କନ୍ୟା ସତ୍ୟବତୀଙ୍କ ପାଣିପ୍ରାର୍ଥନା କରିବାକୁ ଯାଇ ସେ ଯେଉଁ କଠୋର ପ୍ରତିଜ୍ଞା କରିଥିଲେ ପୁରାଣ ପୃଷ୍ଠାରେ ତାହା ସ୍ୱର୍ଣ୍ଣାକ୍ଷରେ ଜାଜ୍ୱଲ୍ୟମାନ ;

"ଅଦ୍ୟପ୍ରଭୃତି ମେ ଦାଶ ବ୍ରହ୍ମଚର୍ଯ୍ୟ ଭବିଷ୍ୟତି
ଅପୁତ୍ରସ୍ୟାପି ମେ ଲୋକା ଭବିଷ୍ୟନ୍ତ୍ୟକ୍ଷୟାଦିବି

(ମହାଭାଃ : ଆଦିପର୍ବ: ୧୦୦/୯୬)

ଏଥିଲା କନ୍ୟାପିତା ଦାଶରାଜଙ୍କୁ ତାଙ୍କର ଦୃଢ ପ୍ରତିଶ୍ରୁତି । ଆଜିଠାରୁ ମୁଁ ଅଖଣ୍ଡ ବ୍ରହ୍ମଚର୍ଯ୍ୟବ୍ରତୀ ହେଲି । ଅପୁତ୍ରକ ହେଲେ ସୁଦ୍ଧା ସ୍ୱର୍ଗରେ ମୋତେ ଅକ୍ଷୟ ଲୋକ ପ୍ରାପ୍ତ ହେବ । ଓଃ! କି ଭୀଷଣ ପ୍ରତିଜ୍ଞା !! ଅନ୍ତରିକ୍ଷବାସୀ ଦେବଋଷି ଆଦି ପୁଷ୍ପ ବୃଷ୍ଟି ପୂର୍ବକ କହିଲେ–"ଭୀଷ୍ମୋଽୟମିତି ଃବବ୍ରୁବନ୍"–ଏଭଳିଙ୍କର ପ୍ରତିଜ୍ଞାକାରୀ ରାଜକୁମାର 'ଭୀଷ୍ମ' ଅଟନ୍ତି । ତାଙ୍କର ଦୁଷ୍କର କର୍ମ ନିମନ୍ତେ ପ୍ରୀତିପୂର୍ଣ୍ଣ ପିତା ଶାନ୍ତନୁ ଭୀଷ୍ମଙ୍କୁ 'ସ୍ୱେଚ୍ଛା ମୃତ୍ୟୁ' ବର ପ୍ରଦାନ କଲେ ; ସ୍ୱଚ୍ଛନ୍ଦ ମରଣଂ ତୁଷ୍ଟୋ ଦଦୌ ତସ୍ମୈ ମହାତ୍ମନେ" (୧୦୦/୧୦୨) । ରାଜପଦ ତ୍ୟାଗୀ, ଆଜନ୍ମ ବ୍ରହ୍ମଚାରୀ, କୌରବକୁଳ ଗୌରବ ସଚେତନ, କର୍ତ୍ତବ୍ୟ ନିଷ୍ଠ, ନୀତିବାନ୍ ପିତାମହ ଭୀଷ୍ମ ପୈତୃକ ରାଜ୍ୟ ରକ୍ଷାର୍ଥେ ମହାଭାରତ ସମରାଙ୍ଗନରେ ଅସ୍ତ୍ରଧାରଣ କଲେ । ଦୀର୍ଘ ଏଗାର ଦିନ କାଳ ପ୍ରଚଣ୍ଡ ସଂଗ୍ରାମ କରି ଶେଷେ ସ୍ୱେଚ୍ଛାରେ ଶରଶଯ୍ୟା କରି ପ୍ରାଣହାରିଲେ । ଏପରି କାଳଜୟୀ ପୁରୁଷ ପୁଙ୍ଗବଙ୍କର ମୃତ୍ୟୁ କାହିଁ ? ବୀରପୁଙ୍ଗବ ସୁଭାଷଙ୍କୁ ତାଙ୍କରି କୋଟୀରେ ସ୍ଥାପିବାକୁ ଆମ୍ଭେ ଦ୍ୱିଧାହୀନ । ଜାତି ଓ ଜନ୍ମଭୂମିର ମାନ ଉଦ୍ଧାରଣ କଳ୍ପେ ସେ ଥିଲେ ଭୀଷ୍ମପ୍ରତିଜ୍ଞ । ସେଥିପାଇଁ ତାଙ୍କ ତ୍ୟାଗର ପଟାନ୍ତର ନାହିଁ । ଇନ୍ଦ୍ର ପଦତୁଲ୍ୟ ରାଜସେବା ପଦକୁ ତୁଚ୍ଛ କରିଦେଲେ । ସମ୍ପଦ ସମ୍ଭ୍ରମ, ଦାରପୁତ୍ରାଦି ମାନବୀୟ ଆସକ୍ତି ପୂର୍ଣ୍ଣ ଦୃଢ ସାଂସାରିକ ବନ୍ଧନକୁ ଜୀବନରେ ଛିନ୍ନ କରିଦେଲେ । ଦେଶ ଓ ଦଶର ସ୍ୱାର୍ଥସାଧନ କଳ୍ପେ ବ୍ୟକ୍ତି ସ୍ୱାର୍ଥକୁ ସମୂଳେ ବଳିଦେଲେ । "ମନ୍ତ୍ରଂ ବା ସାଧୟେତ୍ ଶରୀରଂ ବା ପାତୟେତ୍ଂ–ବୀରୋଚିତ ସଂକଳ୍ପ ବାକ୍ୟ ହେଲା ତାଙ୍କର ଲକ୍ଷ୍ୟନିଷ୍ଠ ଜୀବନାଦର୍ଶ ଏବଂ ରାଜନୈତିକ ସମସ୍ୟା ସମାଧାନର ପ୍ରୋତ୍ସାହନ ସୂତ୍ର । ତାଙ୍କ ଅନ୍ତରରେ ସତତ ପ୍ରତିଧ୍ୱନିତ ହେଉଥିଲା ଶ୍ରୀମଦ୍ ଗୀତାର ଦ୍ୱିଧାଗ୍ରସ୍ତ ଅର୍ଜୁନଙ୍କ ପ୍ରତି ଶ୍ରୀକୃଷ୍ଣଙ୍କ ତତ୍ତ୍ୱପୂର୍ଣ୍ଣ ପ୍ରୋତ୍ସାହନ ବାକ୍ୟ । ଦେଶର ଘୋର ସଙ୍କଟ କାଳରେ ଅନାର୍ଯ୍ୟ ଜନୋଚିତ ଓ ଅଯଶସ୍କର ମୋହ ତାଙ୍କୁ ଘାରି ନଥିଲା । ଅନିବାର୍ଯ୍ୟ ରକ୍ତପାତ ଆଶଙ୍କା ଜନିତ ହୃଦୟ ଦୌର୍ବଲ୍ୟ ତାଙ୍କୁ ଟିକେ ହେଁ ଲକ୍ଷ୍ୟଚ୍ୟୁତ କି କକ୍ଷଚ୍ୟୁତ କରିନାହିଁ । "ହତୋବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍" (ଗୀତା: ୨/୩୭), ଯୁଦ୍ଧକରି ମୃତ୍ୟୁ ବରିଲେ ସ୍ୱର୍ଗପ୍ରାପ୍ତି, ଶତ୍ରୁ ଜିଣିଲେ (ସ୍ୱାଧୀନ) ପୃଥ୍ୱୀ ଭୋଗ; ଯୁଗେ ଯୁଗେ ଏ ମହାମନ୍ତ୍ର ଭାରତୀୟ ବୀର ରକ୍ତକୁ ଉଷ୍ଣ କରିଛି । ସେହି ଅଜେୟ ଇତିହାସ ପୁରୁଷ ସୁଭାଷ ଚନ୍ଦ୍ର ଭୀଷ୍ମୋପମ ବୀରଦର୍ପରେ ଲଢ଼ି ଲଢ଼ି ଅବଶେଷେ ଧରାପୃଷ୍ଠର କେଉଁ ଅଜ୍ଞାତ କୋଣରେ ସ୍ୱେଚ୍ଛାରେ ଶରଶଯ୍ୟାଶାୟୀ ହୋଇଗଲେ । ଇତିହାସର ବ୍ୟାଖ୍ୟା ଯାହାହେଉ ନା କାହିଁକି, ବୀରଗତି ମୃତ୍ୟୁ ନୁହେଁ, ମୁକ୍ତି ।

ସ୍ନେହ ନିବାସ,
୪୨୨, ସହିଦ ନଗର, ଭୁବନେଶ୍ୱର-୭

# ନେତାଜୀଙ୍କ ରହସ୍ୟମୟ ଅନ୍ତର୍ଦ୍ଧାନ

**ଶ୍ରୀ ହେମନ୍ତ କୁମାର ଦାଶ**

୧୯୪୧ ମସିହା ଜାନୁଆରୀ ୧୭ ତାରିଖ । ଗୁରୁବାର । ରାତି ସାଢ଼େ ଗୋଟାଏ । କଲିକତା ମହାନଗରୀର ୩୮/୨ ଏଲ୍‌ଗିନ୍ ରୋଡ଼ରେ ଥିବା ଗୋଟିଏ କୋଠାଘରୁ 'ଓଣ୍ଡାନ୍‌ଡ଼ାର୍ କାର୍‌ଟିଏ ବାହାରି ଅଦୃଶ୍ୟ ହୋଇଗଲା । ଆକାଶରେ ସଫେଦ୍ ଜହ୍ନ । ମେଣ୍ଟା ମେଣ୍ଟା । ଜହ୍ନ ଆଲୁଅରେ ସବୁକିଛି ସ୍ପଷ୍ଟ ଦେଖା ଯାଉଥିଲା । କୋଠାଘର ଆଗରେ ଧଳା ପୋଷାକ ପିନ୍ଧା ସି:ଆଇ:ଡ଼ି: କର୍ମଚାରୀମାନେ ଜଗିରହିଥିଲେ ମଧ୍ୟ କେହି କିଛି ଜାଣି ପାରିନଥିଲେ । କାର୍ ଭିତରେ ଥିଲେ ଦୁଇଜଣ ଆରୋହୀ । ବିଶ୍ୱର ଅଦ୍ୱିତୀୟ ବୀର ନେତାଜୀ ସୁଭାଷ ଓ ତାଙ୍କ ପୁତୁରା ଶିଶିର ବସୁ । ଶିଶିର ସେତେବେଳେ ତୃତୀୟବର୍ଷର ମେଡ଼ିକାଲ ଛାତ୍ର । ପିଲାଦିନୁ ସୁଭାଷ ଭଲ ଲୁଚକାଳି ଖେଳ ଖେଳିପାରୁଥିଲେ । ତେଣୁ ସୁଦକ୍ଷ ଖେଳାଳିଙ୍କୁ ଧରିବା କାହା ପକ୍ଷରେ ସମ୍ଭବ ହୋଇନଥିଲା । ତାଙ୍କ ନିଜର ବିଶାଳ ପରିବାର ଭିତରେ ଶୁକର, ପୂଜାରୀ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ଏହି ଐତିହାସିକ ଅନ୍ତର୍ଦ୍ଧାନର ସୁରାକ୍ ମଧ୍ୟ ପାଇନଥିଲେ । ଅନ୍ତର୍ଦ୍ଧାନପର୍ବର ବହୁ ଆଗରୁ ବେଶ୍ ନାଟକୀୟ ପ୍ରସ୍ତୁତିପର୍ବ ମଧ୍ୟ ସରିଥିଲା । ଭାରତରୁ ଗଲାବେଳେ ସେ ସୁଭାଷ ରୂପେ ଯାଇଥିଲେ କିନ୍ତୁ ଫେରୁଥିବା ବେଳେ ଲୋକେ ତାଙ୍କୁ ନେତାଜୀ ଡାକୁଥିଲେ ।

ଗୃହବନ୍ଦୀ ଅବସ୍ଥାରେ ସୁଭାଷ ଆଦୌ ପଦାକୁ ବାହାରୁନ'ଥିଲେ । ଏଲ୍‌ଗିନ୍ ରୋଡ଼ର ସେହି ଘର ଭିତରେ ଘଣ୍ଟା ଘଣ୍ଟା ଧରି ରେଡ଼ିଓରୁ ବିଦେଶ ସମ୍ବାଦ ଶୁଣି ନିଜ ପରିକଳ୍ପନାକୁ ରୂପ ଦେଉଥିଲେ । ନିଜ ପୁତୁରା ଶିଶିରଙ୍କୁ ପଠାଇ ବଜାରରୁ ପାଇଜାମା, ସୁଟକେଶ୍, ଆଟାଚି, କଲାଫେଜ୍ ଟୋପି କିଣିଥିଲେ । ପୋଷାକ ପିନ୍ଧି ଥରେ ଦି'ଥର ଲମ୍ବା ଦର୍ପଣ ଆଗରେ ନିଜେ ନିଜକୁ ଦେଖିନେଇଥିଲେ । ବାଟରେ କାହା ସାଥିରେ କଥାବାର୍ତ୍ତା ନ'ହେବା ଲାଗି ଭିଜିଟିଂ କାର୍ଡ଼ ଛପା ହୋଇଥିଲା । ଆଟାଚି ଓ ଭିଜିଟିଂ କାର୍ଡ଼ ଉପରେ ଲେଖାଥିଲା –

**MOHD ZIAUDDIN**
Travelling Inspector
The Empire of India Life
Assurance Co. Ltd.

ସୁଭାଷଙ୍କ ବିରାଟ ପରିବାର । ସବୁବେଳେ ଶୁକର ପୂଜାରୀ, ବନ୍ଧୁବାନ୍ଧବ ଭର୍ତ୍ତି । ତଥାପି ବେଶ୍ ନାଟକୀୟ ଭାବେ ଚଳଚ୍ଚିତ୍ରର ଖଳନାୟକ ଢ଼ାଞ୍ଚାରେ ସେ ଖସିଗଲେ । ପୂର୍ବଦିନ ରାତିରେ ସଭିଙ୍କ ମନରେ ବିଶ୍ୱାସ ଆଣିବା ଲାଗି ସମସ୍ତଙ୍କ ସହିତ ବସି ହସ ଖୁସିରେ ରାତ୍ରି ଭୋଜନ କରିଥିଲେ । ଅବଶ୍ୟ ଟିକେ ବିବ୍ରତ ଥିଲା ଭଳି ଜଣାପଡୁଥିଲେ, ତଥାପି ଯଥାସମ୍ଭବ ନିଜକୁ ସଂଯତ କରିନେଉଥିଲେ । ଘରୁ ବାହାରିଲା ବେଳେ ଯେପରି ଜହ୍ନ ଆଲୁଅରେ ଘର କାନ୍ଥରେ ଛାଇ ନ'ପଡ଼େ ସେଥିପ୍ରତି ମଧ୍ୟ ସେ ହୁସିଆର ହୋଇଥିଲେ । ଧଳା ପୋଷାକ ପିନ୍ଧା (C.I.D.) ପୋଲିସ୍ ତାଙ୍କ ଘର ଗୁରିପାଖେ ଓ ରାସ୍ତାର ଛକ ଜାଗାରେ ବେଶ୍ ନିଦରେ ଶୋଇଯାଇ ଥିଲେ ।

ସୁଭାଷଙ୍କ ଅନ୍ତର୍ଦ୍ଧାନ ପଛରେ ଦୈବୀ ଆଶୀର୍ବାଦ ମଧ୍ୟ ରହିଥିଲା । ପୂର୍ବଦିନ ସେ ମା' କାଳୀଙ୍କ ପ୍ରସାଦ ପାଇଥିଲେ ।



କଂସ ଶାସିତ ମଥୁରା କାରାଗାରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମବେଳେ ଯେପରି ଜଗୁଆଳମାନେ ଶୋଇଯାଇ ଥିଲେ, ବ୍ରିଟିଶ ଶକ୍ତିର ସୁଦକ୍ଷ (C.I.D.) ଦଳ ସେହିପରି ଶୋଇଥିଲେ । ସବୁଦିନ ପଦାରେ ବୁଲୁଥିବା ପୋଷା ଆଲ୍‌ସିସିଆନ୍ କୁକୁରକୁ ସେଦିନ କିଏ ବାନ୍ଧି ଦେଇଥିଲା । ପୂଜାରୀର ମାଆ ଦେହ ଖରାପ ହେତୁ ସେ ଛୁଟିନେଇ ଘରକୁ ଗୁଲିଯାଇଥିଲା ।

ଘରୁ ଯିବା ପରେ କାହାକୁ କିପରି ଓ କ'ଣ ଉତ୍ତର ଦିଆଯିବ ସେକଥା ନେତାଜୀ ଶିଶିରଙ୍କୁ ବୁଝାଇ କହିଥିଲେ । ତାଙ୍କୁ ପ୍ରତିଦିନ ଦିଆଯାଉଥିବା ଖାଦ୍ୟ କିଏ ଖାଇବ, ସେକଥା ମଧ୍ୟ ଠିକ୍ ହୋଇସାରିଥିଲା । କାରଣ ଅଖିଆ ଖାଦ୍ୟ ରହିଲେ କାହା ମନରେ ଅବିଶ୍ୱାସ ହୋଇ ପାରେ । ଅନ୍ତର୍ଦ୍ଧାନ ନାଟକର ଶେଷ ଦୃଶ୍ୟରେ ନେତାଜୀ ଗୋମୋ ଷ୍ଟେସନଠାରୁ ଦିଲ୍ଲୀ କାଲକା ମେଲ୍‌ରେ ବସି ହିନ୍ଦୁସ୍ଥାନରୁ ଶେଷ ବିଦାୟ ନେଇ ଶିଶିରଙ୍କୁ କହିଥିଲେ–ମୁଁ ଯାଉଛି ତୁମେ ଫେରିଯାଅ ।



...ହି ମହାନ୍ ନେତାଙ୍କ ଅନ୍ତର୍ଦ୍ଧାନର ଦଶ ଦିନ ପରେ ଅନେକ ...ତ, ଗୁଞ୍ଜରଣ, ଅପପ୍ରଚାର ସୃଷ୍ଟି ହେଲା । ସାରା ଦେଶ ...ଲ୍ ହୋଇଗଲା । ବ୍ରିଟିଶ୍ ଶକ୍ତି ହତବାକ୍ ହୋଇପଡ଼ିଲା । ...ି କେହି କହିଲେ ସୁଭାଷ ସନ୍ନ୍ୟାସବ୍ରତ ଅବଲମ୍ବନ କରିଛନ୍ତି । ... କିଏ କହିଲା ସେ ପୋଲିସ୍ ଦ୍ୱାରା ଧରାପଡ଼ିଛନ୍ତି । ...୭-୧-୧୯୪୧ ବିହାର ଖବର କାଗଜରେ ଏହି ସମ୍ବାଦ ବିଧିବଦ୍ଧ ଭାବେ ପ୍ରକାଶିତ ହେଲା । ସୁଭାଷଙ୍କ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ଅସଲ କଥା ଜାଣିବା ଲାଗି ତାଙ୍କ ଘର ଆଗରେ ଧାଡ଼ି ବାନ୍ଧିଲେ । ଅନେକ ଭାବିଥିଲେ–ସେ ଆତ୍ମହତ୍ୟା କରିଛନ୍ତି । ବିଶ୍ୱକବି ରବୀନ୍ଦ୍ରନାଥ ଏପରି ଉଦ୍‌ବିଗ୍ନ ହୋଇ ପଡ଼ିଥିଲେ ଯେ, ସତ ଘଟଣା ଜାଣିବା ଲାଗି ବିବ୍ରତ ହୋଇପଡ଼ିଥିଲେ ।

ଅନ୍ତର୍ଦ୍ଧାନ ନାଟକର ତିନିମାସ ପରେ ୧୯୪୧ ମାର୍ଚ୍ଚ ମାସରେ ଟୋକିଓ ରେଡ଼ିଓରୁ ପ୍ରସାରିତ ହେଲା–ସୁଭାଷ ବର୍ଲିନ୍‌ରେ ଅଛନ୍ତି ଏବଂ ଭାରତର ସ୍ୱାଧୀନତା ଲାଗି ଗୋଟିଏ ସୈନ୍ୟ ବାହିନୀ ଗଠନ କରୁଛନ୍ତି । ସାରା ଦେଶବାସୀ ଏ ସମ୍ବାଦରେ ଚମତ୍କୃତ ହେଲେ । ବ୍ରିଟିଶ୍ ଶାସିତ ଭାରତର ଇଂରେଜ କର୍ମକର୍ତ୍ତା ଭୟଭୀତ ହୋଇପଡ଼ିଲେ । ବିଲାତ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ୍‌ଙ୍କ ହାତରୁ ଅଧାଜଳା ସିଗାର୍ ଖସି ପଡ଼ିଥିଲା । ଆମେରିକା ପ୍ରେସିଡେଣ୍ଟ ରୁଜ୍‌ଭେଲ୍‌ଟଙ୍କ ରକ୍ତଚାପ ବଢ଼ିଯାଇଥିଲା ।

୧୯୪୩–୪୪ ବେଳକୁ ସୁଭାଷ ନେତାଜୀ ବେଶରେ ଭାରତକୁ ଫେରିଲେ । ପବିତ୍ର ଭାରତଭୂମିରେ କୋଣ ଅନୁକୋଣରେ ପ୍ରତିଧ୍ୱନିତ ହେଉଥିଲା ଆଗ୍ନେୟ ଆହ୍ୱାନ ଜୟହିନ୍ଦ–ଜୟହିନ୍ଦ୍ ଓ ଦିଲ୍ଲୀ ଚଲୋ ।

ଆଜି ପୁଣ୍ୟ ଜନ୍ମତିଥିରେ ଜୟହିନ୍ଦର ସ୍ରଷ୍ଟା ଗୀତା ହିନ୍ଦୁସ୍ତାନି ନେତାଜୀ ସୁଭାଷଙ୍କ ଅମର ଆତ୍ମା ପ୍ରତି ଏ ଜାତିର କୋଟିକୋଟି ସଲାମ୍ ।

---

ସାର ନିବାସ,
ସଗଡ଼, ବଶାହଟା,
ଖୋର୍ଦ୍ଧା–୭୫୨୦୦୨



ଏହି କାରରେ ସୁଭାଷ ବୋଷଙ୍କୁ ଗୋପନରେ ସୁଦୂର ଦାଦାର ଶିଶିର ବୋଷ କଲିକତା ରେଳ ଷ୍ଟେସନକୁ ନେଇ ଯାଇଥିଲେ ।

# ସୁଭାଷ : ଅତୀତ ଓ ଭବିଷ୍ୟତର

ଶ୍ରୀ ମାନସ ରଞ୍ଜନ ସ୍ୱାଇଁ

ମନେ ପଡ଼ିଲେ ଆଜି ବି ଭାସି ଉଠେ
ପ୍ରତ୍ୟେକ ଇତିହାସର ପରଛାଇରେ
ଦୋଳି ଖେଳୁଥିବା କେତୋଟି ମାର୍ବଲ ମୁହୂର୍ତ୍ତ
ଜଣେ ଅସାଧାରଣ ଆସାର
ସେ ଯେ ସୁଭାଷ, ଯେ ଥରେ ଚାହିଁଥିଲା
ସଙ୍ଗୀନ ମୁନରେ ରଙ୍ଗୀନ କରିବାକୁ
ଫିରିଙ୍ଗିର ମାଂସ ପିଣ୍ଡୁଳାକୁ, ଆଜାଦ କରିବାକୁ ଚାହିଁଥିଲା
ତା' ଦେଶର ପ୍ରତିଟି ରକ୍ତକୁ ତା' ରକ୍ତ ବଦଳରେ;
ଅପୂର୍ବ ଯୋଗରେ ଯୋଗଜନ୍ମାଟିଏ ଜନ୍ମହୋଇ
ଉତ୍କଳୀୟ ପବନରୁ ବଳବୀର୍ଯ୍ୟ ପାଇ
ମାତିଉଠିଥିଲା ବିଶ୍ୱର ଏକାଧିକ କୋଣରେ ସେ—ଏକଲବ୍ୟ
ଜର୍ମାନୀରୁ ଜାପାନ, ବର୍ମାରୁ ସିଙ୍ଗାପୁର
ଉଚ୍ଛେଦ କରିବାକୁ ବିଲାତୀୟ ମଢ଼
ଆଶା ଥିଲା ପୃଥିବୀକୁ ଅର୍ପିବାକୁ 'ଆଜାଦ—ଭାରତ',
ହାୟ! ଅଧାଗଡ଼ି ହଜିଗଲା ସେ
ଦୂର ଦିଗ୍‌ବଳୟର ବୈମାନିକ ପରି
ଛାଡ଼ିଗଲା ଏକ ଅଜଣା ଚିତାଭସ୍ମ
ଜୀବିତ ବା ଶହୀଦ ମଝିରେ ପ୍ରଶ୍ନଟିଏ କରି;
ଏଯେ ଭାରତର ଘଡ଼ିସନ୍ଧି ବେଳ
କିଏ ଜାଣେ ଏବେ କେବେ କକ୍ଷଚ୍ୟୁତ ହୋଇପାରେ—
ପୁଣି ଜଣେ ସେନାପତି ଦରକାର
ଆଉ ଏକ କଟକରେ ସୃଷ୍ଟି ହୋଇ
ପ୍ରଶାସନୀୟ ପଦବୀ ପଦାଘାତ କରି
ଆଶା ଓ ଆଲୋକରେ ଉଦ୍‌ବୁଦ୍ଧ କରିବାକୁ;
ସେ ରକ୍ତିମ କରିପାରେ ପ୍ରାଚ୍ୟ ଦିଗ୍‌ବଳୟ
ନିକଟ ଶତାବ୍ଦୀରେ ପୁଣି ଆଉଥରେ
ଉତ୍ତ୍ୟକ୍ତ କରି ଦେଇପାରେ ଆମପରି ସୁପ୍ତ ସିଂହମାନଙ୍କୁ
ଆଜିର ସମାଜର କ୍ରୂର ଗ୍ରହମାନଙ୍କର
ତିକ୍ତ ପୈଶୁନ୍ୟ ବିରୁଦ୍ଧରେ
ସେନାଧ୍ୟକ୍ଷ ପରି ତା' ତର୍ଜନୀ ଆଙ୍ଗୁଠିରେ ।

---

୪୨/୪୭, ଭୁବନେଶ୍ୱରୀ ପୋଷ୍ଟ ଅଫିସ୍ ଲେନ୍,
ଭୁବନେଶ୍ୱର-୭୫୧୦୦୬

# ଚିତାଭସ୍ମ :
# କ ମହାନ୍ ଆତ୍ମାର

ଲେଫଟ୍‌ନାଣ୍ଟ ଗହସିଂହ ମହାପାତ୍ର

ତ୍ମା" କହିଲେ ଗାନ୍ଧୀ ମହାତ୍ମାଙ୍କ ବ୍ୟତୀତ ବହୁ ମହତ
ବୁଝାଏ । ସେହିପରି "ପଣ୍ଡିତ" କହିଲେ ପାଣ୍ଡିତ୍ୟ ଲାଭ
ବହୁ ବ୍ୟକ୍ତିଙ୍କୁ ବୁଝାଏ । ମାତ୍ର "ନେତାଜୀ" କହିଲେ
ଆବାଳ ବୃଦ୍ଧବନିତାଙ୍କ ମାନସ ପଟରେ ଯେଉଁ ସୁନ୍ଦର
ପ୍ରତିଫଳିତ ହୁଏ, ତାହା ଅନ୍ୟ କେହି ନୁହନ୍ତି "ଜୟହିନ୍ଦ୍‌ର"
। ଆମର ପ୍ରିୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ।"

ଣ ଆଫ୍ରିକାକୁ ଯିବାପରେ କଳାଲୋକମାନଙ୍କ ପ୍ରତି
ବା ଅତ୍ୟାଚାରର ପ୍ରତିବାଦ କରି ତଥା ସେମାନଙ୍କ ନେତୃତ୍ୱ
ପରେ ଗାନ୍ଧୀ ଜଣେ 'ନେତା' ହୋଇ ପାରିଥିଲେ ।
ୀ ସମୟରେ ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପଣ୍ଡିତ
ରୁ, ପଟେଲ, ମୌଲାନା ଇତ୍ୟାଦି ନେତାର ପଦବାଚ୍ୟ
ଥିଲେ । ମାତ୍ର ସୁଭାଷ ଚନ୍ଦ୍ର ତାଙ୍କ ଜୀବନର କିଶୋର
ରୁ ନେତା ହୋଇ ପାରିଥିଲେ । ଛାତ୍ର ଜୀବନରେ
ସେବକ ସଙ୍ଘ ଗଠନ କରି ବନ୍ୟାକ୍ଲିଷ୍ଟ ଲୋକମାନଙ୍କର
। କରିବା ବ୍ୟତୀତ ୧୯୧୬ରେ କଲିକତାର ପ୍ରେସିଡେନ୍‌ସି
ଜର ଇଂରେଜ ଅଧ୍ୟାପକ ଏଫ୍. ଓଟେନ, ଭାରତୀୟମାନଙ୍କୁ
। କରିଥିବାରୁ ତାଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ
ଥିଲେ ।

ନେତାଜୀ ସୁଭାଷ ପ୍ରଥମ ଶ୍ରେଣୀର ଛାତ୍ର ଥିଲେ । ବିଲାତରୁ
ସିଏସ୍. ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ
। ସରକାରୀ ଚାକିରୀକୁ ତ୍ୟାଗ କରି ଦେଶ ସେବା ପାଇଁ ଭାରତର
ଧୀନତା ସଂଗ୍ରାମରେ ଝାସ ଦେଇଥିଲେ ।

ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ମାର୍ଗ ମହାତ୍ମା ଗାନ୍ଧୀଙ୍କ
ଠାରୁ ଭିନ୍ନ ଥିଲେ ମଧ୍ୟ ଗାନ୍ଧୀ ନେତାଜୀଙ୍କୁ ଖୁବ୍ ସ୍ନେହ
ଥିଲେ । ଭାରତ ସ୍ୱାଧୀନତା ପାଇବା ପରେ ନେତାଜୀ
ରତ ଭୂମିରେ ନଥିଲେ ମଧ୍ୟ ଭାରତର ସ୍ୱାଧୀନତା ସଂଗ୍ରାମ
ଇତିହାସରେ ତାଙ୍କର ସ୍ଥାନ ଅବିସ୍ମରଣୀୟ ।

ପ୍ରବଳ ପ୍ରତାପୀ ଇଂରେଜମାନଙ୍କ ଆଖିରେ ଧୂଳି ଦେଇ ଭାରତରୁ
ନେତାଜୀଙ୍କ ଅନ୍ତର୍ଦ୍ଧାନ, ଅଜ୍ଞାତ ବାସ ସମୟରେ ତାଙ୍କର ବିବାହ
ଏବଂ ଶେଷରେ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଆଦି
ବିଷୟରେ ବହୁ ତଥ୍ୟ ରହସ୍ୟର ଜାଲ ମଧ୍ୟରେ ରହି
ଯାଇଥିଲା ।

ନେତାଜୀ ୧୯୪୧ ମସିହା ଜାନୁୟାରୀ ମାସ ୧୭ ତାରିଖରେ ତାଙ୍କର ଭାଇ ଶରତ ଚନ୍ଦ୍ରଙ୍କ ପୁତ୍ର ଶିଶିର ଏବଂ ଝିଆରୀ ଇଲାର ସହାୟତାରେ କଲିକତାରେ ଥିବା ତାଙ୍କ ଘର ଏଲଗୀନ ରୋଡ୍‌ରୁ ବର୍ଦ୍ଧମାନ ଯାଇ ସେଠାରୁ କାବୁଲ ଇତ୍ୟାଦି ଦେଶ ଦେଇ ଜାପାନ ଯାଇଥିଲେ । ଇଉରୋପରେ ଥିବା ବେଳେ କୁମାରୀ "ଶ୍ୟାଙ୍କଲ" ନାମକ ଏକ ଅଷ୍ଟ୍ରେଲିୟାନ ମହିଳାଙ୍କୁ ବିବାହ କରିଥିଲେ । ତାଙ୍କର "ଅନୀତା"ନାମକ ଗୋଟିଏ କନ୍ୟା ଥିବା କଥା ଜଣା ପଡ଼ିଥିଲା । ମାତ୍ର ତାଙ୍କର ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଛି ବୋଲି ବହୁ ତଥ୍ୟ ଥିଲେ ମଧ୍ୟ ଏହି ଘଟଣାକୁ ବହୁଲୋକ ବିଶ୍ୱାସ କରନ୍ତି ନାହିଁ ।

ମଣିଷ ଜନ୍ମ ହେଲେ ମୃତ୍ୟୁ ନିଶ୍ଚୟ । ନେତାଜୀଙ୍କର ମୃତ୍ୟୁ ହୋଇ ଥିଲେ ମଧ୍ୟ ତାଙ୍କର ମୃତ୍ୟୁ ସମ୍ବାଦ ଯେପରି ଭାବରେ ପ୍ରଚାରିତ ହୋଇ ଥିଲା ତାହା କେହି ବିଶ୍ୱାସ କରି ନଥିଲେ । କାରଣ ୧୯୪୫ ମସିହା ଅଗଷ୍ଟ ୨୩ ତାରିଖରେ ଜାପାନ ରେଡ଼ିଓ ଦ୍ୱାରା ନେତାଜୀଙ୍କ ମୃତ୍ୟୁ ସମ୍ବାଦ ପ୍ରଚାର ହେବା ପୂର୍ବରୁ ୧୯୪୨ ମସିହାରେ ଏପରି ଏକ ସମ୍ବାଦ ପ୍ରଚାରିତ ହୋଇଥିଲା । ସେତେବେଳେ କୁହାଯାଇଥିଲା ଯେ, "ସ୍ୱାଧୀନ ଭାରତ କଂଗ୍ରେସ"ର ଅଧିବେଶନରେ ଯୋଗ ଦେବା ପାଇଁ ଆସୁଥିବା ସମୟରେ ନେତାଜୀଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ତାଙ୍କର ମୃତ୍ୟୁ ହୋଇଛି । ଏ ସମ୍ବାଦ ପାଇବାପରେ ମହାତ୍ମାଗାନ୍ଧୀ ତଥା ଅନ୍ୟାନ୍ୟ ନେତାମାନେ ମର୍ମାହତ ହୋଇ ପଡିଥିଲେ । ନେତାଜୀଙ୍କ ଆତ୍ମୀୟ ସ୍ୱଜନଙ୍କ ନିକଟକୁ ଶୋକବାର୍ତ୍ତା ମଧ୍ୟ ପଠାଯାଇଥିଲା । ମାତ୍ର ଏ ସମ୍ବାଦ ମିଥ୍ୟା ବୋଲି ପରେ ଜଣା ପଡିବାରୁ ସମସ୍ତେ ଦୁଃଖ ପ୍ରକାଶ କରିଥିଲେ ।

ଯେଉଁ ସୁଭାଷ ଇଂରେଜମାନଙ୍କ ଆଖିରେ ଧୂଳି ଦେଇ କଲିକତାରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ, ଭାରତକୁ କିପରି ବିଦେଶୀ ଶାସକ ହାତରୁ ମୁକ୍ତି କରିବେ ଯାହାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା, ୧୯୪୫ ମସିହାରେ ତାଙ୍କର ମୃତ୍ୟୁ ସମ୍ବାଦ ଜାପାନ ରେଡିଓରୁ ଶୁଣି ବହୁଲୋକ ଅବିଶ୍ୱାସ କରିଥିଲେ । ଏପରିକି ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ ଆଦି ମଧ୍ୟ ପ୍ରଥମେ ବିଶ୍ୱାସ କରିନଥିଲେ । କେତେକ ବ୍ୟକ୍ତିଗତ କାରଣ ଯୋଗୁଁ ସେ ଆତ୍ମଗୋପନ କରିଛନ୍ତି ଏବଂ ଠିକ୍ ସମୟରେ ତାଙ୍କର ଆବିର୍ଭାବ ହେବ ବୋଲି କେତେକ କହିଥିଲେ, ଆଉ କେତେକ ପ୍ରତ୍ୟକ୍ଷଦର୍ଶୀ ଭାବେ ଦେଖିଛନ୍ତି ବୋଲି ମଧ୍ୟ କହନ୍ତି । ନେହେରୁଙ୍କ ମୃତ୍ୟୁ ପରେ ଅନ୍ୟ ଗୋଟିଏ ଗୁଜବ ଉଠିଥିଲା ଯେ–ନେହେରୁଙ୍କ ମୃତ ଶରୀର ଦର୍ଶନ କରିବାକୁ ପ୍ରଥମେ ଯେଉଁ କେତେ ଜଣ ଲୋକ ଆସି ପହଞ୍ଚିଥିଲେ ସେମାନଙ୍କ ମଧ୍ୟରେ ନେତାଜୀ ମଧ୍ୟଥିଲେ । ସେ ସନ୍ନ୍ୟାସୀ ବେଶ ପରିଧାନ କରିଥିବାରୁ ତାଙ୍କୁ କେହି ଚିହ୍ନି ପାରିନଥିଲେ ।

ଭାରତ ବକ୍ଷରୁ ଇଂରେଜ ଶାସନତନ୍ତ୍ରକୁ ନିଃଶେଷ କରିବେ ବୋଲି ଯେଉଁ ମହାନ ନେତା ଭାରତଠାରୁ ବହୁ ଦୂରରେ 'ଆଜାଦ

ହିନ୍ଦ୍ ଫୌଜ' ନାମକ ଭାରତୀୟ ଜାତୀୟ ବାହିନୀ ଗଢ଼ି ପ୍ରଚଣ୍ଡ ବିପ୍ଳବ ନିମିତ୍ତ ଆହ୍ୱାନ କରିଥିଲେ ତାଙ୍କର ସଂଗ୍ରାମ ଜୀବନ ଏପରି ଭାବରେ ଶେଷ ହୋଇ ଯାଇଥିବ ତାହା ବିଶ୍ୱାସ ନ କରିବା ଏକ ସାଧାରଣ କଥା । ତେଣୁ ବାସ୍ତବ କଥା ଜାଣିବା ନିମିତ୍ତ ଜନସାଧାରଣ ସରକାରଙ୍କ ଉପରେ ଚାପ ପକାଇଥିଲେ । ଲୋକସଭାରେ ମଧ୍ୟ ଉଭୟ ଶାସକ ଓ ବିରୋଧୀ ଦଳର ମାନ୍ୟବର ସଦସ୍ୟମାନେ ଏ ବିଷୟରେ ଦାବି ଉପସ୍ଥାପନ କରିଥିଲେ ।

ନେତାଜୀଙ୍କ ମୃତ୍ୟୁ ରହସ୍ୟ ଉଦ୍‌ଘାଟନ କରିବାକୁ ପଣ୍ଡିତ ନେହେରୁ ୧୯୫୫ ମସିହା ଡିସେମ୍ବର ମାସ ୩ ତାରିଖରେ ଲୋକସଭାରେ ଘୋଷଣା କରିଥିଲେ ଏବଂ ତଦନୁଯାୟୀ ୧୯୫୬ ମସିହା ଅପ୍ରେଲ ୫ ତାରିଖରେ ତଦନ୍ତ କମିଟି ଗଠନ କରାଯାଇଥିଲା ।

ଏହି କମିଟିରେ ପୂର୍ବେ ଭାରତୀୟ ଜାତୀୟ ବାହିନୀ (INA)ରେ ଥିବା ମେଜର ଜେନେରାଲ ଶାହନୱାଜ ଖାଁ, ତତ୍‌କାଳୀନ ଆଣ୍ଡାମାନ–ନିକୋବରଦ୍ୱୀପପୁଞ୍ଜରେ ଥିବା କମିଶନର ଏସ୍‌. ଏନ୍‌. ମୈତ୍ର (I.C.S.) ଏବଂ ନେତାଜୀଙ୍କ ଭାଇ ସୁରେଶ ଚନ୍ଦ୍ର-ବୋଷ ସଦସ୍ୟ ଭାବେ ଥିଲେ । ଏହି ତଦନ୍ତ ୧୯୫୬ ମସିହା ଅପ୍ରେଲ ମାସରେ ଆରମ୍ଭ ହୋଇ ସେହି ବର୍ଷ ଜୁଲାଇ ମାସରେ ଶେଷ ହୋଇଥିଲା ଏବଂ ସେଇମାସରେ ସରକାରଙ୍କୁ ରିପୋର୍ଟ ଦିଆଯାଇଥିଲା । କମିଟିର ସଦସ୍ୟମାନେ ଜାପାନର ଟୋକିଓ, ଥାଇଲାଣ୍ଡର ବ୍ୟାଙ୍କକ୍ ଓ ସାଇଗନ୍ ବ୍ୟତୀତ ଭାରତର ଦିଲ୍ଲୀ, କଲିକତା ପ୍ରଭୃତି ସ୍ଥାନକୁ ଯାଇ ବିଭିନ୍ନ ସାକ୍ଷୀମାନଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରିଥିଲେ । ସର୍ବମୋଟ ୬୭ ଜଣଙ୍କଠାରୁ ଜମାନବନ୍ଦୀ ନିଆଯାଇଥିଲା ।

କର୍ଣ୍ଣେଲ ହବିବୁର ରହମାନ ନେତାଜୀଙ୍କର ଅତି ଅନ୍ତରଙ୍ଗ ଓ ବିଶ୍ୱସ୍ତ ଥିଲେ । ଦୁର୍ଘଟଣାଗ୍ରସ୍ତ ବିମାନରେ ସେ ମଧ୍ୟ ନେତାଜୀଙ୍କ ସଙ୍ଗରେ ଯାତ୍ରା କରିଥିଲେ । ବିମାନରେ ଯେଉଁଠି ନେତାଜୀ ବସିଥିଲେ, ସେ ତାଙ୍କର ପଛରେ ବସିଥିଲେ । ଦୁର୍ଘଟଣାର ସମ୍ମୁଖୀନ ହୋଇ ମଧ୍ୟ ସେ ବଞ୍ଚି ଯାଇଥିଲେ । ଭାରତ ସ୍ୱାଧୀନ ହେବାପରେ ସେ ପାକିସ୍ଥାନରେ ରହୁଥିଲେ । ଭାରତ ସରକାରଙ୍କ ଅନୁରୋଧ କ୍ରମେ ସେ ଭାରତ ଆସି ସାକ୍ଷ୍ୟ ଦେଇଥିଲେ । ତାଙ୍କର ବିବରଣୀ ଅତି ମୂଲ୍ୟବାନ ଥିଲା । ଅନ୍ୟ କେତେ ଜଣ ଜାପାନୀ ଅଫିସର ମଧ୍ୟ ଦୁର୍ଘଟଣାଗ୍ରସ୍ତ ବିମାନରେ ଥିଲେ । ଏଇ ନିଶ୍ଚିତ ମୃତ୍ୟୁ ମୁଖରୁ ଯେଉଁ କେତେଜଣ ଅଫିସର ବଞ୍ଚି ଯାଇଥିଲେ କମିଟି ସେମାନଙ୍କଠାରୁ ବିବରଣୀ ସଂଗ୍ରହ କରିଥିଲେ । ଅନୁସନ୍ଧାନରୁ ଜଣା ପଡ଼ିଥିଲା ଯେ, ଦୁର୍ଘଟଣା ପରେ ନେତାଜୀଙ୍କୁ ଅଚେତ ଅବସ୍ଥାରେ ନାନ୍‌ମନ୍ ସାମରିକ ଚିକିତ୍ସାଳୟକୁ ଅଣାଯାଇଥିଲା । ସେଠାରେ ଡାକ୍ତର ଯୋଶିମି ଏବଂ ସୁରୁତ ଶେଷ ମୁହୂର୍ତ୍ତ ଯାଏ ନେତାଜୀଙ୍କର ସେବା କରିଥିଲେ । କମିଟି ସେମାନଙ୍କର ସାକ୍ଷ୍ୟ ମଧ୍ୟ ନେଇଥିଲେ ।

ଅନୁସନ୍ଧାନର ବିବରଣୀରୁ ବହୁତ କଥା ଜଣା ଯାଇଥିଲା । ତାହାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରକାଶ କରାଯାଉଛି ।

(୧) ୧୯୪୫ ମସିହା ଅଗଷ୍ଟ ମାସ ୧୬ ତାରିଖରେ ଜାପାନ ସରକାରଙ୍କ ସହ ଆଲୋଚନା କରିବା ନିମିତ୍ତ ନେତାଜୀ ସିଙ୍ଗାପୁରରୁ ବିମାନ ଯୋଗେ ଟୋକିଓ ଆସିଥିଲେ ।

(୨) ତା ୧୮–୮–୧୯୪୫ ରିଖ ଦିନ ପ୍ରାୟ ଦୁଇଟା ସମୟରେ ନେତାଜୀଙ୍କୁ ନେଇ ଯାଉଥିବା ବିମାନଟି "ତାଇ–ହୋକୁ" ବିମାନଘାଟିଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

(୩) ନେତାଜୀଙ୍କ ବ୍ୟତୀତ ଉକ୍ତ ବିମାନରେ ତାଙ୍କର ଅତି ଅନ୍ତରଙ୍ଗ ଓ ବିଶ୍ୱସ୍ତ ବନ୍ଧୁ କର୍ଣ୍ଣେଲ ହବିବୁର ରହମାନ, ଅନ୍ୟ କେତେକ ଭାରତୀୟ ଏବଂ କେତେକ ଜାପାନୀ ଅଫିସର ଯାତ୍ରା କରୁଥିଲେ ।

(୪) ନେତାଜୀ ଯେଉଁ ଭାରତୀୟ ଜାତୀୟ ସାମରିକ ବାହିନୀ ଗଠନ କରିଥିଲେ ତାହାକୁ ଚଳାଇବା ନିମିତ୍ତ ଦକ୍ଷିଣ–ପୂର୍ବ ଏସିଆରେ ଥିବା ପ୍ରବାସୀ ଭାରତୀୟମାନେ ବହୁ ଆର୍ଥିକ ସାହାଯ୍ୟ ଦେଇଥିଲେ । ଏହି ଦାନସୂତ୍ରେ ବହୁସୁନା ଅଳଙ୍କାର ମିଳିଥିଲା । ଉକ୍ତ ସୁନା ଅଳଙ୍କାରଗୁଡ଼ିକ ମଧ୍ୟରୁ କିଛି ଅଳଙ୍କାରର ଗୋଟିଏ ବାକ୍ସ ଦୁର୍ଘଟଣା ଗ୍ରସ୍ତ ବିମାନରେ ନେତାଜୀଙ୍କର ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଜିନିଷ ସହିତ ଥିଲା ।

(୫) ବିମାନ ଦୁର୍ଘଟଣାରେ ନେତାଜୀ ଗୁରୁତର ଭାବେ ଆହତ ହୋଇଥିଲେ । ତାଙ୍କୁ ନିକଟସ୍ଥ ନାନ୍‌ମନ୍ ସାମରିକ ଚିକିତ୍ସାଳୟକୁ ଅଣାଯାଇଥିଲା । ସେଠାରେ ଡାକ୍ତର ଯୋଶିମି ଏବଂ ସୁରୁତ ନେତାଜୀଙ୍କର ଚିକିତ୍ସା କରିଥିଲେ । ସେମାନେ ପ୍ରାଣପଣେ ଯତ୍ନ କରିଥିଲେ ମଧ୍ୟ ନେତାଜୀଙ୍କୁ ବଞ୍ଚାଇ ପାରି ନଥିଲେ ।

(୬) ଜାପାନର ରୀତି ଅନୁଯାୟୀ ନେତାଜୀଙ୍କ ମର ଶରୀରକୁ ଚାଦର ଦ୍ୱାରା ଆବୃତ କରି ଦିଆ ଯାଇଥିଲା ଏବଂ ଫୁଲ ଓ ଦୀପରେ ସଜାଇ ଦିଆ ଯାଇଥିଲା । ନେତାଜୀଙ୍କ ମର ଶରୀର ନିମିତ୍ତ ଏକ ବିରାଟ କଫିନ୍ ନିର୍ମାଣ କରାଯାଇଥିଲା ।

(୭) ନେତାଜୀଙ୍କ ମୃତ ଶରୀରକୁ ଟୋକିଓ ନେବା ନିମିତ୍ତ ଜାପାନର ସାମରିକ ଅଫିସରମାନେ ସ୍ଥିର କରୁଥିବା ସମୟରେ, ହବିବୁର ରହମାନ ମୃତ ଶରୀରକୁ ସିଙ୍ଗାପୁର ନେଇଯିବା ନିମିତ୍ତ ଅନୁରୋଧ କରିଥିଲେ ।

(୮) ସେ ସମୟରେ ଘମାଘୋଟ ଦ୍ୱିତୀୟ ବିଶ୍ୱଯୁଦ୍ଧ ଲାଗିଥିଲା ଏବଂ ଉକ୍ତ ଯୁଦ୍ଧରେ ଜାପାନର ବଡ଼ ବିମାନଗୁଡ଼ିକ ବ୍ୟସ୍ତ ଥିବାରୁ ନେତାଜୀଙ୍କ ମର ଶରୀରକୁ ନେବା ନିମିତ୍ତ ଗୋଟିଏ ଛୋଟ ବୋମାବର୍ଷୀ ବିମାନ ଯୋଗାଇ ଦିଆ ଯାଇଥିଲା । ମାତ୍ର ମର ଶରୀର ନିମିତ୍ତ ଯେଉଁ କଫିନ ନିର୍ମାଣ କରାଯାଇଥିଲା ତାହା ଅପେକ୍ଷାକୃତ ବଡ଼ ଥିବାରୁ ଉକ୍ତ କ୍ଷୁଦ୍ର ବିମାନରେ ରଖିବା ସମ୍ଭବ ହୋଇ ପାରିନଥିଲା । ସାମରିକ ସଦର ମହକୁମାରୁ ନିର୍ଦ୍ଦେଶ

ବା ଯାଏ ନେତାଜୀଙ୍କ ମୃତ ଶରୀରକୁ ତାଇହୋକୁଠାରେ ରଖା ଥିଲା ।

(୯) ତା ୧୯-୮-୧୯୪୫ ରିଖରେ ଜାପାନର ସାମରିକ ୍ୟାଳୟର ନିର୍ଦ୍ଦେଶ ଅନୁଯାୟୀ ନେତାଜୀଙ୍କ ମର ଶରୀରକୁ ଇହୋକୁରେ ସଂସ୍କାର କରାଯିବାକୁ ସ୍ଥିର କରାଗଲା ।

(୧୦) ନେତାଜୀଙ୍କ ଶବ ସଂସ୍କାର ପାଇଁ ସମସ୍ତ ବ୍ୟବସ୍ଥା କରିବା ର ସାମରିକ ଉଚ୍ଚ କର୍ତ୍ତୃପକ୍ଷ ମେଜର ନାଗାଟୋମାଙ୍କୁ ନିଯୁକ୍ତ ଥିଲେ ।

(୧୧) ମେଜର ନାଗାଟୋମାଙ୍କ ନିର୍ଦ୍ଦେଶ କ୍ରମେ ନେତାଜୀଙ୍କ ମର ୀରକୁ ଗୋଟିଏ ଟ୍ରକରେ ସଜ୍ଜିତ କରାଯାଇ ଜାପାନର ସାମରିକ ଫିସରମାନଙ୍କ ଗହଣରେ ତାଇ ହୋକୁ ସହରର ସରକାରୀ ଶବ ସ୍କାରଶାଳା (Crematorium)କୁ ନିଆଯାଇଥିଲା ।

(୧୨) କର୍ଣ୍ଣେଲ ହବିବୁର ରହମାନ ଏବଂ ନେତାଜୀଙ୍କ ସହ କାର୍ଯ୍ୟ ରୁଥିବା ଦ୍ୱିଭାଷୀ ମିଃ ନାକାମୁରା ଅନ୍ୟାନ୍ୟମାନଙ୍କ ସହ ଶବ ସ୍କାରଶାଳକୁ ଯାଇଥିଲେ ।

(୧୩) ନେତାଜୀଙ୍କ ମର ଶରୀର ଥିବା କଫିନକୁ ନେଇ ର୍ନେସ୍‌ରେ ଠିକ୍ ଭାବରେ ସଜାଇ ରଖାଯାଇଥିଲା ।

(୧୪) ଶେଷ ସାମରିକ ଅଭିବାଦନ ଦେବା ପରେ ଜାପାନର ୀଦ୍ଧ ପୁରୋହିତ ସୁଗନ୍ଧି ବତୀ ଜଳାଇଥିଲେ । ନେତାଜୀଙ୍କ ରୀରରେ ଅଗ୍ନି ସଂଯୋଗ କରାଯିବା ସମୟରେ ଉପସ୍ଥିତ ଥିବା ତ୍ୟେକ ବ୍ୟକ୍ତି ବିଶ୍ୱର ଏହି ମହାନ ବ୍ୟକ୍ତିଙ୍କ ପ୍ରତି ଅଶ୍ରୁଳ ନୟନରେ ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ ।

(୧୫) ତା ୨୦-୮-୧୯୪୫ ତିଖରେ କର୍ଣ୍ଣେଲ ହବିବୁର ରହମାନ ଏବଂ ମେଜର ନାଗାଟୋମା ନେତାଜୀଙ୍କ ପବିତ୍ର ଚିତାଭସ୍ମ ସଂଗ୍ରହ କରିବା ନିମିତ୍ତ ତାଇହୋକୁ ଶବ ସଂସ୍କାରଶାଳାକୁ ଯାଇ ନେତାଜୀଙ୍କ ଚିତାଭସ୍ମ ସଂଗ୍ରହ କରି ଗୋଟିଏ ଛୋଟ କାଠ ବାକ୍ସରେ ରଖିଥିଲେ । ଉକ୍ତ କାଠ ବାକ୍ସରେ କଣ୍ଟା ଦେଇ ବନ୍ଦ କରାଯିବା ପରେ ଗୋଟିଏ ଧଳା ଧଳା କପଡ଼ାରେ ତାହାକୁ ଆଚ୍ଛାଦନ କରାଯାଇଥିଲା ।

(୧୬) ନାନମୋନ୍ ସାମରିକ ଚିକିତ୍ସାଳୟ ନିକଟରେ ଫମୋଜାର ବୃହତ୍ତମ ବୌଦ୍ଧ ମନ୍ଦିର ନିଶିହୋଙ୍ଗଞ୍ଜି ଅବସ୍ଥିତ । ନେତାଜୀଙ୍କ ପବିତ୍ର ଚିତାଭସ୍ମର କାଠ ବାକ୍ସଟି ଉକ୍ତ ମନ୍ଦିରରେ ଅସ୍ଥାୟୀ ଭାବେ ରଖାଯାଇଥିଲା । ଏଥିପାଇଁ ଗୋଟିଏ ବିଶେଷ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇ ଥିଲା ।

(୧୭) ତା ୨୩-୮-୧୯୪୫ ତିଖରେ ଜାପାନ ନିଉଜ୍ ଏଜେନ୍‌ସି ଦ୍ୱାରା ନେତାଜୀଙ୍କର ମୃତ୍ୟୁ ସମ୍ବାଦ ଜାପାନ ରେଡ଼ିଓ ମାଧ୍ୟମରେ ପ୍ରଚାରିତ ହୋଇଥିଲା ।

(୧୮) କର୍ଣ୍ଣେଲ ହବିବୁର ରହମନ ତା ୫-୯-୧୯୪୫ ରିଖରେ ନିଶିହୋଙ୍ଗଞ୍ଜି ବୌଦ୍ଧ ମନ୍ଦିରରେ ରଖାଯାଇ ଥିବା ନେତାଜୀଙ୍କ ପବିତ୍ର ଚିତାଭସ୍ମର ବାକ୍ସଟି ନେଇ ତାଇହୋକୁରୁ ବିମାନ ଯୋଗେ ଜାପାନର ରାଜଧାନୀ ଟୋକିଓକୁ ଆସିଥିଲେ ।

(୧୯) ପୂର୍ବରୁ ନେତାଜୀଙ୍କ ସଙ୍ଗରେ ଥିବା ସ୍ୱର୍ଣ୍ଣ ଓ ବହୁମୂଲ୍ୟ ଅଳଙ୍କାରର ବାକ୍ସଟି ମଧ୍ୟ କର୍ଣ୍ଣେଲ ହବିବୁର ରହମାନ ଉକ୍ତ ଚିତାଭସ୍ମ ବାକ୍ସ ସହ ଟୋକିଓକୁ ନେଇ ଆସିଥିଲେ । ଚିତାଭସ୍ମ ବାକ୍ସଟି ଧଳାକପଡ଼ା ଓ ଅଳଙ୍କାର ବାକ୍ସଟିକୁ ଚମଡ଼ା ଦ୍ୱାରା ଆଚ୍ଛାଦନ କରାଯାଇ ଥିଲା ।

(୨୦) ସେତେବେଳେ ଟୋକିଓରେ ଥିବା ଭାରତୀୟ ଜାତୀୟ ବାହିନୀର ସଭାପତି ଥିଲେ ମିଃ ରାମମୂର୍ତ୍ତି, ମିଃ ଏସ୍: ଏ: ଆୟାର ମଧ୍ୟ ଟୋକିଓରେ ତାଙ୍କ ସହ ବାସ କରୁଥିଲେ । ଉଭୟଙ୍କୁ ଇମ୍ପେରିଆଲ ଜେନେରାଲ ହେଡ୍‌କ୍ୱାଟରସ୍‌କୁ ଯିବା ପାଇଁ ଜାପାନ ସରକାରଙ୍କଠାରୁ ଫୋନ୍ କରାଗଲା ଓ ସେମାନଙ୍କୁ ଆଣିବା ନିମିତ୍ତ ଗୋଟିଏ କାର ମଧ୍ୟ ପଠା ଯାଇଥିଲା । ଏମାନେ ହେଡ୍‌କ୍ୱାଟରରେ ପହଞ୍ଚିବା ପରେ ଜାପାନୀ ସାମରିକ ଅଫିସର ମିଃ ତାକାକୁରା ନେତାଜୀଙ୍କ ପବିତ୍ର ଚିତାଭସ୍ମ ବାକ୍ସ ଏବଂ ଅଳଙ୍କାରପୂର୍ଣ୍ଣ ବାକ୍ସ ସେମାନଙ୍କୁ ଅର୍ପଣ କରିଥିଲେ । ଉକ୍ତ ଚିତାଭସ୍ମକୁ ନେବା ସମୟରେ ଉଭୟ ଶୋକାତୁର ହୋଇ ପଡ଼ିଥିଲେ ।

(୨୧) ପବିତ୍ର ଚିତାଭସ୍ମ ବାକ୍ସ ଉପରେ "ନେତାଜୀ ସୁଭାଷ ଚନ୍ଦ୍ର ବୋଷ" ବୋଲି ମିଃ ଆୟାର ନିଜ ହାତରେ ଲେଖିଥିଲେ । ଉକ୍ତ ଚିତାଭସ୍ମ ଟୋକିଓର "ରେଙ୍କୋଜି" ମନ୍ଦିରରେ ରଖାଯିବାର ସ୍ଥିର କରାଯାଇ ଥିଲା ।

(୨୨) ଟୋକିଓ ସହରର କେନ୍ଦ୍ର ସ୍ଥଳରେ ପ୍ରାୟ ୬ କିଲୋମିଟର ଦୂରରେ ରେଙ୍କୋଜି ମନ୍ଦିରଟି ଅବସ୍ଥିତ, ଏହି ମନ୍ଦିରର ଅନତିଦୂରରେ ଭାରତୀୟ ଦୂତାବାସ । ଏହା ଏକ ବୌଦ୍ଧ ମନ୍ଦିର । ଏହା ମଧ୍ୟମ ଉଚ୍ଚତା ବିଶିଷ୍ଟ ଅତି ସୁନ୍ଦର ମନ୍ଦିର । ଉକ୍ତ ମନ୍ଦିରରେ ନେତାଜୀଙ୍କ ପବିତ୍ର ଚିତାଭସ୍ମ ରଖାଯିବା ନିମିତ୍ତ ସ୍ଥିର କରାଯାଇଥିଲା । ଉକ୍ତ ମନ୍ଦିରରେ ଚିତାଭସ୍ମ ରଖିବା ପୂର୍ବରୁ ଭାରତୀୟ ଜାତୀୟ ବାହିନୀର ସଭ୍ୟବୃନ୍ଦ ଗୋଟିଏ ଶୋଭାଯାତ୍ରାରେ ନଗର ପରିକ୍ରମଣ କରି ରେଙ୍କୋଜି ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ଗୋଟିଏ ଛୋଟ ବେଦୀ କରି ପବିତ୍ର ଚିତାଭସ୍ମର ପାତ୍ରକୁ ସ୍ଥାପନ କରାଯାଇ ଥିଲା ।

(୨୩) ପରବର୍ତ୍ତୀ ସମୟରେ ଉକ୍ତ ଚିତାଭସ୍ମ ନିକଟରେ ନେତାଜୀଙ୍କର ଗୋଟିଏ କ୍ଷୁଦ୍ର ପ୍ରତିମୂର୍ତ୍ତି ନିର୍ମାଣ କରା ଯାଇଥିଲା । ପରେ ନେତାଜୀଙ୍କର ଗୋଟିଏ ବଡ଼ ତୈଳ ଚିତ୍ର ମଧ୍ୟ ରଖା ଯାଇଥିଲା ।

(୨୪) ଚିତାଭସ୍ମର ସୁରକ୍ଷା ନିମିତ୍ତ ମନ୍ଦିର କର୍ମଚାରୀମାନେ ବିଶେଷ ଯତ୍ନ ନେବା ସଙ୍ଗେ ସଙ୍ଗେ ସେଠାରେ ପ୍ରତିଦିନ ଧୂପଦୀପ ଦିଆ ଯିବାର ବ୍ୟବସ୍ଥା କରିଥିଲେ ।

ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ଅନୁସନ୍ଧାନ କମିଟିର ସଭ୍ୟଗଣ ଉକ୍ତ ମନ୍ଦିରକୁ ଯାଇ ସମସ୍ତ ବ୍ୟବସ୍ଥା ଦେଖିଥିଲେ । ସେମାନେ ଚିତାଭସ୍ମର ଗୋଟିଏ ଫଟୋ ଚିତ୍ର ଉଠାଇଥିଲେ । କମିଟିର ସଭ୍ୟମାନେ ତନ୍ନ ତନ୍ନ ପରୀକ୍ଷା କରି, ବିଭିନ୍ନ ବ୍ୟକ୍ତିଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରି, ନିଶ୍ଚିତ ହୋଇଥିଲେ ଯେ, ରେଙ୍କୋଜି ମନ୍ଦିରରେ ରଖା ଯାଇଥିବା ଚିତାଭସ୍ମ ହିଁ ବାସ୍ତବରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପବିତ୍ର ଚିତାଭସ୍ମ । ଏଥିରେ ସନ୍ଦେହ କରିବାର କିଛି କାରଣ ନ ଥିଲା ।

ପରବର୍ତ୍ତୀ ସମୟରେ ଭାରତର ବହୁ ନେତୃ ସ୍ଥାନୀୟ ବ୍ୟକ୍ତି ଜାପାନ ପରିଭ୍ରମଣରେ ଯାଇଥିବା ସମୟରେ ଏହି ରେଙ୍କୋଜି ମନ୍ଦିରକୁ ଯାଇ ନେତାଜୀଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ ।

---

ଗ୍ରାମ/ପୋଷ୍ଟ–ରାଜନଗର,
ଜି–କେନ୍ଦ୍ରାପଡ଼ା–୭୫୪୨୨୫



ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଙ୍ଗଠନ ଆନୁକୂଲ୍ୟରେ ଭୁବନେଶ୍ୱର ଫରେଷ୍ଟ ପାର୍କଠାରେ ଆୟୋଜିତ "ପୁଷପୁନୀ" ଉତ୍ସବ ଅବସରରେ "ପରିଚୟ" ଶୀର୍ଷକ ପଶ୍ଚିମ ଓଡ଼ିଶାର ଭୁବନେଶ୍ୱରରେ ରହୁଥିବା ଅଧିବାସୀମାନଙ୍କ ଏକ ଡାଇରେକ୍ଟୋରୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉନ୍ମୋଚନ କରୁଛନ୍ତି ।

# ଗଣ

ଶ୍ରୀ ରାହାସ ରାୟ

ଭୋଗ ଓ ତ୍ୟାଗ ମଧ୍ୟରୁ
ବିସର୍ଜି ଭୋଗକୁ
ତ୍ୟାଗ ବଳେ ଆଣିଥିଲେ ଯେଉଁମାନେ
ଏ ଦେଶର ମହାର୍ଘ୍ୟ ସ୍ୱାଧୀନତା
ପରାକ୍ରମୀ ଫିରିଙ୍ଗୀ କବଳୁ
ସେମାନେତ ଏ ମାଟିର କର୍ଣ୍ଣଧାର
ସେଇମାନେ ଏ ଦେଶର କୋଟି ଜନଗଣ ।


ସ୍ୱପ୍ନ ଥିଲା ସୁଦୂର ପ୍ରସାରୀ
ଉତ୍ପୀଡ଼ନ, ନିର୍ଯ୍ୟାତନା, ଫାଶିଖୁଣ୍ଟ, ବନ୍ଧୁକର ଗୁଳି
ଲକ୍ଷ୍ୟ କିନ୍ତୁ ନ ପାରିଲା ଟାଳି
ଏକମନ, ଏକ ଲକ୍ଷ୍ୟ, ମହାନ୍ ସଂକଳ୍ପ
ଯୂପକାଠେ ପଶୁଭଳି ବଳି ଗଉରବ
ସେମାନେ ବି ବରିନେଲେ ହସିହସି
ଜନତା ନାଆଁରେ
ମାନବିକ ଅଧିକାର ପାଇଁ
ସେମାନେ ମନାସି ଥିଲେ
ତିମିର ବିଧ୍ୱଂସି ଅଂଶୁମାଳି ଖରରଶ୍ମି
ଆକାଶ ନୀଳିମା ତଳେ ।

ଅନୁଚିନ୍ତା କୋଟି ଜନ ମନେ
ଦେଶ ପାଇଁ ଦଶ ପାଇଁ ଗଣତନ୍ତ୍ର ପାଇଁ
ଫୁଲୁଲା ମନ ଆକାଶେ
ପୁଲକର ଜ୍ୟୋତ୍ସ୍ନା ପାଇଁ
ଅନେକ ପ୍ରୟାସ ! ଅନେକ ଭାବନା ।

ଦୃଢ଼ ସଂକଳ୍ପ ଆଶାରେ
ସତ୍ୟ ଅହିଂସା ମାର୍ଗରେ
ଜନଗଣ ଦୃପ୍ତ ଅଭିଯାନ
ଏ ମାଟିର ଜନ୍ମଗତ ଅଧିକାର–ଗଣତନ୍ତ୍ର ପାଇଁ
ଆକୁମାରୀ ହିମାଚଳ ବନ୍ଧା
ଗୋଟିଏ ସୂତ୍ରରେ
ନିଜକୁ ଚିହ୍ନିବା ପଥ ସୃଷ୍ଟି କରିବାରେ
ଅମାପ ଆନନ୍ଦ ପୁଣି
ଭାରତୀୟ ପ୍ରତିପାଦନରେ ।

ଗଣ ଦେଲା ଏ ମାଟିରେ ସୁବତି ବାରତା
ସମସ୍ତଙ୍କୁ ଚିହ୍ନିଲା ସେ ହସିହସି
ମରଣକୁ ବରିବାରେ ଫାଶିଖୁଣ୍ଟ ପରେ
ଶହୀଦଙ୍କ ଆତ୍ମା ସବୁ
ଜାଗ୍ରତ ଆଜିବି;
ଶହୀଦଙ୍କ ସ୍ୱାଭିମାନ
ଆଜି ବି ଆଦର୍ଶ
କୋଟି କୋଟି ଜନଗଣଙ୍କର ॥

ପ୍ରେସ୍ କଲୋନୀ, କଟକ-୭୫୩୦୦୧



ଭାରତରେ ଅବସ୍ଥାପିତ ରୁଷିଆର ରାଷ୍ଟ୍ରଦୂତ ଶ୍ରୀ ଆନାତୋଲ ଏମ୍‌ଃ ଡ୍ରୁକୋଭ ଓ କଲିକତାରେ ଅବସ୍ଥାପିତ ରୁଷିଆର କନସଲ୍ ଜେନେରାଲ ଶ୍ରୀ ଏସ୍‌ଃଏସ୍‌ଃ ଗ୍ରାଭିକୋଭ ରାଜଭବନଠାରେ ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ଗୋପାଳ ରାମାନୁଜମ୍‌ଙ୍କୁ ସାକ୍ଷାତ କରୁଛନ୍ତି ।



ରାଜ୍ୟ ସୂଚନା ଭବନଠାରେ ଆୟୋଜିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ପରିବେଶ ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ଦାସ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ।



କଟକଠାରେ ଅନୁଷ୍ଠିତ ବରିଷ୍ଠ ପୁଲିସ ପଦାଧିକାରୀମାନଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଭାଷଣ ଦେଉଛନ୍ତି ।



ରାଜ୍ୟ ସୂଚନାଭବନଠାରେ ଗୃହ ନିର୍ମାଣ ଓ ପୋର ଉନ୍ନୟନ ନିଗମ ତରଫରୁ ଆୟୋଜିତ ପ୍ରଦର୍ଶିକା ଉନ୍ମୋଚନ ଉପଲକ୍ଷେ ଉପମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ହେମାନନ୍ଦ ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳିତ କରି ଉଦ୍‌ଘାଟନ କରୁଛନ୍ତି । ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ଅମରନାଥ ପ୍ରଧାନ ଉପସ୍ଥିତ ଅଛନ୍ତି ।




ହୋଟେଲ କଳିଙ୍ଗ ଅଶୋକାଠାରେ ରାଉଣ୍ଡ ଟେବୁଲ ଇଣ୍ଡିଆ ୩୦ତମ ବାର୍ଷିକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଲୁଇସ୍ ମାର୍କେସି ପୁରସ୍କାରରେ ସମ୍ମାନିତ କରାଯାଉଛି ।




ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ସଭାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମଲ୍ଲିକ୍ ଭାଷଣ ଦେଉଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶା ସାଉଟ୍ ଗାଇଡସ୍ ଅନୁଷ୍ଠାନର ସାହାଯ୍ୟାର୍ଥେ କଲିକତାର ଗୀତାଞ୍ଜଳି ଟ୍ରୁପ୍ ଦ୍ୱାରା ଆୟୋଜିତ 'ଶ୍ୟାମା ଗାନ୍'କୁ ସ୍ଥାନୀୟ ସୂଚନାଭବନଠାରେ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି ।



ରାଜ୍ୟ ସୂଚନା ଭବନଠାରେ ଅନୁଷ୍ଠିତ ୪ଥ ଭାରତୀୟ ମାନବ ବ୍ୟୁରୋ ପ୍ରଦର୍ଶନୀକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଦେବାନନ୍ଦ ମଲ୍ଲିକ୍ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ରାଉତ ବୁଲି ଦେଖୁଛନ୍ତି ।



ହୋଟେଲ କଳିଙ୍ଗ ଅଶୋକାଠାରେ ଶିକ୍ଷକ୍ଷେତ୍ରରେ ଆଶାନୁରୂପ ନଯୁକ୍ତି ପାଇଁ ପଦକ୍ଷେପ ଶୀର୍ଷକ ଆୟୋଜିତ ପୂର୍ବାଞ୍ଚଳ ଆଞ୍ଚଳିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ କେନ୍ଦ୍ର ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଏ଼ଃ ଅରୁଣାଚଳମ୍ ।



ପୁରୁଣା ଭୁବନେଶ୍ୱର ବ ଉଳଗଡ଼ କ୍ଲବଠାରେ ସର୍ବଭାରତୀୟ ଉତ୍ତମ ସ୍ୱାସ୍ଥ୍ୟ ପ୍ରତିଯୋଗିତା କୃତି ପ୍ରତିଯୋଗୀମାନଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ, କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, ମନ୍ତ୍ରୀ ଶ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ଓ ଯୁବ କଂଗ୍ରେସ ନେତା ଶ୍ରୀ ସନ୍ତୋଷ କୁମାର ମହାନ୍ତି ।



ସୋଭିଏତ୍ ରୁଷର ରାଷ୍ଟ୍ରଦୂତ ମିଃ ଏସ୍. ଏସ୍. ତ୍ରୁକୋଭ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ସଚିବାଳୟଠାରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ।



ଓ.ଏସ୍.ଏ.ପି. ୭ମ ବାଟାଲିୟନର ୧୨ତମ ଜନ୍ମ ବାର୍ଷିକ ଉତ୍ସବକୁ ବାଟାଲିୟନର ପରିସର ମଧ୍ୟରେ ପୂର୍ତ୍ତମନ୍ତ୍ରୀ ଶ୍ରୀ ହରିହର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳିତ କରି ଉଦ୍‌ଘାଟନ କରୁଛନ୍ତି । ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ଅମରନାଥ ପ୍ରଧାନ ଉପସ୍ଥିତ ଅଛନ୍ତି ।




ହୋଟେଲ ସ୍ୱସ୍ତିଠାରେ ଓଡ଼ିଶା ପ୍ରେସ କ୍ଲବ୍ ଆନୁକୂଲ୍ୟରେ 'ଓଡ଼ିଶାର ରୂପରେଖ' ଉପରେ ଆୟୋଜିତ ଏକ କର୍ମଶାଳାରେ ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ଗୋପାଳ ରାମାନୁଜମ୍ ଭାଷଣ ଦେଉଛନ୍ତି ।



ଢେଙ୍କାନାଳ ସୂର୍ଯ୍ୟମଣ୍ଡପଠାରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଙ୍ଘର ଏକ ଆଲୋଚନାଚକ୍ରକୁ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ଉଦ୍‌ଘାଟନ କରୁଛନ୍ତି ।



ଗୋପାଳପୁରଠାରେ ଏକ ସମନ୍ୱିତ ଇସ୍ପାତ୍ କାରଖାନା ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉପସ୍ଥିତିରେ 'ଲାର୍ସନ ଆଣ୍ଡ୍ ଟୁବ୍ରୋ ଲିମିଟେଡ୍'ର ମୁଖ୍ୟ ନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଏସ୍: ଡି: କୁଲକର୍ଣ୍ଣି ଓ ଓଡ଼ିଶା ସରକାରଙ୍କର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଏକ ବୁଝାମଣା ପତ୍ରରେ ସ୍ୱାକ୍ଷର କରୁଛନ୍ତି ।



ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ ଓଡ଼ିଶାର ଭାସ୍କର୍ଯ୍ୟ ଓ ଶିଳାଲେଖ ଉପରେ ଆୟୋଜିତ ଏକ ଜାତୀୟ ଆଲୋଚନାଚକ୍ରକୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।

# ମୁକ୍ତି ସଂଗ୍ରାମରେ ନେତାଜୀ

**ଶ୍ରୀ ପ୍ରଫୁଲ୍ଲ ଦାସ**

ଭାରତର ଯେଉଁ ମହାମାନବମାନଙ୍କର ଜୀବନ ଚରିତକୁ ମୁକ୍ତି ସଂଗ୍ରାମର ଇତିହାସ ବୋଲି ମନେକରାଯାଏ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ଭାରତ ଇତିହାସରେ ମହାତ୍ମାଗାନ୍ଧିଙ୍କ ପଛକୁ ବା ତାଙ୍କ ପାଖକୁ ଲାଗି ନେତାଜୀଙ୍କ ସ୍ଥାନ ନିର୍ଣ୍ଣୟ କରାଯାଇଥାଏ । ନେତାଜୀଙ୍କର ଜୀବନାଦର୍ଶ, ମାନସିକତା ଓ ହୃଦୟରେ ଗାନ୍ଧିଜୀଙ୍କ ସ୍ଥାନ ଥିଲା ଅତିଶୟ ପୂଜନୀୟ ଓ ବନ୍ଦନୀୟ । ଭାରତ ବାହାରେ ଥିବାବେଳେ ଆଜାଦହିନ୍ଦ୍ ରେଡିଓରୁ ସେ ମଝିରେ ମଝିରେ ଯେଉଁ ଭାଷଣ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଉଥିଲେ, ସେଗୁଡ଼ିକର ପ୍ରତି ଶବ୍ଦରେ ଗାନ୍ଧିଜୀଙ୍କ ପ୍ରତି ତାଙ୍କର ଆନ୍ତରିକ ଶ୍ରଦ୍ଧା ଓ ଭକ୍ତି ପ୍ରତିଧ୍ୱନିତ ହେଉଥିଲା । କସ୍ତୁରବାଙ୍କ ବିୟୋଗ ପରେ ତାଙ୍କୁ 'ମା' ବୋଲି ସମ୍ବୋଧନ କରି ସମସ୍ତ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ତାଙ୍କର ଗୁଣ ବର୍ଣ୍ଣନ କରିବା ସଙ୍ଗେସଙ୍ଗେ ଗାନ୍ଧିଜୀଙ୍କ ପ୍ରତି ସେ ଆନ୍ତରିକ ସାନ୍ତ୍ୱନା ଓ ସମବେଦନା ପ୍ରକାଶ କରିଥିଲେ । ସେହିପରି ଗାନ୍ଧିଜୀଙ୍କ ୭୫ ତମ ଜୟନ୍ତୀ ଉପଲକ୍ଷେ ସେ ତାଙ୍କ ପ୍ରତି ଯେଉଁ ଆବେଗପୂର୍ଣ୍ଣ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିଥିଲେ ସେଥିରେ କୌଣସି ଛଳ ନଥିଲା । ଆଜାଦହିନ୍ଦ୍ ଫୌଜର ଯେଉଁ ପ୍ରଥମ ଡିଭିଜନ ବାହିନୀଟି ଭାରତ ମାଟିରେ ଅବସ୍ଥାପିତ ବ୍ରିଟିଶ ସୈନ୍ୟଙ୍କ ଉପରେ ସଶସ୍ତ୍ର ଅଭିଯାନ ଆରମ୍ଭ କରିଥିଲେ, ତାହାର ନାମଥିଲା "ଗାନ୍ଧୀ ବ୍ରିଗେଡ୍" ।

ସମସ୍ତେ ଜାଣନ୍ତି ଯେ ରାଜନୈତିକ ଆଦର୍ଶ ଦୃଷ୍ଟିରୁ ସେହି ଦୁଇ ବିଶାଳ ବ୍ୟକ୍ତିତ୍ୱ ମଧ୍ୟରେ ଗୁରୁତର ମତ ପାର୍ଥକ୍ୟଥିଲା । କିନ୍ତୁ ସେହି ମତଭେଦ କେବଳ ହିଂସା ଓ ଅହିଂସାକୁ କେନ୍ଦ୍ରକରି ହୋଇନଥିଲା କାରଣ ଗାନ୍ଧିଜୀ ବ୍ୟକ୍ତିଗତ ଭାବରେ ଅହିଂସା ଆଦର୍ଶ ପ୍ରତି ଅନନ୍ୟ ନିଷ୍ଠ ହୋଇଥିଲେ ମଧ୍ୟ କଂଗ୍ରେସର ମୂଳ ସମ୍ବିଧାନରେ "ସତ୍ୟ ଅହିଂସା" "ଶବ୍ଦ ପରିବର୍ତ୍ତେ ଶାନ୍ତିପୂର୍ଣ୍ଣ ଓ ବିଧିସମ୍ମତ" (Peaceful and legitimate) ମାର୍ଗଦଳର କାମ୍ୟ ଓ କରଣୀୟ ବୋଲି କୁହାଯାଇଥିଲା । ବମ୍ବେ କଂଗ୍ରେସ ଅଧିବେଶନ (୧୯୩୪) ରେ "ସତ୍ୟ ଅହିଂସା" ଶବ୍ଦକୁ ଯୋଡ଼ିବା ପାଇଁ ସ୍ୱୟଂ ଗାନ୍ଧିଜୀଙ୍କ ପ୍ରସ୍ତାବ ମଧ୍ୟ ପ୍ରତ୍ୟାଖ୍ୟାତ ହୋଇଥିବା ବିଷୟ କିଏ ବା ନଜାଣେ ? ତେଣୁ ଉଭୟ ଗାନ୍ଧିଜୀ ଓ ନେତାଜୀ କଂଗ୍ରେସ ପତାକା ତଳେ ଦୀର୍ଘ କୋଡ଼ିଏ ବର୍ଷ କାଳ ଏକତ୍ର କାର୍ଯ୍ୟ କରିପାରିଥିଲେ ନାନା ମତଭେଦ ସତ୍ତ୍ୱେ ।

ଭାରତର ମୁକ୍ତି ସଂଗ୍ରାମରେ ନେତାଜୀଙ୍କ ସେହି ନାତିଦୀର୍ଘ କାର୍ଯ୍ୟକାଳ (୧୯୨୧–୧୯୪୫) ଏଭଳି ଘଟନା ବହୁଳ, ରୋମାଞ୍ଚକର, ଯୁଗାନ୍ତକାରୀ ଓ ଏହାର ପରିଣତି ଏତେ ସୁଦୂର ପ୍ରସାରୀ ଯେ ତାହା ମୁକ୍ତିଯୁଦ୍ଧରେ ଏକ ନିଷ୍ପତ୍ତିମୂଳକ ଭୂମିକା ଗ୍ରହଣ କରିବା ସଙ୍ଗେ ସଙ୍ଗେ ସ୍ୱାଧୀନତାପ୍ରାପ୍ତିକୁ ଅଧିକ ତ୍ୱରାନ୍ୱିତ କରିବାକୁ ମଧ୍ୟ ସମର୍ଥ ହୋଇଥିଲା । ମୁକ୍ତି ସଂଗ୍ରାମକୁ ତାହା ନେତାଜୀଙ୍କ ସର୍ବଶ୍ରେଷ୍ଠ ଅବଦାନ ଓ ତାଙ୍କର ଜୀବନବ୍ୟାପି ତପସ୍ୟା ଓ କୃଚ୍ଛ୍ରସାଧନାର ତାହା ହିଁ ଫଳଶ୍ରୁତି ।

ଗାନ୍ଧିଜୀଙ୍କ ନେତୃତ୍ୱରେ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ବା ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବାବେଳେ ଗାନ୍ଧିଜୀ



କହିଥିଲେ, "ବର୍ଷକ ଭିତରେ ସ୍ୱରାଜ୍ୟ ମିଳିବ" । କିନ୍ତୁ ଆଇ:ସି:ଏସ୍: ଭଳି ଲୋଭନୀୟ ଓ ଉଚ୍ଚକୋଟୀର ସରକାରୀ ଚାକିରି ପ୍ରତ୍ୟାଖ୍ୟାନ କରି ସ୍ୱାଧୀନତା ଯୁଦ୍ଧରେ ଝାସ ଦେବାକୁ କୃତ ସଂକଳ୍ପ ମାତ୍ର ତେଇଶ ବର୍ଷ ବୟସର ସୁଭାଷ ଗାନ୍ଧିଜୀଙ୍କର ସେହି "ଅସମ୍ଭବ କଳ୍ପନା"କୁ ଗ୍ରହଣ କରି ପାରିନଥିଲେ । ଅବଶ୍ୟ ଏଥିରେ ତାଙ୍କର ତିଳେ ହେଲେ ସନ୍ଦେହ ନଥିଲା ଯେ ଯୁଗଯୁଗ ଧରି ଆଳସ୍ୟ, ଭୟ ଓ ହୀନମାନ୍ୟତାରେ ଜର୍ଜରିତ ଆବାଳବୃଦ୍ଧବନିତା ଲକ୍ଷଲକ୍ଷ ଭାରତବାସୀଙ୍କୁ ସ୍ୱାଧୀନତା ସଂଗ୍ରାମ ଭିତରକୁ ଟାଣି ଆଣିବା ପାଇଁ ଅହିଂସା, ଅସହଯୋଗ ହିଁ ଏକମାତ୍ର ଆଦର୍ଶ ଏବଂ ଗାନ୍ଧିଜୀ ହିଁ ସେହି ଅଭିନବ ଯୁଦ୍ଧର ନେତୃତ୍ୱ ନେବା ପାଇଁ ଏକମାତ୍ର ଯୋଗ୍ୟତମ ବ୍ୟକ୍ତି । ତେଣୁ ସେ ମଧ୍ୟ କାୟମନୋବାକ୍ୟରେ ଲମ୍ଫ ପ୍ରଦାନ କଲେ ସେହି ଐତିହାସିକ ସଂଗ୍ରାମରେ । ଇଂଲଣ୍ଡ ରାଜକୁମାର ପ୍ରିନ୍‌ସ ଅଫ୍ ୱେଲ୍‌ସଙ୍କର ଭାରତ ଗସ୍ତକୁ ବିରୋଧ କରିବାକୁ କଂଗ୍ରେସ ଆହ୍ୱାନ ଅନୁସାରେ ସୁଭାଷ କଲିକତାଠାରେ ଏଭଳି ସଙ୍ଗଠନ ଗଢ଼ି ତୋଳିଲେ ଯେ ରାଜପୁତ୍ରଙ୍କର ଗସ୍ତ ଦିନ

ତାଠାରେ ପାଳିତ ହେଲା ତାଙ୍କ ବିରୁଦ୍ଧରେ ଏକ ସ୍ୱତଃ ସ୍ଫୂର୍ତ୍ତ
ହରତାଳ ଏବଂ ସେହି ଅଭିଯୋଗରେ ସୁଭାଷ ତାଙ୍କ
ୀତିକ ଜୀବନର ପ୍ରଥମ କାରାବରଣର ସ୍ୱାଦ ମଧ୍ୟ ଅନୁଭବ
। ତାପରେ ଥରେ ଦିଥର ନୁହେଁ, ସର୍ବମୋଟ ଏଗାର ଥର
ଅନ୍ଧକାର ବନ୍ଦୀଶାଳାରେ ନିକ୍ଷେପ କରାଯାଇଥିଲା ।
ର ସ୍ୱଳ୍ପକାଳ ୨୦ ବର୍ଷ ମାତ୍ର ରାଜନୈତିକ ଜୀବନର
ାଂଶ ଅନ୍ଧକାର କାରାଗାର ଭିତରେ ହିଁ ଅତିବାହିତ
ଥିଲା । ସେଥିମଧ୍ୟରୁ ସେ ବ୍ରହ୍ମଦେଶର ମାଣ୍ଡଲେ
ରେ ଦେଢବର୍ଷ କାଳ ନିର୍ବାସନ ଦଣ୍ଡ ଭୋଗ କରିଥିଲେ ।
ଷଙ୍କର ଶରୀରକୁ ଅସ୍ୱାସ୍ଥ୍ୟକର ପରିବେଶ, ଅତିବିଷ୍ଣା ଓ
ଦ୍ୟରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେବାକୁ ବିଦେଶୀ
ମାନଙ୍କର ଚକ୍ରାନ୍ତ ସେହି ମାଣ୍ଡଲେ ଜେଲରେ ହିଁ ସଫଳ
ଇଥିଲା । କାରାଗାରର ଅବ୍ୟବସ୍ଥା ବିରୁଦ୍ଧରେ ତାଙ୍କୁ ଛ
ଦ କାଳ ଅନଶନ ମଧ୍ୟ କରିବାକୁ ପଡ଼ିଥିଲା । ସେ କାରାମୁକ୍ତି
ଲେ ସତ୍ୟ କିନ୍ତୁ ଜେଲ କର୍ତ୍ତୃପକ୍ଷ ତାଙ୍କ ରକ୍ତରେ ଯକ୍ଷ୍ମା ଜୀବାଣୁ
ଦେଇଥିବାର ମଧ୍ୟ ସନ୍ଦେହ କରାଗଲା । ସେଥିପାଇଁ
ୟାର ଭିଏନାରେ ତାଙ୍କୁ ଚିକିତ୍ସିତ ହେବାକୁ ପଡ଼ିଲା ।

ଚୌରୀ ଚୌରା ଘଟଣାରେ ଗାନ୍ଧିଜୀ ଅସହଯୋଗ
ୋଳନକୁ ପ୍ରତ୍ୟାହାର କରିଦେବାରୁ ସୁଭାଷ ଓ ନେହେରୁଙ୍କ
ପର ଯୁବକମାନେ ଘୋର ବିରକ୍ତି ପ୍ରକାଶ କରିଥିଲେ ।
ାଷ ପ୍ରଥମଥର ପାଇଁ କଂଗ୍ରେସର ଅନ୍ତର୍ନିହିତ ଦୁର୍ବଳତାକୁ
ଭବ କଲେ । ଜନଗଣଙ୍କର ଉତ୍ସାହ ଓ ଉନ୍ମାଦନା ଚରମ
ୀମାରେ ପହଞ୍ଚିଥିବା ବେଳେ ସାମାନ୍ୟ ଏକ ହିଂସାକାଣ୍ଡ
ାରଣରୁ ଆନ୍ଦୋଳନକୁ ସ୍ଥଗିତ ରଖିଦେବା କଂଗ୍ରେସ ଓ ଗାନ୍ଧିଜୀଙ୍କ
କ୍ଷରେ ଅନୁଚିତ ବୋଲି ସେ ମନେକରୁଥିଲେ କିନ୍ତୁ ସେ ତାହାର
ାକାଶ୍ୟ ପ୍ରତିବାଦ କରିନଥିଲେ । ଆନ୍ଦୋଳନ ହଠାତ୍ ସ୍ଥଗିତ
ହେବା ଫଳରେ ସମଗ୍ର ଦେଶରେ ଯେଉଁ ହତାଶା ଓ ନୈରାଶ୍ୟଭାବ
ୃଷ୍ଟି ହୋଇଥିଲା ସେଥିରେ ଜନଗଣଙ୍କୁ ମୁକ୍ତ କରିବା ପାଇଁ
ଚିତ୍ତରଞ୍ଜନ ଓ ମୋତିଲାଲଙ୍କ ଦ୍ୱାରା ଗଠିତ 'ସ୍ୱରାଜ୍ୟ ଦଳ'କୁ
ସୁଭାଷ ପୂର୍ଣ୍ଣ ସମର୍ଥନ ଜ୍ଞାପନ କରି ସେହି ସଙ୍ଗଠନର ସମ୍ପାଦକ
ଦାୟିତ୍ୱ ମଧ୍ୟ ବହନ କରିଥିଲେ । ସୁଭାଷ ଓ ସ୍ୱରାଜ୍ୟଦଳର
ମନେଥିଲା ଯେ ରାଜନୀତି ଓ ପ୍ରଶାସନ କ୍ଷେତ୍ରର ପ୍ରତ୍ୟେକ
ବିଭାଗରେ ବିଦେଶୀ ଶାସନକୁ ବିରୋଧ କରିବାକୁ ପଡ଼ିବ । ଜନ
ଆନ୍ଦୋଳନ କ୍ଷେତ୍ରରେ ମଧ୍ୟ ଜନଗଣଙ୍କର ପ୍ରତ୍ୟେକ ଶାଖା, ପ୍ରଶାଖା
ଯଥା:-ଛାତ୍ର-ଯୁବକ, କୃଷକ ଓ ଶ୍ରମିକ ପ୍ରଭୃତି ଜନ ସଙ୍ଗଠନକୁ
ଜନ ସଂଗ୍ରାମରେ ସାମିଲ କରିବାକୁ ପଡ଼ିବ । ବ୍ରିଟିଶ ପ୍ରଦତ୍ତ ସ୍ୱାୟତ୍ତ
ସ୍ୱାୟତ୍ତ ଶାସନ ଭିତରେ ପ୍ରବେଶ କରି ଓ ତାହାରି ଭିତରେ ରହି
ଭିତରୁ ଶାସନକୁ ଦୁର୍ବଳ କରିବା ମଧ୍ୟ ସ୍ୱାଧୀନତା ସଂଗ୍ରାମର ଏକ
ଅଙ୍ଗ ଭାବରେ ବିବେଚନା କରାଗଲା । ଗାନ୍ଧିଜୀ ଏହି ବିଷୟର
ବିରୋଧ କରୁଥିଲେ, କିନ୍ତୁ ଦେଖାଗଲା ଚୌରୀ ଚୌରା ପରବର୍ତ୍ତୀ
ପରିସ୍ଥିତିର ଜନଗଣ ମନରେ ସୃଷ୍ଟି ହୋଇଥିବା ନୈରାଶ୍ୟକୁ
ସ୍ୱରାଜ୍ୟଦଳର "କାଉନ୍‌ସିଲ ପ୍ରବେଶ" କାର୍ଯ୍ୟକ୍ରମ
ବରଂ ଦୂରକରି ଦେଶରେ ଏକ ନୂତନ ଉଦ୍ଦୀପନା ସୃଷ୍ଟି କରିବା ସଙ୍ଗେ
ସଙ୍ଗେ ପରବର୍ତ୍ତୀ ସଂଗ୍ରାମ ପର୍ଯ୍ୟନ୍ତ ଜନ ଆନ୍ଦୋଳନକୁ ଜୀଆଇ
ରଖିଲା । ମୋତିଲାଲ ନେହେରୁଙ୍କ ପରି ବହୁ ବିଜ୍ଞ ବୁଦ୍ଧିଜୀବୀ
କେନ୍ଦ୍ର ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇ ପ୍ରତି ପଦକ୍ଷେପରେ
ସରକାରକୁ ପଦାରେ ପକାଇ ଅପଦସ୍ତ କଲେ ।

ବଙ୍ଗପ୍ରଦେଶ କଂଗ୍ରେସ କମିଟିର ପ୍ରଚାର ସମ୍ପାଦକ ଓ 'ଜାତୀୟ
ସ୍ୱେଚ୍ଛାସେବୀ ବାହିନୀ'ର ସେନାପତି ପଦରେ ସୁଭାଷଙ୍କ ନିଯୁକ୍ତି
ତାଙ୍କର ସମବର୍ଦ୍ଧିଷ୍ଣୁ ଲୋକପ୍ରିୟତାକୁ ଯେତିକି ଯେତିକି ପ୍ରତିପାଦିତ
କରିଥିଲା କଂଗ୍ରେସ ସଙ୍ଗଠନ ଭିତରେ ତାଙ୍କର ସଂଗ୍ରାମୀ କାର୍ଯ୍ୟକ୍ରମ
ମଧ୍ୟ ସେହି ଅନୁପାତରେ ସମର୍ଥନ ଓ ପ୍ରତିକ୍ରିୟା ସୃଷ୍ଟି କରୁଥିଲା ।
୧୯୨୬-୨୮ ଭିତରେ ଘଟିଥିବା ସାଇମନ କମିସନ୍ ବିରୋଧୀ
ଆନ୍ଦୋଳନ ଏବଂ କଲିକତା କଂଗ୍ରେସ ଅଧିବେଶନରେ ସୁଭାଷଙ୍କ
ପରିଚାଳିତ କଂଗ୍ରେସ ସ୍ୱେଚ୍ଛାସେବକ ବାହିନୀ ତାଙ୍କୁ ଏକ
ଆକର୍ଷଣୀୟ ବ୍ୟକ୍ତିତ୍ୱରେ ପରିଣତ କରିଦେବାର ପ୍ରଥମ ସୂଚନା
ପ୍ରଦାନ କରିଥିଲା । ବିଶେଷତଃ କଂଗ୍ରେସ ଅଧିବେଶନରେ
ସ୍ୱେଚ୍ଛାସେବକ କାର୍ଯ୍ୟ କରିବାର ଉଦ୍ଦେଶ୍ୟରେ ସୁଭାଷଙ୍କ ଦ୍ୱାରା
ଗଠିତ ବାହିନୀ ପୂର୍ବର ନିରୀହ ନିରୁପଦ୍ରବ ସେବକ ବାହିନୀର
ଛାଞ୍ଚରେ ଗଢ଼ା ହେବା ପରିବର୍ତ୍ତେ ଏକ 'ସାମରିକ ବାହିନୀ'ର
ଟେକ୍‌ନିକ୍‌ରେ ଗଢ଼ାଯାଇଥିଲା । ଏହା ଯେ କେବଳ ଭବିଷ୍ୟତର
ବହୁ ସମ୍ଭାବନା ନେଇ ଗଢ଼ାଯାଇଥିଲା ସେତିକି ନୁହେଁ । ଏହାର
ପ୍ରଭାବ ମଧ୍ୟ ଥିଲା ଯୁଗାନ୍ତକାରୀ । କଲିକତାର ପାର୍କସର୍କସ
ମଇଦାନରେ ହଜାର ହଜାର ପଦାତିକ, ଶହ ଶହ ଅଶ୍ୱାରୋହୀ ଓ
କର୍ଣ୍ଣେଲ ଲଳିତା ବସୁଙ୍କ ସେନାପତିତ୍ୱରେ ଏକ ବିରାଟ ମହିଳା
ସ୍ୱେଚ୍ଛାସେବକ ବାହିନୀ ଗଠନ କରି ଆବଶ୍ୟକ ହେଲେ ଏକ
ସାମରିକ ଅଭ୍ୟୁତ୍ଥାନ ଜରିଆରେ ସ୍ୱାଧୀନତା ଅର୍ଜନ କରିବା
ସମ୍ଭବ କି ନୁହେଁ ତାହା ପରୀକ୍ଷା କରିବାକୁ ଯେମିତି ସୁଭାଷ ସେହି
ବିପୁଳ ଆୟୋଜନ କରିଥିଲେ । କଂଗ୍ରେସ ଅଧିବେଶନର
ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଉଛି କଂଗ୍ରେସ ସଭାପତିଙ୍କ
ଶୋଭାଯାତ୍ରା । କିନ୍ତୁ ୧୯୨୮ର କଲିକତା କଂଗ୍ରେସର ସଭାପତିଙ୍କ
ଶୋଭାଯାତ୍ରା ଏକ 'ସାମରିକ ଅଭିଯାନ'ର ରୂପ ଧାରଣ
କରିଥିଲା । "ପ୍ରଥମେ ଖାକି ପୋଷାକ ପରିହିତ ମୋଟର
ସାଇକେଲ୍ ଆରୋହୀ ଦୁଇହଜାର ସ୍ୱେଚ୍ଛାସେବକ, ଅଶ୍ୱାରୋହୀ ଓ
ପଦାତିକ । ତା ପଛରେ ସାଇକେଲ୍ ଆରୋହୀ, ତା'ପଛରେ
ପତାକାବାହୀ ଦଳ, ବିଗୁଲ୍ ଓ ଡ୍ରମ୍‌ବାଦକ ଦଳ ଏବଂ ସବାପଛରେ
ଜେନେରାଲ୍ ଅଫିସର୍ କମାଣ୍ଡିଂ ବା ଜି: ଓ: ସି:ଙ୍କର ଉପଯୁକ୍ତ
ମିଲିଟାରୀ ପୋଷାକ ସଜ୍ଜିତ ହୋଇ ଏକ ଖୋଲା ମଟର ଗାଡ଼ି
ଉପରେ ସ୍ୱୟଂ ସୁଭାଷଙ୍କ ଦଣ୍ଡାୟମାନ ଦୃଶ୍ୟ ଏକ ଅନିର୍ବଚନୀୟ
ଶୋଭା ସୃଷ୍ଟି କରିଥିଲା । ଶୋଭାଯାତ୍ରାର ସେହି ସାମରିକ
ଆବହାଓ୍ୱା ମଧ୍ୟ ଦେଇ ଯେଉଁ ସ୍ୱଦେଶପ୍ରେମ, ସୌନ୍ଦର୍ଯ୍ୟଜ୍ଞାନ
ଶୃଙ୍ଖଳାବୋଧ ଓ ଜାତୀୟଭାବ ଆତ୍ମପ୍ରକାଶ କରିଥିଲା, କଂଗ୍ରେସ
ଅଧିବେଶନର ଅର୍ଦ୍ଧଶତାବ୍ଦୀର ଇତିହାସରେ ପୂର୍ବରୁ କେବେ ଏପରି
ଘଟି ନଥିଲା । ଅଶ୍ୱାରୋହୀ ଦଳର ପଛରେ କଂଗ୍ରେସ
ସଭାପତିଙ୍କର ବହୁ ଅଶ୍ୱ ଚାଳିତ ଯାନ ଚାଲିଥିଲା ।"

ସେହି ଶୋଭାଯାତ୍ରାକୁ ଦେଖି କଂଗ୍ରେସ ସଭାପତି ଉଦାରପନ୍ଥୀ ମୋତିଲାଲ୍ ନେହେରୁ ମଧ୍ୟ ମନ୍ତ୍ରମୁଗ୍ଧ ହୋଇ ଯାଇଥିଲେ । ସେ ସଭାପତି ଭାଷଣରେ କହିଲେ, "ଏହି ଅପୂର୍ବ ଶୋଭାଯାତ୍ରା ଭାରତୀୟ ଜାତୀୟତାବାଦର ଏକ ମୂର୍ତ୍ତିମନ୍ତ ପ୍ରତୀକ । ସ୍ୱେଚ୍ଛାସେବକ ବାହିନୀର ଅଭୂତପୂର୍ବ ବିଧି ବ୍ୟବସ୍ଥା, ଅଶ୍ୱାରୋହୀ ଓ ପଦାତିକ ଦଳର ଶୃଙ୍ଖଳା ଓ ଗଠନ ନୈପୁଣ୍ୟ ଓ ସର୍ବୋପରି ସର୍ବସ୍ତ ଦେଶବାସୀମାନଙ୍କର ସ୍ୱଦେଶ ପ୍ରେମର ମୁଁ ଯେଉଁ ଉତ୍ତାଳ ତରଙ୍ଗମାଳ ନିରୀକ୍ଷଣ କଲି, ତାହାଦ୍ୱାରା ବାସ୍ତବରେ ସ୍ୱରାଜ୍ୟର ସ୍ୱପ୍ନ ମୋ ମନରେ ଅଧିକ ତୀବ୍ର ଭାବରେ ଅନୁଭୂତ ହେଉଛି । ମନ ହେଉଛି "ସତେ ଯେପରି ଭାରତ ସ୍ୱାଧୀନ" । କେବଳ କଂଗ୍ରେସ ସଭାପତି ନୁହଁନ୍ତି, ସାରାଦେଶର ବିଭିନ୍ନ ପ୍ରଦେଶରୁ ଆସିଥିବା କଂଗ୍ରେସଦଳର କର୍ମୀ ଓ ନେତାମାନେ ସୁଭାଷଙ୍କ ସେହି ସାଙ୍ଗଠନିକ ଶକ୍ତି, ସାମର୍ଥ୍ୟ ଓ ଟେକନିକ୍‌ରେ ମୁଗ୍ଧ ହୋଇଯାଇଥିଲେ । ସମସ୍ତଙ୍କ ମୁହଁରେ ସେହି ଗୋଟିଏ କଥା । ଏହାତ ଦରକାର ଥିଲା । ଏଭଳି ନିଷ୍ଠା, ଦେଶାତ୍ମବୋଧ ଓ ଏହି ଶୃଙ୍ଖଳାଜ୍ଞାନ ଆଜି ଆମର ବେଶୀ ଦରକାର । ସୁଭାଷ ତୁମେ ଦେଖାଇଲ ଆଜି ଭାରତୀୟଙ୍କର ଅନ୍ତର୍ନିହିତ ଶକ୍ତି ଓ ସାମର୍ଥ୍ୟ ! ଧନ୍ୟ ସୁଭାଷ, ସାବାସ ସୁଭାଷ !

ଅବଶ୍ୟ ଗାନ୍ଧିଜୀ, ନେହେରୁ ଓ ପଟେଲ ପ୍ରଭୃତି ସର୍ବୋଚ୍ଚ ନେତୃମଣ୍ଡଳୀ ମିଲିଟାରୀ ଛାଞ୍ଚର ସେହି ସ୍ୱେଚ୍ଛାସେବକ ବାହିନୀ ଗଠନକୁ ପସନ୍ଦ କରିନଥିଲେ ।

ଏହା ଏକ ରାଜନୈତିକ ଦଳର ବାର୍ଷିକ ଅଧିବେଶନ ପାଇଁ "ସ୍ୱେଚ୍ଛାସେବକ ବାହିନୀ" ଭଳି ଏକ ମାମୁଲି ସାଧାରଣ ଘଟଣା ହୋଇଥିଲେ ଇତିହାସରେ ଏହାର ହୁଏତ କୌଣସି ଉଲ୍ଲେଖ ରହିନଥାନ୍ତା କିମ୍ବା ତାହାର ନିନ୍ଦା ପ୍ରଶଂସାର କୌଣସି ଗୁରୁତ୍ୱ ନଥାନ୍ତା କିନ୍ତୁ କଂଗ୍ରେସ ଭିତରେ ୧୯୦୬ ମସିହା ସୁରାଟ ଅଧିବେଶନରେ ଯେମିତି ନରମପନ୍ଥୀ ଓ ଚରମପନ୍ଥୀ ଆତ୍ମପ୍ରକାଶ କରିଥିଲେ ୧୯୨୮ ମସିହା କଲିକତା କଂଗ୍ରେସରେ ମଧ୍ୟ ସେହିଭଳି ରକ୍ଷଣଶୀଳ ଆପୋଷପନ୍ଥୀ ଏବଂ ବିପ୍ଳବବାଦୀ ପ୍ରତ୍ୟକ୍ଷ ସଂଗ୍ରାମ ପନ୍ଥୀ ବା ସେହି ପ୍ରକାରର କିଛି ଗୋଟିଏ ସଂଜ୍ଞାଧାରୀ 'ଅଭିମତ' କଂଗ୍ରେସ ଭିତରେ ସମାନ୍ତରାଳ ଭାବରେ ଗ୍ଲିଥିଲା । ଏହି ଦୁଇଟି ଧାରା କଲିକତା କଂଗ୍ରେସର ପରବର୍ତ୍ତୀ ସମସ୍ତ ଆନ୍ଦୋଳନରେ ପ୍ରତିଫଳିତ ହୋଇଥିଲା । ଲବଣ ସତ୍ୟାଗ୍ରହ (୧୯୩୦) ଅବସରରେ ଚଟ୍ଟଗ୍ରାମ ଅସ୍ତ୍ରାଗାର ଲୁଣ୍ଠନ, ସୋଲାପୁରର ଶ୍ରମିକ ଆନ୍ଦୋଳନ ଓ ସୀମାନ୍ତ ପ୍ରଦେଶରେ ସ୍ୱଦେଶ ପ୍ରେମୀ ଭାରତୀୟ ସୈନିକଙ୍କ ସହିତ ବ୍ରିଟିଶ ଅନୁଗତ ସୈନ୍ୟଙ୍କର ରକ୍ତାକ୍ତ ସଂଘର୍ଷ କଲିକତା କଂଗ୍ରେସ ସ୍ୱେଚ୍ଛାସେବକ ବାହିନୀର ଆଦର୍ଶର ପ୍ରତିଫଳନ । ଏପରିକି ଭାରତ ଛାଡ଼ ଆନ୍ଦୋଳନରେ ମଧ୍ୟ ସେହି ଦୁଇଟି ଆଦର୍ଶର ପରିପ୍ରକାଶ ଘଟିଥିଲା । କଂଗ୍ରେସର ମୁଖ୍ୟସ୍ରୋତ ଅହିଂସା ଅସହଯୋଗର ପ୍ରୟୋଗ ପୂର୍ବରୁ କାରାରୁଦ୍ଧ ହେବା ପରେ କାରା ବାହାରେ ଥିବା ବିପ୍ଳବବାଦୀ ବାମପନ୍ଥୀ ଯୁବକମାନେ "ଅଣ୍ଡର ଗ୍ରାଉଣ୍ଡ", ଜେଲଡିଆଁ ଓ ସରକାରୀ ବ୍ୟବସ୍ଥାକୁ ଧ୍ୱସ୍ତ ବିଧ୍ୱସ୍ତ କରିବାରେ ଲାଗିଥିଲେ । ତେଣୁ କଲିକତା କଂଗ୍ରେସ ଅଧିବେଶନକୁ ସୁଭାଷଙ୍କ ଜୀବନରେ ଏକ ବିଭାଜିତ ରେଖା ଭାବରେ ବିଗ୍ଭର କରାଯାଏ ।

ସୁଭାଷଙ୍କର ସେହି ସ୍ୱେଚ୍ଛାସେବକ ବାହିନୀ କଂଗ୍ରେସର ହିନ୍ଦୁସ୍ଥାନୀ ସେବାଦଳ ଗ୍ଭଞ୍ଚରେ ଗଢ଼ାଯାଇ ନଥିଲା । ସାମରିକ ପୋଷାକରେ ଦୃପ୍ତ, ସାମରିକ କୁଚକାଓ୍ୱାଜ୍‌ରେ ଦକ୍ଷ ସେହି ବିରାଟ ନାରୀ ପୁରୁଷ ବାହିନୀ ଜାତିର ଯୌବନକୁ ଆତ୍ମସମ୍ବିତ ଫେରାଇ ଦେଇଥିଲା । ରଣସଙ୍ଗୀତ ସ୍ୱପ୍ନ ତାହାର ରକ୍ତରେ ସଞ୍ଚାର କରିଥିଲା । ପାର୍କ ସର୍କସ ମଇଦାନରେ କର୍ଣ୍ଣେଲ ଲତିକା ବସୁ ପରିଗ୍ଭଳିତ ନାରୀ ବାହିନୀ ହିଁ "ଆଜାଦ୍ ହିନ୍ଦ୍ ଫୌଜ"ରେ କର୍ଣ୍ଣେଲ ଲକ୍ଷ୍ମୀ ପରିଗ୍ଭଳିତ "ଝାନ୍ସୀ ରାଣୀ ବାହିନୀ"ର ଅଙ୍କୁର ଏବଂ ସେହି ସ୍ୱେଚ୍ଛାସେବକ ବାହିନୀ ରୂପକ ବୀଜରୁ ହିଁ ନେତାଜୀଙ୍କ ଦୁର୍ଦ୍ଧର୍ଷ ଆଜାଦ୍ ହିନ୍ଦ୍ ଫୌଜ ରୂପୀ ବିରାଟ ମହୀରୁହ ।

କଲିକତା କଂଗ୍ରେସରେ ଏକଲକ୍ଷ ଲୋକଙ୍କ 'ସ୍ୱାକ୍ଷର'ସହ ଏକ ବିଶାଳ ଶୋଭାଯାତ୍ରାରେ କଂଗ୍ରେସ ସଭାପତି ଓ ମହାତ୍ମାଗାନ୍ଧିଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିବା ମଧ୍ୟ ସୁଭାଷଙ୍କର ଅନ୍ୟ ଏକ ସାଫଲ୍ୟ । ସେତେବେଳକୁ ସେ ସାରା ଭାରତର ଯୁବ କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହୋଇ ସାରିଥିଲେ । ସେହି ସ୍ମାରକପତ୍ରରେ ବ୍ରିଟିଶ୍ ଶାସନ ଅଧୀନରେ ସ୍ୱାୟତ୍ତଶାସନ ବା ଡୋମିନିୟନ୍ ଷ୍ଟାଟସ୍ ବଦଳରେ 'ପୂର୍ଣ୍ଣ ସ୍ୱାଧୀନତା' ପ୍ରସ୍ତାବ ଗ୍ରହଣ କରିବାକୁ ଦାବୀ କରାଯାଇଥିଲା । କିନ୍ତୁ କଂଗ୍ରେସର ରକ୍ଷଣଶୀଳ ନେତୃତ୍ୱ ଦେଶ ପାଇଁ ସେହି ସର୍ବନିମ୍ନ ଦାବୀ ମଧ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲା । ଅବଶ୍ୟ ବର୍ଷକ ପରେ ଲାହୋର କଂଗ୍ରେସ ଅଧିବେଶନରେ ସୁଭାଷଙ୍କର ପ୍ରସ୍ତାବ ଗୃହୀତ ହୋଇଥିଲା କିନ୍ତୁ ସୁଭାଷଙ୍କର ଚିନ୍ତାଧାରା ସେତେବେଳକୁ ଆହୁରି ଧାପେ ଆଗେଇଯାଇଥିଲା । ସେ ଦାବୀ କରିଥିଲେ ଯେ ସ୍ୱାଧୀନତା ଆନ୍ଦୋଳନରେ ଅଧିକ ଗତିବେଗ ଦେବାକୁ ହେଲେ ପୂର୍ଣ୍ଣସ୍ୱାଧୀନତା ପ୍ରସ୍ତାବ ସଙ୍ଗେ ସଙ୍ଗେ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଏକ ସମାନ୍ତରାଳ ସରକାର ମଧ୍ୟ ଗଠନ କରାଯାଉ । ସେ ପ୍ରସ୍ତାବକୁ ଅବଶ୍ୟ କଂଗ୍ରେସ ଗ୍ରହଣ କରିପାରିନଥିଲା । କିନ୍ତୁ ୧୯୩୦ ଜାନୁୟାରୀ ଛବିଶ ତାରିଖକୁ 'ସ୍ୱାଧୀନତା ଦିବସ' ଭାବରେ ପାଳନ କରିବାକୁ କଂଗ୍ରେସ ଅଧିବେଶନରେ ପ୍ରସ୍ତାବ ଗ୍ରହଣ କରାଗଲା । ଯେତେ ପ୍ରତୀକାତ୍ମକ ହେଲେ ମଧ୍ୟ ତାହା ସାରା ଦେଶରେ ବିପୁଳ ଉନ୍ମାଦନା ଓ ଆଲୋଡ଼ନ ସୃଷ୍ଟି କରିଥିଲା । ସେହି ବୈପ୍ଳବିକ ଦିବସର ସ୍ମାରକୀ ସ୍ୱରୂପ ଆଜିମଧ୍ୟ ଜାନୁୟାରୀ ଛବିଶ 'ଗଣତନ୍ତ୍ର' ଦିବସ ରୂପେ ପାଳିତ ହେଉଛି । ଏହିଭଳି ଭାବରେ ସ୍ୱାଧୀନତା ସଂଗ୍ରାମକୁ ତ୍ୱରାନ୍ୱିତ କରିବାକୁ ସୁଭାଷ ଯେଉଁ ନୂତନ ନୂତନ ପ୍ରସ୍ତାବ ଦେଇ ତାହାକୁ ବେଗବାନ କରିଥିଲେ, ତାହା ଥିଲା ତାଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ଏବଂ ମୌଳିକ ଅବଦାନ । ଅଲଇଣ୍ଡିଆ ଟ୍ରେଡ୍‌ୟୁନିୟନ କଂଗ୍ରେସର ସଭାପତି ଭାବରେ ନିର୍ବାଚିତ ହେବାପରେ ସୁଭାଷ ଦେଶର ବିଶାଳ ଶ୍ରମିକ ସମାଜର ସଚେତନ ଓ ସଙ୍ଗଠିତ ଗୋଷ୍ଠୀକୁ

ଧୀନତା ସଂଗ୍ରାମରେ ସକ୍ରିୟ ଭାବରେ ଜଡ଼ିତ କରିବାର
ଯୋଗ ପାଇଥିଲେ। ସମାଜର ସବୁ ଶ୍ରେଣୀର ନାଗରିକଙ୍କୁ
ଧୀନତା ସଂଗ୍ରାମରେ ସାମିଲ କରିବାର ବୈପ୍ଳବିକ ଚିନ୍ତାଧାରା
ଷ ହିଁ ସର୍ବପ୍ରଥମେ ଆନୁଷ୍ଠାନିକ ଭାବରେ କଂଗ୍ରେସ ଭିତରେ
ବେଶ କରାଇ ଥିଲେ।

୧୯୩୧ ମସିହାରେ ଅସୁସ୍ଥତାବଶତଃ ତାଙ୍କର ୟୁରୋପ ଯାତ୍ରା
ଂ ସେଠାରେ ଅଷ୍ଟ୍ରିୟାର ଭିଏନାରେ ଦୀର୍ଘଦିନ ଚିକିତ୍ସା ଗ୍ରହଣ
ର୍ଣ୍ଣ ଭାବରେ ଏକ ବ୍ୟକ୍ତିଗତ ବ୍ୟାପାର ହୋଇଥିଲେ ମଧ୍ୟ ତାହା
ଐତିହାସିକ ଘଟଣାରେ ପରିଣତ ହେଲା। କେନ୍ଦ୍ରୀୟ
ସେମ୍ବ୍ଲିର ପୂର୍ବତନ ସଭାପତି ବିଶିଷ୍ଟ କଂଗ୍ରେସ ନେତା ବିଠଲ
ଭାଇ ପଟେଲ ମଧ୍ୟ ଚିକିତ୍ସା ପାଇଁ ସେହି ସମୟରେ ଭିଏନାରେ
ଥିବାରୁ ଉଭୟଙ୍କ ମଧ୍ୟରେ ଦେଶର ମୁକ୍ତି ଆନ୍ଦୋଳନ ସମ୍ପର୍କରେ
ବହୁତ ଆଲୋଚନା ହୋଇଥିଲା। ୧୯୨୨ ମସିହାର ଚୌରୀ
ଚୌରୀ ଘଟନା ଭଳି ୧୯୩୦ର ଲବଣ ସତ୍ୟାଗ୍ରହ ଜନିତ ବିପୁଳ
ଉନ୍ମାଦନା "ଗାନ୍ଧି–ଇରଉଇନ୍' ଚୁକ୍ତି ଦ୍ୱାରା ସୀମିତ ଏବଂ ନିସ୍ତେଜ
ହୋଇଯିବାରୁ ଉଭୟ ବିଶେଷ କ୍ଷୁବ୍ଧ ହୋଇଥିଲେ। ବ୍ରିଟିଶ
ଶାସକମାନଙ୍କ ସହ ଚରମ ସଂଗ୍ରାମ ପାଇଁ ଜନଗଣ ପ୍ରସ୍ତୁତ ଥିବା
ବେଳେ ସେମାନଙ୍କ ସହ ବାରମ୍ବାର ଏହିଭଳି 'ଆପୋଷ' କରିବା
ଆଦୌ ଗ୍ରହଣୀୟ ନୁହେଁ ଏବଂ କଂଗ୍ରେସର ରକ୍ଷଣଶୀଳ ନେତୃତ୍ୱ
ଯୋଗୁ ଦେଶର ସ୍ୱାଧୀନତାପ୍ରାପ୍ତି ବିଳମ୍ବିତ ହେଉଅଛି ବୋଲି
ସେମାନେ ଅନୁଭବ କଲେ। ସବୁଠାରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ
ସିଦ୍ଧାନ୍ତରେ ସେମାନେ ଉପନୀତ ହୋଇଥିଲେ ଯେ ବିଶ୍ୱ
ରାଜନୀତିରେ ଏକ ଦିଗରେ ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ ଏବଂ
ଅନ୍ୟ ଦିଗରେ ସାମ୍ୟବାଦୀ ଦେଶ ଭିତରେ ଏବଂ ପୁନଶ୍ଚ ପୁଞ୍ଜିବାଦ
ଓ ସାମ୍ୟ ସାମ୍ରାଜ୍ୟବାଦ ଭିତରେ ଯେଉଁ ସଙ୍ଘର୍ଷ ଚାଲିଥିଲା ତଥା
ୟୁରୋପରେ ଫାସିବାଦ ଓ ଗଣତନ୍ତ୍ର ଭିତରେ ଯେଉଁ ଟଣାଓଟରା
ଆରମ୍ଭ ହେଉଥିଲା ସେ ସମ୍ପର୍କରେ ମଧ୍ୟ କଂଗ୍ରେସ ତାହାର ନିଜସ୍ୱ
ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ।

ସୁଭାଷଙ୍କ ମନରେ ଏଥିରେ କୌଣସି ସନ୍ଦେହ ନଥିଲା ଯେ
କେବଳ ଦେଶ ଭିତରେ ନୁହେଁ, ଭାରତ ବାହାରେ ମଧ୍ୟ ଭାରତର
ସ୍ୱାଧୀନତା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ
ହେବ। ଇଂଲଣ୍ଡର ଜନମତ ଏବଂ ଭାରତପ୍ରେମୀ ସାଂସଦମାନଙ୍କ
ମଧ୍ୟରେ ଆମ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ତଥ୍ୟ ସବୁ ପ୍ରଚାର
କରିବା ପାଇଁ ପୂର୍ବରୁ ଯେଉଁ ଲଣ୍ଡନ ଅଫିସ୍ ଥିଲା, ତାହା
ଅସହଯୋଗ ଆନ୍ଦୋଳନ ବେଳୁ ବନ୍ଦ ହୋଇଯାଇଥିଲା। ତେଣୁ
ସ୍ୱାଧୀନତା ଯୁଦ୍ଧ ସମ୍ପର୍କରେ ଇଂଲଣ୍ଡର କାଗଜକ ସେଠାରେ ବହୁ
ମିଥ୍ୟା ଅପପ୍ରଚାର କରୁଥିଲେ। ସୁଭାଷ କହୁଥିଲେ ଯେ ବିଜ୍ଞାନର
ଉନ୍ନତି ଓ ସାମ୍ରାଜ୍ୟବାଦର ବିସ୍ତାର ଫଳରେ ସମଗ୍ର ବିଶ୍ୱ ଯେମିତି
କ୍ରମେ କ୍ଷୁଦ୍ର ଏବଂ ପରସ୍ପରର ନିକଟବର୍ତ୍ତୀ ହୋଇ ଯାଉଅଛି। ସେ
ଦୃଷ୍ଟିରୁ ଭାରତର ସ୍ୱାଧୀନତା ସଂଗ୍ରାମକୁ କେବଳ ଭାରତ ଭିତରେ
ସୀମାବଦ୍ଧ କରି ରଖିଲେ ହେବନାହିଁ। ଏହାକୁ ମଧ୍ୟ ବିଶ୍ୱବ୍ୟାପୀ
କରିବାକୁ ପଡ଼ିବ ଏବଂ ସମସ୍ତ ବିଦେଶୀ ରାଷ୍ଟ୍ରରୁ ସର୍ବବିଧ ସାହାଯ୍ୟ
ଗ୍ରହଣ କରିବାକୁ ପଡ଼ିବ। ୟୁରୋପ ଭ୍ରମଣ ସମୟରେ ରୋମ୍ ଓ

ଭିଏନାରେ ଏସିୟ ଛାତ୍ର ସମ୍ମିଳନୀ ସଂଗଠିତ କରି ସେଠାରେ
ସ୍ୱାଧୀନତା ସଂଗ୍ରାମର ସମର୍ଥନ ସଂଗ୍ରହ କରିବାରେ ମଧ୍ୟ ସୁଭାଷ
ସମର୍ଥ ହୋଇଥିଲେ। ଯାହାହେଉ ସେମାନଙ୍କର ସେ
ବିଚାରଧାରାକୁ ଏକ ମିଳିତ ଇସ୍ତାହାର ରୂପେ ଦେଶବାସୀ ଓ
କଂଗ୍ରେସର ଅବଗତ ନିମନ୍ତେ ପ୍ରେରଣ କରାଯାଇଥିଲା।
ଇତିହାସ ପୁସ୍ତକରେ ସେହି ଇସ୍ତାହାର ଏକ କମ୍ ପ୍ରଚାରିତ ବିଷୟ
ହୋଇଥିଲେ ମଧ୍ୟ ଏହା ଯେ ଦେଶବାସୀ ଓ କଂଗ୍ରେସ ଭିତରେ
ବିପୁଳ ଆଲୋଡ଼ନ ସୃଷ୍ଟି କରିଥିଲା, ଏଥିରେ ସନ୍ଦେହ ନାହିଁ।
୧୯୩୧–୩୬ ପର୍ଯ୍ୟନ୍ତ ସୁଭାଷ ୟୁରୋପର ବିଭିନ୍ନ ରାଷ୍ଟ୍ର ଗସ୍ତକରି
ସେଠାରେ ରାଜନୈତିକ ବିବର୍ତ୍ତନ ଓ ଭାରତର ସ୍ୱାଧୀନତା ଯୁଦ୍ଧରେ
ସେହି ରାଜନୀତି ପ୍ରଭାବ ଓ ପ୍ରତିକ୍ରିୟା ଅଧ୍ୟୟନ କରିଥିଲେ।
ଏଣେ ସୁଭାଷଙ୍କର ସେହି ବିଶ୍ୱ ଦୃଷ୍ଟିକୋଣ ବ୍ରିଟିଶ ଶାସକମାନଙ୍କ
ମଧ୍ୟରେ ସୃଷ୍ଟି କରୁଥାଏ ଉତ୍କଟ ପ୍ରତିକ୍ରିୟା। କଂଗ୍ରେସ
ନେତୃମଣ୍ଡଳୀ ମଧ୍ୟରେ ସୁଭାଷଙ୍କୁ ଶାସକ ଶ୍ରେଣୀ ସବୁଠାରୁ
ଭୟଙ୍କର ଶତ୍ରୁ ଭାବରେ ବିବେଚନା କଲା ଏବଂ ଭାରତରେ ତାଙ୍କ
ପ୍ରବେଶ ଉପରେ ନାନା କଟକଣା ମଧ୍ୟ ଜାରୀ ହୋଇଥିଲା।
୧୯୩୩ ମସିହାରେ ସେ ବିନାନୁମତିରେ ଭାରତ ଫେରିବାରୁ
ବମ୍ବେରେ ତାଙ୍କୁ ଗିରଫ ମଧ୍ୟ କରାଗଲା। ତଥାପି ଏସବୁ ସତ୍ତ୍
୧୯୩୮ ମସିହାରେ ସେ ବିଦେଶରେ ଥିବା ବେଳେ କଂଗ୍ରେସ ଦ
ତାଙ୍କୁ 'ରାଷ୍ଟ୍ରପତି' (ସେତେବେଳେ କଂଗ୍ରେସ ସଭାପତିଙ୍କୁ 'ରାଷ୍ଟ୍ରପତି'
ବୋଲି କୁହାଯାଉଥିଲା) ଭାବରେ ନିର୍ବାଚିତ କରିଥିଲେ। ସେହି
ଗୋଟିଏ ଘଟଣାରୁ କଂଗ୍ରେସ ଦଳ ଭିତରେ ସୁଭାଷଙ୍କ ବିପୁଳ
ଲୋକପ୍ରିୟତା ପ୍ରମାଣ ମିଳିଥାଏ। ମାତ୍ର ଗୋଟିଏ ବର୍ଷ ପାଇଁ
କଂଗ୍ରେସ ସଭାପତି ହୋଇ ସୁଭାଷ ତାଙ୍କର ନିଜସ୍ୱ ବିଚାର କଂଗ୍ରେସ
ସମ୍ମୁଖରେ ଉପସ୍ଥାପିତ କରିବାକୁ ସମର୍ଥ ହୋଇନଥିଲେ। ସ୍ୱ
ସ୍ୱାଧୀନ ଭାରତରେ ସର୍ବାଙ୍ଗୀନ ଉନ୍ନତିର ରୂପ କ'ଣ ହେବ, ସେ
ସମ୍ପର୍କରେ କେତେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ।
ସ୍ୱାଧୀନ ଭାରତର ଯୋଜନା ବିଷୟ ଚିଠା ପ୍ରସ୍ତୁତ କରିବାକୁ
ନେହେରୁଙ୍କ ଅଧ୍ୟକ୍ଷତାରେ ଏକ "ଯୋଜନା କାଉନ୍‌ସିଲ୍
ଗଢ଼ିଥିଲେ। ଆଜିର ଯୋଜନା କମିସନ୍" ଯେ ସୁଭାଷ ପରିକଳ୍ପିତ
ସେହି "ଯୋଜନା କାଉନ୍‌ସିଲ୍‌ର ସମ୍ପ୍ରସାରିତ ରୂପ ଏହା ଆ
ଇତିହାସ ପୁସ୍ତକଗୁଡ଼ିକରେ ଗୋଟିଏ ଅନାଲୋଚିତ ଅଧ୍ୟାୟ।
ସେହି ଭଳି କେତେକ ପ୍ରଗତିଶୀଳ ଓ ବାମପନ୍ଥୀ ପଦକ୍ଷେପ ନେବା
ଫଳରେ କଂଗ୍ରେସ ରକ୍ଷଣଶୀଳ ଶକ୍ତିଗୁଡ଼ିକ ତାଙ୍କର ବିରୋଧ
କରିବାକୁ ଆରମ୍ଭ କଲେ। ସୁତରାଂ ବର୍ଷକିଆ ସଭାପତି
ଦାୟିତ୍ୱରେ ସନ୍ତୁଷ୍ଟ ନହୋଇ ସେ ଯେତେବେଳେ ୧୯୩୯ରେ
ଦ୍ୱିତୀୟ ଥରପାଇଁ ସଭାପତି ପଦରେ ପ୍ରାର୍ଥୀ ହେବାକୁ ଇଚ୍ଛାପ୍ରକାଶ
କଲେ, କଂଗ୍ରେସର ଯେଉଁ ରକ୍ଷଣଶୀଳ ଗୋଷ୍ଠୀ ତାଙ୍କୁ ୧୯୩୮ରେ
ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରାଇଥିଲେ, ସେମାନେ ତାଙ୍କର ତୀବ୍ର
ବିରୋଧ କରିବାକୁ ସ୍ଥିର କଲେ। ସୁଭାଷଙ୍କ ସମର୍ଥକ କଂଗ୍ରେସ
ସଭ୍ୟମାନଙ୍କର ଅଭିମତ ଥିଲା ଏହା ଯେ "ଦ୍ରୁତ ପରିବର୍ତ୍ତନ
ଘଟୁଥିବା ବିଶ୍ୱ ପରିସ୍ଥିତି ଦୃଷ୍ଟିରୁ ଭାରତର ସ୍ୱାଧୀନତା ସଂଗ୍ରାମକୁ
ଏଭଳି ଭାବରେ ପରିଚାଳନା କରିବାକୁ ହେବ ଯେପରିକି ସେଥି

ଭାରତ ସର୍ବାଧିକ ଲାଭ ଉଠାଇ ପାରିବ । ସୁଭାଷଙ୍କ ବ୍ୟତୀତ ସେଭଳି ନେତୃତ୍ୱ ଦେବାପାଇଁ ଅନ୍ୟ କେହି ସମର୍ଥ ହେବେ ନାହିଁ । ତେଣୁ ସୁଭାଷଙ୍କୁ ପୂର୍ବଭଳି ପୁନଶ୍ଚ ନିର୍ଦ୍ୱନ୍ଦରେ ନିର୍ବାଚିତ କରାଯାଉ ।" କିନ୍ତୁ ତାହା ହୋଇପାରିଲା ନାହିଁ । ପଟ୍ଟାଭି ସୀତାରାମାୟାଙ୍କୁ ତାଙ୍କ ବିରୁଦ୍ଧରେ ଛିଡ଼ା କରାଗଲା ଏବଂ ତାଙ୍କୁ ଜୟଯୁକ୍ତ କରିବା ପାଇଁ ନେତୃବର୍ଗ ପ୍ରାଣପାତ ଉଦ୍ୟମ କଲେ । କିନ୍ତୁ ସମସ୍ତଙ୍କୁ ବିସ୍ମିତ କରିଦେଇ ସୁବାଷ ବିପୁଳ ଭୋଟରେ ଜୟଯୁକ୍ତ ହେଲେ । ତ୍ରିପୁରୀ (ମଧ୍ୟପ୍ରଦେଶ) କଂଗ୍ରେସ ଅଧିବେଶନରେ ସୁଭାଷ ତାଙ୍କ ଭାଷଣ ପ୍ରସଙ୍ଗରେ କହିଲେ, "ଆନ୍ତର୍ଜାତିକ ପରିସ୍ଥିତି ଭାରତର ସ୍ୱାଧୀନତା ପାଇଁ ଆଜି ଯେପରି ଅନୁକୂଳ ହୋଇଅଛି, ଅତୀତରେ ସେଭଳି କେବେ ହୋଇନଥିଲା । ବ୍ରିଟିଶ୍ ଶାସକବୃନ୍ଦ ଭୟଙ୍କର ବିପଦର ସମ୍ମୁଖୀନ ହୋଇଥିବା ବେଳେ 'ସ୍ୱରାଜ୍ୟ ସଂଗ୍ରାମ'ର ଚୂଡ଼ାନ୍ତ ବିଜୟ ପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ । ଏହାକୁ କେହି ଭାବପ୍ରବଣତା ବୋଲି ମନେ ନକରି ବାସ୍ତବ ରାଜନୀତି ବା **Real Politik** ବୋଲି ବିଚାର କରିବାକୁ ମୁଁ ନିବେଦନ କରୁଅଛି ।" ସୁଭାଷଙ୍କର ସେହି ଦୂରଦୃଷ୍ଟି ସମ୍ପନ୍ନ ବିଚାରକୁ ବିପୁଳ ସମର୍ଥନ ମିଳିଥିଲେ ସୁଦ୍ଧା ସେହି ଅଭିମତର ବିରୋଧୀମାନେ ଶେଷ ସୁଦ୍ଧା ଜୟଯୁକ୍ତ ହେଲେ । ସୁଭାଷଙ୍କୁ ନିଜ ମତାନୁସାରେ ତାଙ୍କର କାର୍ଯ୍ୟକାରୀ କମିଟି ଗଢ଼ିବାକୁ ଦିଆଗଲା ନାହିଁ । ବିଭିନ୍ନ ପ୍ରତିବନ୍ଧକ ସୃଷ୍ଟି କରାଗଲା । ତାଙ୍କର ସମସ୍ତ ଉଦ୍ୟମ ବ୍ୟର୍ଥ ହେବାରୁ ସେ ବାଧ୍ୟ ହୋଇ କଂଗ୍ରେସ ସଭାପତି ପଦରୁ ଇସ୍ତଫା ପ୍ରଦାନ କଲେ, ଏବଂ ନିଜର ଆଦର୍ଶ ସଂଗ୍ରାମକୁ ବଜାୟ ରଖିବାକୁ କଂଗ୍ରେସ ଭିତରେ "ଫରଓ୍ୱାଡ଼ ବ୍ଲକ" ଗୋଷ୍ଠୀ ଗଠନ କଲେ । ଖୁବ୍ ଅଳ୍ପଦିନ ଭିତରେ ଏହାକୁ ବିପୁଳ ସମର୍ଥନ ମିଳିଲେ ସୁଦ୍ଧା ସୁଭାଷଙ୍କ ପ୍ରତି ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ମତଭେଦର ସୁଯୋଗ ନେଇ ବ୍ରିଟିଶ୍ ପ୍ରଶାସନ ସୁଭାଷଙ୍କର ସମସ୍ତ ରାଜନୈତିକ କାର୍ଯ୍ୟକଳାପକୁ କଠୋର ହସ୍ତରେ ଦମନ କଲେ । ତାଙ୍କୁ ବାରମ୍ବାର ଗିରଫ କରି କାରାଗାରରେ ନିକ୍ଷେପ କରାଗଲା । ସେତେବେଳକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭୟାବହ ଆକାର ଧାରଣ କରିଥିଲା । ଇଂଲଣ୍ଡ ବିରୁଦ୍ଧରେ ଜର୍ମାନି ଓ ଇଟାଲୀ ଯୁଦ୍ଧ ଘୋଷଣା କରିବାଫଳରେ ଇଂଲଣ୍ଡର ସ୍ଥିତି ବିପନ୍ନ ହୋଇପଡ଼ିଲା । ସୁଭାଷ ଜେଲ୍ ଭିତରେ ଥିବାବେଳେ ଚିନ୍ତା କଲେ ଯେ ଏହି ପରିସ୍ଥିତିର ସୁଯୋଗ ନେଇ ସେ ଭାରତ ଛାଡ଼ି ଚାଲିଯିବା ଆବଶ୍ୟକ । ଋଷିଆ ସେ ପର୍ଯ୍ୟନ୍ତ ନିରପେକ୍ଷ ରହିଥିବାରୁ ଭାରତର ସ୍ୱାଧୀନତା ସଂଗ୍ରାମରେ ତାହାର ସର୍ବାଧିକ ସାହାଯ୍ୟ ମିଳିବ ବୋଲି ସେ ଆଶା କରିଥିଲେ । କିନ୍ତୁ ଆଇନ ସମ୍ମତ ଭାବରେ ଭାରତ ତ୍ୟାଗ କରିବା ସମ୍ଭାବନା ନଥିବାରୁ ବାଧ୍ୟ ହୋଇ ସେ ଛଦ୍ମବେଶରେ (ଜିଆଉଦ୍ଦୀନ୍ ନାମରେ ଛଦ୍ମବେଶୀ ମୁସଲମାନ) ୧୯୪୧ ଜାନୁୟାରୀ ମାସରେ ପୋଲିସ୍ ନଜରବନ୍ଦୀରୁ ଖସି ପଳାଇ ଗଲେ ।

କାବୁଲରେ ପହଞ୍ଚି ଏବଂ ସେଠାରେ ମସ୍କୋଠାରୁ କୌଣସି ସମର୍ଥନ ନପାଇବାରୁ ଏକମାସ ଅପେକ୍ଷା କରିବାପରେ "ଅଲାଣ୍ଡୋ – ମାସାଟୋ" ଇଟାଲୀୟ ଛଦ୍ମ ନାମରେ ଜର୍ମାନୀରେ ପହଁଞ୍ଚିଲେ ଏବଂ ସେଠାରେ ବନ୍ଦୀ ଭାରତୀୟ ସେନାଙ୍କୁ ଧରି ଏକ 'ମୁକ୍ତିବାହିନୀ' ଗଢ଼ିଥିଲେ ମଧ୍ୟ ହିଟଲର୍ ଓ ମୁସୋଲିନ୍ଙ୍କଠାରୁ କୌଣସି ସମର୍ଥନ ନମିଳିବାରୁ ସେ ଜର୍ମାନୀ ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ । ଅବଶ୍ୟ ଜାପାନ ଓ ଇଂଲଣ୍ଡ ଯୁଦ୍ଧ ଆରମ୍ଭ ହୋଇଯିବାରୁ ସେ ଜର୍ମାନୀରୁ ବୁଡ଼ାଜାହାଜରେ ନବେ ଦିନରେ ଜାପାନରେ ପହଞ୍ଚିଗଲେ । ପୂର୍ବ ଏସିଆରେ ଥିବା ତିରିଶି ଲକ୍ଷ ପ୍ରବାସୀ ଭାରତୀୟ ଏବଂ ଜାପାନ୍ ହାତରେ ଯୁଦ୍ଧ ବନ୍ଦୀ ଥିବା ଷାଠିଏ ହଜାର ଭାରତୀୟ ସେନାଙ୍କୁ ନେଇ ଗଠନ କଲେ ଦୁର୍ବାର ଓ ଦୁର୍ଦ୍ଧର୍ଷ "ଆଜାଦ୍ ହିନ୍ଦ୍ ଫୌଜ" । ତାହା ସବୁ ଇତିହାସରେ ଅତି ପରିଚିତ କଥା ହୋଇଥିବାରୁ ବିସ୍ତୃତ ଆଲୋଚନା ଏଠାରେ ନିଷ୍ପ୍ରୟୋଜନ । ନେତାଜୀଙ୍କର ସେନାପତିତ୍ୱରେ "ଆଜାଦ୍‌ହିନ୍ଦ୍ ଫୌଜ" ୧୯୪୪–୪୫ରେ ପୂର୍ବ ଭାରତରେ ଆସାମର ବହୁଭାଗ ବ୍ରିଟିଶ ଶାସକମାନଙ୍କ ହାତରୁ ଛଡ଼ାଇ ନେଇ ସେଠାରେ ସ୍ୱାଧୀନ ସରକାର ପ୍ରତିଷ୍ଠା କରିଥିଲେ ସୁଦ୍ଧା ଜାପାନ ଉପରେ ଆମେରିକା ପରମାଣୁ ବୋମା ପକାଇ ଧ୍ୱସ୍ତ ବିଧ୍ୱସ୍ତ କରି ଦେବାରୁ ବିଶ୍ୱ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଗଲା ଇଂରେଜମାନଙ୍କ ସପକ୍ଷରେ । ହଜାର ହଜାର ମୁକ୍ତି ବାହିନୀ ଗିରଫ ହେଲେ ଏବଂ ନେତାଜୀ ଋଷିଆ ମାଟିରେ ମୁକ୍ତି ସଂଗ୍ରାମର ଦ୍ୱିତୀୟ ସାମ୍ମୁଖ୍ୟ ଖୋଲିବା ଆଶାରେ ବର୍ମା–ଋଷିଆ ସୀମାନ୍ତକୁ ଚାଲିଯିବାକୁ ବାଧ୍ୟ ହେଲେ । ଶେଷ ପରିଣତି ଏବେ ମଧ୍ୟ ଅଜ୍ଞାତ ।

କିନ୍ତୁ ଯୁଦ୍ଧ ପରେ ବନ୍ଦୀ ଆଜାଦ୍ ହିନ୍ଦ୍ ଫୌଜର 'ରାଜଦ୍ରୋହ' ବିଚାର କରିବାକୁ ଲାଲକିଲ୍ଲାରେ ଯେତେବେଳେ ବନ୍ଦୀକରି ରଖାଗଲା, ତାହା ବିରୁଦ୍ଧରେ ସୃଷ୍ଟି ହେଲା ଭାରତରେ ବ୍ୟାପକ ଜନ ବିକ୍ଷୋଭ । ନେତାଜୀଙ୍କ କାର୍ଯ୍ୟକଳାପ ଲୋକଲୋଚନକୁ ଆସିବା ପରେ ଭାରତର ଜନମତ ବ୍ରିଟିଶ୍ ଶାସକମାନଙ୍କର ଔଦ୍ଧତ୍ୟକୁ ବରଦାସ୍ତ କରିପାରିଲେ ନାହିଁ । ଆଜାଦ୍ ହିନ୍ଦ୍ ଫୌଜର ମୁକ୍ତି ପାଇଁ ହରତାଳ, ବିକ୍ଷୋଭ ଓ ପୋଡ଼ାଜଳା ଆରମ୍ଭ ହେଲା । ଯାହା ଫଳରେ ୧୯୪୫ ଓ ୧୯୪୬ ମସିହାରେ ଭାରତୀୟ ସୈନ୍ୟ ବାହିନୀର ମଧ୍ୟ ବ୍ରିଟିଶ୍ ଶାସକ ବିରୁଦ୍ଧରେ ସୃଷ୍ଟି ହେଲା ପ୍ରକାଶ୍ୟ ବିଦ୍ରୋହ ।

ବ୍ରିଟିଶ୍ ଶାସକ ବୃନ୍ଦ ଯୁଦ୍ଧରେ ଜିତିଥିଲେ ମଧ୍ୟ ନିଜର ସୈନ୍ୟ ଓ ପୋଲିସ ବାହିନୀର ବିଦ୍ରୋହ ଦୃଷ୍ଟିରୁ ଭାରତକୁ ଅଧିକ ଦିନ ହାତରେ ରଖିପାରିବେ ନାହିଁ ବୋଲି ଉପଲବ୍ଧି କଲେ । ସେହି ବିଦ୍ରୋହକୁ ବିଚାର କରି ୧୯୪୮ ଜୁନ୍ ମାସ ପୂର୍ବରୁ ଭାରତ ପରିତ୍ୟାଗ କରିବେ ବୋଲି ଘୋଷଣା କଲେ ।

ସେଥିପାଇଁ କୁହାଯାଏ 'ଆଜାଦ୍ ହିନ୍ଦ୍ ଫୌଜ' ଯୁଦ୍ଧ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଜୟ ହାସଲ କରିନପାରିଥିଲେ ମଧ୍ୟ ଭାରତରେ ସେହି ବିଜୟର ପୂର୍ଣ୍ଣାହୁତି ଦେଲେ । ସଂକ୍ଷେପରେ ଏହାହିଁ "ମୁକ୍ତି ସଂଗ୍ରାମରେ ନେତାଜୀ" ।

ଅଗ୍ନିଯୁଗ ଆଶ୍ରମ,
ରାହକନିଶା, କେନ୍ଦ୍ରାପଡ଼ା

# ପ୍ରଳୟ ଓଁକାର

ଶ୍ରୀ ପ୍ରସନ୍ନ କୁମାର ମହା

ଦେଶ ପ୍ରେମର ହେ ଅଗ୍ନିଗର୍ଭ ଆସ୍ଥା
ସୁଭାଷ ! ତୁମ ମନ୍ତ୍ରେ ଦୀକ୍ଷିତ ଏ ଦେଶର ଯୋଦ୍ଧା
ଏବେ ମଧ କହେ ;
ବଜ୍ର ପିଙ୍ଗ କି ବର୍ଷାକର ବାରୁଦ
ମାଆର ପ୍ରେମ
ପିନ୍ଧାଇଛି ଯେଉଁ ସୁରକ୍ଷା କବଚ,
ଅଦୃଶ୍ୟ ଭାବେ ଦେହରେ ସଜେଇ ଦେଇଛି ଯେଉଁ ଅମୃତ ସାନ୍ତ୍ୱ,
ବଜ୍ର ବାରୁଦର ଯେତେ ସ୍ତୂପ ସଞ୍ଚିତ, ଅଚିରେ
ନିଶ୍ଚିହ୍ନ ହେବ ତା'ର ଦୁର୍ଦ୍ଧର୍ଷ ସ୍ପର୍ଶରେ !

ହିମାଳୟ ପିତା ଯା'ର, ଗଙ୍ଗା ଯା'ର ମାଆ
ବିନ୍ଧ୍ୟ ନୀଳଗିରି ମେଘାସନ
ଚେରାପୁଞ୍ଜି ଚିତ୍ରକୂଟ ଓ ସୁନ୍ଦର ବନ
ଯେଉଁ ଦୀର୍ଘ ଓ କୋମଳ ପଣତରେ ସବୁଜିମା,
ଶତ୍ରୁର ସମସ୍ତ ବଜ୍ରାଘାତ ନିଷ୍ଫଳ ସେଠାରେ
ସମସ୍ତ ଆସର୍ଦ୍ଧା ଓ ଅହଂକାର ବିଫଳ ତା' ଦ୍ୱାରେ !

ମାଆର ମୁକ୍ତ ସ୍ନେହ
ଯେଉଁ ଦେହର ପ୍ରତି ରକ୍ତ କଣିକାରେ
ପ୍ରତିଫଳିତ ଅନୁରଣିତ ଓ ସନ୍ନିହିତ ସତ୍ତ୍ୱରେ
ସେ ଦେହର ଧ୍ୱଂସ ନାହିଁ
ନାହିଁ ନାହିଁ ତା'ର ପରାଜୟ !
ଜନନୀ କୋଳର ସେ ଅମୃତ ଶୟନ
ଜନ୍ମ ଜନ୍ମାନ୍ତର ପୁଣ୍ୟର ବିମୁକ୍ତ ଅୟନ..............
ଏ ଜୀବନ ଓ ଜୀବନୋତ୍ତର
ତା'ଲାଗି ସମର୍ପଣର ପୁଣ୍ୟରେ
କମନୀୟ ଓ ଚିର ଭାସ୍ୱର !

ତୁମେ ଯେ ଶିଖାଇଗଲ
ରଖିବାକୁ ଶିର ଚିର ଉନ୍ନତ ହେ ସୁଭାଷ !
ଭୁଲିନି ଏ ଜାତି ଭୁଲିବନି କେବେ...............

ଏ ଜାତିର ଯୋଦ୍ଧା ଆଜି କହେ ;
ବଜ୍ର ପିଙ୍ଗ ଅବା ବର୍ଷାକର ବାରୁଦ
କ୍ଲାନ୍ତ ବଜ୍ରାୟୁଧ !
ପ୍ରେମର ପର୍ବତ ଉପରେ ଏଠି
ଅନୁକ୍ଷଣ ଧ୍ୱନିତ ଗମ୍ଭୀର
ବଜ୍ରୋତ୍ତର ଅମୃତର
ପ୍ରଳୟ ଓଁକାର ॥

ମ ଅକ୍-୧/୩, କହଲା ଫ୍ଲାଟ୍,
ଭୁବନେଶ୍ୱର

# ଆଜାଦ୍ ହିନ୍ଦ ସରକାରଙ୍କ ଡାକଟିକଟ

ଶ୍ରୀ ସହଦେବ ସାହୁ

ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା । ଯେଉଁମାନେ ବ୍ରିଟିଶ ଶାସନକୁ ତଥା ବିଲାତ ସରକାରଙ୍କ ଯୁଦ୍ଧ ପ୍ରସ୍ତୁତିକୁ ବିରୋଧ କରୁଥିଲେ ସେମାନଙ୍କୁ ସରକାର ନଜରବନ୍ଦୀ କରି ରଖିଲେ । ସହଜେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଇଂରେଜ ସରକାର ବିରୁଦ୍ଧରେ ଯୁଦ୍ଧ କରି ଭାରତକୁ ବିଦେଶୀ ଶାସନରୁ ମୁକ୍ତ କରିବାକୁ ଚାହୁଁଥିଲେ । ମହାତ୍ମା ଗାନ୍ଧୀଙ୍କ ଭଳି ଅହିଂସ ସଂଗ୍ରାମ କରି ସ୍ୱାଧୀନତା ହାସଲ କରିବା ଅସମ୍ଭବ ବୋଲି ନେତାଜୀଙ୍କ ବିଶ୍ୱାସ ଥିଲା । ପ୍ରକୃତରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ରିଟେନ୍ ଦୁର୍ବଳ ହୋଇଯାଇ ନଥିଲେ ଏବଂ ସେଠାରେ ସ୍ୱାଧୀନତା ସମର୍ଥନକାରୀ ଶ୍ରମିକ ଦଳ ସରକାର ଗଢ଼ି ନଥିଲେ, ଅହିଂସ ଯୁଦ୍ଧରେ ଆମେ ସ୍ୱାଧୀନତା ଏତେ ଶୀଘ୍ର ପାଇଥାନ୍ତେକି ବୋଲି ଅନେକ ପ୍ରଶ୍ନ କରନ୍ତି ।




କଲିକତାସ୍ଥିତ ତାଙ୍କ ବାସ-ଭବନରେ ନେତାଜୀଙ୍କୁ ନଜରବନ୍ଦୀ କରି ରଖାଗଲା । ସେ କୌଶଳ କରି ପଳାୟନ କଲେ । ଆଫଗାନିସ୍ଥାନ ଓ ରୁଷିଆ ବାଟେ ସେ ଜର୍ମାନୀରେ ପହଞ୍ଚିଗଲେ । ଯଦି ସୁଭାଷ ଚନ୍ଦ୍ର ବୋଷ ଭାରତର ପୂର୍ବକୋଣରେ ଗୋଟିଏ ଯୁଦ୍ଧକ୍ଷେତ୍ର ଖୋଲିଦିଅନ୍ତି, ତେବେ ବ୍ରିଟିଶ୍ ବାହିନୀ ସେହି ପରିମାଣରେ ସେଠାରେ ବାନ୍ଧି ହୋଇ ପଡ଼ିବ । ଅନ୍ୟ ପକ୍ଷରେ ଜାପାନୀ ବାହିନୀକୁ ଅତି ଦରକାରୀ ବିଶ୍ରାମ ମିଳିଯିବ ଏବଂ ୟୁରୋପୀୟ କ୍ଷେତ୍ରରେ ବ୍ରିଟିଶ୍ ପ୍ରସ୍ତୁତି ଉପରେ ଅଯଥା ଚାପ ପଡ଼ିବ । ତାହା ଜର୍ମାନ୍ ସମର୍ଥନକାରୀ ପକ୍ଷ (ଅର୍ଥାତ୍ ଏକ୍ସିସ୍ ପାୱାର)ର କାମରେ ଆସିବ । ସାମରିକ ଦୃଷ୍ଟିକୋଣରୁ ସୁଭାଷ ଚନ୍ଦ୍ର ବୋଷଙ୍କୁ ସାହାଯ୍ୟ କରାଯିବା ଆବଶ୍ୟକ । ଜର୍ମାନ୍ ବାହିନୀର ଏହି ରଣନୀତି ଯୋଗୁ ସେମାନେ ନେତାଜୀଙ୍କୁ ଜାପାନ ନେଇଗଲେ । ଆକ୍ରମଣକାରୀ ଧାବମାନ ଜାପାନୀ ସୈନ୍ୟମାନଙ୍କ କବଳରେ ସିଙ୍ଗାପୁର ନଗର ପଡ଼ିଗଲାପରେ ନେତାଜୀଙ୍କୁ ସିଙ୍ଗାପୁର ନିଆଗଲା । ପ୍ରବାସରେ ସ୍ୱାଧୀନ ଭାରତର ଅସ୍ଥାୟୀ ସରକାର (ପ୍ରୋଭିଜନାଲ ଗଭର୍ଣ୍ଣମେଣ୍ଟ ଅଫ୍ ଆଜାଦ୍ ହିନ୍ଦ) ଗଢ଼ିବାର ସୁବିଧା ମିଳିଗଲା । ସହଜେ ତ ନେତାଜୀ ଲଢ଼େଇ କରି ସ୍ୱାଧୀନତା ହାସଲ କରିବାକୁ ଚାହୁଁଥିଲେ । ମୌକା ମିଳିଗଲା । ୧୯୪୩ ଅକ୍ଟୋବର ୨୧ରେ ସେ ସିଙ୍ଗାପୁରଠାରେ ସ୍ୱାଧୀନ ସରକାର ଗଠନ ଘୋଷଣା କଲେ । ଜାପାନୀମାନେ ଯେଉଁ ହଜାର ହଜାର ଭାରତୀୟ ସୈନ୍ୟଙ୍କୁ ଯୁଦ୍ଧବନ୍ଦୀ କରି ରଖିଥିଲେ, ସେମାନଙ୍କୁ ନେଇ ନେତାଜୀ ଭାରତୀୟ ଜାତୀୟ ବାହିନୀ (ଇଣ୍ଡିଆନ୍ ନାସ୍‌ନାଲ୍ ଆର୍ମି, ସଂକ୍ଷେପରେ ଆଇ:ଏନ୍:ଏ:) ଗଢ଼ିଲେ । ଏହି ବାହିନୀ ଆମ ଦେଶର ପୂର୍ବ ସୀମାନ୍ତରେ ବିଲାତି-ମାର୍କିନ୍ ସେନାବାହିନୀ ସହିତ ବୀରତ୍ୱର ସହିତ ଲଢ଼ିଥିଲେ । ସେତେବେଳକୁ (୧୯୪୪-୪୫) ୟୁରୋପରେ ଯୁଦ୍ଧର ଯବନିକା ପଡ଼ିଆସୁଥାଏ ।

ସୁଭାଷ ଚନ୍ଦ୍ର ବୋଷ ବ୍ରିଟିଶ୍ ନିୟନ୍ତ୍ରଣରୁ ଭାରତକୁ ମୁକ୍ତ କରିବାକୁ ବଦ୍ଧ ପରିକର ଜାଣି ଜର୍ମାନ୍ ସରକାର ତାଙ୍କୁ ସବୁମତେ ସାହାଯ୍ୟ କରିବାକୁ ଆଗଭର ହୋଇଥିଲେ । ଜର୍ମାନ୍ ସରକାରଙ୍କ ଏହି

ଡାର ସୁଯୋଗ ନେଇ ସୁଭାଷ ଚନ୍ଦ୍ର ବୋଷ ସ୍ୱାଧୀନ ସରକାର ଥିଲେ । ସ୍ୱାଧୀନ ସରକାରର କେତେଗୁଡ଼ିଏ ସଙ୍କେତ ଥାଏ । ହେଉଥିବା ଅଞ୍ଚଳଗୁଡ଼ିକରେ ଡାକ ବ୍ୟବସ୍ଥା ସୁଷ୍ଠୁରୂପେ ନ ଲେ ସରକାର ଅଛି ବୋଲି ଲୋକେ ଜାଣିବେ କିପରି ? ଡାକ ଥା ସୁଷ୍ଠୁ ରୂପେ ଚାଲିବାର ଗୋଟିଏ ସହଜ ଉପାୟ ହେଉଛି କାରୀ ଟିକଟ ପ୍ରଚଳନ ; ପ୍ରଶାସନୀୟ ଶୃଙ୍ଖଳା ରହିବ, ଆୟ ହେବ । ତାଙ୍କର ଏ କଥା ସେ ହିଟ୍‌ଲରଙ୍କୁ ଜଣାଇଥିଲେ । ନୀ ଛାଡ଼ିବା ପୂର୍ବରୁ ସେ ଆଜାଦ୍ ହିନ୍ଦ୍ ସରକାରଙ୍କ ଡାକ ଗ ଲାଗି ଯେଉଁ ୧୦ଟି ଡାକ ଟିକଟର ଏକ ସେଟ୍ ବରାଦ ଇଥିଲେ, ତାହା ଜର୍ମାନ୍ ସରକାରଙ୍କ ସ୍ୱୀକୃତିରେ ମୁଦ୍ରିତ ଇଥିଲା । ଟିକଟଗୁଡ଼ିକର ନକ୍ସା ଆଙ୍କିଥିଲେ ଜର୍ମାନ କାରଙ୍କ ଦୁଇଜଣ ଷ୍ଟାଫ୍ ଡ଼ିଜାଇନର (ଟିକଟ ଅଙ୍କନକାରୀ) : ର୍ନର ଏବଂ ମାରିଆଉନ୍ ଆକ୍ସର-ହିଉଟ୍‌ଲାସ୍ । ଏମାନେ ଲ ଜର୍ମାନ୍ ଡାକ ବିଭାଗର କଳାକାର କର୍ମଚାରୀ । ଟଗୁଡ଼ିକ ମୁଦ୍ରିତ ହୋଇଥିଲା ଜର୍ମାନ୍ ସରକାରଙ୍କ ବର୍ଲିନ୍‌ସ୍ଥ ପାଖାନା ଗାଇଷ୍ଟ ପ୍ରିଣ୍ଟିଂ ପ୍ଲାଣ୍ଟରେ । ସୁଭାଷ ବୋଷ ସରକାରୀ ଦ୍ରା ପ୍ରଚଳନ ଚାହିଁଥିଲେ କିନ୍ତୁ ତିଆରିରେ ସମୟ ଲାଗିବ ଲି ସେ 'ଆଜାଦ୍ ହିନ୍ଦ୍' ନୋଟ ଛପାଇଥିଲେ । ଯେଉଁ ହାଜରେ ସେସବୁ ସିଙ୍ଗାପୁର ଆଣାହେଉଥିଲା ତାହା ଶତ୍ରୁର ବାମାମାଡ଼ରେ ବୁଡ଼ିଗଲା ବୋଲି ଶୁଣାଯାଏ । ଯାହାହେଉ ଜାଦ୍ ହିନ୍ଦ୍ ନୋଟ ଦେଖିବାକୁ ମିଳୁନାହିଁ ।

'ଆଜାଦ୍ ହିନ୍ଦ୍' ଟିକଟଗୁଡ଼ିକ କେବଳ ଡାକ ମାସୁଲ ରୂପେ ବ୍ୟବହାର ହେବ, ତାହା ନେତାଜୀଙ୍କ ଉଦ୍ଦେଶ୍ୟ ନଥିଲା । ଅନ୍ୟ ପ୍ରକାରର ସରକାରୀ ପାଉଣାର ରସିଦ୍ ରୂପେ ବି ବ୍ୟବହାର ହୋଇପାରିବ ବୋଲି ସେ ଚାହିଁଥିଲେ । ଟିକଟଗୁଡ଼ିକ ଭିତରୁ ୩ଟି ମୂଲ୍ୟରେ ଯଥା ଅଧ ଅଣା, ୧ ଅଣା, ଓ ୨ ୧/୨ ଅଣା, ସ୍ୱାଧୀନ ସରକାର ଲାଗି ପାଣ୍ଠି ଆଦାୟ ନିମିତ୍ତ ଏକ ମୂଲ୍ୟାଙ୍କନ ଥିଲା । ମୂଲ୍ୟ ଦୁଇ ଭାଗରେ ଲେଖାଥିଲା, ପ୍ରଥମ ଭାଗ ଡାକ ମାସୁଲ ଓ ଦ୍ୱିତୀୟ ଭାଗ ଦାନ ପରିମାଣ ।

ମନେହୁଏ ସର୍ବମୋଟ ୭୦ ଲକ୍ଷ ଟିକଟ ଛପାଯାଇଥିଲା । ଉଚ୍ଚ ମୂଲ୍ୟର ଟିକଟ ସଂଖ୍ୟା ଅପେକ୍ଷାକୃତ କମ୍ ହୋଇଥିବା କଥା । ଅନ୍ୟ ସବୁ ଟିକଟ ଏକରଙ୍ଗୀ, କେବଳ ସର୍ବୋଚ୍ଚ ମୂଲ୍ୟ ୧ ଲକ୍ଷ ୨ ଟଙ୍କା ଟିକଟଟି ବହୁ ରଙ୍ଗରେ ଛପା ହେବାର ଯୋଜନା ଥିଲା । ପ୍ରଥମେ କଳା, କମଳା ଓ ସବୁଜ ରଙ୍ଗରେ ଛପା ହେଲା । ପରେ ଖର୍ଚ୍ଚକାଟ ଦୃଷ୍ଟିରୁ ସବୁଜ ରଙ୍ଗ ଛାଡ଼ିଦିଆଗଲା । ତା ପରେ କମଳା ରଙ୍ଗ ବି ବ୍ୟବହାର ହେଲା ନାହିଁ । ଏହି କାରଣରୁ ଉକ୍ତ ଟିକଟଟି ତିନୋଟି ବିଭିନ୍ନ ରଙ୍ଗରେ ମିଳିଥାଏ । ଟିକଟ ଚାରିପଟେ ଛିଦ୍ର (ପେରଫୋରେସନ୍) ଆଉ ପ୍ରଥମେ ଛପା ହୋଇଥିଲା । ପରେ ବିନା ଛିଦ୍ରରେ ଛପା ହେଲା । ଅବଶ୍ୟ ସର୍ବୋଚ୍ଚ ମୂଲ୍ୟର ଟିକଟଟି କେବଳ ବିନା ଛିଦ୍ରରେ ଛପା ହୋଇଛି ।

ଆଇ.ଏନ୍.ଏ.ର ଭାରତ ମୁହାଁ ଶେଷ ଅଭିଯାନ ବେଳକୁ ଟିକଟଗୁଡ଼ିକ ପହଁଚି ନ ପାରେ ଆଶଙ୍କା କରି ନେତାଜୀ ଦୁଇଟି ନୂଆ ନକ୍ସାର ଟିକଟ ତରବରରେ ରେଙ୍ଗୁନରେ (ଏବେ ୟଙ୍ଗନ) ଛପାଇ ନେଲେ । ଗୋଟିକର ମୂଲ୍ୟ ୧ ପଇସା ଓ ଅନ୍ୟଟିର ୧ ଅଣା । ତହିଁରେ ଛବି ଥିଲା ଲାଲ୍‌କିଲ୍ଲାର ଏକ କୋଣ । ଲେଖାଥିଲା ବଡ଼ ବଡ଼ ଅକ୍ଷରରେ 'ଚଲୋ ଦିଲ୍ଲୀ' ଏବଂ ଉପରେ 'ଅର୍ଜି ହୁକୁମତେ ଆଜାଦ୍ ହିନ୍ଦ୍, ପ୍ରଭିଜନାଲ ଗଭର୍ଣ୍ଣ, ଅଫ୍ ଫ୍ରି ଇଣ୍ଡିଆ' । ତରତରରେ ଛପା ହୋଇଥିବାରୁ ଉଭୟ ଟିକଟ ଛୋଟ ଓ ବଡ଼ ଦୁଇ ଆକାରର ମିଳେ । ଜାପାନୀ ଅଧିକୃତ ଅଞ୍ଚଳରେ ସେମାନେ ଚାଲୁ କରିଥିବା ଟିକଟ ରଙ୍ଗ ସହିତ ଏ ଟିକଟ ଦୁଇଟିର ରଙ୍ଗ ସମାନ ହୋଇଥିବାରୁ ମନେହୁଏ ଜାପାନୀ ଟିକଟଗୁଡ଼ିକ ଯେଉଁ ଛାପାଖାନାରେ ଛପା ହୋଇଥିଲା, ଏ ଟିକଟଗୁଡ଼ିକ ସେହି ଛାପାଖାନାରେ ଛପା ହୋଇଥିଲା ।

ଦୁର୍ଭାଗ୍ୟ ଯେ ଆଇ.ଏନ୍.ଏ. ଦେଶକୁ ମୁକ୍ତ କରିବାରେ ବିଫଳ ହେଲା ଏବଂ ମଣିପୁର ସୀମାରୁ ପଛକୁ ହଟିବାକୁ ବାଧ୍ୟ ହେଲା । ଆଇ.ଏନ୍.ଏ.ର ଆତ୍ମସମର୍ପଣ ପରେ ଚଲୋ ଦିଲ୍ଲୀ ଟିକଟଗୁଡ଼ିକ ମିତ୍ରଶକ୍ତି (ଆଲାଏଡ୍ ପାଓ୍ୱାର୍‌ସ) ହାତରେ ପଡ଼ିଲା । ସେହି ସୂତ୍ରରୁ ଟିକଟ ଦୋକାନୀମାନଙ୍କ ପାଖକୁ ଆସିଲା । ଆଜାଦ୍ ହିନ୍ଦ୍ ଟିକଟ କଦାପି ଆଇ.ଏନ୍.ଏ.ର ସଦର ଦପ୍ତରକୁ ଆସିପାରିଲା ନାହିଁ । ଯୁଦ୍ଧ ସରି ଆସିବା ବେଳକୁ ଜର୍ମାନ ଆତ୍ମ ସମର୍ପଣ ଆସନ୍ନ ଦେଖି ଜଣେ ଜର୍ମାନ୍ ଟିକଟ ଦୋକାନୀ ଛାପାଖାନାରୁ ସବୁ ଟିକଟ କିଣି ନେଲା । ସେତେବେଳେ ଯାହା କିଛି ପଇସା ମିଳୁଛି ତାକୁ ହାତ କରିବାକୁ ସମସ୍ତେ ବିକଳ ଥିଲେ । ଦୋକାନୀଠାରୁ ଟିକଟ ସଂଗ୍ରାହକମାନେ ଆଜାଦ୍ ହିନ୍ଦ୍ ଟିକଟ ପାଇଛନ୍ତି । ଅବଶ୍ୟ ଉଭୟ ସିରିଜର ଟିକଟ ଯେ ଜାଲ୍ କରାହୋଇ ଛପା ନ ହୋଇଛି ତାହା କହି ହେବ ନାହିଁ ।

ମଣିପୁରର ସୀମାରେ କିଛି ଅଞ୍ଚଳ ଆଇ.ଏନ୍.ଏ.ର ଅଧିକାରକୁ ଆସିବାକ ପାଇଁ ଆସିଥିଲା । ସେ ଅଞ୍ଚଳରେ ଚଲୋଦିଲ୍ଲୀ ଟିକଟ କିଛି ବ୍ୟବହାର ହୋଇଥିବାର ପ୍ରମାଣ ମିଳେ । ଏଭଳି ଟିକଟ କିଣିବା ପୂର୍ବରୁ ଠକାମୀ ବା ଜାଲ୍ ଭାବରେ ବ୍ୟବହୃତ ଟିକଟ ପ୍ରତି ସାବଧାନ ହେବା ଉଚିତ୍ ।

ପୃଥିବୀର ଲକ୍ଷ ଲକ୍ଷ ଟିକଟ ସଂଗ୍ରହକାରୀଙ୍କ ପାଖରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ୱାଧୀନତା ସଂଗ୍ରାମର ସଙ୍କେତ ରୂପେ ଆଜାଦ୍ ହିନ୍ଦ୍ ଓ ଚଲୋ ଦିଲ୍ଲୀ ଟିକଟଗୁଡ଼ିକ ଚିରଦିନ ତାଙ୍କ ସ୍ମୃତି ବହନ କରିବ ।

କୃଷି ଉତ୍ପାଦନ କମିଶନର,
ସଚିବାଳୟ, ଭୁବନେଶ୍ୱର

# ନେତାଜୀ ଜନ୍ମ ଶତବାର୍ଷିକୀ ଅବସରରେ

ଜେନାମଣି ନରେନ୍ଦ୍ର କୁମାର

ବାପୁଜୀ ନେତାଜୀଙ୍କ ସମ୍ପର୍କରେ ଲେଖିଥିଲେ— My ahimsa forbids me from denying credit where it is due, even though the creditor is a believer in violence. Thus, I did not




acept Bose's belief in violence and his consequent action, I have not refrained from giving unstinted praise to his patrotism, resourcefulness and bravery. Netaji's name is one to conjure with. His partriotism is second to none.

ନେତାଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଏହାହିଁ ଆମର ନେତାଜୀଙ୍କ ସମ୍ପର୍କରେ ଅନୁଚିନ୍ତା । ଯେଉଁ ମହାନ୍ ବ୍ୟକ୍ତିଙ୍କର patriotism ଅନ୍ୟ କେହି ଟପିପାରି ନାହାନ୍ତି ବୋଲି ବାପୁଜୀଙ୍କ ମତ, ତାଙ୍କ ସମ୍ପର୍କରେ ଦୀର୍ଘ ପ୍ରବନ୍ଧ ଲେଖିବାର ଅବକାଶ ପୂର୍ବରୁ ନେତାଜୀ ଏଇ କଟକରେ ରହି ପାଠ ପଢ଼ି ତାଙ୍କର ଜୀବନର ମୂଳଦୁଆ ପକାଇ ଯାଇଛନ୍ତି ବୋଲି ସଚେତନ ହେବା ଆବଶ୍ୟକ । ନେତାଜୀ ଯେଉଁ ପ୍ରକୋଷ୍ଠରେ ଜନ୍ମ ଗ୍ରହଣ କରିଥିଲେ ତାହା ଏ ପର୍ଯ୍ୟନ୍ତ ସୁରକ୍ଷିତ ହୋଇରହିଛି ।

ନେତାଜୀଙ୍କର ପୈତୃକ ସମ୍ପତ୍ତି ଓ କୋଠାବାଡ଼ିର ମାଲିକ ବର୍ତ୍ତମାନ ଓଡ଼ିଶା ସରକାର । ତାଙ୍କ ରହୁଥିବା ଦୋ,ମହଲା କୋଠାରେ ବର୍ତ୍ତମାନ ନେତାଜୀ ସୁଭାଷ ସେବା ସଦନ ନାମରେ ଏକ ଡାକ୍ତରଖାନା ଖୋଲିଛି । ତାଙ୍କ ଘର ପଛପଟେ ଏକ ବିରାଟ ଜମି ସରକାରଙ୍କ ମାର୍ଫତ୍‌ରେ ରହିଛି ।

ମହତାବଜୀ ବଞ୍ଚିଥିଲା ପର୍ଯ୍ୟନ୍ତ ନେତାଜୀ ସୁଭାଷ ସେବାସଦନ ଟ୍ରଷ୍ଟ ବୋର୍ଡର ସଭାପତି ଥିଲେ । ତାଙ୍କର ନେତାଜୀଙ୍କ ପ୍ରତି ଖୁବ୍ ସମ୍ମାନ ଥିଲା । ସେ ଲେଖିଥିଲେ Netaji was born and brought up at Cutack. In fact he actively associated himself with the youths of Orissa. In 1938, it is he who brought me to the field of Indian politics by nominating me as a Member of the Congress Working Committee although I was very young then.

ମହତାବଜୀଙ୍କ ମହାପ୍ରୟାଣ ପରେ ପରେ ଟ୍ରଷ୍ଟ ବୋର୍ଡକୁ ପୁନର୍ଗଠିତ କରାଗଲା ଏବଂ ରାଜ୍ୟପାଳ ଟ୍ରଷ୍ଟ ବୋର୍ଡର ଉପଦେଷ୍ଟା ଏବଂ ମୁଖ୍ୟମନ୍ତ୍ରୀ (ଯେ ଯେତେବେଳେ ରହିବେ) ଟ୍ରଷ୍ଟ ବୋର୍ଡର ସଭାପତି ରହିଲେ । ଆଶା କରାଯାଉଥିଲା ଯେ ଭାରତୀୟ ରାଜନୀତିକ ଇତିହାସରେ ନେତାଜୀଙ୍କର ଅବଦାନ ଯେତିକି ଅନୁଭୂତ ହେଉଥିବ, ନେତାଜୀଙ୍କର ସ୍ମୃତି ପାଇଁ ସେତେ କାର୍ଯ୍ୟକ୍ରମ ସରକାର ହାତକୁ ନେବେ ।

ମହତାବଜୀଙ୍କ ସୁପୁତ୍ର ଶ୍ରୀ ଭର୍ତ୍ତୃହରି ମହତାବ ଆମମାନଙ୍କୁ ସାଙ୍ଗରେ ନେଇ 'ନେତାଜୀ ଭବନ' ଏବଂ ଖାଲି ପଡ଼ିଥିବା ବିରାଟ ଜମିରେ ଏକ ବଡ଼ ହସ୍‌ପିଟାଲ୍ ଏବଂ ମିଉଜିୟମ୍ ସ୍ଥାପନ କରିବାକୁ ଉଦ୍ୟମ କରୁଛନ୍ତି ।

ଟ୍ରଷ୍ଟ ବୋର୍ଡର ସଭାପତି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷିତ କରୁଛୁ ଯେ ସେ ରାଜ୍ୟସ୍ତରରେ ଓ କେନ୍ଦ୍ର ସ୍ତରରେ ନେତାଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ନେତାଜୀଙ୍କ ପ୍ରଶଂସକମାନଙ୍କର ଏହି ସ୍ୱପ୍ନ ସାକାର ହେବାର ବ୍ୟବସ୍ଥା କରିବେ ।

---

ପିଠାପୁର,
କଟକ-୧

# …ନିଷ୍ପ୍ରଭ ଜ୍ୟୋତିଷ୍କ ନେତାଜୀ

**ଶ୍ରୀ ବୈଦ୍ୟନାଥ କର**

… ଅନ୍ଧକାର କୁହେଳିକା ମଧ୍ୟେ–
…ତ ଜନନୀ ଆଖିରୁ ବହୁଛି ଧାର ଧାର ନିର୍ଯ୍ୟାତନାର ଲୁହ
…ଜୀଙ୍କ ଅହିଂସା ଆନ୍ଦୋଳନରେ ଝାସ ଦେଇ
…ଗୁଛନ୍ତି ଦେଶଭକ୍ତଗଣ କାରାଗାରର ଅମାନୁଷିକ କାରାବାସ ।
…ତିକ ସ ରେ ଗୋଟିଏ ପାଉଛନ୍ତି ନିଦାରୁଣ ଆତ୍ମବଳୀ
…ବେ ଆଉ କେତେଦିନ ଭାରତବାସୀ–
…ଲିଶୁର, ଅନାଶୁର ଆଉ ବୁଭୁକ୍ଷା ଅତ୍ୟାଚାର ?

…ଗଲେ ବ୍ରିଟିଶ୍ ବଣିକ ଦଳ ପ୍ରବେଶି ଭାରତ ବୁକେ
…ନା କରି ଶାସନ ଡୋରୀ କଲେ କରଗତ ଆପଣା ହାତେ ।
…ନ କଲେ ସବୁ ଶିରି ଆଉ ବିଭବ–
…ାର ଦେଶ' ଗୌରବ ଗଲା ଉଡ଼ି ।
…ତବାସୀ ଦୁର୍ବିନ ଦାସତ୍ୱର ରାହୁ ଛାୟାତଳେ ନିର୍ଯ୍ୟାତିତ
…ଖି ଥାଇ ଅନ୍ଧ–କାନ ଥାଇ ବଧୀର–
…ଖି ଥାଇ ମୂକ–ନାସା ଥାଇ ଶ୍ୱାସରୁଦ୍ଧ–
…ହେ ଥାଇ ନିଷ୍ପ୍ରଭ–ପ୍ରାଣ ଥାଇ ଜଡ଼–
…ତପାଦ ଥାଇ ବିକଳାଙ୍ଗ ଆଉ ସବୁ ଥାଇ ସର୍ବହରା
…ରତ ଜନନୀ ।

…ନ୍ଧିଜୀଙ୍କ ଅହିଂସ ଆନ୍ଦୋଳନର ମନ୍ତ୍ର ଆଉ ଖାଉ ନାହିଁ କାଟ
…ାନ୍ତ ନାହିଁ ଜନତା ବୁକେ ଲାଠିପ୍ରହାର,
…ଗୋଳାବାରୁଦ, ତୋପ କମାଣର ବର୍ବର ଲୀଳା
…ଏପରି ଏକ ସଂକଟ ମୁହୂର୍ତ୍ତରେ –
…ନେତାଜୀ ସୁଭାଷ ଚନ୍ଦ୍ରଙ୍କ ଆବିର୍ଭାବ ଏକ ବ୍ୟତିକ୍ରମ ।
…ସ୍ୱାଧୀନତା ହାସଲ ପାଇଁ ଲୋଡ଼ା ସଂଗ୍ରାମ..........

ସଂଗ୍ରାମ ବିନା ସ୍ୱାଧୀନତା ସମ୍ଭବ ନୁହେଁ
କମାଣର ଜବାବ କମାଣରେ–
ସେଥି ପାଇଁ ଲୋଡ଼ା ଏକ ବଳିଷ୍ଠ ଶକ୍ତିର ଜାଗରଣ ।
ରକ୍ତର ଶପଥ ନେଇ ଗଢ଼ିଲେ ସେ ଜର୍ମାନ୍ ଦେଶରେ
ଆଜାଦ୍ ହିନ୍ଦ୍ ଫୌଜର ବିଶାଳ ବାହିନୀ ।

ଘମାଘୋଟ ସଂଗ୍ରାମରେ
ଶହ ଶହ ବୀର ଦେଶ ପାଇଁ ଦେଲେ ଆତ୍ମବଳୀ ।
ମୁକ୍ତିର କି ଆନନ୍ଦ–ମାଆର ମମତା କେତେ ଗଭୀର–
ସେ କଥା କ'ଣ ବୁଝିପାରିବେ ନିଷ୍ଠୁର ଇଂରେଜ ଗଣ ?
ନେତାଜୀଙ୍କ ଅପୂର୍ବ ସାହସ ଆଉ ଶକ୍ତିର ଅଭ୍ୟୁଦୟ
ପ୍ରମାଦ ପଡ଼ିଲା ଇଂରେଜ ଶିବିରେ–
କିପରି ବର୍ତ୍ତିବେ ଏ ଅଦ୍ଭୁତ ଶକ୍ତି କବଳରୁ ??
ଚକିତ ହେଲେ ଗାନ୍ଧୀ, ନେହେରୁ, ସର୍ଦ୍ଦାର ପଟେଲ
ସମସ୍ତେ ତାଙ୍କର ସେହି ଅଲୌକିକ ଶକ୍ତିକୁ
ପ୍ରଶଂସା କଲେ । ଚହଳ ପଡ଼ିଲା ସାରା ଇଂଲଣ୍ଡ ଓ ଆମେରିକାରେ
ଚୂର୍ଣ୍ଣୀଭୂତ ହେଲା ସମସ୍ତ ବଡ଼ିମା, ଅହଙ୍କାର

ନିଷ୍କ୍ରିୟ ପ୍ରାଣ ହେଲା ସକ୍ରିୟ–
ନୈରାଶ୍ୟର ତମସା ବିଲୟ ଲଭି
ଜନମାନସରେ ଉଦୟ ହେଲା ନବୀନ ଆଶାର କିରଣ
ଜାଗ୍ରତ ହେଲା ସବୁରି ପ୍ରାଣରେ
ନୂତନ ଉତ୍ସାହ, ଉଦ୍ଦୀପନାର ସ୍ପନ୍ଦନ
ଏ ମାଟିରେ ଜାଗରଣର ସଳିତାକୁ ଜାଳି
ବିଶ୍ୱେ ରଖିଗଲେ ଚିରକାଳ ପାଇଁ
ନିଜ ଦେଶ ଓ ଜାତିର ଅକ୍ଷୟ କୀର୍ତ୍ତି ।

ଦେଶବାସୀଙ୍କୁ ଦେଇ ନୂତନ ଦିଗ୍‌ଦର୍ଶନ–
ସ୍ୱାଧୀନତାର ସିଂହଦ୍ୱାରରୁ
ସଂଗ୍ରାମର ସେନାପତି କାହିଁ ହେଲେ ଅନ୍ତର୍ଦ୍ଧାନ ।
ଉଜ୍ଜ୍ୱଳ ଜ୍ୟୋତିଷ୍କ ରୂପେ ପୂଜିତ ସେ
ଚିରଦିନ ପାଇଁ ଭାରତର ଜନଗଣ ପ୍ରାଣେ ।

---

ସରକାରୀ ମୁଦ୍ରଣାଳୟ,
ମଧୁପାଟଣା, କଟକ–୭୫୩୦୧୦

# ମୁକ୍ତିର ସେଇ ବୀର ସୈନିକ

ଲିଲିମା ଶତପଥୀ

ସ୍ୱାଧୀନତା ରଣ　　ଦୁନ୍ଦୁଭି ନାଦ
ଶୁଭୁ ନାହିଁ ସିନା ଶୁଭୁ ନାହିଁ,
ଆଜାଦ୍ ହିନ୍ଦ୍　　ବୀର ସୈନିକ
ଯୁଦ୍ଧ ଭୂଇଁରୁ ଫେରି ନାହିଁ ।
ମୁକ୍ତି ମଶାଲ　　ଜଳାଇଲା ଯିଏ
ସ୍ୱାର୍ଥ କେବଳ ଦେଶ ଟେକ,
ଅନ୍ଧାରି ପଥେ　　ଭରିଲା ଆଲୋକ
ତୁଚ୍ଛ କରି ସେ ନିଜ ସୁଖ ।
ଜୟହିନ୍ଦ୍ ଡ଼ାକ　　ବଜ୍ର ନିନାଦ
କାହିଁ ଗଲା ଆଜି ଗଲା କାହିଁ,
ଓଡ଼ିଶା ମାଟିର　　ଜ୍ୱଳନ୍ତ ଶିଖା
କିଏ ଜାଣେ ଲିଭିଗଲା କାହିଁ ।
ଭାରତ ମାଟିରୁ　　ଜର୍ମାନ ଆଉ
ରେଙ୍ଗୁନ୍ ଯାଏ ଖେଦି ଯାଇ,
ଜଣାଇଲା ପ୍ରତି　　ଭାରତୀୟ ପ୍ରାଣ
'ଦିଲ୍ଲୀ ଚଲୋ'ର ଡାକ ଦେଇ ।
ଫିରିଙ୍ଗି ସେନା　　ଲାଠି କାରାବାସ
କରି ନାହିଁ ଭୟ କରି ନାହିଁ
ଏ ଜାତି ନନ୍ଦି–　　ଘୋଷ ସାରଥି
ମୃତ୍ୟୁକୁ ତା'ର ଡର ନାହିଁ ।
ରକ୍ତ ବଦଳେ　　ରକ୍ତ ମାଗିଲା
ଗୁଳିର ଜବାବ ଗୁଳି ଖାଲି,
ଯୁଦ୍ଧର ଜୟ　　ଯାତ୍ରୀ ପଥରେ
ପଡ଼ିଲା ଆହା ସେ କାହିଁ ଟଳି ?
ମୁକ୍ତିର ମହା–　　ମନ୍ତ୍ର ଦାତା ସେ
ଜାତିର ଶକ୍ତି ଭରି ଦେଇ,
ଅମର କୀର୍ତ୍ତି　　ରଖିଦେଇ ଗଲା
ବିଶ୍ୱେ ତୁଳନା ତା'ର ନାହିଁ ।

---

ସହକାରୀ ସୂଚନା ଅଧିକାରୀ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଭୁବନେଶ୍ୱର

## ାଜଧାନୀର ସର୍ବାଙ୍ଗୀନ ବିକାଶ ପାଇଁ ନିଷ୍ପତ୍ତି

ନେଶ୍ୱର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ଗତ ଜାନୁଆରୀ ଖିରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ କରାଯାଇଛି । ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ସନ୍ତ କୁମାର ବିଶ୍ୱାଳ, ନଗର ଉନ୍ନୟନ ମନ୍ତ୍ରୀ ମନାଥ ପ୍ରଧାନ, କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାୟ, ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜ କିଶୋର ଳ ଏବଂ ସାଧାରଣ ପ୍ରଶାସନ ବିଭାଗ, ଭୁବନେଶ୍ୱର ନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ଉଚ୍ଚ ଧିକାରୀଙ୍କ ସମେତ ରାଜ୍ୟ ସରକାରଙ୍କ ଉଚ୍ଚପଦସ୍ଥ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ ଥିଲେ ।

ାଜଧାନୀର ବିଭିନ୍ନ ଅଞ୍ଚଳରେ ଥିବା ୧୧୦ଟି ବସ୍ତି ମଧ୍ୟରୁ ତନ ବସ୍ତିଗୁଡ଼ିକ ଯେଉଁଠାରେ ଲୋକେ ନିଜ ଜମିରେ ରହୁଛନ୍ତି, ହି ବସ୍ତିଗୁଡ଼ିକ ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ ଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ସହରର ଅନ୍ୟ ଅଞ୍ଚଳରେ କାରୀ ଜମି ଜବରଦଖଲକୁ ନେଇ ଗଢ଼ି ଉଠିଥିବା ବସ୍ତିଗୁଡ଼ିକରୁ ସିବାସିନ୍ଦାମାନଙ୍କୁ ସ୍ଥାନାନ୍ତରିତ କରାଯିବ ଏବଂ ସେମାନଙ୍କୁ ଦ୍ୱଶ ଓ ପଟିଆ ଆଦି ସ୍ଥାନରେ ଥଇଥାନ କରାଯିବ । ସେହିପରି, ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଗଉଡ଼ମାନଙ୍କୁ ମୁକୋଳି ଓ ଜୋବକଣ୍ଟିରେ ଥଇଥାନ କରାଯିବ ।

ରାଜଧାନୀର ପ୍ରଧାନ ରାସ୍ତାରେ ଲଗାଯାଇଥିବା ଗଛଗୁଡ଼ିକ ାଟିଦେଇ କିଛି ଲୋକେ ସେହି ସ୍ଥାନରେ ଘର କରିଛନ୍ତି । ସେହି ଘରଗୁଡ଼ିକୁ ଭାଙ୍ଗି ଦିଆଯାଇ ବୃକ୍ଷ ରୋପଣ କରାଯିବ ଏବଂ ତାରବାଡ଼ ଦ୍ୱାରା ସୁରକ୍ଷିତ ରଖାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

ରାଜମହଲ ଛକଠାରୁ ରାଜଭବନ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ ରଖାଯିବା ସଙ୍ଗେ ସଙ୍ଗେ ଦୋକାନୀମାନଙ୍କୁ ବସିବାକୁ ଦିଆଯିବ ନାହିଁ । ରାଜଧାନୀରେ ବେଆଇନ ଭାବରେ ନିର୍ମାଣ କରାଯାଇଥିବା ଘରଗୁଡ଼ିକୁ ଭାଙ୍ଗି ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ପୋଲିସ୍ ପକ୍ଷରୁ ସ୍କ୍ୱାଡ୍ ଗଠନ କରାଯାଇ ରାଜଧାନୀର ବିଭିନ୍ନ ଅଞ୍ଚଳ ଚଢ଼ାଉ କରାଯିବ । ଏହି କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଭାବରେ ଏସ୍.ପି.ଙ୍କୁ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଯୋଗାଇ ଦିଆଯିବ । କ୍ୟାପିଟାଲ ହାଟ ସନ୍ନିକଟ ସ୍ଥାନରେ ଏକ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ ।

ରାଜଧାନୀରେ ଥିବା ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ଧ୍ୟାନ ଦିଆଯିବା ସଙ୍ଗେ ସଙ୍ଗେ ଫରେଷ୍ଟ ପାର୍କର ଉନ୍ନୟନ ଦାୟିତ୍ୱ ବି.ଡି.ଏ. ଉପରେ ନ୍ୟସ୍ତ କରାଯିବ ଏବଂ ବିନ୍ଦୁସାଗର ପୁଷ୍କରିଣୀର ପୁନରୁଦ୍ଧାର ଓ ଅନନ୍ତ ବାସୁଦେବ ମନ୍ଦିରର ରୋଷଶାଳାର ଉନ୍ନତି ବିଧାନ କରାଯିବ ।

## ଉଚ୍ଚମାନର ଐତିହାସିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ

ଓଡ଼ିଶାର ଅତୀତ ଐତିହାସିକ ବିଭବ ସମ୍ପର୍କରେ ଅଧିକ ଅଧ୍ୟୟନ ଓ ଗବେଷଣା ପାଇଁ ଏକ ଉଚ୍ଚମାନର ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଘୋଷଣା କରିଛନ୍ତି ।

ସ୍ଥାନୀୟ ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ସ୍ନାତକୋତ୍ତର ଇତିହାସ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ 'ଓଡ଼ିଶାର ସ୍ଥାପତ୍ୟ ଓ ଶିଳାଲେଖ' ଶୀର୍ଷକ ଜାତୀୟ ସେମିନାର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, କଳା, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟରେ ଓଡ଼ିଶା ଉତ୍କର୍ଷତାର ଚରମ ସୀମାରେ ପହଞ୍ଚିଥିଲା । ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ 'ମଧ୍ୟ କଳିଙ୍ଗ' ସାରା ପୃଥିବୀରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା । ଜାଭା, ସୁମାତ୍ରା, ବାଲି ଓ ଫିଲିପାଇନ୍‌ସ ଆଦି ଦକ୍ଷିଣ-ପୂର୍ବ ଏସିଆର ଦେଶମାନଙ୍କରେ କେତେକ ପ୍ରାଚୀନ ସହର 'କଳିଙ୍ଗ ବିଷୟ' ନାମରେ ନାମିତ ହୋଇଛି । ଓଡ଼ିଶାର ଇତିହାସ ସମ୍ପର୍କରେ ବଳିଷ୍ଠ ଐତିହାସିକ ଉପାଦାନ ସଂଗ୍ରହ ପାଇଁ ଐତିହାସିକମାନେ ଉଦ୍ୟମ କରିବା ଉଚିତ । ଓଡ଼ିଶା ଇତିହାସରେ କେତେକ କାଳ ଅଜ୍ଞାତ ଥିବାରୁ ସେ ସମ୍ପର୍କରେ ଗବେଷଣା କେନ୍ଦ୍ରରେ ଗବେଷଣା କରାଯିବା ସଙ୍ଗେ ସଙ୍ଗେ ସାମୁଦ୍ରିକ ବାଣିଜ୍ୟ ସମ୍ପର୍କୀୟ ତଥ୍ୟ ଆହରଣ କରାଯିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଶିଷ୍ଟ ଐତିହାସିକ ପ୍ରଫେସର କରୁଣା ସାଗର ବେହେରାଙ୍କ ଦ୍ୱାରା ରଚିତ 'କୋଣାର୍କ' ପୁସ୍ତକ ଉନ୍ମୋଚନ କରିଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୌରକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଇତିହାସରେ ପ୍ରତ୍ନତାତ୍ତ୍ୱିକ ଗବେଷଣାର ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରିଥିଲେ । ବିଭାଗୀୟ ମୁଖ୍ୟ ଡକ୍ଟର ଅଶୋକ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସେମିନାରର ସଂଯୋଜକ ପ୍ରଫେସର ଅତୁଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ୟାପିଟାଲ ହସ୍‌ପିଟାଲରେ ଅତ୍ୟାଧୁନିକ ରକ୍ତଭଣ୍ଡାର ଉଦ୍‌ଘାଟିତ

ଗାଁ ଗଣ୍ଡାରେ ରହୁଥିବା ଗରିବ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ରାଜ୍ୟ ସରକାର ନିଷ୍ଠାପର ଉଦ୍ୟମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମତପ୍ରକାଶ କରିଛନ୍ତି ।

ଜାନୁଆରୀ ୧ ତାରିଖରେ ଭୁବନେଶ୍ୱର ହସ୍‌ପିଟାଲ ପରିସରରେ ଏକ ଅତ୍ୟାଧୁନିକ ରକ୍ତଭଣ୍ଡାର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟରେ ସବୁ ପଞ୍ଚାୟତରେ ଚିକିତ୍ସାର ସୁବିଧା ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେବ । ବ୍ଲକ୍ ଓ ଜିଲ୍ଲା ସ୍ତରରେ ସ୍ୱାସ୍ଥ୍ୟ ସେବାର ସମ୍ପ୍ରସାରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଘ ୬୪୩ କୋଟି ଟଙ୍କାର ସାହାଯ୍ୟ ଯୋଗାଇ ଦେଉଥିବାରୁ ଏହା କାର୍ଯ୍ୟକାରୀ କରାଯାଇପାରିବ । ଦୁରାରୋଗ୍ୟ ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବାରୁ ଗରିବ ଲୋକଙ୍କ ପାଇଁ ମାଗଣା ଚିକିତ୍ସା ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କ ପାଇଁ ଅତ୍ୟାଧୁନିକ ହସ୍‌ପିଟାଲରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜଗନ୍ନାଥ ରାଉତ ରାଜ୍ୟରେ ସ୍ୱାସ୍ଥ୍ୟସେବାର ସମ୍ପ୍ରସାରଣ ପାଇଁ ନିଆଯାଉଥିବା ପଦକ୍ଷେପର ସୂଚନା ଦେଇଥିଲେ ଓ ଓଡ଼ିଶାକୁ ଏକ ପୋଲିଓମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କ୍ୟାପିଟାଲ ହସ୍‌ପିଟାଲରେ ଦୁଇଟି କ୍ୟାବିନ୍ ଗୃହ ଉଦ୍‌ଘାଟନ କରିଥିଲେ ।

## କଟକ ଶିଶୁ ଭବନ ପରିସରରେ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ତିରୋଧାନ ଦିବସରେ ଗତ ଡିସେମ୍ବର ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କଟକ ଶିଶୁଭବନ ପରିସର ଭିତରେ ସର୍ଦ୍ଦାର ପଟେଲଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି ।

ଏହି ଉପଲକ୍ଷେ ଆୟୋଜିତ ସାଧାରଣ ସଭାରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଦେଶ ସ୍ୱାଧୀନ ହେବାପରେ ୧୯୪୮ରେ ଗଡ଼ଜାତ ମିଶ୍ରଣ ପ୍ରକ୍ରିୟା ସର୍ଦ୍ଦାର ପଟେଲ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଏହିଠାରେ ଆରମ୍ଭ ହୋଇଥିଲା ଏବଂ ପରେ ୫୬୪ଟି ଗଡ଼ଜାତ ଭାରତ ବର୍ଷରେ ମିଶିଥିଲା । ତେଣୁ ଏହା ଏକ ଐତିହାସିକ ଚୁକ୍ତିନାମାର ଭୂମି ଓ ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସହ ଜଡ଼ିତ ।

ଗଡ଼ଜାତ ଅଞ୍ଚଳର ଏକୀକରଣରେ ବଲ୍ଲଭ ଭାଇଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତି ସହିତ ଜଡ଼ିତ ଶିଶୁଭବନର ବିକାଶ ପାଇଁ ରାଜ୍ୟ ସରକାର ସର୍ବପ୍ରକାର ଉଦ୍ୟମ କରିବେ ଏବଂ ଶିଶୁଭବନର ବିଭିନ୍ନ ଅସୁବିଧା ଦୂର କରାଯିବ ।

ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରଜାତନ୍ତ୍ରର ସମ୍ପାଦକ ଶ୍ରୀ ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇ ସର୍ଦ୍ଦାର ପଟେଲଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱର ପ୍ରଶଂସା କରିଥିଲେ । ସ୍ଥାନୀୟ ବିଧାୟକ ସମୀର ଦେ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ତରୁଣକାନ୍ତି ମିଶ୍ର ଶିଶୁଭବନର ବିଭିନ୍ନ ଅସୁବିଧା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିର ଶିଳ୍ପୀ ଶ୍ରୀ ଦାମୋଦର ରଣାଙ୍କୁ ଉତ୍ସବରେ ସମ୍ମାନିତ କରିଥିଲେ ।

## ପଲ୍ଲୀବସ୍ତ୍ର ଯୋଜନା ପୁନରୁଜ୍ଜୀବିତ କରାଯିବ

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗତ ଡିସେମ୍ବର ୨୦ ତାରିଖରେ ଭାରତୀୟ କ୍ଷୁଦ୍ର ଶିଳ୍ପ ଉନ୍ନୟନ ବ୍ୟାଙ୍କ୍ ପକ୍ଷରୁ ପ୍ରବର୍ତ୍ତିତ ଗ୍ରାମାଞ୍ଚଳ କ୍ଷୁଦ୍ର ଶିଳ୍ପ ବିକାଶ ଯୋଜନାର ଶୁଭାରମ୍ଭ କରିଥିଲେ ।

ଏହି ଉପଲକ୍ଷେ ସୂଚନା ଭବନଠାରେ ଏକ ସଭାରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ୧୯୮୯ ମସିହାରେ କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ଓ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନଙ୍କୁ ସ୍ୱତନ୍ତ୍ର ଭାବରେ ସାହାଯ୍ୟ ଯୋଗାଇ ଦେବାପାଇଁ ଏହି ବ୍ୟାଙ୍କ୍ ପ୍ରତିଷ୍ଠା କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ କହିଲେ ଯେ ୨୦ ଲକ୍ଷ ବେକାର ଯୁବକଙ୍କୁ କାମଧନ୍ଦା ଯୋଗାଇ ଦେବାପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ସଂଖ୍ୟକ ବେକାର ଅଛନ୍ତି । ସେମାନଙ୍କୁ କିଛି ନା କିଛି କାର୍ଯ୍ୟରେ ଲଗାଇବାକୁ ହେବ । କୃଷି ଯନ୍ତ୍ରପାତି ମରାମତି, ଟି.ଭି. ମରାମତି, ରେଡ଼ିଓ ମରାମତି ଆଦି ଅନେକ କ୍ଷେତ୍ରରେ ବେକାର ଯୁବକଙ୍କୁ ତାଲିମ ଦେବାପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଉତ୍କୃଷ୍ଟ କଳାର ବିକାଶ ଦିଗରେ ଯେଉଁ ପୁଞ୍ଜି ଦରକାର ତାହା ଯୋଗାଇବା ସଙ୍ଗେ ସଙ୍ଗେ ବଜାରର ଚାହିଦା ଦେଖି ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟାର ସୁବିଧା ଯୋଗାଇ ଦିଆଯିବ । ଏହିସବୁ କାର୍ଯ୍ୟକ୍ରମ ଶିଳ୍ପ ବିଭାଗ ପରିଚାଳନାରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଶ୍ରୀ ପଟ୍ଟନାୟକ କହିଲେ ଯେ ୧୯୮୦ରୁ ୧୯୮୯ ମସିହା ମଧ୍ୟରେ ତାଙ୍କ ସରକାର ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପଲ୍ଲୀବସ୍ତ୍ର ଯୋଜନା ପ୍ରବର୍ତ୍ତନ କରିଥିଲେ । ଏହାଦ୍ୱାରା ସାରା ରାଜ୍ୟରେ ପ୍ରାୟ ୫,୦୦୦ ମହିଳା କାମ ପାଇଥିଲେ । ଏହି

...କୁ ପୁନର୍ଜୀବିତ କରାଯିବା ସଙ୍ଗେ ସଙ୍ଗେ ମହିଳାମାନଙ୍କୁ ...କ ଭାବରେ କାମଧନ୍ଦା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ କରାଯିବ ।

...ହି ସଭାରେ ଶିଳ୍ପ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ଓ ଅତିରିକ୍ତ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଭାଷଣ ...ଥିଲେ ।


...ରତୀୟ କ୍ଷୁଦ୍ରଶିଳ୍ପ ବିକାଶ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ, ... ସୈଳେନ୍ଦ୍ର ନାରାୟଣ ଏହି କାର୍ଯ୍ୟକ୍ରମ ଜରିଆରେ ୨୦ କୋଟି ... ବିନିଯୋଗ କରାଯାଇ ଓଡ଼ିଶାର ଗ୍ରାମାଞ୍ଚଳରେ କୋଡ଼ିଏ ...ର ଲୋକଙ୍କୁ ନିଯୁକ୍ତି ଯୋଗାଇ ଦିଆଯାଇପାରିବ ବୋଲି ...ଶ କରିଥିଲେ ।

## ...ମୁଖ୍ୟମନ୍ତ୍ରୀ ଲୁଇ ମାର୍କେସି ପୁରସ୍କାରରେ ସମ୍ମାନିତ

...ଦେଶର ଅନ୍ୟତମ ସେବା ଅନୁଷ୍ଠାନ ରାଉଣ୍ଡ ଟେବୁଲ୍ ଇଣ୍ଡିଆ ...ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଲୁଇ ...ର୍କେସି ପୁରସ୍କାରରେ ସମ୍ମାନିତ କରାଯାଇଛି ।

...ଗତ ଡିସେମ୍ବର ୩୧ ତାରିଖ ଦିନ ସ୍ଥାନୀୟ କଳିଙ୍ଗ ଅଶୋକା ...ହୋଟେଲରେ ଅନୁଷ୍ଠିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ...ଲ୍ଲଭ ପଟ୍ଟନାୟକଙ୍କୁ ଲୁଇ ମାର୍କେସି ଫେଲୋ ଟ୍ରଫି ପ୍ରଦାନ ...ରାଯାଇ ଏକ ରୌପ୍ୟ ପଦକରେ ଭୂଷିତ କରାଯାଇଥିଲା । ...ନୁଷ୍ଠାନର ସଭାପତି ଶ୍ରୀ ସୁରେଶ ହରି ତାଙ୍କ ଭାଷଣରେ କହିଥିଲେ ଯେ, ଜନସେବା କ୍ଷେତ୍ରରେ ଶ୍ରୀ ପଟ୍ଟନାୟକଙ୍କର ଉଲ୍ଲେଖନୀୟ କୃତିତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି । ଓଡ଼ିଶାର ଜନସାଧାରଣଙ୍କ ସେବାଦିଗରେ ସେ ଯେଉଁ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି ତାହା ସ୍ମରଣୀୟ ହୋଇ ରହିବ ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପୁରସ୍କାର ଗ୍ରହଣ କରି ସମ୍ବର୍ଦ୍ଧନାର ଉତ୍ତରରେ କହିଲେ ଯେ, ଭାରତବର୍ଷରେ ଉତ୍ସର୍ଗୀକୃତ ସେବାମୂଳକ ଅନୁଷ୍ଠାନର ବହୁଳ ଆବଶ୍ୟକତା ରହିଛି । ଆମ ଦେଶର ପ୍ରାଚୀନ ସଂସ୍କୃତିରେ ପଡ଼ୋଶୀଙ୍କୁ ସାହାଯ୍ୟ କରିବା ଓ ସମାଜର ଉପକାର କରିବା ଉପରେ ସବୁବେଳେ ପ୍ରାଧାନ୍ୟ ଦିଆଯାଇଛି । କବିଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ କବିତାର ଏକ ପଂକ୍ତି ଉଦ୍ଧାର କରି ସେ କହିଲେ ଯେ–ସୂର୍ଯ୍ୟ ଯେତେବେଳେ ଅସ୍ତ ଯାଆନ୍ତି ଗୋଟିଏ କ୍ଷୁଦ୍ର ଦୀପ ତାଙ୍କର ଦାୟିତ୍ୱ ନିର୍ବାହ କରିପାରିଥାଏ । ତେଣୁ ସମାଜର ଅଜ୍ଞତା,- ନିରକ୍ଷରତା ଓ ଦାରିଦ୍ର୍ୟ ଦୂର କରିବା ନିମନ୍ତେ ଏହି ଅନୁଷ୍ଠାନର ସଭ୍ୟମାନେ ଦୀପଶିଖା ଭଳି କାର୍ଯ୍ୟ କରିପାରିବେ। ରାଉଣ୍ଡ ଟେବୁଲ ଇଣ୍ଡିଆ ଇଂଲାଣ୍ଡର ଜଣେ ବିଶିଷ୍ଟ ଜନହିତୈଷୀ ଲୁଇ ମାର୍କେସିଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଏବଂ ୧୯୬୨ ମସିହାରେ ଏହି ଆନ୍ଦୋଳନ ଭାରତବର୍ଷକୁ ଆସିଛି । ଅତୀତରେ ମଦର୍ ଟେରେସା, ସୁନୀଲ୍ ଗାଭାସ୍କର ଓ କପିଳ ଦେବଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ଲୁଇ ମାର୍କେସି ପୁରସ୍କାରରେ ସମ୍ମାନିତ କରାଯାଇଛି ।



ପାରାଦ୍ୱୀପଠାରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ଓଡ଼ିଶା ଅର୍ଥନୀତି ସଙ୍ଘର ୨୮ତମ ବାର୍ଷିକ ସମ୍ମିଳନୀରେ ଭାଷଣ ଦେଉଛନ୍ତି ।




# ମୁଁ ଖୋଜୁଛି ଭାରତୀୟ ଶିଶୁଟିଏ

ଶ୍ରୀ ବ୍ରଜସୁନ୍ଦର ମହାପାତ୍ର

ହେ ମୋର କୋଟି କୋଟି ଦେଶବାସୀ !
ମୁଁ ଖୋଜୁଛି ଭାରତୀୟ ଶିଶୁଟିଏ, ଦେଖିଛକି କାହିଁ ?
ପାରିବ କି ମୋତେ ତା'ର ଠିକଣାଟି ଦେଇ ?
ମୁଁ ଖୋଜୁଛି ସେହି ଶିଶୁ–
ଯିଏ ହିନ୍ଦୁ ନୁହେଁ, ନୁହେଁ ମୁସଲମାନ,
ଜୈନ, ବୌଦ୍ଧ, ଶିଖ ଅବା ଖ୍ରୀଷ୍ଟିୟାନ ।
ମୁଁ ଖୋଜେ ନି କାଶ୍ମୀରୀ, ପଞ୍ଜାବୀ ଅବା ରାଜସ୍ଥାନୀ,
ଲୋଡ଼ା ନାହିଁ ମୋର ଗୁଜରାଟୀ, ତାମିଲ, କଙ୍କଣୀ ।
ମୁଁ ଖୋଜୁ ନି ଆସାମୀ, ବିହାରୀ ଅବା ବଙ୍ଗାଳୀ, ଉତ୍କଳୀ,
କି ମିଳିବ ମୋତେ ସିଏ ହୋଇଥିଲେ ମରାଠୀ, କେରଳୀ !

ନାଗାଲାଣ୍ଡଠାରୁ ସୌରାଷ୍ଟ୍ର ଯାଏଁ,
ହିମାଳୟଠାରୁ କୁମାରିକା ଯାଏଁ,
ମୁଁ ଖୋଜୁଛି ନିଛକ ସେ ଭାରତୀୟ ଶିଶୁ–
ଯିଏ ତା'ର ମନେ, ପ୍ରାଣେ, ଚିନ୍ତନେ, ଚେତନେ
ମଣୁଥିବ ନିଜେ ଖାଲି ଜଣେ ଭାରତୀୟ, ଆଉ କିଛି ନୁହେଁ ।
ହିଂସା, ଦ୍ୱେଷ ତେଜି ତା' ମନରୁ
ଏଇ ଭାରତର କୋଟି ଜନତାରେ
ମଣୁଥିବ ନିଜର ସେ ଭାଇ ବା ଭଉଣୀ ପରି ।

ଉଣେଇଶ ସତଚାଳିଶଠାରୁ ଉଣେଇଶ ଛୟାନବେ–
ଅର୍ଦ୍ଧ ଶତାବ୍ଦୀ ଧରି
ଖୋଜୁଛି ମୁଁ ଏହିପରି ଶିଶୁଟିଏ
ଏ ବିରାଟ ଦେଶେ ମୋର, କୋଣେ ପ୍ରତି କୋଣେ ।
ପାରିବ କି କେହି ଖୋଜି ଆଣି ମୋତେ ?
ଆନନ୍ଦେ ମୁଁ ଗଳାରେ ଲଗାଇ ତାକୁ
ଭରିଦେବି ସ୍ନେହର ଚୁମ୍ବନ !

ଆଜିର ଏ ପବିତ୍ର ଦିନରେ
(ଉଣେଇଶ ଛୟାନବେ ଜାନୁଆରୀ ଛବିଶରେ)
ଏ ଦେଶର ତେୟାନବେ କୋଟି ଭାଇ ଓ ଭଉଣୀ !
ଆସ ଆମେ କରିବା ଶପଥ–
ଏ ଦେଶର ପ୍ରତିଟି ଶିଶୁରେ
ବଢ଼ାଇବା କରି ଭାରତୀୟ ।
ତେବେ ଯାଇ ଏ ଦେଶ ଆମର
ପାଲଟିବ ସୁନାର ସଂସାର !

---

ଅବସରପ୍ରାପ୍ତ ମୁଦ୍ରଣ ଉପନିର୍ଦ୍ଦେଶକ,
୪୬-ଭକ୍ତମଧୁନଗର, ଭୁବନେଶ୍ୱର-୭୫୧୦୦ ।

# ଆଜାଦ୍ ହିନ୍ଦ୍‌ର ଓଡ଼ିଆ ଶହୀଦ୍

**ଶ୍ରୀ କାର୍ତ୍ତିକ ଦାଶ**

ଇ.ଏନ୍.ଏର ସୁପ୍ରିମ କମାଣ୍ଡର ନେତାଜୀ ସୁଭାଷ ବୋଷ ବାରମ୍ବାର ଥିଲେ ଓ ଚିଠିରେ ମଧ୍ୟ ଲେଖୁଥିଲେ–"ମୋର ଓଡ଼ିଶାରେ ଜନ୍ମ ଓ ମୁଁ ଶାକୁ ଭଲପାଏ"। ନେତାଜୀଙ୍କର ଏଇ କଥା ପଦକ ଆଜି ପ୍ରତ୍ୟେକ ଆ ଗଣରେ ଚମକ ସୃଷ୍ଟି କରୁଛି। କଟକ ସହରର ଓଡ଼ିଆ ାରେ ଜନ୍ମ ନେଇଥିବା ବିଶ୍ୱ ବିଦିତ ନେତାଜୀ ସୁଭାଷ କଟକରେ ୦ ପଢ଼ିଥିଲେ। ସାଙ୍ଗସାଥୀଙ୍କ ସହିତ ନଈ କୂଳରେ ବୁଲିଥିଲେ। ାଜୀ ସେବା କରିଥିଲେ।

ବନ୍ୟାଥିଲା ଓଡ଼ିଶାର ଚିରସାଥୀ। ନେତାଜୀ ଏହି ସମସ୍ୟାର ାଧାନ ଲାଗି ସର୍ବଦା ଚିନ୍ତିତ ଥିଲେ। ଓଡ଼ିଶା ଗୋଟିଏ ଦରିଦ୍ର ଜ୍ୟ। ଏଥିପାଇଁ ଓଡ଼ିଆମାନେ କଲିକତାର କଲକାରଖାନାକୁ କାମ ଇବା ପାଇଁ ଯାଉଥିଲେ। ସେହି ଓଡ଼ିଆ ଶ୍ରମିକମାନଙ୍କ ଉନ୍ନତି ଗି ସେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ଓଡ଼ିଆ ସାହିତ୍ୟର ତିହାସ, ଓଡ଼ିଆ ସାଧୁ ସନ୍ଥମାନଙ୍କ ଜୀବନୀ ପଢ଼ିବାଲାଗି ତାଙ୍କର ବଳ ଆଗ୍ରହ ଥିଲା। ଓଡ଼ିଶାର ସ୍ୱତନ୍ତ୍ର ଆନ୍ଦୋଳନ ପ୍ରତି ତାଙ୍କର ର୍ଣ୍ଣ ସମର୍ଥନ ରହିଥିଲା।

ଙ୍ଗେଜ ସହିତ ମୁକାବିଲା ହେବାପୂର୍ବରୁ ସେ ବର୍ମାର ଓଡ଼ିଆ ମାନଙ୍କୁ ଯାଇ ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କଠାରୁ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ଶୁଣୁଥିଲେ। ବରେଣ୍ୟ ପୁରୁଷ ଉତ୍କଳମଣି ଗୋପବନ୍ଧୁ, ମହତାବ, ଗୋଦାବରୀଶ ମିଶ୍ର, ଦିବାକର ପଟ୍ଟନାୟକଙ୍କ ବିଷୟରେ ମଧ୍ୟ ତାଙ୍କଠାରୁ ପଚାରି ବୁଝୁଥିଲେ। ଯୁଦ୍ଧ ଅଭିଯାନ ପୂର୍ବରୁ କଟକ ଆସି ପିଲାଦିନର ସାଥୀ ସାଙ୍ଗମାନଙ୍କଠାରୁ ସେ ବିଦାୟ ନେଇଥିଲେ। ବିନୋଦବିହାରୀଙ୍କୁ ପ୍ରୋତ୍ସାହନା କରିଥିଲେ। ପଣ୍ଡିତ ନୀଳକଣ୍ଠଙ୍କ ମିଶ୍ରଙ୍କ ମୃତ୍ୟୁ ସମ୍ବାଦ ପାଇବା ପରେ ନେତାଜୀ ବ୍ୟଥିତ ହୋଇ ଉତ୍କଳମଣିଙ୍କୁ ଚିଠିଏ ପତ୍ର ଲେଖିଥିଲେ। ଉତ୍କଳମଣିଙ୍କର ମୃତ୍ୟୁରେ ନେତାଜୀ ବିଚଳିତ ହୋଇ ପଡ଼ିଥିଲେ ଓ ସମବେଦନା ଜଣାଇ ଲେଖିଥିଲେ–ଓଡ଼ିଶାରେ ଉତ୍କଳର ଗୋପବନ୍ଧୁ ଜନ୍ମ ନିଅନ୍ତୁ। ପିଲାଦିନୁ ଓଡ଼ିଶାର ପାଣି ପବନ ଗଛ ଲତାକୁ ଭଲପାଉଥିବା ପରମମାତୃଭକ୍ତ ନେତାଜୀ ଆଜାଦ ହିନ୍ଦ୍ ଫୌଜ ଗଢ଼ିଲା ବେଳେ ଓଡ଼ିଆମାନଙ୍କୁ ପ୍ରଥମେ ସୈନିକ ଭାବରେ ନେଇଥିଲେ। ସେତେବେଳେ ଦାରିଦ୍ର୍ୟର କଷାଘାତରେ ବୀର ଓଡ଼ିଆମାନେ ଆସାମ, ବ୍ରହ୍ମଦେଶ, ମାଲୟର କ୍ଷେତ ଖାମାରର ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ରେଙ୍ଗୁନ୍ ଥିଲା ଓଡ଼ିଶାର ରାଜଧାନୀ। ଯେଉଁ ଓଡ଼ିଆମାନେ ସେଠାରେ କୃଷି କରୁଥିଲେ, କାଠ କାଟୁଥିଲେ, ନେତାଜୀ ସେମାନଙ୍କୁ ଅଧିକ ସ୍ନେହରେ ଡାକି ନେଇ ଆଇ.ଏନ୍.ଏରେ ସାମିଲ କରି ନେଲେ। ବୀର ଓଡ଼ିଆମାନଙ୍କର ହାତ ଦିନେ ବ୍ରିଟିଶ ଶକ୍ତିକୁ ଟକ୍କର ଦେବାକୁ ଦେଇଥିଲା।

ସହସ୍ରାଧିକ ଓଡ଼ିଆ ସୈନ୍ୟ ଜୀବନକୁ ବାଜି ଲଗେଇ ମାତୃଭୂମିର ସେବା କରିଥିଲେ। ଦେଶ ସେବକଙ୍କ ମଧ୍ୟରୁ ଅନେକ ମରି ହଜି ଗଲେଣି। ଅନେକ ଆମରି ଭିତରେ ଅଖୋଜ ଅଲୋଡ଼ା ମଣିଷ ଭଳି ବଞ୍ଚି ରହିଛନ୍ତି। ଆଜାଦ୍ ହିନ୍ଦ୍ ସୈନିକ ଭାବେ ତାଙ୍କୁ ଉପଯୁକ୍ତ ଶ୍ରଦ୍ଧା ସମ୍ମାନ ଦେବାକୁ ଆମ ଜାତି ଆଜି ଅକ୍ଷମ। ତଥାପି ଗାଁ ଗଣ୍ଡାରେ, ରାସ୍ତାଘାଟରେ, ବସ୍ ଭିତରେ ସେହି ପ୍ରାତଃ ସ୍ମରଣୀୟ ବୃଦ୍ଧ ସୈନିକମାନଙ୍କର ଗପ ଦେଲା କଥା ଶୁଣିଲେ ଆମେ କେବଳ ଏତିକି ଭାବୁ ନେତାଜୀ ବଞ୍ଚି ଥାଆନ୍ତେ କି ?

ଆଇ: ଏନ୍: ଏରେ ପ୍ରଖ୍ୟାତ ଓଡ଼ିଆ ସୈନିକମାନଙ୍କ ମଧ୍ୟରେ ଥିଲେ କର୍ଣ୍ଣେଲ ବ୍ରଜମୋହନ ପଟ୍ଟନାୟକ, ଡାକ୍ତର ବୀର କିଶୋର ଭୂୟାଁ, ନରସିଂହ ଚରଣ ଦାସ, ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀ (ଶେଷ ପ୍ରସ୍ତରକ) ଓ ରଣପୁର ମାଟିର ଅମର ଶହୀଦ ଦିବାକର ପରିଡାଙ୍କ ବଡଭାଇ ବଳଭଦ୍ର ପରିଡ଼ା। ଅନେକ ଓଡ଼ିଆ ସିପାହୀ ନିଜର କାର୍ଯ୍ୟ ଦକ୍ଷତା ବଳରେ ସାଧାରଣ ସୈନିକ ସ୍ତରରୁ ଉପର ସ୍ତରକୁ ଉଠିପାରି ଥିଲେ। ସବୁଠାରୁ ବେଶ୍ ଆଶ୍ଚର୍ଯ୍ୟ ଲାଗିଲା କଥାଟିଏ ଥିଲା ଆଜାଦ ହିନ୍ଦ୍ ଫୌଜରେ ତିନିଜଣ ଓଡ଼ିଆ ଝିଅ କାଞ୍ଚି, ସୁନୀତି ଓ ଉର୍ମିଳା ଯୋଗ ଦେଇ ରାଣୀ ଝାନ୍ସି ରେଜିମେଣ୍ଟକୁ ପରିପୁଷ୍ଟ କରିଥିଲେ। ଦୁଃଖର କଥା ଆମର ଓଡ଼ିଶା ଇତିହାସ ଏ ବିଷୟରେ ନୀରବ।

ରେଙ୍ଗୁନର ମିନିଗାଓଁଠାରେ କର୍ଣ୍ଣେଲ ବ୍ରଜମୋହନ ପଟ୍ଟନାୟକଙ୍କ ଅଧୀନରେ ଗୋଟିଏ ଓଡ଼ିଆ କ୍ୟାମ୍ପ ଥିଲା ଓ ସେଠାରେ ବୀର ଓଡ଼ିଆମାନଙ୍କୁ ଯୁଦ୍ଧ ଟ୍ରେନିଂ ଦିଆଯାଉଥିଲା। ସେଠାରେ ଅନେକ ଓଡ଼ିଆ ବସବାସ କରୁଥିଲେ। "ପଣ୍ଡିତ ରାମଚନ୍ଦ୍ର ଓ ଶିବରାମ ମହାପାତ୍ର ସେଠାରେ ଓଡ଼ିଆ ରାସ ଲୀଳା ସମିତି ଗଢ଼ି ଓଡ଼ିଆ କଳା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ତଥା ପ୍ରସାର କରିଥିଲେ। ରେଙ୍ଗୁନରେ ଓଡ଼ିଆ ଗଳି, ଓଡ଼ିଆମାନଙ୍କ ମନ୍ଦିର, ଓଡ଼ିଆ ଖବର କାଗଜ ରହିଥିଲା। ସମସ୍ତେ ନେତାଜୀଙ୍କୁ ଦେବତା ଭଳି ମାନୁଥିଲେ।

୧୯୪୩ ମସିହାର କଥା। ମିନିଗାଓଁଠାରେ ବିଶ୍ୱଶାନ୍ତି ଉପଲକ୍ଷେ ଗୋଟିଏ ଯଜ୍ଞ କରାଯାଉଥିଲା। ହଠାତ୍ ଶତ୍ରୁ ପକ୍ଷରୁ ଦୁଇଶହ ବୋମା ବର୍ଷୀ ବିମାନ ଅତର୍କିତ ଭାବେ ସେଠାରେ ବୋମା ମାଡ଼ କରିବାରୁ ଓଡ଼ିଆ କ୍ୟାମ୍ପ ଧୂଳିସାତ୍ ହୋଇ ଯାଇଥିଲା। ପ୍ରବଳ ଧୂଆଁରେ କେହି କାହାକୁ ଦେଖି ପାରୁନଥିଲେ। ରକ୍ତର ପ୍ଲାବନ ଭିତରେ ରାମଚନ୍ଦ୍ର ଓ ଶିବରାମ ମୃତ୍ୟୁ ବରଣ କରିଥିଲେ। ଦୁଇ ଓଡ଼ିଆ ଶହୀଦଙ୍କ ମୁହଁରେ ପ୍ରଶାନ୍ତ ହସଟିଏ ଲାଗି ରହିଥିଲା। ଅନ୍ୟତମ ଓଡ଼ିଆ ଭୋବନୀ ରଣାର ଦୁଇଟି ଯାକ ଗୋଡ଼ ନଷ୍ଟ ହୋଇ ଯାଇଥିଲା ଓ ପ୍ରବଳ ରକ୍ତସ୍ରାବ ହେବାରୁ ସେ କ୍ରମଶଃ ଦୁର୍ବଳ ହୋଇ ପଡ଼ିଥିଲେ। ଶେଷ ମୁହୂର୍ତ୍ତରେ ନେତାଜୀଙ୍କୁ ଡାକି ଡାକି ତାଙ୍କର ପ୍ରାଣବାୟୁ ଉଡ଼ିଗଲା। ଆଉ ଗୋଟିଏ ଘଟଣା ଭିତରେ ଛଅ ଜଣ ଓଡ଼ିଆ ଶହୀଦ୍ ମରିପଡ଼ିଥିଲେ। ବିଦେଶ ମାଟିରେ ଏହି ଅମର ଓଡ଼ିଆ ଶହୀଦମାନଙ୍କ ବଳିଦାନରେ ଗୋଟିଏ ସ୍ମୃତି ସ୍ତମ୍ଭ ନିର୍ମାଣ କରାଯାଇଥିଲା। ସକାଳ ଓ ସନ୍ଧ୍ୟାରେ ଓଡ଼ିଆମାନଙ୍କ ପକ୍ଷରୁ ସେଠାରେ ଗୀତା ପାଠ କରାଯାଉଥିଲା। ଆହତମାନଙ୍କୁ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଉଥିଲା। ନେତାଜୀ ପ୍ରତ୍ୟେକ ଦିନ ସେମାନଙ୍କ କଥା ପଚାରି ବୁଝୁଥିଲେ। ଆଜି ଆମେ ଓଡ଼ିଆ ଅମର ଶହୀଦମାନଙ୍କ ଲାଗି ଗର୍ବିତ।

ଶିକ୍ଷକ, ବାଲକାଟି ହାଇସ୍କୁଲ,
ବାଲକାଟି, ଖୋର୍ଦ୍ଧା–୭୫୨୦୦୧।

OGP—MP—PTS (I.&P.R.) 61—8,000—18-1-1996



ଭୁବନେଶ୍ୱର ବିମାନ ଘାଟିଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାବଶେଷ ଗ୍ରହଣ କରୁଛନ୍ତି ।



ଚନ୍ଦ୍ରଶେଖରପୁରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନବ ନିର୍ମିତ ପ୍ରଶାସନିକ ଭବନକୁ ଉଦ୍‌ଘାଟନ କରୁଛନ୍ତି ।

Regd. No. 0—BN—05/90

VOL. LII No. 6 UTKAL PRASANGA

Licence No. BNPPP—01/95—Licensed to post without Pre-payment



ରାୟଗଡ଼ାଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ପି. ଭି. ନରସିଂହ ରାଓ ରାୟଗଡ଼ା–କୋରାପୁଟ ରେଳପଥକୁ ଉଦ୍‌ଘାଟନ କରୁଛନ୍ତି ।





ଟାଟା କମ୍ପାନୀ ଦ୍ୱାରା ଗୋପାଳପୁରଠାରେ ନିର୍ମାଣ ହେବାକୁ ଯାଉଥିବା ସମନ୍ୱିତ ଇସ୍ପାତ କାରଖାନାର ଶିଳାନ୍ୟାସ ପ୍ରଧାନମନ୍ତ୍ରୀ ଶ୍ରୀ ପି. ଭି. ନରସିଂହ ରାଓ କରୁଛନ୍ତି ।

PRINTED AT ORISSA GOVERNMENT PRESS, CUTTACK—10

# ଉତ୍କଳ ପ୍ରସଙ୍ଗ



ଡୁବୁରିରେ ଓଡ଼ିଶାର ଦ୍ୱିତୀୟ ଇସ୍ପାତ କାରଖାନା







ଫେବୃଆରୀ, ୧୯୯୬